# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୪/୨୦୨୨ (୨୦ ପୃଷ୍ଠା) | Bhubaneswar, Thursday, August 4/2022 | Page 20 | ₹ 7.00 | ★★★★★★

୪୮ଶ ଭାଗ ୨୫୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ଲଭପ୍ରୀତ୍‌ଙ୍କୁ ବ୍ରୋଞ୍ଜ**

ବର୍ମିଂହାମରେ ଚାଲିଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ବୁଧବାର ଭାରୋତ୍ତୋଳନରୁ ବ୍ରୋଞ୍ଜ ପଦକ ଜିତିଛନ୍ତି ଭାରତର ଲଭପ୍ରୀତ ସିଂ।

୨୦

୧୯

**ଟେନ୍‌ସନରେ କ୍ରିତି**

ବଲିଉଡ୍ ଅଭିନେତ୍ରୀ କ୍ରିତି ସାନନଙ୍କୁ ତାଙ୍କ ନୂଆ ପ୍ରୋଜେକ୍ଟ କାମ ଆରମ୍ଭ କରିବା ପାଇଁ ସମୟ ମିଳୁ ନ ଥିବାରୁ ସେ ଟେନ୍‌ସନ୍‌ରେ ଥିବା କହିଛନ୍ତି।





ବିଶିଷ୍ଟ ସାହିତ୍ୟ ସାଧିକା ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଧରିତ୍ରୀର ପ୍ରେରଣାଦାୟିନୀ ନନ୍ଦିନୀ ଶତପଥୀଙ୍କର ଷୋଡ଼ଶ ଶ୍ରାଦ୍ଧ ବାର୍ଷିକୀରେ ଧରିତ୍ରୀ ପରିବାରର ବିନମ୍ର ଶ୍ରଦ୍ଧାଞ୍ଜଳି।

ମାଲେଗାଓଁ ବିସ୍ଫୋରଣ ପ୍ରଜ୍ଞାଙ୍କ ସ୍କୁଟରରେ ବିସ୍ଫୋରକ ନିଆଯାଇଥିଲା

୩

ଆଇଏଏସ୍ ଅଫିସର ସ୍ତରରେ ବଦଳି ଅରବିନ୍ଦ ପାଢ଼ୀ କୃଷି ସଚିବ

**ଆଜିର ସମ୍ପାଦକୀୟ** ସ୍ୱଦେଶ ତ୍ୟାଗର ଭୟଙ୍କର ସ୍ଥିତି

# ରାଗିଂ ଅଭିଯୋଗ ହେଲେ ଏତଲା ଦିଅ

## ବିଶ୍ୱବିଦ୍ୟାଳୟ, କଲେଜକୁ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶ

**ଭୁବନେଶ୍ୱର, ୩।୮ (ବ୍ୟୁରୋ)**

ରାଜ୍ୟର କୋଣ ଅନୁକୋଣରୁ ରାଗିଂ ଅଭିଯୋଗ ଆସିବା ପରେ ଶିକ୍ଷା ବିଭାଗର ଚେତା ପଶିଛି। ଶିକ୍ଷାନୁଷ୍ଠାନରେ ରାଗିଂ ରୋକିବା ପାଇଁ ଉଚ୍ଚଶିକ୍ଷା ବିଭାଗ ତତ୍ପରତା ଦେଖାଇଛି। ବିଭାଗ ପକ୍ଷରୁ ଆଣ୍ଟି ରାଗିଂ ଗାଇଡ୍‌ଲାଇନ୍ ଜାରି କରାଯାଇଛି। ଏନେଇ ବୁଧବାର ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ କୁଳପତି, ସମସ୍ତ ସରକାରୀ ଡିଗ୍ରୀ କଲେଜ ଅଧ୍ୟକ୍ଷ, ଶିକ୍ଷକ ଶିକ୍ଷା କଲେଜ ଅଧ୍ୟକ୍ଷ ଏବଂ ସମସ୍ତ ଅନୁଦାନପ୍ରାପ୍ତ ଓ ଅଣ ଅନୁଦାନପ୍ରାପ୍ତ ବେସରକାରୀ କଲେଜ ଅଧ୍ୟକ୍ଷଙ୍କୁ ଉଚ୍ଚ ଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଚିଠି ଲେଖି ପାଳନ କରିବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଚିଠିରେ ଉଲ୍ଲେଖ ରହିଛି, ନାମଲେଖା ସମୟରେ ନୂଆ ପିଲାଙ୍କୁ ଆଣ୍ଟି ରାଗିଂ ବିଷୟରେ ଜଣାନ୍ତୁ। ଅନ୍‌ଲାଇନ୍ କିମ୍ବା ଅଫ୍‌ଲାଇନରେ ଛାତ୍ରୀଛାତ୍ର ଓ ଅଭିଭାବକ ଅଣ୍ଡରଟେକିଂ ଦେବା ବାଧ୍ୟତାମୂଳକ। ଅନ୍‌ଲାଇନରେ ଯେଉଁମାନେ ଅଣ୍ଡରଟେକିଂ ଦେବେ ସେମାନେ www.antiragging.in ଓ www.amanmovement.orgରେ ଦାଖଲ କରିବେ। ସେହିଭଳି ସମସ୍ତ ଶିକ୍ଷାନୁଷ୍ଠାନଗୁଡ଼ିକ ସବୁ ବ୍ୟାଚ୍‌ର ଛାତ୍ରୀଛାତ୍ରଙ୍କ ମଧ୍ୟରେ ତିନିମାସରେ ଥରେ ରାଗିଂକୁ ନେଇ ପାମ୍ଫଲେଟ୍/ଲିଫଲେଟ୍ ବାଣ୍ଟି ସଚେତନ କରାଯିବ। ଆଣ୍ଟି ରାଗିଂ ମେସେଜ ଯଥା କେହି ରାଗିଂ କରୁଥିବା ଦୃଷ୍ଟିକୁ ଆସିଲେ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯିବ, ସେସବୁ ଉକ୍ତ ସୂଚନାପତ୍ରରେ ରହିବ। କଲେଜ, ହଷ୍ଟେଲ କାନ୍ଥ ଓ ବିଭିନ୍ନ ସ୍ଥାନରେ ବୋର୍ଡ ମାରି ହେଲ୍ପଲାଇନ ନମ୍ବର ଲେଖାଯିବ। କ୍ୟାମ୍ପସ ବାହାରେ ଥିବା ଘରୋଇ ହଷ୍ଟେଲରେ ମଧ୍ୟ ଏପରି କରିବା ପାଇଁ କୁହାଯାଇଛି। ଶିକ୍ଷାନୁଷ୍ଠାନରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଆଣ୍ଟି ରାଗିଂ ସ୍କ୍ୱାଡ୍ ହଷ୍ଟେଲ୍ ଓ କ୍ଲାସ୍ ରୁମ୍ ବୁଲି ସ୍ଥିତି ସମୀକ୍ଷା କରିବାକୁ ପରାମର୍ଶ ଦିଆଯାଇଛି। ରାଗିଂ ପ୍ରମାଣିତ ହେଲେ କିମ୍ବା ରାଗିଂ କରିବାକୁ ଉସୁକାଇ ଥିଲେ ଥାନାରେ ସେମାନଙ୍କ

☞ପୃଷ୍ଠା-୪

**ଛାତ୍ରୀଛାତ୍ର, ଅଭିଭାବକଙ୍କ ଅଣ୍ଡରଟେକିଂ ବାଧ୍ୟତାମୂଳକ**




### 'ସ୍ୱତନ୍ତ୍ର ଆକ୍ଟ ସହ ଟୋଲ୍-ଫ୍ରି ନମ୍ବର ଜାରି କରାଯାଉ'

ଉଚ୍ଚ ଶିକ୍ଷା ବିଭାଗର ଆଣ୍ଟି ରାଗିଂ ଗାଇଡ୍‌ଲାଇନକୁ ଓଡ଼ିଶା ଅଭିଭାବକ ମହାସଂଘ ସ୍ୱାଗତ କରିବା ସହ ଅନ୍ୟ ୬ଟି ବିଭାଗରେ ତୁରନ୍ତ ଲାଗୁ କରିବାକୁ ଦାବି କରିଛି। ମହାସଂଘ ଅଧ୍ୟକ୍ଷ ବାସୁଦେବ ଭଟ୍ଟ କହିଛନ୍ତି, ରାଜ୍ୟରେ ରାଗିଂ ରୋକିବାକୁ ସ୍ପଷ୍ଟ ଆଇନ ନାହିଁ। ତେଣୁ ସ୍ୱତନ୍ତ୍ର ଆକ୍ଟ ପ୍ରଣୟନ କରାଯାଉ। ମହାସଂଘ ଯେଉଁ ଜନସ୍ୱାର୍ଥ ମାମଲା କରିଛି, ଆସନ୍ତା ସପ୍ତାହରେ ତାହା ଶୁଣାଣି ହେଲେ ଆକ୍ଟ ଆସିବାକୁ ସୁବିଧା ହେବ। ସେହିଭଳି ଜାତୀୟ ସ୍ତରରେ ଥିବା ଟୋଲ୍-ଫ୍ରି ନମ୍ବରରେ ଅଭିଯୋଗ ପାଇଁ ଏହି ନିର୍ଦ୍ଦେଶନାମାରେ କୁହାଯାଇଛି। ହେଲେ ରାଜ୍ୟରେ ଏକ ସ୍ୱତନ୍ତ୍ର ଟୋଲ-ଫ୍ରି ନମ୍ବର ଜାରି କରିବାକୁ ମହାସଂଘ ଦାବି ଜଣାଇଛି। ଏହାଦ୍ୱାରା ବିନା ବାଧାରେ ଅଭିଯୋଗ କରିହେବ। ଘଟଣା ପୂର୍ବରୁ ଅଭିଯୋଗ ପାଇଁ ସହାୟକ ହେବ। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଶିକ୍ଷା କ୍ଷେତ୍ରରେ କାର୍ଯ୍ୟ କରୁଥିବା ସବୁ ବିଭାଗ ମଧ୍ୟ ତୁରନ୍ତ ଏହି ନିର୍ଦ୍ଦେଶକୁ କାର୍ଯ୍ୟ କରୁ। ଉଚ୍ଚ ଶିକ୍ଷା ବିଭାଗ, ଗଣଶିକ୍ଷା ବିଭାଗ, ସ୍ୱାସ୍ଥ୍ୟ, ବୈଷୟିକ ଶିକ୍ଷା, ଆଦିବାସୀ କଲ୍ୟାଣ, ସଂସ୍କୃତି, ପଛୁଆବର୍ଗ ବିକାଶ, ସଂଖ୍ୟାଲଘୁ ବିକାଶ, କ୍ରୀଡ଼ା ଓ ଯୁବସେବା ଆଦି ବିଭାଗ ଅଧୀନ ସବୁ ଶିକ୍ଷାନୁଷ୍ଠାନ ତୁରନ୍ତ ଅଧ୍ୟାଦେଶ ଜାରି କରନ୍ତୁ ବୋଲି ମହାସଂଘ ଦାବି କରିଛି।


## ପରିବହନ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଓଡ଼ିଶା, କଟକ

**ବିଜ୍ଞାପନ**

ଆନ୍ତଃଜିଲ୍ଲା ଯାତ୍ରୀ ପରିବହନ ବସ୍ ମାଲିକମାନଙ୍କଠାରୁ ଖାଲିଥିବା ସ୍ଥାୟୀ ଅନୁମତି ପତ୍ର ପ୍ରାପ୍ତି ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଅଛି । ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଖାଲିଥିବା ମାର୍ଗର ସବିଶେଷ ତାଲିକା ରାଜ୍ୟ ପରିବହନ ପ୍ରାଧିକରଣଙ୍କ website ରେ ଉପଲବ୍ଧ ଅଟେ ।

ଆନ୍ତଃଜିଲ୍ଲା ଯାତ୍ରୀ ପରିବହନ ବସ୍ ମାଲିକମାନେ ସେମାନଙ୍କର ଦରଖାସ୍ତ OPTICS online ମାଧ୍ୟମରେ ତା.୧୨.୦୮.୨୦୨୨ ରିଖ ଅପରାହ୍ନ ୫.୩୦ ଘଟିକା ସୁଦ୍ଧା ଆବେଦନ କରିପାରିବେ । ଖାଲି ଥିବା ମାର୍ଗର ସବିଶେଷ ତଥ୍ୟ ରାଜ୍ୟ ପରିବହନ ପ୍ରାଧିକରଣଙ୍କ ନିମ୍ନ website www.odishatransport.gov.in/opms.odishatransport.gov.in ରେ ଉପଲବ୍ଧ ।

ସ୍ୱା./- ସଚିବ
ରାଜ୍ୟ ପରିବହନ ପ୍ରାଧିକାରୀ, ଓଡ଼ିଶା, କଟକ



DSPL-124

ଓଡ଼ିଶା ସରକାର

**॥ କୋଭିଡ୍ ଟୀକାକରଣ ଅମୃତ ମହୋତ୍ସବ ॥**




**ଏବେ ମାଗଣାରେ ମିଳୁଛି କୋଭିଡ୍ ପ୍ରିକସନ୍ ଡୋଜ୍**

- ୧୮ ରୁ ୫୯ ବର୍ଷ ବୟସ୍କ ମାନଙ୍କ ପାଇଁ।
- ସେପ୍ଟେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ଏହି ଅଭିଯାନ ଚାଲୁଅଛି।
- ସରକାରୀ କୋଭିଡ୍ ଟୀକାକରଣ କେନ୍ଦ୍ରରେ ବିନା ମୂଲ୍ୟରେ ଦିଆଯାଉଛି।
- କୋଭିଡ୍ ସଂକ୍ରମଣ ବଢ଼ୁଥିବାରୁ ପ୍ରିକସନ୍ ଡୋଜ୍ ନେବା ଅତ୍ୟନ୍ତ ଜରୁରୀ।

▸ କୋଭିଡ୍ ଟୀକାର ୨ୟ ମାତ୍ରା ନେଇଥିବା ବ୍ୟକ୍ତିମାନେ ୬ ମାସ ପରେ ପ୍ରିକସନ୍ ଡୋଜ୍ ନେଇପାରିବେ।
▸ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ, ଆଗଧାଡିର କର୍ମୀ ଏବଂ ୬୦ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିମାନଙ୍କ ପାଇଁ ପ୍ରିକସନ୍ ଡୋଜ୍ ଟୀକାକରଣ ପୂର୍ବଭଳି ଚାଲୁଅଛି।

**କୋଭିଡ୍ ଟୀକାର ସମ୍ପୂର୍ଣ୍ଣ ମାତ୍ରା ନିଅନ୍ତୁ ଏବଂ ନିଜକୁ ସୁରକ୍ଷିତ ରଖନ୍ତୁ**

ଟୀକା ନେଇଥିଲେ ମଧ୍ୟ କୋଭିଡ୍ ନିୟମ କଡାକଡି ପାଳନ କରନ୍ତୁ

ଅଧିକ ଜାଣିବା ପାଇଁ ଆଶା, ସ୍ୱାସ୍ଥ୍ୟକର୍ମୀଙ୍କ ସହ ପରାମର୍ଶ କରନ୍ତୁ, କୋ-ୱିନ୍ ପୋର୍ଟାଲ୍ ଲଗ୍-ଇନ୍ କରନ୍ତୁ କିମ୍ବା ସ୍ୱାସ୍ଥ୍ୟ ସହାୟତା ନଂ.୧୦୪କୁ କଲ୍ କରନ୍ତୁ।

OIPR-10003/13/0053/2223

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

facebook.com/HFWOdisha
http://www.health.odisha.gov.in/
@HFWOdisha



**KIIT POLYTECHNIC**

Approved by All India Council For Technical Education (AICTE)
& Affiliated to DTET, Odisha and SCTE&VT, Odisha

**No. 1 IN ODISHA**

**Among Govt & Private Polytechnics**

Ranking by National Accreditation Board for Education and Training (NABET), Quality Council of India (QCI)

**UNIQUE FEATURES**

- Today's industry demands more than engineering knowledge.
- It's about team work, high-end skills, social skills, communication and many more.
- KIIT Polytechnic offers tailor made programs for each student and is thus a preferred destination of recruiters.



*Courses Offered:*

Mechanical • Civil • Electrical • Metallurgical • Computer Science • Electronics and Telecommunications

For Admission Please Contact: KIIT Campus-2, Patia, Bhubaneswar - 751024, Ph Nos: 9437089956, 9861452930, 9861269980, Email: kpkiit@kp.kiit.ac.in, Website: kp.kiit.ac.in


KP GROUP
Quality Since 1965
Safal
PAN MASALA
କିଛି ଅତୁଲ୍ୟ ସ୍ୱାଦ!
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ
MADHUBAN
Safal
PAN MASALA
NO TOBACCO, NO NICOTINE ADDED
ସର୍ବସାଧାରଣ ସ୍ଥାନରେ ପାନ କିମ୍ବା ପାନ ମସଲା ଛେପ ପକାନ୍ତୁ ନାହିଁ ।
କରୋନା ମହାମାରୀରୁ ବଞ୍ଚନ୍ତୁ ।
ସଫଳ ପାନ ମସଲା ଦ୍ୱାରା ଜନହିତରେ ଜାରି ।
0% TOBACCO • NICOTINE NOT ADDED • NOT FOR MINORS
ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୪ ଅଗଷ୍ଟ, ୨୦୨୨



## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୮,୪୫,୫୪,୧୧୦ | ୬୪,୨୪,୫୫୬ | ୫୫,୫୨,୨୬,୪୯୭ |
| ଭାରତ | ୪,୪୦,୬୭,୧୪୪ | ୫,୨୬,୪୭୭ | ୪,୩୪,୦୩,୬୧୦ |
| ଓଡ଼ିଶା | ୧୩,୧୫,୬୦୩ | ୯୧୪୨(+୫୩) | ୧୩,୦୦,୦୨୩ |

ବୁଧବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର



ଦରଦାମ ବୃଦ୍ଧିର ପ୍ରତିବାଦ, ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ଉପରୁ ଜିଏସ୍‌ଟି ପ୍ରତ୍ୟାହାର, କର୍ମଜୀବୀ ମହିଳାଙ୍କୁ ବିନା ମୂଲ୍ୟରେ ବସ୍‌ଯାତ୍ରା ସୁବିଧା ଆଦି ଦାବିନେଇ ବୁଧବାର ଉତ୍କଳ ମହିଳା ସମିତି ପକ୍ଷରୁ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ।

# ପ୍ରଜ୍ଞାଙ୍କ ସ୍କୁଟରରେ ବିସ୍ଫୋରକ ନିଆଯାଇଥିଲା

ମୁମ୍ବାଇ,୩।୮

୨୦୦୮ ମାଲେଗାଓଁ ବିସ୍ଫୋରଣରେ ବ୍ୟବହୃତ ସ୍କୁଟର ଭୋପାଳ ଏମ୍‌ପି ପ୍ରଜ୍ଞା ସିଂ ଠାକୁରଙ୍କ ନାମରେ ପଞ୍ଜୀକୃତ ହୋଇଥିଲା। ଏହି ମାମଲାର ୨୬୧ତମ ସାକ୍ଷୀ ରୂପେ ଜଣେ ଫରେନ୍ସିକ୍ ବିଶେଷଜ୍ଞ ଏନେଇ ମଙ୍ଗଳବାର ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)ର ମୁମ୍ବାଇ ସ୍ଥିତ ଏକ କୋର୍ଟଙ୍କୁ ଅବଗତ କରାଇଛନ୍ତି।

୨୦୦୮ ସେପ୍ଟେମ୍ବର ୨୯ରେ ମହାରାଷ୍ଟ୍ରର ନାଶିକ ଜିଲା ମାଲେଗାଓଁସ୍ଥିତ ଏକ ମସ୍‌ଜିଦ ନିକଟରେ ଶକ୍ତିଶାଳୀ ବିସ୍ଫୋରଣ ଘଟିଥିଲା। ଏଥିରେ ୬ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଶତାଧିକ ଆହତ ହୋଇଥିଲେ। ଭିକ୍କୁ ଛକ ବିସ୍ଫୋରଣ ସ୍ଥଳରୁ ଏକ ବାଇକ୍ ଠାବ କରାଯାଇଥିଲା। ଉକ୍ତ ବାଇକ୍‌ରେ ବିସ୍ଫୋରକ ଖଞ୍ଜାଯାଇଥିବା ତଦନ୍ତକାରୀ ଅଧିକାରୀମାନେ ଯାଞ୍ଚ ପରେ ଜାଣିବାକୁ ପାଇଥିଲେ। ୨୦୦୮ରେ ଆସିଷ୍ଟାଣ୍ଟ କେମିକାଲ


ପ୍ରଜ୍ଞା ସିଂ ଠାକୁର

ଆନାଲାଇଜର ଭାବେ କାର୍ଯ୍ୟ କରିଥିବା ଫରେନ୍ସିକ୍ ବିଶେଷଜ୍ଞ ଏନେଇ ଏନ୍‌ଆଇଏ କୋର୍ଟରେ ସାକ୍ଷ୍ୟ ପ୍ରଦାନ କରିଛନ୍ତି। ସେ କହିଛନ୍ତି, ବିସ୍ଫୋରଣ ସ୍ଥଳରୁ ମିଳିଥିବା ଏଲ୍‌ଏମ୍‌ଏଲ୍ ଭେସ୍ପା ସ୍କୁଟରରେ ଆମୋନିୟମ୍ ନାଇଟ୍ରେଟ୍ ରହିଥିଲା, ଯାହାକୁ ବିସ୍ଫୋରକ ଭାବେ ବ୍ୟବହାର କରାଯାଇଥିଲା। ଆମୋନିୟମ୍ ନାଇଟ୍ରେଟ୍ ଧରି ମସ୍‌ଜିଦ ଆଡ଼କୁ ଦ୍ରୁତଗତିରେ ମାଡ଼ିଆସିଥିବା ସ୍କୁଟରଟି

### ମାଲେଗାଓଁ ବିସ୍ଫୋରଣ
### କୋର୍ଟରେ ସାକ୍ଷ୍ୟ ପ୍ରଦାନ କଲେ ଫରେନ୍ସିକ୍ ଏକ୍ସପର୍ଟ

ବିସ୍ଫୋରଣରେ ଜଳି ଯାଇଥିଲା। ଏହାର ତେଲ ଟାଙ୍କି, ସିଟ୍ କଭର୍ ସମ୍ପୂର୍ଣ୍ଣ ପୋଡ଼ିଯାଇଥିବାବେଳେ ଯନ୍ତ୍ରାଂଶଗୁଡ଼ିକ ଆଖପାଖରେ ବିଛାଡ଼ି ହୋଇପଡ଼ିଥିଲା।

ଅବସରପ୍ରାପ୍ତ ଫରେନ୍ସିକ୍ ଏକ୍ସପର୍ଟ ଅଦାଲତରେ ସରକାରୀ ଓକିଲ ଅବିନାଶ ରସାଲଙ୍କ ପ୍ରଶ୍ନର ଉତ୍ତର ଦେଇ ନିଜ ଛାନ୍‌ଭିନ୍ ସମ୍ପର୍କରେ ବିସ୍ତୃତ ତଥ୍ୟ ରଖିଛନ୍ତି। ସେ କହିଛନ୍ତି, ପ୍ରମାଣ ସ୍ୱରୂପ ପୋଲିସ ପଠାଇଥିବା ସାମଗ୍ରୀଗୁଡ଼ିକରେ ଲାଗିଥିବା ରାସାୟନିକ ପଦାର୍ଥକୁ ନେଇ ବିଶ୍ଳେଷଣ କରି ରିପୋର୍ଟ ପ୍ରଦାନ ଦାୟିତ୍ୱ ତାଙ୍କୁ ଦିଆଯାଇଥିଲା। ସେ ବିସ୍ଫୋରଣ ସ୍ଥଳ ପରିଦର୍ଶନ ସେଠାରେ ପଡ଼ିଥିବା ସ୍କୁଟିର ଇଞ୍ଜିନ ନମ୍ବର ବାହାର କରିଥିଲେ। ଇଞ୍ଜିନ ନମ୍ବର ଯାଞ୍ଚ ପରେ ଗାଡ଼ିର ରେଜିଷ୍ଟ୍ରେଶନ ନମ୍ବର ମିଳିଥିଲା। ସେହି ସ୍କୁଟର ଏହି ମାମଲାର ଅଭିଯୁକ୍ତ ପ୍ରଜ୍ଞା ସିଂ ଠାକୁରଙ୍କ ନାମରେ ପଞ୍ଜୀକୃତ ହୋଇଥିବା ଜଣାପଡ଼ିଥିଲା। ଆତଙ୍କବାଦ ନିରୋଧୀ ସ୍କ୍ୱାଡ୍ (ଏଟିଏସ୍) ଏଥିସହ ଅନ୍ୟ ଏକ ବାଇକ୍ ଓ ୫ଟି ସାଇକେଲ ମଧ୍ୟ କୋର୍ଟକୁ ନେଇଥିଲା। ପ୍ରକାଶ ଯେ, ସାଧ୍ୱୀ ପ୍ରଜ୍ଞା ନାମରେ ପରିଚିତ ଏହି ହିନ୍ଦୁବାଦୀ ନେତ୍ରୀଙ୍କୁ ୨୦୧୯ ସାଧାରଣ ନିର୍ବାଚନରେ ଭାଜପା ଟିକେଟ ଦେଇଥିଲା। ଏହା ପୂର୍ବରୁ ୨୦୦୮ ଅକ୍ଟୋବରରେ ମାଲେଗାଓଁ ବିସ୍ଫୋରଣ ମାମଲାରେ ଏଟିଏସ୍ ତାଙ୍କୁ ଗିରଫ କରିଥିଲା। ୨୦୦୯ ଜାନୁୟାରୀ ୧୯ରେ ମହାରାଷ୍ଟ୍ର ପୋଲିସ ୪୦୦୦ ପୃଷ୍ଠା ସମ୍ବଳିତ ଚାର୍ଜଶିଟ୍ ଦାଖଲ କରିଥିଲା। କର୍କଟ ରୋଗରେ ପୀଡ଼ିତ ପ୍ରଜ୍ଞାଙ୍କୁ ୨୦୧୭ ଏପ୍ରିଲରେ ସ୍ୱାସ୍ଥ୍ୟଗତ କାରଣରୁ ବମ୍ବେ ହାଇକୋର୍ଟ ଜାମିନ ଦେଇଥିଲେ।

## ଅପ୍‌ଗ୍ରେଡ୍ ହେବ ୧୦୦ ହାଇସ୍କୁଲ

■ କମିବ ଡ୍ରପ୍ ଆଉଟ୍

ଭୁବନେଶ୍ୱର, ୩।୮ (ବ୍ୟୁରୋ)

ଆସନ୍ତା ଶିକ୍ଷାବର୍ଷରୁ ୧୦୦ଟି ହାଇସ୍କୁଲକୁ ଅପଗ୍ରେଡ୍ କରାଯିବ। ଡ୍ରପ୍‌ଆଉଟ୍ ରୋକିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏଭଳି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବାକୁ ଯାଉଛି। ଯେଉଁସବୁ ବ୍ଲକରେ ଯୁକ୍ତ୨ କଲେଜ ନାହିଁ, ସେଠାରେ ହାଇସ୍କୁଲକୁ ଅପଗ୍ରେଡ୍ କରାଯିବ। ଏନେଇ ବୁଧବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଯୁକ୍ତ୨ କଲେଜ ନ ଥିବାରୁ ମାଟ୍ରିକ ପାସ୍ ପରେ ପିଲାଏ ପାଠ ଛାଡୁଛନ୍ତି। ଏଭଳି ପଦକ୍ଷେପ ପରେ ଝିଅ ପିଲା ଉପକୃତ ହେବେ ବୋଲି ମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି। ଆଦିବାସୀ ଅଧ୍ୟୁଷିତ ଓ ଦୁର୍ଗମ ଅଞ୍ଚଳରେ ବହୁ ଦୂରରେ କଲେଜ ରହିଛି। ତେଣୁ ମାଟ୍ରିକ୍ ପାସ୍ ପରେ ଏତେ ଦୂର ଯାଇ ପାଠ ପଢ଼ିବା କାଠିକର ପାଠ ହୋଇଯାଉଛି। ଯେଉଁଥିପାଇଁ ପିଲାମାନେ ପାଠପଢ଼ା ଛାଡ଼ି ଦେଉଛନ୍ତି। ଏଥିରେ ଛାତ୍ରୀମାନେ ଅଧିକ ପ୍ରଭାବିତ ହେଉଥିବା ଦେଖାଯାଇଛି। ଅଧାରୁ ପାଠପଢ଼ା ଛାଡ଼ି ନିଜକୁ ଘର କାମରେ ନିୟୋଜିତ କରୁଛନ୍ତି। ଏଥିରେ ରୋକ୍ ଲଗାଇବା ପାଇଁ ହାଇସ୍କୁଲକୁ ଅପ୍‌ଗ୍ରେଡେଶନ କରିବାକୁ ରାଜ୍ୟ ସରକାର ଯୋଜନା କରୁଛନ୍ତି। ଏହାଦ୍ୱାରା ଡ୍ରପ୍‌ଆଉଟ୍ କମିବ ବୋଲି ଗଣଶିକ୍ଷା ମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।

## ବିଷ୍ଣୁପଦ ଉଚ୍ଚଶିକ୍ଷା ସଚିବ, ଅରବିନ୍ଦଙ୍କୁ କୃଷି

ଭୁବନେଶ୍ୱର,୩।୮ (ବ୍ୟୁରୋ)

ରାଜ୍ୟ ସରକାର ଆଇଏଏସ୍ ଅଫିସର ସ୍ତରରେ ବୁଧବାର ଅଦଳବଦଳ କରିଛନ୍ତି। ଏନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ୧୯୯୫ ବ୍ୟାଚ୍ ଆଇଏଏସ୍ ଅଫିସର ବିଷ୍ଣୁପଦ ସେଠୀଙ୍କୁ ସ୍କୁଲ ଓ ଗଣଶିକ୍ଷା ବିଭାଗର ସଚିବ ପଦରୁ ଉଚ୍ଚଶିକ୍ଷା ବିଭାଗର ପ୍ରମୁଖ ସଚିବ ଭାବେ ବଦଳି କରାଯାଇଛି। ଏଥିସହିତ ସେ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ସେ ଉଚ୍ଚଶିକ୍ଷା ବିଭାଗ ଦାୟିତ୍ୱ ନେବା ଦିନ ହିଁ ଆଇଏଏସ୍ ଶାଶ୍ୱତ ମିଶ୍ରଙ୍କ ପାଖରେ ଥିବା ଏହି ଅତିରିକ୍ତ ଦାୟିତ୍ୱ ରଦ୍ଦ ହୋଇଯିବ। ସେହିପରି କେନ୍ଦ୍ରୀୟ ଡେପୁଟେଶନରୁ ଫେରିଥିବା ୧୯୯୬ ବ୍ୟାଚ୍ ଆଇଏଏସ୍ ଅଫିସର ଅରବିନ୍ଦ ପାଢ଼ୀଙ୍କୁ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ସଚିବ ଭାବେ ଅବସ୍ଥାପିତ କରାଯାଇଛି। ସେ ମତ୍ସ୍ୟ ଓ ପଶୁସମ୍ପଦ ବିଭାଗର ପ୍ରମୁଖ ସଚିବ ଭାବେ ମଧ୍ୟ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ପାଢ଼ୀ କୃଷି ବିଭାଗ ଦାୟିତ୍ୱ ନେବା ଦିନ

### ଆଇଏଏସ୍ ସ୍ତରରେ ଅଦଳବଦଳ
### ଏସ୍.ଅଶ୍ୱସ୍ଥି ଗଣଶିକ୍ଷା ସଚିବ

ହିଁ ଅତିରିକ୍ତ ମୁଖ୍ୟ ସଚିବ ସଞ୍ଜୀବ ଚୋପ୍ରାଙ୍କ ପାଖରେ ଥିବା ଏହି ଅତିରିକ୍ତ ଦାୟିତ୍ୱ ରଦ୍ଦ ହୋଇଯିବ। ସେହିପରି ୧୯୯୭ ବ୍ୟାଚ୍ ଆଇଏଏସ୍ ସଞ୍ଜୟ କୁମାର ସିଂଙ୍କୁ ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ସିଂ ଏବେ ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରମୁଖ ସଚିବ ଭାବେ କାର୍ଯ୍ୟ କରୁଛନ୍ତି। ସେ ବିଡିଏ ଉପାଧ୍ୟକ୍ଷ, ଭୁବନେଶ୍ୱର ସ୍ମାର୍ଟ ସିଟି ପରିଚାଳନା ନିର୍ଦ୍ଦେଶକ ଭାବେ ମଧ୍ୟ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ସେହିପରି କେନ୍ଦ୍ରୀୟ ଡେପୁଟେଶନରୁ ଫେରିଥିବା ୨୦୦୩ ବ୍ୟାଚ୍ ଆଇଏଏସ୍ ଏସ୍. ଅଶ୍ୱସ୍ଥିଙ୍କୁ ସ୍କୁଲ ଓ ଗଣଶିକ୍ଷା ବିଭାଗର କମିଶନର ତଥା ସଚିବ ଭାବେ ନିଯୁକ୍ତି ମିଳିଛି।ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନାଙ୍କୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ସଞ୍ଜୀବ ଚୋପ୍ରାଙ୍କୁ କୃଷି ବିଭାଗର ଅତିରିକ୍ତ ଦାୟିତ୍ୱରୁ ମୁକ୍ତ କରାଯାଇଛି।

## ବାସି ଖାଦ୍ୟ ଖାଇ ପରିବାରର ୨ ମୃତ

ସିମୁଳିଆ, ୩।୮ (ଡି.ଏନ.ଏ.)

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ କହ୍ନେଇବିନ୍ଧା ପଞ୍ଚାୟତ ଦଧିବାମନପୁର ଅଞ୍ଚଳରେ ବାସି ଖାଦ୍ୟ ଖାଇ ଗୋଟିଏ ପରିବାରର ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୫ଜଣ ଅସୁସ୍ଥ ହୋଇଛନ୍ତି। ସେମାନଙ୍କୁ ପ୍ରଥମେ ସିମୁଳିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ସ୍ଥାନାନ୍ତର କରାଯାଇଛି। ମୃତକ ହେଲେ ଲକ୍ଷ୍ମୀମଣି ଦାସ(୭୦) ଓ ନାତି ପ୍ରଦୀପ ଦାସ (୨୪)। ବୁଧବାର ପଡୋଶୀଙ୍କ ଦ୍ୱାରା ବୃଦ୍ଧାଙ୍କ ଅନ୍ତେଷ୍ଟିକ୍ରିୟା କରାଯାଇଛି। ନୂତନ ପକ୍କା ଘର ନିର୍ମାଣ ପାଇଁ ଗତ ରବିବାର ଦଧିବାମନପୁର ଅଞ୍ଚଳର ଯୁଧିଷ୍ଠୀର ଦାସ(୫୦) ଘର ବୋରିଂ ଖୋଳା ଆରମ୍ଭ କରିଥିଲେ। ଏଥିପାଇଁ ଭୋଜିଭାତ ଆୟୋଜନ କରାଯାଇଥିଲା। ପରେ ବଳକା ଥିବା ଖାଦ୍ୟକୁ ତା’ ପରଦିନ ପରିବାର ଲୋକେ ଖାଇଥିଲେ। ଏହି ଖାଦ୍ୟ ଖାଇବା ପରେ ଯୁଧିଷ୍ଠୀରଙ୍କ ସମେତ ତାଙ୍କ ପତ୍ନୀ ଭଗବତୀ (୪୫), ମା’ ଲକ୍ଷ୍ମୀମଣୀ (୭୦), ପୁଅ ପ୍ରଦୀପ (୨୪), ଭଉଣୀ ଜୟନ୍ତୀ (୫୦) ଭାଇବୋହୂ ସୁକାନ୍ତି (୪୦) ଓ ପୁତୁରା ମନୋଜ(୧୨) ଅସୁସ୍ଥ ହୋଇପଡ଼ିଥିଲେ। ସିମୁଳିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଲକ୍ଷ୍ମୀମଣିଙ୍କ ମୃତ୍ୟୁ ହୋଇଥିବା ବେଳେ କଟକରେ ଚିକିତ୍ସାଧୀନ ଅବସ୍ଥାରେ ଯୁଧିଷ୍ଠୀରଙ୍କ ପୁଅ ପ୍ରଦୀପଙ୍କର ମୃତ୍ୟୁ ହୋଇଛି। ଏହି ଖବର ପ୍ରଚାରିତ ହେବା ପରେ ସିମୁଳିଆ ମେଡ଼ିକାଲ ଟିମ୍ ଯୁଧିଷ୍ଠୀରଙ୍କ ଘରେ ପହଞ୍ଚି ଅନୁଧ୍ୟାନ କରିଛନ୍ତି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି।

## ଓଡ଼ିଶାରେ ୧୭ ଲକ୍ଷ ବୁଲା କୁକୁର, ଦେଶରେ ଦ୍ୱିତୀୟ

ଭୁବନେଶ୍ୱର, ୩।୮ (ବ୍ୟୁରୋ)

ଦେଶରେ ଦ୍ୱିତୀୟ ସର୍ବାଧିକ ବୁଲା କୁକୁର ଓଡ଼ିଶାରେ ରହିଛନ୍ତି। କେନ୍ଦ୍ର ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରୀ ପୁରୁଷୋତ୍ତମ ରୂପାଲା ସଂସଦରେ ଏହି ସୂଚନା ଦେଇଛନ୍ତି। ଓଡ଼ିଶାରେ ୧୭ ଲକ୍ଷରୁ ଅଧିକ ବୁଲା କୁକୁର ରହିଛନ୍ତି। ତେବେ ପ୍ରଥମ ସ୍ଥାନରେ ଉତ୍ତରପ୍ରଦେଶ ରହିଛି। ୨୦୧୯ ପ୍ରାଣୀ ଗଣନା ଅନୁସାରେ, ଉତ୍ତରପ୍ରଦେଶରେ ସର୍ବାଧିକ ୨୦ଲକ୍ଷ ୫୯ହଜାର ୨୬୧ ବୁଲା କୁକୁର ରହିଥିବାବେଳେ ଦ୍ୱିତୀୟରେ ଥିବା ଓଡ଼ିଶାରେ ୧୭ ଲକ୍ଷ ୩୪ ହଜାର ୩୩୯ ବୁଲା କୁକୁର ରହିଥିବା ଜଣାପଡ଼ିଛି। ଏହା ପଛକୁ ତୃତୀୟରେ ମହାରାଷ୍ଟ୍ର ୧୨ଲକ୍ଷ ୭୬ହଜାର ୩୯୯, ରାଜସ୍ଥାନ ୧୨ଲକ୍ଷ ୭୫ହଜାର ୫୯୬ ଓ କର୍ଣ୍ଣାଟକରେ ୧୧ଲକ୍ଷ ୪୧ହଜାର ୧୭୩ ବୁଲା କୁକୁର ରହିଛନ୍ତି। ତେବେ ୨୦୧୨ ପ୍ରାଣୀ ଗଣନା ରିପୋର୍ଟ ଅନୁସାରେ ୨୦୧୯ରେ ଦୁଇଗୁଣ ବୃଦ୍ଧି ପାଇଛି। ୨୦୧୨ରେ ଓଡ଼ିଶାରେ ୮ ଲକ୍ଷ ୬୨ ହଜାର ବୁଲା କୁକୁର ଥିଲେ।

## ଆସୁଛି ଆଉ ୨ ଲଘୁଚାପ

ଭୁବନେଶ୍ୱର,୩।୮ (ବ୍ୟୁରୋ)

ଗତ ସପ୍ତାହେ ଧରି ରାଜ୍ୟରୁ ବର୍ଷା ଉଭାନ ହୋଇଯାଇଛି। ବିଲ ଫାଟି ଆଁ କଲାଣି। ଆସନ୍ତା ସପ୍ତାହେ ଭିତରେ ବର୍ଷା ନ ହେଲେ ଗଜାମରୁଡ଼ି ଭଳି ପରିସ୍ଥିତି ଉପୁଜିବା ସମ୍ଭାବନା ରହିଛି। ମାତ୍ର ଚାଷୀମାନଙ୍କ ପାଇଁ ଆଶ୍ୱସ୍ତି ଖବର ଆସୁଛି। ଆସନ୍ତା ୬ ତାରିଖରେ ଉତ୍ତର ପଶ୍ଚିମ ବଙ୍ଗୋପସାଗର ଓଡ଼ିଶା ଉପକୂଳରେ ଏକ ଲଘୁଚାପ ସୃଷ୍ଟିହେବାର ସମ୍ଭାବନା ରହିଛି। ଏହା ଅଧିକ ଘନୀଭୂତ ହୋଇ ଅବପାତ(ଡିପ୍ରେସନ) ଏପରି କି ଗଭୀର ଅବପାତ(ଡିପ୍ ଡିପ୍ରେସନ)ରେ ପରିଣତ ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଆସନ୍ତା ୭ରୁ ୧୦ ତାରିଖ ଯାଏ

### ୭ରୁ ପ୍ରବଳ ବର୍ଷା ସମ୍ଭାବନା

ରାଜ୍ୟର ବିଭିନ୍ନ ଭାଗରେ ବର୍ଷା ହେବାର ସମ୍ଭାବନା ରହିଛି। ୭ରୁ ୮ ତାରିଖ ଦୁଇଦିନ ଧରି ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲାରେ ବର୍ଷା ହେବ। କେତେକ ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ସେହିପରି ୯ ଏବଂ ୧୦ ତାରିଖରେ ଉତ୍ତର ଓ ଉପକୂଳ ଓଡ଼ିଶାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ଲଘୁଚାପ ଦୁର୍ବଳ ହେବା ପରେ ଆସନ୍ତା ୧୩ ତାରିଖରେ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟିହେବାର ସମ୍ଭାବନା ରହିଛି।

## ସାତକୋଶିଆକୁ ରାମ୍‌ସର ମାନ୍ୟତା

ଭୁବନେଶ୍ୱର, ୩।୮ (ବ୍ୟୁରୋ)

ଭାରତର ଆଉ ୧୦ଟି ଆର୍ଦ୍ରଭୂମି ରାମ୍‌ସର ମାନ୍ୟତା ପାଇଛି। ଏଥିରେ ଓଡ଼ିଶାର ସାତକୋଶିଆ ଗଣ୍ଡ ସ୍ଥାନ ପାଇଛି। ଏ ନେଇ ବୁଧବାର କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ଘୋଷଣା କରାଯାଇଛି। କେନ୍ଦ୍ରମନ୍ତ୍ରୀ ଭୁପେନ୍ଦର ଯାଦବ ଟୁଇଟ କରି ଏ ନେଇ ସୂଚନା ଦେଇଛନ୍ତି। ଉପରୋକ୍ତ ଘୋଷଣା ପରେ ଦେଶରେ ରାମ୍‌ସର ସାଇଟ ସଂଖ୍ୟା ୬୪ରେ ପହଞ୍ଚିଛି। ୧୯୭୬ରେ ସାତକୋଶିଆ ବନ୍ୟପ୍ରାଣୀ ଅଭୟାରଣ୍ୟ ମାନ୍ୟତା ପାଇଥିଲା। ଏଠାରେ ବିରଳ ଇଣ୍ଡିଆନ ସ୍କିମର ପ୍ରଜାତିର ପକ୍ଷୀ ସହିତ ଘଡ଼ିଆଳ କୁମ୍ଭୀର ଦର୍ଶକଙ୍କୁ ଆକର୍ଷିତ କରିଆସୁଛି।

## ରଞ୍ଜିତ ରଥ ଅଏଲ ଇଣ୍ଡିଆ ସିଏମ୍‌ଡି

ନୂଆଦିଲ୍ଲୀ, ୩।୮ : ଦେଶର ଦ୍ୱିତୀୟ ବୃହତ୍ତମ ତୈଳ ଓ ବାଷ୍ପ ଉତ୍ପାଦନକାରୀ ସଂସ୍ଥା ଅଏଲ ଇଣ୍ଡିଆର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଭାବେ ରଞ୍ଜିତ ରଥ ନିଯୁକ୍ତି ପାଇଛନ୍ତି। ଆଇଆଇଟି ବମ୍ବେ, ଆଇଆଇଟି ଖଡଗପୁର ଓ ଉତ୍କଳ ୟୁନିଭର୍ସିଟିର ପୂର୍ବତନ ଛାତ୍ର ରଞ୍ଜିତ ଜଣେ ଭୂ-ବୈଜ୍ଞାନିକ। ୫୦ ବର୍ଷୀୟ ରଞ୍ଜିତ ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିଥିବା ନେଇ ଏହି ସରକାରୀ ଉଦ୍ୟୋଗ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି। ପୂର୍ବରୁ ସେ ମିନେରାଲ ଏକ୍ସପ୍ଲୋରେଶନ କର୍ପୋରେଶନ ଲିମିଟେଡ୍ (ଏମ୍‌ଇସିଏଲ୍) ସିଏମ୍‌ଡି ଭାବେ କାର୍ଯ୍ୟ କରିଥିଲେ। କେନ୍ଦ୍ର ସରକାର ଗତ ମାର୍ଚ୍ଚରେ ତାଙ୍କ ନିଯୁକ୍ତିକୁ ମଞ୍ଜୁରୀ ଦେଇଥିଲେ। ଜୁନ୍ ୩୦ରେ ସିଏମ୍‌ଡି ପଦରୁ ଅବସର ନେଇଥିବା ସୁଶୀଲ ଚନ୍ଦ୍ରଙ୍କ ସ୍ଥାନରେ ତାଙ୍କୁ ଅବସ୍ଥାପିତ କରାଯାଇଛି।

## ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ଚିଠି ଲେଖିଲେ ଛାତ୍ରୀ

### ଛାତ୍ରୀଙ୍କୁ ଶିକ୍ଷକଙ୍କ ଅସଦାଚରଣ ଘଟଣା

କେନ୍ଦ୍ରାପଡ଼ା ଅଫିସ, ୩।୮

ଅସଦାଚରଣ କରିଥିବା ଶିକ୍ଷକଙ୍କ ଆଗୁଆ ଜାମିନ ଆବେଦନକୁ ରଦ୍ଦ କରାଯାଉ। ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଏଭଳି ନିବେଦନ କରି ଜଣେ ଛାତ୍ରୀ ହାଇକୋର୍ଟର ମୁଖ୍ୟ ବିଚାରପତି ଏସ୍.ମୁରଲୀଧରଙ୍କୁ ବୁଧବାର ଚିଠି ଲେଖିଛନ୍ତି। ସୂଚନା ଅନୁଯାୟୀ, ମହାକଳାପଡ଼ା ଥାନା ଅଞ୍ଚଳର ଜଣେ ୧୦ମ ଶ୍ରେଣୀ ଛାତ୍ରୀ ଜୁଲାଇ ୧୮ରେ ସ୍କୁଲରେ ପରୀକ୍ଷା ଦେଉଥିଲେ। ସ୍କୁଲର ଗଣିତ ଶିକ୍ଷକ ସମ୍ପୃକ୍ତା ଛାତ୍ରୀଙ୍କ ନିକଟକୁ ଆସି କିଛି ସମୟ ଠିଆ ହେବା ପରେ ତାଙ୍କ ହାତରେ ୩୦ ନମ୍ବର ଥିବା ପ୍ରକାଶ କରିଥିଲେ। ସେହି ନମ୍ବର ତୁମକୁ ଦେବି କହି ଛାତ୍ରୀଙ୍କ ଦେହର କେତେକ ସ୍ଥାନରେ ହାତ ମାରିଥିଲେ। ଛାତ୍ରୀ ଜଣକ ଏହାର ପ୍ରତିବାଦ କରିବାରୁ କାହାକୁ ଏସମ୍ପର୍କରେ କହିଲେ ପରୀକ୍ଷାରେ ଫେଲ୍ କରି ଦେବେ ବୋଲି କହି ଧମକ ଦେଇଥିଲେ। ଛାତ୍ରୀ ଜଣକ ଏ କଥା ଘରେ କହିବା ପରେ ପରିବାର ଲୋକେ ପ୍ରଧାନ ଶିକ୍ଷକଙ୍କ ନିକଟରେ ଅଭିଯୋଗ କରିଥିଲେ। ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ମହାକାଳପଡ଼ା ଥାନା ଓ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଲିଖିତ ଅଭିଯୋଗ କରାଯାଇଥିଲା। ସମ୍ପୃକ୍ତ ଶିକ୍ଷକ ଘଟଣା ଦିନଠାରୁ ଫେରାର ଅଛନ୍ତି। ପୋଲିସ ମାମଲା (ନଂ.୧୩୬/୨୨) ରୁଜୁ କରିଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ସମ୍ପୃକ୍ତ ଶିକ୍ଷକ ଜଣକ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ଆଢୁଆଳରେ ରହି ମାମଲା ଉଠାଇ ନେବାକୁ ଛାତ୍ରୀଙ୍କ ପରିବାର ଲୋକଙ୍କୁ ଧମକ ଦେଉଥିବା ଅଭିଯୋଗ ହୋଇଛି। ଏଥିସହିତ ହାଇକୋର୍ଟରେ ଆଗୁଆ ଜାମିନ ପାଇଁ ସେ ଆବେଦନ କରିଛନ୍ତି। ଅଭିଯୁକ୍ତଙ୍କୁ ଧରି ଆଣିଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବ ବୋଲି ଥାନା ଅଧିକାରୀ କହିଥିବା ଛାତ୍ରୀ ଜଣକ ମୁଖ୍ୟ ବିଚାରପତିଙ୍କୁ ଲେଖିଥିବା ଚିଠିରେ ଦର୍ଶାଇଛନ୍ତି।






**ଆଜିର ମନ୍ତବ୍ୟ**

ନାନ୍ସି ପେଲୋସିଙ୍କ ତାଇୱାନ ଗସ୍ତ ତାଇୱାନ ଉପରେ ଆକ୍ରମଣ ପାଇଁ ଚାଇନାକୁ ସିଧାସଳଖ ଉସୁକାଇଛି। ବିଶ୍ୱ ଆଗରେ ନିଜକୁ ନିର୍ଦ୍ଦୋଷ ପ୍ରମାଣିତ କରିବା ପାଇଁ ଆମେରିକାର ଆକାଂକ୍ଷା ଏବଂ ଅନ୍ତର୍ଜାତୀୟ ଆଇନ ପ୍ରତି ଅବଜ୍ଞା ପେଲୋସିଙ୍କ ଗସ୍ତରୁ ପ୍ରତିଫଳିତ ହେଉଛି।**–ସେରେଗି ଲାଭ୍ରୋଭ୍, ରୁଷିଆ ବହିର୍ବ୍ୟାପାର ମନ୍ତ୍ରୀ**

**୫ରୁ ୧୫ ପର୍ଯ୍ୟନ୍ତ ଦେଶର ସମସ୍ତ ଐତିହ୍ୟସ୍ଥଳୀକୁ ପ୍ରବେଶ ମାଗଣା**

ନୂଆଦିଲ୍ଲୀ,୩।୮: ଆର୍କିଓଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ (ଏଏସ୍ଆଇ) ଅଧୀନରେ ଥିବା ସମସ୍ତ ସ୍ମାରକୀ ଏବଂ ଐତିହ୍ୟସ୍ଥଳୀକୁ ପର୍ଯ୍ୟଟକମାନେ ମାଗଣା ପ୍ରବେଶ କରିପାରିବେ। ଏହି ସୁବିଧା ଆସନ୍ତା ୫ରୁ ୧୫ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଏ ନେଇ ବୁଧବାର କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ............................



ଅମିତ୍

ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କହିଲେ କୁଳ କୁଟୁମ୍ବକୁ ଲାଜ**
**ନ କହିଲେ କୁଳ ଭାସିଯାଉଛି ।**

ମଣିଷ ବେଳେବେଳେ ଏମିତି ଅଘଟଣ ଅବସ୍ଥାରେ ପହଞ୍ଚେ, ଯାହାର ସମ୍ମୁଖୀନ ହେଲେ ଅସୁବିଧାରେ ପଡ଼ିଥାଏ ଏବଂ ନ ହେଲେ ମଧ୍ୟ ଅପଦସ୍ଥ ହୋଇଥାଏ। ପରିବାରର ମଙ୍ଗଳ ପାଇଁ କୌଣସି ଲଜ୍ଜାକର ଘଟଣା ପ୍ରକାଶ କରିବାକୁ ବାଧ ହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କୁଞ୍ଚୁକୁଞ୍ଚିଆ, ମାଗୁର ନିଶୁଆ**
**ହିଆରେ ନ ଥାଇ ବାଳ**
**ଏ ତିନିଙ୍କୁ ବିଶ୍ୱାସ ନ ଯିବ**
**ବଞ୍ଚିଥିବ ଯେତେ କାଳ ।**

କୁଞ୍ଚୁକୁଞ୍ଚିକା କେଶ, ମାଗୁର ପରିକା ନିଶ ଏବଂ ଛାତିରେ ବାଳ ନ ଥିବା ବ୍ୟକ୍ତି ବିଶ୍ୱାସଯୋଗ୍ୟ ହୋଇ ନ ଥାନ୍ତି। ତେଣୁ ଏମାନଙ୍କୁ ଭରସା କରିବା ଉଚିତ ନୁହେଁ ବୋଲି ଲୋକକଥା ରହିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

## ଦିଲ୍ଲୀରୁ ଆଉ ଜଣେ ମଙ୍କିପକ୍ସ ସଂକ୍ରମିତ ଚିହ୍ନଟ

ନୂଆଦିଲ୍ଲୀ,୩।୮: ଦିଲ୍ଲୀରୁ ବୁଧବାର ଆଉ ଜଣେ ମଙ୍କିପକ୍ସ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତ ମହିଳାଙ୍କ ପରିଚୟ ମିଳି ନ ଥିବାବେଳେ ସେ ନିକଟରେ ବିଦେଶରୁ ଫେରିଥିବା କୁହାଯାଉଛି। ମହିଳାଙ୍କ ଦେହରେ ସାମାନ୍ୟ ଜ୍ୱର ସାଙ୍ଗକୁ ଚର୍ମରେ ଆଲର୍ଜି ଦେଖାଯିବା ପରେ ତାଙ୍କୁ ଦିଲ୍ଲୀସ୍ଥିତ ଲୋକନାୟକ ଜୟପ୍ରକାଶ ନାରାୟଣ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସଂକ୍ରମିତଙ୍କୁ ମିଶାଇ ଦେଶରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୯ରେ ପହଞ୍ଚିଛି।

## ରେଳଧାରଣାରେ ଯୁବତୀ, ଯୁବକଙ୍କ ଆତ୍ମହତ୍ୟା

ବ୍ରହ୍ମପୁର ଅଫିସ,୩।୮: ବୁଧବାର ସନ୍ଧ୍ୟାରେ ଗୁଡ୍ସସେଡ୍ ରୋଡ଼ ଓଭରବ୍ରିଜ୍ ତଳେ ଜଣେ ଯୁବକ ଓ ଯୁବତୀ ଆତ୍ମହତ୍ୟା କରିଛନ୍ତି। ସେମାନେ ହେଲେ ମୀରା ନାଇକ ଓ ଶିବ ନାୟକ। ଉଭୟଙ୍କ ଶରୀରରୁ ମୁଣ୍ଡ ଅଲଗା ହୋଇଯାଇଛି। ସରକାରୀ ରେଲୱେ ପୋଲିସ (ଜିଆରପି) ମୃତଦେହ ଜବତ କରିଛି। ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିବା ନେଇ ସନ୍ଦେହ କରାଯାଉଥିବା ଜିଆରପି ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ନାୟକ କହିଛନ୍ତି। ଏ ନେଇ ପୃଥକ୍ ୨ ମାମଲା (ନଂ. ୫୬ ଓ ୫୭/୨୨) ମାମଲା ରୁଜୁ ହୋଇଛି। ମୃତଦେହକୁ ଶବ ସଂରକ୍ଷଣ ଗୃହରେ ରଖାଯାଇଛି।

## ରଣ ନାଁରେ ଠକେଇ, ଦମ୍ପତି ଗିରଫ

ଝାରସୁଗୁଡ଼ା ଅଫିସ, ୩।୮- ଝାରସୁଗୁଡ଼ା ଜିଲା ଲଇକେରା ଥାନା ଓ କୋଲାବିରା ଥାନା ଅଞ୍ଚଳର ବିଭିନ୍ନ ଗ୍ରାମର ଏସ୍ଏଚ୍ଜି ଗ୍ରୁପ୍ ସଦସ୍ୟାଙ୍କୁ ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନାରେ ରଣ କରାଇଦେବା ନାଁରେ ଲକ୍ଷାଧିକ ଟଙ୍କା ଠକେଇ ହୋଇଥିବା ଅଭିଯୋଗ ହୋଇଛି। ଏଥିରେ ସମ୍ପୃକ୍ତ ଦମ୍ପତି ସମ୍ବଲପୁର ଜିଲା କୁଚିଣ୍ଡା ମନ୍ଦିର ଛକର ଭୀମରାଜ ସୋନି (୪୦) ଓ ସ୍ତ୍ରୀ ସୁଜାତା ପଟେଲ (୩୫)ଙ୍କୁ ପୋଲିସ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛି। ଏମାନଙ୍କ ନିକଟରୁ ପୋଲିସ୍ ୨ ମୋବାଇଲ୍, ଆଧାରକାର୍ଡ, ଭୋଟରକାର୍ଡ, ବ୍ୟାଙ୍କ ପାସ୍‌ବୁକ୍, ନକଲି ଲୋନ ମଞ୍ଜୁରୀ ପତ୍ର, ନକଲି ପରିଚୟପତ୍ର ଜବତ କରିଛି।

## ଗାଁ ଦାଣ୍ଡରେ ବାନ୍ଧି ମହିଳା, ୨ ଯୁବକଙ୍କୁ ମାଡ଼

ପାରଳାଖେମୁଣ୍ଡି, ୩।୮ (ଡି.ଏନ୍.ଏ)

ଗଜପତି ଜିଲା ମୋହନା ଥାନା ମାଣିକପୁର ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି। ପରକିୟା ପ୍ରୀତି ଓ ଅନୈତିକ କାର୍ଯ୍ୟକଳାପ ସନ୍ଦେହରେ ଜଣେ ମହିଳା ଓ ଦୁଇଜଣ ପୁରୁଷଙ୍କୁ ଗାଁ ଦାଣ୍ଡରେ ଖୁଣ୍ଟରେ ବାନ୍ଧି ଲୋକେ ପିଟିଛନ୍ତି। ମାଣିକପୁରର ଇନ୍ଦିରା ଆବାସଠାରେ ବାସ କରୁଥିବା ଜନୈକା ମହିଳାଙ୍କ ସ୍ୱାମୀ ଦୀର୍ଘବର୍ଷ ହେଲା ଅନ୍ୟତ୍ର ଯାଇ ଶ୍ରମିକ ଭାବେ କାମ କରୁଛନ୍ତି। ଏହାର ସୁଯୋଗ ନେଇ ମହିଳା ଜଣକ ଗଞ୍ଜାମ ଜିଲାର ଦୁଇ ଯୁବକଙ୍କ ସହ ଅନୈତିକ ସଂପର୍କ ରଖିଥିବା ଗ୍ରାମବାସୀ ସନ୍ଦେହ କରିଥିଲେ। ସାହିରେ ଏଭଳି ଅସାମାଜିକ କାର୍ଯ୍ୟ ବୃଦ୍ଧି ପାଇଚାଲିଥିବା ଯୋଗୁଁ ଗ୍ରାମବାସୀ ସେମାନଙ୍କୁ ପାନେ ଦେବାକୁ ସୁଯୋଗ ଖୋଜୁଥିଲେ। ମହିଳାଙ୍କ ପାଖକୁ ଦୁଇ ଯୁବକ ଆସିଥିବା ବେଳେ ଗ୍ରାମବାସୀ ମହିଳାଙ୍କ ସମେତ ଦୁଇ ଯୁବକଙ୍କୁ ଧରି ଗାଁ ଦାଣ୍ଡରେ ଥିବା ସୋଲାର ଖୁଣ୍ଟରେ ବାନ୍ଧି ନିର୍ଦ୍ଦୁମ ଛେଚିଥିଲେ। ଦୀର୍ଘ ଘଣ୍ଟା ଧରି ଜାତୀୟ ରାଜପଥ ପାର୍ଶ୍ୱରେ ଏଭଳି ଘଟଣା ଘଟିଚାଲିଥିଲା। ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଲା ବେଳକୁ ଗ୍ରାମବାସୀ ସେମାନଙ୍କୁ ଛାଡ଼ି ଦେଇଥିଲେ। ଏ ନେଇ ଥାନାରେ କୌଣସି ଏତଲା ହୋଇ ନ ଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

## ଫର୍ଚ୍ୟୁନ୍ ଗ୍ଲୋବାଲ ୫୦୦ ତାଲିକାରେ ଏଲ୍ଆଇସି

ନୂଆଦିଲ୍ଲୀ, ୩।୮

ଦେଶର ସର୍ବବୃହତ ରାଷ୍ଟ୍ରାୟତ୍ତ ବୀମା କମ୍ପାନୀ ଜୀବନ ବୀମା ନିଗମ (ଏଲ୍ଆଇସି) ଫର୍ଚ୍ୟୁନ୍ ଗ୍ଲୋବାଲ ୫୦୦ ତାଲିକାରେ ସ୍ଥାନିତ ହୋଇଛି। ନିକଟରେ ଶେୟାର ବଜାରରେ ପଞ୍ଜୀକୃତ ହୋଇଥିବା ଏଲ୍ଆଇସି ଚଳିତ ଆର୍ଥିକ ବର୍ଷରେ ୯୭.୨ ବିଲିୟନ ଡଲାର ରାଜସ୍ୱ ଏବଂ ୫୫୩.୮ ନିୟୁତ ଡଲାର ଲାଭ ସହ ତାଲିକାର ୮୯ତମ ସ୍ଥାନରେ ରହିଛି।

## ଓଡ଼ିଶାରେ ଦ୍ୱିତୀୟ ଏମ୍ସ: କେନ୍ଦ୍ର କହିଲା ପ୍ରସ୍ତାବ ନାହିଁ

ନୂଆଦିଲ୍ଲୀ, ୩।୮

ଓଡ଼ିଶାର ସୁନ୍ଦରଗଡ଼ ସହରରେ ଦ୍ୱିତୀୟ ଏମ୍ସ ପ୍ରତିଷ୍ଠା ପାଇଁ ଅଞ୍ଚଳବାସୀ ଦୀର୍ଘଦିନ ଧରି ଦାବି କରିଆସୁଥିବାବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଦୁଇ ବର୍ଷ ଧରି ଏ ନେଇ କେନ୍ଦ୍ରକୁ ଚିଠି ଲେଖି ଆସୁଛନ୍ତି। କିନ୍ତୁ ଏପରି କୌଣସି ପ୍ରସ୍ତାବ ନାହିଁ କହି ରାଜ୍ୟକୁ ନିରାଶ କରିଛି କେନ୍ଦ୍ର। ରାଜ୍ୟ ସଭାରେ ବିଜେଡି ସଦସ୍ୟ ସସ୍ମିତ ପାତ୍ର ମଙ୍ଗଳବାର ଦ୍ୱିତୀୟ ଏମ୍ସ ପ୍ରତିଷ୍ଠା ନେଇ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟଠାରୁ ଜାଣିବାକୁ ଚାହିଁଥିଲେ। ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ଭାରତୀ ପ୍ରବୀଣ ପାୱାର ଉତ୍ତର ରଖି କହିଥିଲେ, ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା (ପିଏମ୍ଏସ୍ଏସ୍ୱାଇ) ଅଧୀନରେ ଦେଶର ୨୨ ସହରରେ ନୂଆ ଏମ୍ସ ପ୍ରତିଷ୍ଠା ପାଇଁ ମଞ୍ଜୁରୀ ଦିଆଯାଇଛି। ବର୍ତ୍ତମାନ ଭୁବନେଶ୍ୱର ଏମ୍ସ ପୂର୍ଣ୍ଣ କାର୍ଯ୍ୟକ୍ଷମ ଥିବାବେଳେ ବାଲେଶ୍ୱରରେ ଏହାର ସାଟେଲାଇଟ ସେଣ୍ଟରକୁ ଅନୁମୋଦନ କରାଯାଇଛି। ଓଡ଼ିଶା ସରକାର କେନ୍ଦ୍ରକୁ ପଶ୍ଚିମ ଓଡ଼ିଶାର ସୁନ୍ଦରଗଡ଼ରେ ଆଉ ଏକ ଏମ୍ସ ହସ୍ପିଟାଲ ପ୍ରତିଷ୍ଠା ପାଇଁ ଅନୁରୋଧ କରିଛନ୍ତି। ତେବେ ଏ ନେଇ କେନ୍ଦ୍ର ନିଷ୍ପତ୍ତି ନେଇ ନ ଥିବା ସେ ଗୃହକୁ ଅବଗତ କରାଇଛନ୍ତି।

## ଦୁର୍ଘଟଣାରେ ଅଭିନେତା ନିଶି କରଙ୍କ ପରଲୋକ

ଭୁବନେଶ୍ୱର,୩।୮ (ବ୍ୟୁରୋ)



ଓଲିଉଡ୍‌ର ଯୁବ ଅଭିନେତା ତଥା ନିର୍ଦ୍ଦେଶକ ନିଶିରଞ୍ଜନ କରଙ୍କ ମଙ୍ଗଳବାର ବିଳମ୍ବିତ ରାତିରେ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ତାଙ୍କୁ ୩୮ବର୍ଷ ବୟସ ହୋଇଥିଲା। ପୁରୀ ଜିଲା କାକଟପୁରର କାହାଲ ଗ୍ରାମରେ ଜନ୍ମ ଗ୍ରହଣ କରିଥିବା ନିଶିରଞ୍ଜନ ସନ୍ଧ୍ୟାରେ କାକଟପୁର ନୂଆ ବସ୍‌ଷ୍ଟାଣ୍ଡରୁ ବାଇକ୍ ଯୋଗେ ନିଜ ଘରକୁ ଫେରୁଥିବାବେଳେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ଏକ ଖୁଣ୍ଟରେ ପିଟି ହୋଇଯାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଆମ୍ବୁଲାନ୍ସରେ ମେଡିକାଲ ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ନିଶି ଓଲିଉଡରେ ଜଣାଶୁଣା ଚେହେରା ଥିଲେ। ସେ ୨ଟି ଫିଲ୍ମ ଓ ୫୦୦ରୁ ଊର୍ଦ୍ଧ୍ୱ ଆଲବମ୍‌ରେ ନିର୍ଦ୍ଦେଶନା ଦେବା ସହ ଗାୟତ୍ରୀ, ଉତ୍ତରଦାୟୀ, ବଡ଼ ଘର ବଡ଼ ଗୁମର କଥା, ଓଡ଼ିଆ ଚଳଚ୍ଚିତ୍ର ଭଲ ପାଏ ବୋଲି, ଜ୍ୟୋସ୍ନା ଭିଜା ସେଇ ରାତି, ମନ ମୋର ଯାଯାବର, ଓମ୍ ସାଇ ରାମ୍ ଆଦି ବହୁ ଧାରାବାହିକରେ ଅଭିନୟ କରିଛନ୍ତି। ୨ଟି ଚଳଚ୍ଚିତ୍ର 'ଆତ୍ମା କାନ୍ଦୁଛି' ଓ 'ଦୁହେଁ ଦୁହିଁଙ୍କ ପାଇଁ'ର ନିର୍ଦ୍ଦେଶନା ଦେଇଛନ୍ତି। ତାଙ୍କର ଅକାଳ ବିୟୋଗରେ ସିନେ ଜଗତର ଅପୂରଣୀୟ କ୍ଷତି ଘଟିଥିବା ସାଥୀ କଳାକାରମାନେ ପ୍ରକାଶ କରିଛନ୍ତି। ପୁଅକୁ ହରାଇ ବାପା ପରମାନନ୍ଦ କର, ମା' ଶାନ୍ତିଲତା କର ଭାଙ୍ଗି ପଡିଥିବାବେଳେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ଟିପ୍ପର ଧକ୍କାରେ ମା', ଝିଅଙ୍କ ମୃତ୍ୟୁ

ଧର୍ମଶାଳା/ଚଢ଼େଇଧରା,୩।୮ (ଡି.ଏନ.ଏ.)

ଯାଜପୁର ଜିଲା ଜେନାପୁର ଥାନା ଅନ୍ତର୍ଗତ ୫୩ ନଂ. ଜାତୀୟ ରାଜପଥର ବରଡ଼ା ଛକ ନିକଟରେ ବୁଧବାର ଅପରାହ୍ନରେ ଏକ ଟିପ୍ପର ଧକ୍କାରେ ସ୍କୁଟିରେ ଆସୁଥିବା ମା', ଝିଅଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଏହି ଜିଲା ସୁକିନ୍ଦା ବ୍ଲକ ଅଧୀନ ରଥପଡ଼ିଆର ଅଶୋକ ଚକ୍ରବର୍ତ୍ତୀଙ୍କ ସ୍ତ୍ରୀ ସିର୍ତ୍ତିକା ଚକ୍ରବର୍ତ୍ତୀ(୪୭) ଓ ତାଙ୍କ ଝିଅ ସୋମାଲୀ ଚକ୍ରବର୍ତ୍ତୀ(୨୬)। ଉଭୟ କେନ୍ଦ୍ରାପଡ଼ା ଜିଲାର ଏକ ଗାଁକୁ ଶୁଦ୍ଧି କ୍ରିୟାରେ ଯୋଗଦେବାକୁ ଯାଇ ଫେରୁଥିଲେ। ଓଆର୍-୧୬-ଡି-୬୪୦୮ ବିଶିଷ୍ଟ ୬ ଚକିଆ ଟିପ୍ପର ଡୁବୁରୀ ଅଭିମୁଖେ ଯାଉଥିବାବେଳେ ବରଡ଼ା ଗଳିପୋଲଠାରୁ କିଛି ଦୂରରେ ମା', ଝିଅଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ସ୍କୁଟି ଭାଙ୍ଗି ରୁଜି ନଷ୍ଟ ହୋଇଯାଇଥିବାବେଳେ ଟିପ୍ପରଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ତେବେ ଦୁର୍ଘଟଣା ପଛରେ ସୁଚିନ୍ତିତ ଷଡ଼ଯନ୍ତ୍ର ଥିବା ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି। ଉକ୍ତ ଗାଡ଼ି ଚାଳକଙ୍କ ସହିତ ବରଡ଼ା ପୂର୍ବବର୍ତ୍ତୀ ଆରୁହା ଛକଠାରେ ମା'ଝିଅଙ୍କ ସାଇଡ୍ ମରାକୁ କେନ୍ଦ୍ରକରି ଉଚ୍ଚବାଚ ହୋଇଥିଲା। ତେଣୁ ରାଗ ରଖି ଡ୍ରାଇଭାର ସେମାନଙ୍କ ସ୍କୁଟିକୁ ଧକ୍କା ଦେଇଥିବା କୁହାଯାଉଛି। ସିର୍ତ୍ତିକା ସୁକିନ୍ଦା ବ୍ଲକରେ ଏମ୍‌ବିକେ ଥିବାବେଳେ ଝିଅ ସୋନାଲି ବ୍ୟାଙ୍କମିତ୍ର ଭାବେ କାର୍ଯ୍ୟ କରୁଥିଲେ। ପୋଲିସ ମୃତଦେହ ୨ଟିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛି।

## ୩ ସମିତି ନାମରେ ଜମା ଆଦାୟ ବନ୍ଦ ନିର୍ଦ୍ଦେଶ

ଯାଜପୁର ଅଫିସ,୩।୮

ସାହାରା କ୍ରେଡିଟ କୋଅପରେଟିଭ ସୋସାଇଟି ଲିଃ, ସାହାରିୟାନ ୟୁନିର୍ଭସାଲ ମଲ୍‌ଟିପର୍‌ପୋଜ ସୋସାଇଟି ଲିଃ ଏବଂ ହମାରା ଇଣ୍ଡିଆ କ୍ରେଡିଟ କୋଅପରେଟିଭ ସୋସାଇଟି ଲିଃ ନାମରେ ଗ୍ରାହକଙ୍କଠାରୁ କୌଣସି ଜମା ଆଦାୟ ନ କରିବାକୁ ନିର୍ଦ୍ଦେଶ ହୋଇଛି। ୨୨।୩।୨୦୨୨ରେ ଦିଲ୍ଲୀ ହାଇକୋର୍ଟଙ୍କ ରାୟ ଏବଂ ଭାରତ ସରକାରଙ୍କ ସମବାୟ ମନ୍ତ୍ରଣାଳୟର ନିର୍ଦ୍ଦେଶ ଅନୁସାରେ ରାଜ୍ୟ ସରକାରଙ୍କ ସମବାୟ ସମିତି ନିବନ୍ଧକଙ୍କ କାର୍ଯ୍ୟାଳୟରୁ ଏହି ମର୍ମରେ ସମସ୍ତ ଡିଆରସିଏସ୍ ଏବଂ ଏଆରସିଏସ୍‌ଙ୍କୁ ବୁଧବାର ନିର୍ଦ୍ଦେଶପତ୍ର ଦିଆଯାଇଛି। ଏହି ନିର୍ଦ୍ଦେଶ ପରେ ଦୀର୍ଘଦିନ ଧରି ଉପରୋକ୍ତ ସମିତିରେ ଚାଲିଥିବା ଟଙ୍କା ଜମା ବିବାଦର ଅନ୍ତ ଘଟିଛି।

ସମବାୟ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଆଲୋକ ଅଗ୍ରୱାଲଙ୍କ ରିପୋର୍ଟ ଅନୁସାରେ ଉତ୍ତରପ୍ରଦେଶ ଲକ୍ଷ୍ନୌସ୍ଥିତ ସାହାରା କ୍ରେଡିଟ କୋପଅରେଟିଭ ସୋସାଇଟି ଲିଃ, ମଧ୍ୟପ୍ରଦେଶ ଭୋପାଳସ୍ଥିତ ସାହାରିୟାନ ୟୁନିର୍ଭସାଲ ମଲ୍‌ଟିପର୍‌ପୋଜ ସୋସାଇଟି ଲିଃ ଏବଂ ପଶ୍ଚିମବଙ୍ଗ କୋଲକାତାସ୍ଥିତ ହମାରା ଇଣ୍ଡିଆ କ୍ରେଡିଟ କୋପଅରେଟିଭ ସୋସାଇଟି ଲିଃ ମଲ୍ଟି ଷ୍ଟେଟ କୋପଅରେଟିଭ ସୋସାଇଟି ଆଇନ-୨୦୦୨ ଅନୁସାରେ ପଞ୍ଜୀକୃତ ହୋଇଛି। ହେଲେ ବିପୁଳ ସଂଖ୍ୟାରେ ଜମାକାରୀ ଜମା ଟଙ୍କା ଫେରସ୍ତ ପାଇ ପାରୁ ନ ଥିବା ନେଇ ଅଭିଯୋଗ କରି ଆସୁଥିଲେ। ଏହାପରେ ଉପରୋକ୍ତ ସମିତିଗୁଡ଼ିକର ପରିଚାଳନା କର୍ତ୍ତୃପକ୍ଷଙ୍କୁ ସେଣ୍ଟ୍ରାଲ ରେଜିଷ୍ଟ୍ରାର ଅଫ୍ କୋପଅରେଟିଭ ସୋସାଇଟି (ସିଆରସିଏସ୍)ଙ୍କ ନିକଟରେ ବ୍ୟକ୍ତିଗତ ଶୁଣାଣି ପାଇଁ ଡକାଯାଇଥିଲା। ଉକ୍ତ ଶୁଣାଣିରେ ଉପରୋକ୍ତ ସମିତିଗୁଡ଼ିକୁ ଗ୍ରାହକଙ୍କଠାରୁ ଆଉ ଜମା ନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ଏହି ସମିତି କର୍ତ୍ତୃପକ୍ଷ ସିଏସ୍ଆର୍‌ଙ୍କ ନିର୍ଦ୍ଦେଶ ବିରୋଧରେ ଦିଲ୍ଲୀ ହାଇକୋର୍ଟ ଦ୍ୱାରସ୍ଥ ହୋଇଥିଲେ ଏବଂ ନିର୍ଦ୍ଦେଶକୁ ସ୍ଥଗିତ ରଖିବାରେ ସମର୍ଥ ହୋଇଥିଲେ। ପରେ ଦିଲ୍ଲୀ ହାଇକୋର୍ଟ ୨୨।୩।୨୦୨୨ରେ ଶୁଣାଣି କରି ପରବର୍ତ୍ତୀ କୌଣସି ଜମା ଆଦାୟ ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ସମବାୟ ମନ୍ତ୍ରଣାଳୟ ପକ୍ଷରୁ ୮।୪।୨୦୨୨ରେ ସମସ୍ତ ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କୁ ଏହି ମର୍ମରେ ନିର୍ଦ୍ଦେଶ ଜାରି କରାଯାଇଥିଲା। ସମବାୟ ମନ୍ତ୍ରଣାଳୟର ଉକ୍ତ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବାକୁ ପ୍ରାୟ ୪ ମାସ ପରେ ରାଜ୍ୟ ସମବାୟ ସମିତିର ନିବନ୍ଧକ ନିଷ୍ପତ୍ତି ନେଇଛନ୍ତି। ସୂଚନାଯୋଗ୍ୟ, ଉପରୋକ୍ତ ଅଭିଯୋଗ ଉପରେ ୨୦୧୮ ରୁ ତଦନ୍ତ ହୋଇ ଆସୁଥିଲା। ୨୦୧୯ ନଭେମ୍ବରରେ ରାଜ୍ୟ ପୋଲିସ ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) ପକ୍ଷରୁ ଏନେଇ ପ୍ରାରମ୍ଭିକ ତଦନ୍ତ ଆରମ୍ଭ ହୋଇଥିଲା। ଯଦି ଆଇନଗତ ଅଧିକାର ନ ଥାଇ ସାଧାରଣ ଲୋକଙ୍କଠାରୁ ଟଙ୍କା ଆଦାୟ କିମ୍ବା କୌଣସି ବେଆଇନ କାର୍ଯ୍ୟକଳାପ ହେଉଛି ତେବେ ସମ୍ପୃକ୍ତ ସମିତି ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଇଓଡବ୍ଲ୍ୟୁଏସ୍‌ପି ନିର୍ଦ୍ଦେଶ ଜାରି କରିଥିଲେ। ଏଥିରେ ସର୍କଲ, ବ୍ରାଞ୍ଚ, କ୍ରେଡିଟ ସୋସାଇଟି, ସଭ୍ୟ ସଂଖ୍ୟା ଓ ଜମାରାଶି, ସୁଧ ପରିମାଣ, ଅଗ୍ରିମ ରଣ ସୁଧ ସହ ଆଦି ତଥ୍ୟ ଦେବାକୁ କୁହାଯାଇଥିଲା। ଏପରିକି ଟଙ୍କା ଫେରସ୍ତ ହୋଇ ନ ଥିବା କେତେ ଅଭିଯୋଗ ହୋଇଛି ସେ ସମ୍ପର୍କରେ ତଥ୍ୟ ଦେବାକୁ ଦର୍ଶାଯାଇଥିଲା। ତେବେ ପୂର୍ବରୁ ଏହି ସମିତିମାନଙ୍କରେ ଜମା କରିଥିବା ଗ୍ରାହକଙ୍କ ଟଙ୍କା ଫେରସ୍ତ ସମ୍ପର୍କରେ କୌଣସି ନିର୍ଦ୍ଦେଶ ହୋଇ ନାହିଁ।

## ଆଜିର ରାଶିଫଳ


ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com


**ମେଷ**

ଆଜି ପ୍ରତ୍ୟେକ କ୍ଷେତ୍ରରେ ନିଜ ସୀମା ଭିତରେ ରହି କାମ କରିବା ଭଲ । ଅବଶ୍ୟ ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ଆର୍ଥିକ ସ୍ୱଚ୍ଛଳତା ଫେରି ପାଇବେ ଆଶା କରିଥିବା ଦିଗରୁ ଅର୍ଥ ପ୍ରାପ୍ତି ହେବ। ପାରିବାରିକ କ୍ଷେତ୍ରରେ ସାମାନ୍ୟ ଅସୁବିଧା ଥିବାର ଅନୁଭବ କରିବେ ।

**ବୃଷ**

କର୍ମକ୍ଷେତ୍ରରେ ଦକ୍ଷତା ହେତୁ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧି ପାଇବ। ଆନୁଷ୍ଠାନିକ କ୍ଷେତ୍ରରେ ମଧ୍ୟାହ୍ନରେ ଟେନସନ୍ ଦୂର ହେବ ଏବଂ କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବ। କଳା ସାହିତ୍ୟ ଓ ସାମ୍ବାଦିକତା, ଚୁକ୍ତିପତ୍ର କ୍ଷେତ୍ରରୁ ସୁଫଳ ମିଳିବ। କର୍ମକ୍ଷେତ୍ର ସମସ୍ୟାବହୁଳ ହୋଇପାରେ।

**ମିଥୁନ**

ସ୍ୱାସ୍ଥ୍ୟ ଭଲ ରହିଲେ ମଧ୍ୟ ମାନସିକ ସ୍ଥିତି ସେତେଟା ଭଲ ରହି ନ ପାରେ । କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ଅତୀତ ଘଟଣାକୁ କେନ୍ଦ୍ରକରି ପଡ଼ୋଶୀଙ୍କ ସହ ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। କେତେକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ।

**କର୍କଟ**

ମାନସିକ ସ୍ଥିତି ଭଲ ନ ଥିବାରୁ ଘରର ଆବଶ୍ୟକତାକୁ ପାସୋରି ଦେବେ, ଯାହାକି କଳହର କାରଣ ହୋଇପାରେ। ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହିବା ଭଲ ହେବ। ନିର୍ମାଣ, ଯୋଗାଯୋଗ, ଆଲୋଚନା ଓ ସଭାସମିତି ସମସ୍ୟାମୁକ୍ତ ରହିବ। ବହୁତ ଦିନରୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇ ଖୁସି ହୋଇପାରନ୍ତି।

**ସିଂହ**

ବନ୍ଧୁଙ୍କ ପରାମର୍ଶରେ କୌଣସି ନୂତନ ଯୋଜନା ଆରମ୍ଭ କରିପାରନ୍ତି। ଆର୍ଥିକ ସ୍ଥିତି ଭଲ ରହିବା ସହ ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଭଲରେ ଚାଲିବ। ଅବହେଳା କାରଣରୁ କେତେକ ଆକସ୍ମିକ ସୁଯୋଗ ହାତଛଡ଼ା ହୋଇପାରେ । ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବା ଅତି ଜରୁରୀ ନଚେତ୍ ଅସୁବିଧାରେ ପଡ଼ିପାରନ୍ତି ।

**କନ୍ୟା**

ନିଜର ସନ୍ଦେହୀ ମନୋଭାବ ହେତୁ କେତେକ ଅନାକାଂକ୍ଷିତ ସମସ୍ୟା ଦେଖାଦେଇପାରେ । ବନ୍ଧୁଙ୍କ ସହାୟତାରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି। ଚିତ୍ରା ନକ୍ଷତ୍ରର ବିଭିନ୍ନ ସମସ୍ୟା ମଧ୍ୟରେ ମନ ଅଶାନ୍ତ ରହିବାର ସମ୍ଭାବନା ରହିଛି ।

**ତୁଳା**

କେତେକ ଅପୂରଣୀୟ ଆଶା ମନରେ ଆଲୋଡ଼ନ ସୃଷ୍ଟି କରିବ। ସହକର୍ମୀଙ୍କ ସହଯୋଗ ଦ୍ୱାରା ଅଫିସରେ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବେ। ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ସହକର୍ମୀ ଅବଶ୍ୟ ସାହାଯ୍ୟ କରିବେ। କଳା, ସାହିତ୍ୟ, ସାମ୍ବାଦିକତା, ରାଜନୀତି ଓ ଅର୍ଥନୀତି କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିବେ।

**ବିଛା**

ପରିବାରରେ ଆପୋସ ଆଲୋଚନା ଦ୍ୱାରା ଘରୋଇ ସମସ୍ୟାର ସରଳ ସମାଧାନ ହୋଇଯିବ। କଳା ସାହିତ୍ୟରେ ସମସ୍ୟା ସମାଧାନ ହେବାର ଆଶା ରହିଛି। ଚାହିଁ ଚାହିଁ ଆଖିରୁ ପାଣି ମରିଯିବ ପଛକେ କୌଣସି ବନ୍ଧୁଙ୍କର ଦେଖା ପାଇବେ ନାହିଁ। କ୍ରନିକ୍ ରୋଗର ଯନ୍ତ୍ରଣା କିଛି ସମୟ ପରେ ଉପଶମ ହେବ ।

**ଧନୁ**

ଯେତେ ପ୍ରକାରର ସମସ୍ୟା ଆସିଲେ ମଧ୍ୟ ତାହାର ଠିକ୍ ସାମ୍ନା କରିବା ପାଇଁ ଚେଷ୍ଟା କରିବେ। ବ୍ୟବସାୟ, ପରିବହନ, ପ୍ରକାଶନ, ନିର୍ମାଣ, ସଭାସମିତି ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ସଚେତନତା ଅଭାବରୁ ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ଦୂରାଗତ ବନ୍ଧୁଙ୍କ ଆମନ୍ତ୍ରଣକୁ ଉପେକ୍ଷା କରିପାରିବେ ନାହିଁ।

**ମକର**

ଦୀର୍ଘ ଦିନରୁ ପ୍ରତୀକ୍ଷା କରିଥିବା କୌଣସି ଖବର ପାଇ ଖୁସି ହେବେ। ଶିଳ୍ପ, ପରିବହନ ଓ ବାଣିଜ୍ୟରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ନିଜର ପ୍ରତିବେଶୀଙ୍କ ସହ ସମ୍ପର୍କ ଯୋଡ଼ିବା ସକାଶେ ଆପ୍ରାଣ ଚେଷ୍ଟା କରିପାରନ୍ତି । ଭ୍ରମଣ ସୁଯୋଗ ପାଇ ସାମୟିକ ଭାବରେ ଖୁସି ହେବେ।

**କୁମ୍ଭ**

କର୍ମକ୍ଷେତ୍ରରେ ଅଧସ୍ତନ କର୍ମଚାରୀମାନଙ୍କୁ ସନ୍ତୁଷ୍ଟ କରିବାକୁ ଯାଇ ଆପଣଙ୍କୁ ବହୁତ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ । ଆଜି ଦିନଟିରେ ବାଣିଜ୍ୟ ଓ ବ୍ୟବସାୟିକ ସଫଳତା ମିଳିବାର ଆଶା ରହିଛି। ନିକଟ ସମ୍ପର୍କୀୟମାନଙ୍କ ପକ୍ଷପାତିତାକୁ ନାପସନ୍ଦ କରିବେ। ସମ୍ପର୍କୀୟ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେଇ ଆଶା ପୂରଣ କରିବେ ।

**ମୀନ**

ଶୁଣାକଥାକୁ ବିଶ୍ୱାସ କରି କୌଣସି କାମ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି । ବନ୍ଧୁଙ୍କ ଖାପଛଡ଼ା କଥା ଓ ବେଖାତିର ମନୋଭାବ ଯୋଗୁ ଚିନ୍ତାପ୍ରକଟ କରିବେ। କେତେକ ସ୍ଥାନରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି । ନିଜର କାର୍ଯ୍ୟଦକ୍ଷତା ହେତୁ ବନ୍ଧୁମାନଙ୍କ ଗହଣରେ ପ୍ରଶଂସିତ ହେବେ।

## ରାଗିଂ ଅଭିଯୋଗ ...

ପ୍ରଥମ ପୃଷ୍ଠାରୁ...

ନାମରେ ଏତଲା ଦିଆଯିବ। ଏପରିକି ପୋଲିସ ପଦକ୍ଷେପକୁ ଅପେକ୍ଷା ନ କରି କଲେଜ କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟସ୍ତରୀୟ ଆଣ୍ଟିରାଗିଂ କମିଟି, ଜିଲାସ୍ତରୀୟ ଆଣ୍ଟିରାଗିଂ କମିଟି ଏବଂ ଉଚ୍ଚଶିକ୍ଷା ବିଭାଗୀୟସ୍ତରୀୟ ଆଣ୍ଟିରାଗିଂ କମିଟି ସଦସ୍ୟମାନେ ପର୍ଯ୍ୟାୟକ୍ରମେ ଅଚାନକ ବିଶ୍ୱବିଦ୍ୟାଳୟ ଓ କଲେଜକୁ ଯାଇ ପରିଦର୍ଶନ କରି ଆଣ୍ଟିରାଗିଂ କାର୍ଯ୍ୟକଳାପ ପାଳନ ହେଉଛି କି ନାହିଁ ତାହାକୁ ତଦାରଖ କରିବେ ବୋଲି ଉଚ୍ଚ ଶିକ୍ଷା ସଚିବ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି। ସୂଚନାଯୋଗ୍ୟ, ରାଜଧାନୀରେ ଥିବା ରାଜ୍ୟର ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ବିଜେବି କଲେଜରେ ରାଗିଂ ନେଇ ସଙ୍ଗିନ ଅଭିଯୋଗ ଆସିଥିଲା। ସିନିୟର ଛାତ୍ରୀଙ୍କ ରାଗିଂ ସହିନ ପାରି ଜଣେ ଛାତ୍ରୀ ଆତ୍ମହତ୍ୟା କରିବା ଘଟଣା ସାରା ରାଜ୍ୟରେ ଆଲୋଡ଼ନ ଖେଳାଇ ଦେଇଥିଲା।


## classifieds Everyday

0674-2580101, 2549302




**SALE**

ଭୁବନେଶ୍ୱର ହଂସପାଳ ନିକଟବର୍ତ୍ତୀ **Sudhananda School & College**କୁ ଲାଗି **layout approval plot (Bank finance) @9,00,000/-** ଦେଇ ତୁରନ୍ତ ଘର କରନ୍ତୁ। **(OD Group). 9437033320.** D-73283

**Immediate** ଘରକରି ରହିବା ପାଇଁ ଭିଙ୍ଗାରପୁରଠାରେ **sqft. 500/** ବାଳକାଟିରେ **sqft.1000/-.8114929186.** D-73946

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. plotକୁ 3,60,000/- (outright). 9439660381. D-73292

**Puri Studio apartment sale near new international Airport (Girala) rate-13,50,000/- onwards (Bank finance available). 8249390294, 8018417272.** D-73277




**Relax, Refresh your body, mind at Saikrupa Spa with best therapies. 8984068077.** D-1121

Newly opened full body massage center by expert therapist. 7381172169. D-73629

Newly open Asribada Panchakarma herbal SPA Kesarimall Bhubaneswar. Contact: 8926173473. D-73945

Newly open full body massage 1099 free massage one. Mo: 9583808247. D-1164

Newly open full body massage ladies and gents. 8327740003, 8093860513. D-73947

Newly open full body massage, ladies and gents. 7846923244. D-73948

All type body massage by Expert Therapist, Room service available. 8917243035. D-73631




ଘରେ କିମ୍ବା factory କିମ୍ବା plotରେ ବାସ୍ତୁଦୋଷ ଥିବାପରି ମନେହେଉଛି କି ? Call/ Whatsapp 7978736177. D-68295

**LOST**

I Bhabana Priti, D/o. Late Prafulla Kumar Panigrahi, Resident of Nigamananda Bihar, Ward No.1, Bargarh, PO/ PS/ Dist. Bargarh do hereby declare that I have lost original B.Tech. Certificate (Mechanical Branch) from B.P.U.T University and couldn't trace out the same. D-1175

**ପୁରୀ ମୁକାମଜଜ୍, ପରିବାର ଅଦାଲତ, ପୁରୀ**
**ସିଭିଲ୍ ପ୍ରୋସିଡିଂ ନଂ୧୦୯/୨୦୧୯ନର**

ବିଶ୍ୱନାଥ ପାତ୍ର, ବ୨୯ର୍ଷ, ପିତା: ଲୋକନାଥ ପାତ୍ର, ସାକିନ: ଦେବୀମଣ୍ଡପ ସାହି, ପୋଷ୍ଟ/ଥାନା: ନିମାପଡ଼ା, ଜିଲ୍ଲା: ପୁରୀ ........ ଦରଖାସ୍ତକାରୀ

ବନାମ

ଦୁର୍ଗାମଣି ନାୟକ, ବ୨୯ର୍ଷ, ସ୍ୱାମୀ: ବିଶ୍ୱନାଥ ପାତ୍ର, ସାକିନ: ଦେବୀମଣ୍ଡପ ସାହି, ପୋଷ୍ଟ/ ଥାନା: ନିମାପଡ଼ା, ଜିଲ୍ଲା: ପୁରୀ। ହାଲ୍ ସାକିନ: ପିତା: ବିପିନ୍ ବିହାରୀ ନାୟକ, ସାକିନ: ଖାକିମଠ ନୂଆସାହି, ପୋଷ୍ଟ: ପୁରୀ-୨, ଥାନା: କୁମ୍ଭାରପଡ଼ା, ଜିଲ୍ଲା: ପୁରୀ। ..... .... ପ୍ରତିବାଦୀ

**ଦେଓ୍ୱାନୀ କାର୍ଯ୍ୟବିଧି ଆଇନର ଅର୍ଡର-୫, ରୁଲ୍-୨୦(୧)(ଏ) ମତେ ନୋଟିସ**

ଏତଦ୍ୱାରା ଦୁର୍ଗାମଣି ନାୟକ ବ୨୯ର୍ଷ, ସ୍ୱାମୀ: ବିଶ୍ୱନାଥ ପାତ୍ର, ସାକିନ: ଦେବୀମଣ୍ଡପ ସାହି, ପୋଷ୍ଟ/ଥାନା: ନିମାପଡ଼ା, ଜିଲ୍ଲା: ପୁରୀ। ହାଲ୍ ସାକିନ: ପିତା: ବିପିନ୍ ବିହାରୀ ନାୟକ, ସାକିନ: ଖାକିମଠ ନୂଆସାହି, ପୋଷ୍ଟ: ପୁରୀ-୨, ଥାନା: କୁମ୍ଭାରପଡ଼ା, ଜିଲ୍ଲା: ପୁରୀଙ୍କୁ ଜଣାଇଦିଆଯାଉଅଛି କି ଆପଣଙ୍କ ବିରୁଦ୍ଧରେ ଉପରୋକ୍ତ ମୋକଦ୍ଦମାର ଦରଖାସ୍ତକାରୀ ଛାଡ଼ପତ୍ର ମୋକଦ୍ଦମା ଦାଖଲ କରିଅଛନ୍ତି । ଆପଣଙ୍କ ନାମରେ ଯାଉଥିବା ବିଧିବଦ୍ଧ କୋର୍ଟ ନୋଟିସ ବାରମ୍ବାର ଫେରସ୍ତ ଆସୁଥିବାରୁ ଉକ୍ତ ନୋଟିସ ମାଧ୍ୟମରେ ଜଣାଇ ଦିଆଯାଉଅଛି କି, ଆପଣ ସ୍ୱୟଂ କିମ୍ବା ଆପଣଙ୍କର କ୍ଷମତା ପ୍ରାପ୍ତ ଓକିଲଙ୍କ ମାଧ୍ୟମରେ ଆଗାମୀ ତା୩୦।୦୮।୨୦୨୨ରିଖ ଘ୧୦.୩୦ ମିନିଟ୍ ସମୟେ କୋର୍ଟରେ ହାଜର ହୋଇ ଆପଣଙ୍କ ପକ୍ଷ ରଖିବେ। ନଚେତ୍ ଆପଣଙ୍କ ଅନୁପସ୍ଥିତିରେ ଉପରୋକ୍ତ ମୋକଦ୍ଦମା ବିଚାରକୁ ନିଆଯାଇ ଆଇନ୍ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ଅଦ୍ୟ ତା୨୯ରିଖ ୦୭ ମାସ ୨୦୨୨ ବର୍ଷ ସହ ଆମ୍ଭର ମୋହର ଲଗାଗଲା।

**ସ୍ୱା./- ଜଜ୍, ପରିବାର ଅଦାଲତ, ପୁରୀ**

ଧ-୬୯୭୦

**ପାଠକଙ୍କ ପାଇଁ ସୂଚନା–** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ଲୋକାୟୁକ୍ତରେ ହେଉଥିବା ଅଭିଯୋଗ (ଫର୍ମ-ଏ)ରେ ପରିବର୍ତ୍ତନ**

ଭୁବନେଶ୍ୱର,(ବ୍ୟୁରୋ): ଲୋକାୟୁକ୍ତ ଓଡ଼ିଶାଙ୍କଠାରେ କରାଯାଉଥିବା ଅଭିଯୋଗ ଫର୍ମ 'କ' (ଫର୍ମ-ଏ)ରେ ଆବଶ୍ୟକ ପରିବର୍ତ୍ତନ କରାଯାଇଛି। ଜନସାଧାରଣ ଯେପରି ସହଜରେ ଅଭିଯୋଗ ଦାଖଲ କରିପାରିବେ, ତାହାକୁ ଦୃଷ୍ଟିରେ ରଖି ଓଡ଼ିଶା ଲୋକାୟୁକ୍ତ(ଅଭିଯୋଗ ଦାଖଲ ପଦ୍ଧତି) ସଂଶୋଧନ ଅଧିନିୟମ,୨୦୨୨ ବା ଓଡ଼ିଶା ଲୋକାୟୁକ୍ତ (ପ୍ରୋସିଜିଓର ଅଫ୍ ଫିଲିଙ୍ଗ କମ୍ପ୍ଲେଣ୍ଟ) ଆମେଣ୍ଡମେଣ୍ଟ ରୁଲସ୍, ୨୦୨୨) ଦ୍ୱାରା ପୂର୍ବରୁ ବ୍ୟବହୃତ ଫର୍ମରେ ଆବଶ୍ୟକ ପରିବର୍ତ୍ତନ କରାଯାଇଛି। ପରିବର୍ତ୍ତିତ ଫର୍ମାଟ୍ ଲୋକାୟୁକ୍ତଙ୍କ କାର୍ଯ୍ୟାଳୟ, ଓଡ଼ିଶା ୱେବ୍ ସାଇଟ୍ www.lokaukta.odisha.gov.inରେ ଅପ୍‌ଲୋଡ୍ କରାଯାଇଥିବା ଲୋକାୟୁକ୍ତଙ୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ।



ଭୁବନେଶ୍ୱରସ୍ଥିତ ବି.କେ. କଲେଜ ଅଫ୍ ଆର୍ଟ ଆଣ୍ଡ କ୍ରାଫ୍ଟର ବାର୍ଷିକ ଚିତ୍ରକଳା ପ୍ରଦର୍ଶନୀର ବୁଧବାର ଉଦ୍‌ଘାଟନ ଅବସରରେ ଅଦରକାରୀ ସାମଗ୍ରୀରେ ତିଆରି ଏକ ଭାସ୍କର୍ଯ୍ୟକୃତିକୁ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଓ ଅନ୍ୟ ଅତିଥିମାନେ ଦେଖୁଛନ୍ତି।

# ଜମିବାଡ଼ି ବିବାଦରୁ ଦମ୍ପତିଙ୍କୁ ଏସିଡ୍ ମାଡ଼

## ଗୁରୁତର ଅବସ୍ଥାରେ କଟକ ଡାକ୍ତରଖାନାରେ ଭର୍ତ୍ତି

ପଦ୍ମପୁର, ୩।୮(ଡି.ଏନ.ଏ.)

ଜମିବାଡ଼ି ବିବାଦକୁ ନେଇ ବୁଧବାର ଏକ ଦମ୍ପତିଙ୍କୁ ତାଙ୍କ ପଡ଼ୋଶୀ ଏସିଡ୍ ମାଡ଼ କରିଛନ୍ତି। ଏଭଳି ଅଭାବନୀୟ ଘଟଣା ଘଟିଛି ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ରାଜଘରପୋଖରୀ ଗ୍ରାମରେ। ଗୁରୁତର ଅବସ୍ଥାରେ ଉକ୍ତ ଦମ୍ପତିଙ୍କୁ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେମାନେ ହେଲେ ଗ୍ରାମର ଶୈଳେନ୍ଦ୍ର ନାୟକ ଓ ତାଙ୍କ ସ୍ତ୍ରୀ ସରସ୍ୱତୀ।

ସୂଚନା ଅନୁଯାୟୀ, ଶୈଳେନ୍ଦ୍ର ଓ ପଡ଼ୋଶୀ ବିଜୟ ସାହୁଙ୍କ ପରିବାର ମଧ୍ୟରେ ଜମିବାଡ଼ି ବିବାଦକୁ ନେଇ ଗଣ୍ଡଗୋଳ ଲାଗିରହିଥିଲା। ବୁଧବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଶୈଳେନ୍ଦ୍ର ଓ ସରସ୍ୱତୀ ଉକ୍ତ ଜମିରେ ବାଡ଼ ଘେରାଉଥିଲେ। ଏହି ସମୟରେ ସେଠାରେ ଲୁଚି ରହିଥିବା ବିଜୟ ସେମାନଙ୍କ ଉପରକୁ ଏସିଡ୍ ଫିଙ୍ଗିଥିଲେ ବୋଲି ଉକ୍ତ ଦମ୍ପତି ପ୍ରକାଶ କରିଛନ୍ତି। ଉଭୟଙ୍କ ମୁହଁରେ ଏସିଡ୍ ପଡ଼ିବାରୁ ସେମାନେ ଚିତ୍କାର କରି ତଳେ ପଡ଼ିଯାଇଥିଲେ। ପରିବାର ଲୋକେ ଓ ଅନ୍ୟମାନେ ସେଠାରେ ପହଞ୍ଚି ଉଭୟଙ୍କୁ ଗୁରୁତର ଅବସ୍ଥାରେ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଏନେଇ ଶୈଳେନ୍ଦ୍ରଙ୍କ ପରିବାର ପକ୍ଷରୁ ସନ୍ଧ୍ୟାରେ ନାୟକାଣିଡିହୀ ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଶୈଳେନ୍ଦ୍ରଙ୍କ ଝିଅ ଗୀତାଞ୍ଜଳିଙ୍କ ଅଭିଯୋଗ କ୍ରମେ ଥାନାରେ ଏକ ମାମଲା (ନଂ.୧୮୪/୨୨) ରୁଜୁ କରାଯାଇଛି। ଘଟଣା ପରଠାରୁ ବିଜୟ ଫେରାର ଅଛନ୍ତି ବୋଲି ତଦନ୍ତକାରୀ ଅଧିକାରୀ ଏଏସ୍‌ଆଇ ଦେବେନ୍ଦ୍ର କୁମାର ମୁର୍ମୁ କହିଛନ୍ତି।

# ୧୧୫ ପୌରସଂସ୍ଥାରେ ୪୫,୦୦୦ ପ୍ରକଳ୍ପ

## 'ମୁକ୍ତା' ପ୍ରଫେଶନାଲ୍‌ଙ୍କ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ କର୍ମଶାଳା ଉଦ୍‌ଘାଟିତ




ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ ଉଦ୍‌ବୋଧନ ଦେଉଛନ୍ତି।

ଭୁବନେଶ୍ୱର,୩।୮(ବ୍ୟୁରୋ)

ରାଜ୍ୟର ବିଭିନ୍ନ ପୌରସଂସ୍ଥାରେ ନିୟୋଜିତ ମୁଖ୍ୟମନ୍ତ୍ରୀ କର୍ମତତ୍ପର ଅଭିଯାନ (ମୁକ୍ତା) ପ୍ରଫେଶନାଲଙ୍କ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ କର୍ମଶାଳା ବୁଧବାର ଲୋକସେବା ଭବନ କନ୍‌ଭେନ୍‌ଶନ୍ ହଲ୍‌ଠାରେ ଉଦ୍‌ଘାଟିତ ହୋଇଛି। ଏହାକୁ ଉଦ୍‌ଘାଟନ କରି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ କହିଲେ, କୋଭିଡ୍-୧୯ ମହାମାରୀ ଦ୍ୱାରା ପ୍ରଭାବିତ ସହରାଞ୍ଚଳର ଆର୍ଥିକ ଅନଗ୍ରସର ତଥା ପ୍ରବାସୀ ଶ୍ରମଜୀବୀଙ୍କ ପାଇଁ ବ୍ୟାପକ ସାମାଜିକ ସୁରକ୍ଷା ଓ ନିଯୁକ୍ତି ସୁଯୋଗ ଯୋଗାଇଦେବା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ କର୍ମତତ୍ପର ଅଭିଯାନ (ମୁକ୍ତା)ର ଶୁଭାରମ୍ଭ କରାଯାଇଥିଲା। ଗତ ୨୮ ମାସ ମଧ୍ୟରେ 'ମୁକ୍ତା' କାର୍ଯ୍ୟକ୍ରମ ଜରିଆରେ ରାଜ୍ୟର ସମସ୍ତ ୧୧୫ ପୌରସଂସ୍ଥାରେ ୩୫୦ କୋଟି ଟଙ୍କା ବ୍ୟୟରେ ୪୫,୦୦୦ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଛି। ମୋଟ୍ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତି-ଶ୍ରମ ଦିବସ ସୃଷ୍ଟି କରାଯିବା ଫଳରେ ପ୍ରାୟ ୬ ଲକ୍ଷ ସହରାଞ୍ଚଳ ପ୍ରବାସୀ ଶ୍ରମଜୀବୀ ଉପକୃତ ହୋଇପାରିଛନ୍ତି। ସେମାନଙ୍କ ମଧ୍ୟରେ ୪୦% ମହିଳା ହିତାଧିକାରୀ ଅଛନ୍ତି। 'ମୁକ୍ତା' କାର୍ଯ୍ୟକ୍ରମ ଅଧୀନରେ 'ବୃଷ୍ଟି ଜଳକୁ ଧରି ରଖ' ଅଭିଯାନ ଅନ୍ତର୍ଗତ ୩୬,୦୦୦ ବୃଷ୍ଟି ଜଳ ଅମଳ ଢାଞ୍ଚା ନିର୍ମାଣ ଶେଷ ହୋଇଛି। ପ୍ରାୟ ୧୮,୦୦୦ ମିଶନ ଶକ୍ତି ଗୋଷ୍ଠୀ ତଥା ବସ୍ତିବାସିନ୍ଦା ସଂଘସମୂହ 'ମୁକ୍ତା' କାର୍ଯ୍ୟକ୍ରମର ସଫଳ ରୂପାୟନରେ ସହଭାଗୀ ଭୂମିକା ତୁଲାଇ ୪୫,୦୦୦ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହୋଇଛି।

ନଗର ଉନ୍ନୟନ ପ୍ରମୁଖ ସଚିବ ଜି. ମାଥିଭାଥନନ୍ କହିଥିଲେ, କୋଭିଡ୍ ପରିସ୍ଥିତିର ମୁକାବିଲା ପାଇଁ ୨୦୨୦ ଏପ୍ରିଲ୍ ୧୮ରେ ଆରମ୍ଭ ହୋଇଥିବା ଏହି ଅଭିଯାନ ଦେଶରେ ନିଆଯାଇଥିବା ଜୀବିକା ସୁରକ୍ଷା ପଦକ୍ଷେପ ମଧ୍ୟରେ ସର୍ବପ୍ରଥମ। ପୌର ପ୍ରଶାସନ ନିର୍ଦ୍ଦେଶକ ସଂଗ୍ରାମ୍‌ଜିତ ନାୟକ, ରାଜ୍ୟ ସହରାଞ୍ଚଳ ବିକାଶ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସାରଦା ପ୍ରସାଦ ପଣ୍ଡା 'ମୁକ୍ତା' କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ପ୍ରାସଙ୍ଗିକତା ସମ୍ପର୍କରେ ଆଲୋକପାତ କରିଥିଲେ। ଅତିରିକ୍ତ ଶାସନ ସଚିବ ଦୁର୍ଗେଶ ନନ୍ଦିନୀ ସାହୁ ଧନ୍ୟବାଦ ଦେଇଥିଲେ। ପ୍ରଶିକ୍ଷଣ କର୍ମଶାଳାରେ ୩୪୫ ଜଣ 'ମୁକ୍ତା' ପ୍ରଫେଶନାଲ ଅଂଶଗ୍ରହଣ କରିଥିଲେ।

# ସାଙ୍ଗ ସ୍ତ୍ରୀଙ୍କୁ ବଳାତ୍କାର ପରେ ହତ୍ୟା

ଢେଙ୍କିକୋଟ,୩।୮(ଡି.ଏନ.ଏ.)

କେନ୍ଦୁଝର ଜିଲା ଘଟଗାଁ ଥାନା ଢେଙ୍କିକୋଟ ଫାଣ୍ଡି ଅଞ୍ଚଳରେ ଏକ ଚାଞ୍ଚଲ୍ୟକର ହତ୍ୟାକାଣ୍ଡ ଘଟିଛି। ବିଶ୍ୱାସରେ ବିଷ ଦେଇ ଜଣେ ବ୍ୟକ୍ତି ତାଙ୍କ ସାଙ୍ଗଙ୍କ ସ୍ତ୍ରୀଙ୍କୁ ବଳାତ୍କାର ପରେ ଜୀବନରୁ ମାରିଦେଇଥିବା ଅଭିଯୋଗ ହୋଇଛି। ନୃଶଂସ ବ୍ୟକ୍ତିଜଣକ ମୃତ ମହିଳାଙ୍କ ସହ ଶାରୀରିକ ସମ୍ପର୍କ ରଖିବା ପରେ ତାଙ୍କ ଯୌନାଙ୍ଗରେ ଶାଳ ବେଣ୍ଟ ପୂରାଇଦେଇଥିବା ଅଭିଯୋଗରେ ଦର୍ଶାଯାଇଛି। ଏନେଇ ପୋଲିସ ଏକ ହତ୍ୟା ମାମଲା (ନଂ.୧୫୨/୨୨) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଖାଳିଆବେଡ଼ା ଗ୍ରାମର ପୁରସ୍ତମ ନାୟକ।

# ଆଇଟିଆଇ ଛାତ୍ରଙ୍କୁ ମାଡ଼ ଅଭିଯୋଗ

- ନ୍ୟାୟ ପାଇଁ ରାତିରେ ଚାଲିଲେ ୩୦ କି.ମି
- ଅଧ୍ୟକ୍ଷଙ୍କ ସମେତ ୨ ଗିରଫ

ବାରିପଦା ଅଫିସ, ୩।୮

ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଅଧୀନ ବାଇଗଣବାଡ଼ିଆସ୍ଥିତ ଏକ ଘରୋଇ ବୈଷୟିକ ଶିକ୍ଷାନୁଷ୍ଠାନରେ ଆଦିବାସୀ ଛାତ୍ରମାନଙ୍କୁ ଅକଥନୀୟ ନିର୍ଯାତନା ଦେଇ ତଡ଼ି ଦିଆଯିବା ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ନ୍ୟାୟ ପାଇଁ ସେମାନେ ରାତିରେ ୩୦କି.ମି. ଚାଲି ଚାଲି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ବୁଧବାର ଧାରଣା ଦେଇଥିଲେ। ଅତିରିକ୍ତ ଜିଲାପାଳ ରୁଦ୍ରନାରାୟଣ ମହାନ୍ତି ଓ ଟାଉନ ଥାନା ଅଧିକାରୀ ବୀରେନ୍ଦ୍ର ସେନାପତି ପ୍ରମୁଖ ଉତ୍ତ୍ୟକ୍ତ ଛାତ୍ରମାନଙ୍କୁ ବୁଝାଶୁଝା କରିବା ପରେ ସେମାନେ ଧାରଣାରୁ ଉଠିଥିଲେ। ଏହି ଘଟଣାରେ କୁଳିଅଣା ପୋଲିସ ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷ ତ୍ରିଲୋଚନ ଗିରି ଓ ଶିକ୍ଷକ ସତ୍ୟଜିତ ଗିରିଙ୍କୁ ଗିରଫ କରିଛି। ଅଭିଯୋଗ ଅନୁଯାୟୀ, ଉକ୍ତ ବୈଷୟିକ ଶିକ୍ଷାନୁଷ୍ଠାନରେ ଆଦିବାସୀ ଛାତ୍ରମାନେ ବର୍ଷେ ହେଲା ଇଲେକ୍ଟ୍ରିକାଲ ଓ ଫିଟର ଟ୍ରେଡ୍‌ରେ ଅଧ୍ୟୟନ କରୁଥିଲେ। ପରୀକ୍ଷା ପାଇଁ ଆସିଥିବା ଆଡ୍‌ମିଟ କାର୍ଡରେ ଟ୍ରେଡ୍ ବଦଳିଯାଇଥିବା ଦେଖିବାକୁ ପାଇଥିଲେ। ଏହାର ପ୍ରତିବାଦ କରିବାରୁ ଶିକ୍ଷାନୁଷ୍ଠାନ ପରିଚାଳକ, ଶିକ୍ଷକ ଓ ଅଧ୍ୟକ୍ଷଙ୍କ ଭାଇ ଛାତ୍ରମାନଙ୍କୁ ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

**Fellowship on IOL & Anterior Segment**

**MNC-LEPRA Society** is looking for candidates having certificate on MS (Optha), DNB or Diploma in Ophthalmology for fellowship programme of one & half year duration. Selected candidates will get attractive stipend with other facilities as per Lepra HR rule. Interested candidates are invited to send updated resume & testimonials to the below mentioned address on or before 31st Aug. 2022.

**To**
**Medical Superintendent**
**MNC-Lepra Society**
**Pandapali, Birmaharajpur,**
**Subarnapur, Odisha**
**767018**
**Mail- debendra@leprahealthinaction.in**
**Mob-9437198482**

**ପରାମର୍ଶଦାତାଙ୍କ ପୁନଃ ନିଯୁକ୍ତି (ଜମି ଅଧିଗ୍ରହଣ)**

ନଂ. ଏସ୍‌ଇଆର/ସିଓଏନ୍/ଏଚ୍‌କ୍ୟୁ/ଇଏନ୍/୦୧ଏ/୨୦୨୨ ତାରିଖ: ୦୩।୦୮।୨୦୨୨

ଦକ୍ଷିଣ ପୂର୍ବ ରେଳପଥ, ଭାରତ ସରକାର, ନିର୍ମାଣ ସଂଗଠନ, ରେଳ ମନ୍ତ୍ରଣାଳୟ, ଦକ୍ଷିଣ ପୂର୍ବ ରେଳପଥ/ନିର୍ମାଣରେ ୨ (ଦୁଇ) ଗୋଟି (ଗୋଟିଏ ପଦବୀ ଓଡ଼ିଶା ଅଞ୍ଚଳ ଏବଂ ଗୋଟିଏ ପଦବୀ ଝାଡ଼ଖଣ୍ଡ ଅଞ୍ଚଳ ପାଇଁ) ପରାମର୍ଶଦାତା (ଜମି ଅଧିଗ୍ରହଣ) ପଦବୀ ପୂରଣ କରିବା ଲାଗି ଅବସରପ୍ରାପ୍ତ ରାଜ୍ୟ ସରକାରୀ ଅଧିକାରୀମାନଙ୍କଠାରୁ ପୁନଃ ନିଯୁକ୍ତି ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛି, ଯାହା ନିୟମ ଓ ସର୍ତ୍ତାବଳୀ, ଚୁକ୍ତିମୂଳକ ପାରିଶ୍ରମିକ ଏବଂ ଯୋଗ୍ୟତା ପୂରଣ ଉପରେ ନିର୍ଭର କରିବ । ଓଡ଼ିଶା ଏବଂ ଝାଡ଼ଖଣ୍ଡର ଭୂ-ରାଜସ୍ୱ ବିଭାଗରେ କାର୍ଯ୍ୟର ଅଭିଜ୍ଞତା ସହିତ ଅବସର ଗ୍ରହଣ କରିଥିବା ଅଧିକାରୀମାନେ ସମ୍ପୃକ୍ତ ରାଜ୍ୟର ପଦବୀ ପାଇଁ ଆବେଦନ କରିପାରିବେ । ଅଧିସୂଚନା ସମେତ ନିୟମ ଏବଂ ସର୍ତ୍ତାବଳୀ ଏବଂ ଦରଖାସ୍ତ ପ୍ରୋଫର୍ମା ଦକ୍ଷିଣ ପୂର୍ବ ରେଳପଥର ୱେବ୍‌ସାଇଟ୍ **www.ser.indianrailways.gov.in** (News & Updates)ରେ ଉପଲବ୍ଧ । ଦରଖାସ୍ତ ବରିଷ୍ଠ କାର୍ମିକ ଅଧିକାରୀ (ନିର୍ମାଣ)ଙ୍କ ନିକଟକୁ ମୁଖ୍ୟ ପ୍ରଶାସନିକ ଅଧିକାରୀ/ନିର୍ମାଣ, ଦକ୍ଷିଣ ପୂର୍ବ ରେଳପଥଙ୍କ କାର୍ଯ୍ୟାଳୟ, ୧୧, ଗାର୍ଡେନ୍ ରିଚ୍ ରୋଡ୍, କୋଲକାତା-୭୦୦୦୪୩ ଠିକଣାରେ ପଠାଯିବ । ଆବେଦନକାରୀଙ୍କ ଆବେଦନକୁ ସମ୍ପୂର୍ଣ୍ଣ ରୂପେ ପ୍ରଶାସନିକ ଆବଶ୍ୟକତା ଆଧାରରେ ତଥା ପ୍ରଶାସନର ନିଷ୍ପତ୍ତିରେ ଗ୍ରହଣ କରାଯିବ । **ଦରଖାସ୍ତ ପ୍ରାପ୍ତିର ଶେଷ ତାରିଖ ହେଉଛି ୧୮।୦୮।୨୦୨୨** । ଅଧିକନ୍ତୁ, ଶୁଦ୍ଧିପତ୍ର କିମ୍ବା ଯୋଗପତ୍ର କିମ୍ବା ବାତିଲକରଣ, ଯଦି ଥାଏ, କେବଳ ଉପରୋକ୍ତ ୱେବ୍‌ସାଇଟ୍‌ରେ ପ୍ରକାଶିତ ହେବ । ଦୟାକରି ସମୟ ସମୟରେ ଆମର ୱେବ୍‌ସାଇଟ୍ ଦେଖନ୍ତୁ ।

PR-431 **ମୁଖ୍ୟ ପ୍ରଶାସନିକ ଅଧିକାରୀ/ନିର୍ମାଣ, ଗାର୍ଡେନ୍ ରିଚ୍**

**ଦକ୍ଷିଣ ପୂର୍ବ ରେଳପଥ**
ଆମେ ହର୍ଷର ସହ ସେବା କରୁ

# ଜୟପୁର, ଉତ୍କେଳା ବିମାନବନ୍ଦର ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ଦାବିକଲେ ମାନସ ମଙ୍ଗରାଜ

ଭୁବନେଶ୍ୱର,୩।୮(ବ୍ୟୁରୋ)

କୋରାପୁଟ ଜିଲାର ଜୟପୁର ଓ କଳାହାଣ୍ଡିର ଉତ୍କେଳା ଏୟାରପୋର୍ଟକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ବିଜେଡି ରାଜ୍ୟ ସଭା ସଦସ୍ୟ ମାନସ ରଞ୍ଜନ ମଙ୍ଗରାଜ ଦାବି କରିଛନ୍ତି। ସଂସଦରେ ସ୍ୱତନ୍ତ୍ର ଆଲେଖ୍ୟ ଜରିଆରେ ଏହି ପ୍ରସଙ୍ଗ ଉଠାଇ ସେ କହିଥିଲେ, ୨୦୧୭ରେ ମାଓବାଦୀ ଅଧ୍ୟୁଷିତ କୋରାପୁଟ ଓ କଳାହାଣ୍ଡିରେ ୨ଟି ବିମାନବନ୍ଦର ପାଇଁ ଯୋଜନା ହୋଇଥିଲା। ସେହି ଅନୁସାରେ ଜୟପୁର ଓ ଉତ୍କେଳା ଏୟାରପୋର୍ଟକୁ ଉଡାନ ଯୋଜନାରେ ସାମିଲ କରାଯାଇଥିଲା। ବହୁ ଦାବି ପରେ ୨୦୨୦ରେ କାମ ଆରମ୍ଭ ହୋଇଥିଲା। ଏହି ୨ ବିମାନବନ୍ଦର ସହ ଝାରସୁଗୁଡ଼ା ବିମାନବନ୍ଦରର କାମ ଆରମ୍ଭ ହୋଇଥିଲା। ଝାରସୁଗୁଡ଼ା ବିମାନବନ୍ଦର କାର୍ଯ୍ୟକ୍ଷମ ହୋଇସାରିଥିବାବେଳେ ଜୟପୁର ଓ ଉତ୍କେଳା ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଫଳରେ ଉକ୍ତ ଅଞ୍ଚଳର ଲୋକଙ୍କ ଦୀର୍ଘବର୍ଷର ସ୍ୱପ୍ନ ସାକାର ହୋଇପାରୁନି। ଏଥିସହ ଏହି ଦୁଇ ଜିଲା ମାଓବାଦୀ ପ୍ରଭାବିତ ହୋଇଥିବାରୁ ଉକ୍ତ ୨ ବିମାନବନ୍ଦରକୁ ଯଥାଶୀଘ୍ର କାର୍ଯ୍ୟକ୍ଷମ କରାଇବାକୁ ମଙ୍ଗରାଜ ଦାବି କରିଛନ୍ତି।

# ବଜ୍ରପାତରେ ୨ ଯାଆଙ୍କ ମୃତ୍ୟୁ

**କୋଟପାଡ଼, ୩।୮(ଡି.ଏନ୍.ଏ.):** ଜମିରେ କାମ କରୁଥିବାବେଳେ ବଜ୍ରପାତ ଘଟି ବୁଧବାର ୨ ଯାଆଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ କୋରାପୁଟ ଜିଲା କୋଟପାଡ଼ ବ୍ଲକ ବତାଶନା ପଞ୍ଚାୟତ ପୋଟ୍ରୋଗୁଡାର ପର୍ଶୁରାମ ସମରଥଙ୍କ ସ୍ତ୍ରୀ ଦୟମତି (୩୨)ଓ ମୁନି ସମରଥଙ୍କ ସ୍ତ୍ରୀ କୋମଳା (୩୫)।

ଏବେ ଧାନରୁଆ କାମ ଜୋର୍‌ସୋର୍ ଆଗେଇଛି। ବୁଧବାର ଦୟମତି ଓ କୋମଳା କେତେଜଣ ମହିଳାଙ୍କ ସହ ଜମିରେ ରୁଆ କାମ କରୁଥିଲେ। ଏହି ସମୟରେ ପ୍ରବଳ ବର୍ଷା ହୋଇଥିଲା। ମହିଳାମାନେ ଦୌଡ଼ି ନିକଟସ୍ଥ ଏକ କୁଡ଼ିଆକୁ ଯିବାବେଳେ ହଠାତ୍ ବଜ୍ରପାତ ହୋଇଥିଲା। ଏଥିରେ ଘଟଣାସ୍ଥଳରେ କୋମଳାଙ୍କ ମୃତ୍ୟୁ ହୋଇଥିବାବେଳେ ଦୟମତି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କ ପରିବାରକୁ ସୂଚନା ଦେବା ମଧ୍ୟରେ ଦୟମତିଙ୍କର ମୃତ୍ୟୁ ହୋଇଥିଲା। କୋଟପାଡ଼ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ପରୀକ୍ଷାମୂଳକ ଭାବେ ଭୁବନେଶ୍ୱରରୁ ଜୟପୁର ବିମାନ ଚଳାଚଳ



**ଜୟପୁର, ୩।୮(ନି.ପ୍ର.):** ପରୀକ୍ଷାମୂଳକ ଭାବେ ବୁଧବାର ୯ ସିଟ୍‌ବିଶିଷ୍ଟ ବିମାନ ଭୁବନେଶ୍ୱରରୁ ଜୟପୁରକୁ ଉଡ଼ାଣ ଭରିଛି। ସେହିପରି ଏୟାରପୋର୍ଟ ଭିତ୍ତିଭୂମିରେ କିଛି ତ୍ରୁଟି ଥିବା କଥା ଏହି ପରୀକ୍ଷା ମୂଳକ ଉଡ଼ାଣବେଳେ ସାମ୍ନାକୁ ଆସିଛି। ତ୍ରୁଟି ସୁଧାରିବା ପରେ ନିୟମିତ ବିମାନସେବା ଏଠାରୁ ଆରମ୍ଭ ହୋଇପାରିବ ବୋଲି ସୂଚନା ମିଳିଛି।

ବୁଧବାର ଘରୋଇ ଇଣ୍ଡିଆ ୱାନ୍ ଏୟାରର ୪ ଜଣ ଅଧିକାରୀ ୯ ସିଟ୍‌ବିଶିଷ୍ଟ ବିମାନରେ ଭୁବନେଶ୍ୱରରୁ ଦିନ ୧୦ଟାରେ ଉଡ଼ାଣ ଭରି ଜୟପୁରରେ ୧୧.୩୫ରେ ପହଞ୍ଚିଥିଲେ। ସେହିପରି ମଧ୍ୟାହ୍ନ ୧୨.୩୦ରେ ଉକ୍ତ ବିମାନ ଜୟପୁର ବିମାନବନ୍ଦରରୁ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଥିଲା। ତେବେ ଏଠାରେ ଭିତ୍ତିଭୂମିର ସୁଧାର ପରେ ହିଁ ନିୟମିତ ଯାତ୍ରୀସେବା ଆରମ୍ଭ ହୋଇପାରିବ ବୋଲି ଜୟପୁର ଏୟାରପୋର୍ଟ ମ୍ୟାନେଜର ଉପେନ୍ଦ୍ର କୁମାର ମିଶ୍ର ଓ ଜୟପୁର ଉପଜିଲାପାଳ କହିଛନ୍ତି। କେତେଜଣ ଯାତ୍ରୀ ଟିକେଟ ଆଶାରେ ଏୟାରପୋର୍ଟକୁ ଆସିଥିଲେ। ହେଲେ ଯାତ୍ରୀସେବା ଆରମ୍ଭ ହୋଇ ନ ଥିବା ଜାଣି ଫେରିଯାଇଥିଲେ। ଉଡାନ ଯୋଜନାରେ ଜୟପୁର ଏୟାରଷ୍ଟ୍ରିପ୍‌କୁ କେନ୍ଦ୍ର ସରକାର ସାମିଲ କରି ଏହାକୁ ନିୟମିତ ଏୟାରପୋର୍ଟରେ ରୂପାନ୍ତରିତ କରିଛନ୍ତି। ପ୍ରଥମେ ୯ ସିଟ୍‌ବିଶିଷ୍ଟ ଉଡ଼ାଜାହାଜର ଯାତ୍ରୀସେବା ଆରମ୍ଭ ହେବାକୁ ଥିବାବେଳେ ପରବର୍ତ୍ତୀ ସମୟରେ ଏଠାରୁ ୭୨ ସିଟ୍‌ବିଶିଷ୍ଟ ବିମାନସେବା ଆରମ୍ଭ କରାଯିବ।

# କୁଚିଣ୍ଡା, ବଲାଙ୍ଗୀରରେ ଖୋଲିବ ଆଇଟିଆଇ

**ଭୁବନେଶ୍ୱର, ୩।୮(ବ୍ୟୁରୋ):** ସମ୍ବଲପୁରର କୁଚିଣ୍ଡା ଓ ବଲାଙ୍ଗୀରର ପାଟଣାଗଡ଼ଠାରେ ୨ଟି ନୂତନ ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନ (ଆଇଟିଆଇ) ଖୋଲାଯିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଘୋଷଣା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହାଦ୍ୱାରା ଏହି ଜନଜାତି ବହୁଳ ଅଞ୍ଚଳର ଯୁବ ସମାଜ ବିଶେଷ ଉପକୃତ ହେବେ। କୁଚିଣ୍ଡାରେ ନୂଆ ସରକାରୀ ଆଇଟିଆଇ ପ୍ରତିଷ୍ଠା ଦ୍ୱାରା କୁଚିଣ୍ଡା ବାମରା ଓ ଜମନକିରା ବ୍ଲକର ଯୁବସମାଜ ଉପକୃତ ହେବେ। ନିଯୁକ୍ତି ତଥା ଆତ୍ମନିଯୁକ୍ତିର ସୁଯୋଗ ଥିବା ୪ ଟ୍ରେଡ୍‌ରେ ଏଠାରେ ୨୪୦ ପ୍ରଶିକ୍ଷାର୍ଥୀଙ୍କୁ ତାଲିମ ମିଳିବ। ସମ୍ବଲପୁର ଆଖପାଖରେ ଅନେକ ଶିକ୍ଷାନୁଷ୍ଠାନ ଗଢି ଉଠୁଥିବାରୁ ଏହା ଛାତ୍ରୀଛାତ୍ରମାନଙ୍କ ପାଇଁ ବିପୁଳ ଓ ଆତ୍ମନିଯୁକ୍ତିର ସୁଯୋଗ ମଧ୍ୟ ସୃଷ୍ଟି ହେବ। ସେହିପରି ବଲାଙ୍ଗୀରର ପାଟଣାଗଡ଼ଠାରେ ପ୍ରତିଷ୍ଠିତ ଆଇଟିଆଇରେ ମଧ୍ୟ ୪ଟି ଟ୍ରେଡ୍‌ରେ ୨୪୦ ପିଲା ଶିଳ୍ପ ତାଲିମ ପାଇପାରିବେ। ବୃତ୍ତିଗତ ତାଲିମ ବ୍ୟବସ୍ଥା ଦ୍ୱାରା ବ୍ଲକ୍‌ର ଯୁବତୀଯୁବକମାନଙ୍କ ଦକ୍ଷତା ବୃଦ୍ଧି ହେବା ସହିତ ନିଯୁକ୍ତି/ଆତ୍ମନିଯୁକ୍ତିର ସୁଯୋଗ ସୃଷ୍ଟିରେ ସହାୟକ ହେବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟର ୩୧୪ ବ୍ଲକ୍ ମଧ୍ୟରୁ ୨୫୧ଟିରେ ସରକାରୀ/ବେସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନ (ଆଇଟିଆଇ) ରହିଛି। ସେହିପରି ୫୮ ସବ୍‌ଡିଭିଜନ ମଧ୍ୟରୁ ୪୮ରେ ଆଇଟିଆଇ ରହିଛି। ସ୍କିଲ୍‌ଡ ଇନ୍ ଓଡ଼ିଶା କାର୍ଯ୍ୟକ୍ରମ ଜରିଆରେ ରାଜ୍ୟର ଯୁବତୀଯୁବକମାନେ ବିଭିନ୍ନ ସରକାରୀ ଶିଳ୍ପତାଲିମ ପ୍ରତିଷ୍ଠାନରେ ତାଲିମ ନେଇ ନିଜର ଦକ୍ଷତା ଦ୍ୱାରା ଓଡ଼ିଶା ପାଇଁ ନୂଆ ପରିଚୟ ସୃଷ୍ଟି କରିପାରିଛନ୍ତି।



> ସାଧାରଣ ଜୀବନଟି ହେଉଛି–ବହୁବିଧ ଆକାଂକ୍ଷା ଓ ପ୍ରଲୋଭନର ଗୋଟିଏ ଗତାନୁଗତିକ ପରିକ୍ରମା। ଯେତେଦିନ ପର୍ଯ୍ୟନ୍ତ ବ୍ୟକ୍ତି ତହିଁରେ ବ୍ୟସ୍ତ ରହିଥାଏ, ସେତେଦିନ ପର୍ଯ୍ୟନ୍ତ ତା'ର କୌଣସି ସ୍ଥାୟୀ ଅଗ୍ରଗତି ହୁଏ ନାହିଁ। –ଶ୍ରୀମା

# ସ୍ୱଦେଶ ତ୍ୟାଗର ଭୟଙ୍କର ସ୍ଥିତି



କେଣ୍ଟ୍ ହାରିଙ୍ଗ୍‌ଟନ

ପ୍ରାଚୀନ ଖ୍ରୀଷ୍ଟିଆନ ବାଇବେଲ ସମୟରୁ ଲୋକେ ସ୍ୱଦେଶ ତ୍ୟାଗ କରି ଆସୁଛନ୍ତି। ବିଂଶ ଶତାବ୍ଦୀରେ ଜାତିଗତ ଗଣହତ୍ୟା, ବୋଲ୍‌ସେଭିକ ବିପ୍ଳବ ଏବଂ ହିଟଲରଙ୍କ ଯୋଗୁ ଇହୁଦୀମାନେ ଦେଶ ଛାଡି ପଳାୟନ କରିବା, ଦକ୍ଷିଣ ଆମେରିକାରେ ଜାତିଗତ ବାଛବିଚାର ଯୋଗୁ ଆଫ୍ରିକୀୟ-ଆମେରିକୀୟମାନେ ଦେଶ ଛାଡିବା ଏବଂ ଏକ ଯୁଦ୍ଧ ବିଧ୍ୱସ୍ତ ଦେଶରୁ ଭିଏତ୍‌ନାମର ଲୋକମାନେ ପଳାୟନ କରିବା ଘଟଣାରେ ବିଶ୍ୱ ସାକ୍ଷୀ ହୋଇ ରହିଛି। କିନ୍ତୁ ଚଳିତ ଶତାବ୍ଦୀରେ ସିରିଆନ, ଇରାକୀ ଓ ଆଫ୍‌ଗାନଙ୍କ ସମେତ ଘାତକ ଜାତିଗତ ସଂଘର୍ଷ କାରଣରୁ ସାଲଭାଡୋରାନ୍, ଗୁଏଟମାଲାନ୍ ଏବଂ ଦାରିଦ୍ର୍ୟ ଓ ହିଂସା ଯୋଗୁ ହୋଣ୍ଡୁରାନ୍‌ମାନେ ଦେଶ ଛାଡ଼ି ଅନ୍ୟତ୍ର ଚାଲିଯାଇଛନ୍ତି। ଏବେ ୟୁରୋପ ଏବଂ ଅନ୍ୟ ଦେଶଗୁଡ଼ିକରେ ଅନେକ ଲକ୍ଷ ୟୁକ୍ରେନୀୟ ପହଞ୍ଚିଛନ୍ତି। ତେବେ ଦେଶ ଛାଡ଼ି ପଳାୟନ କରିବା କେତେକ ଦେଶ ପାଇଁ ନୂଆ ନୁହେଁ। ଗୋଟିଏ ଦେଶର ଶତାବ୍ଦୀର ତିନି ଚତୁର୍ଥାଂଶ ଅବଧିରେ ଷ୍ଟାଲିନଙ୍କ ଏନ୍‌କେଭିଡି ଏବଂ ତାଙ୍କ ପରେ ସୁରକ୍ଷା ଏଜେନ୍ସି କେଜିବି ଦେଶ ଛାଡିଥିବା ଋଷୀୟମାନଙ୍କୁ ନିରୀକ୍ଷଣ କରିଥିଲେ। ସେମାନେ ସୃଷ୍ଟି କରୁଥିବା ସମ୍ଭାବ୍ୟ ବିପଦକୁ ନେଇ ଲଗାତର ଚିନ୍ତିତଥିଲେ। ବର୍ତ୍ତମାନ ଋଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କ ସିକ୍ୟୁରିଟି ସର୍ଭିସ ଏଫ୍‌ଏସ୍‌ବି ସେହି ଧାରା ଜାରି ରଖିଛି। ଏଫ୍‌ଏସ୍‌ବିର ଏବକାର ଆକଳନରୁ ଜଣାପଡ଼ିଛି ଯେ,ପାଖାପାଖି ୪୦ ଲକ୍ଷ ଋଷୀୟ ଚଳିତ ବର୍ଷର ପ୍ରଥମ ତିନି ମାସରେ ଦେଶ ଛାଡ଼ିଛନ୍ତି। ଚଳିତ ବର୍ଷ ଯେତେ ସଂଖ୍ୟାରେ ଋଷୀୟ ଦେଶ ଛାଡିଛନ୍ତି ତାହା ଏକ ଦୃଷ୍ଟି ଆକର୍ଷଣକାରୀ ବିଷୟ। ୨୦୨୧ର ପ୍ରଥମ ତିନି ମାସ ତୁଳନାରେ ଜର୍ଜିଆ ଏବଂ ତାଜିକସ୍ତାନ ପହଞ୍ଚିଥିବା ଋଷୀୟଙ୍କ ସଂଖ୍ୟା ପାଞ୍ଚଗୁଣ, ଏଷ୍ଟୋନିଆରେ ୪ ଗୁଣ, ଆର୍ମେନିଆ ଓ ଉଜବେକିସ୍ତାନରେ ୩ଗୁଣ ଏବଂ କାଜିକସ୍ତାନରେ ଦୁଇଗୁଣ ବୃଦ୍ଧି ପାଇଛି। ଲାଟେଭିଆ ଓ ଲିଥୁନିଆ ଏକାଠି ପାଖାପାଖି ୭୪,୦୦୦ ଋଷୀୟଙ୍କୁ ଆଶ୍ରୟ ଦେଇଛନ୍ତି। ଇଜିପ୍ଟ ଏବଂ ସଂଯୁକ୍ତ ଆରବ ଏମିରେଟ୍ସ ଏବଂ ତୁର୍କୀ ୧୦ ଲକ୍ଷରୁ ସାମାନ୍ୟ କମ୍ ଋଷୀୟଙ୍କୁ ସ୍ଥାନ ଦେଇଛନ୍ତି। ପାଖାପାଖି ୭,୫୦,୦୦୦ ଋଷୀୟ ପୁଟିନଙ୍କ କର୍ତ୍ତୃତ୍ୱ ଥିବା ଆବଖାଜିଆର ଜର୍ଜିଆନ ଅଞ୍ଚଳକୁ ଚାଲିଯାଇଛନ୍ତି।

ଚଳିତ ବର୍ଷର ପ୍ରଥମ ତିନ ମାସରେ ଅଧିକ ସଂଖ୍ୟକ ଦେଶାନ୍ତର ହେବା ଏକ ଉଲ୍ଲେଖନୀୟ ଘଟଣା। ଏମାନଙ୍କ ସଂଖ୍ୟା ଦେଶର ମୋଟ ଜନସଂଖ୍ୟାର ପାଖାପାଖି ୨ ପ୍ରତିଶତ। କେତେ ଋଷୀୟ ଏବେ ୟୁରୋପ କିମ୍ବା ଅନ୍ୟ ଦେଶକୁ ଯାଇଛନ୍ତି ତାହାର ଏଯାବତ ଠିକ୍ ଗଣନା ହୋଇନାହିଁ। ସମୟ ଅନୁସାରେ ଏଫ୍‌ଏସ୍‌ବି ଏହାକୁ ଠିକ୍ ଭାବେ ଟ୍ରାକ୍ କରୁନାହିଁ। ଅକ୍ଟୋବର ବିପ୍ଳବଠାରୁ ଆରମ୍ଭ କରି ସୋଭିଏଟ ସଂଘର ପତନ ଯାଏ ପ୍ରତିକୂଳ ସ୍ଥିତିରେ ବହୁ ଋଷୀୟ ସ୍ୱଦେଶ ତ୍ୟାଗ କରିଥିଲେ। ୧୯୦୫ ବିପ୍ଳବର ବିଫଳତା ପରିପ୍ରେକ୍ଷୀରେ ଋଷୀୟମାନଙ୍କ ପଳାୟନ ଆରମ୍ଭ ହୋଇଯାଇଥିଲା। କିନ୍ତୁ ୧୯୧୭ରେ ବୋଲସେଭିକମାନେ (ଲେଲିନଙ୍କ ନେତୃତ୍ୱରେ ସୋସିଆଲ ଡେମୋକ୍ରାଟିକ ୱାର୍କର୍ସ ପାର୍ଟି ) କ୍ଷମତାକୁ ଆସିବା ପରେ ଏହି ସଂଖ୍ୟା ବଢ଼ିଲା ଏବଂ ଏହାପର ଗୃହଯୁଦ୍ଧ ସମୟରେ ଏହି ଧାରା ଜାରି ରହିଲା। କମ୍ୟୁନିଷ୍ଟ ବା ଅତ୍ୟଧିକ ବାମପନ୍ଥୀ ଚିନ୍ତାଧାରା ସାରା ୟୁରୋପରେ ଅପ୍ରତ୍ୟାଶିତ ଭାବେ ପ୍ରକଟ ହେଲା। ୧୯୯୦ ଦଶକରେ ଏକ ଭିନ୍ନ ମୋଡରେ ଏହି ଇତିହାସର ପୁନରାବୃତ୍ତି ହେଲା। ଏଥିରେ ସୋଭିଏଟ ସଂଘର ପତନ ସହ ୩ କୋଟି ଋଷୀୟ ଭାଷାଭାଷୀ ଲୋକ ଏହାର ସୀମା ବାହାରେ (ମୁଖ୍ୟତଃ ବାଲଟିକ୍ସ, କାଜାକସ୍ତାନ ଏବଂ ୟୁକ୍ରେନରେ) ରହିଗଲେ। ଏହାସହ ଅନେକ ଲକ୍ଷ ଋଷୀୟ ୟୁରୋପ, ଏସିଆ, ଉତ୍ତର ଆମେରିକାକୁ ପଳାୟନ କରିଥିଲେ ଓ ୧୦୦ ବର୍ଷ ମଧ୍ୟରେ ଏହା ଥିଲା ଦ୍ୱିତୀୟ ବୃହତ୍ ଦେଶାନ୍ତର।



ଗୋଟିଏ ବର୍ଗର ଲୋକ ଏତେ ଅଧିକ ସଂଖ୍ୟାରେ ଦେଶରୁ ପଳାୟନ କରିବା ଚିନ୍ତାର ବିଷୟ। ୧୯୨୦ ଦଶନ୍ଧିରେ ନିର୍ବାସିତ ଋଷୀୟ ରାଜତନ୍ତ୍ରବାଦୀ, ବାମପନ୍ଥୀ ଏବଂ ବିଭିନ୍ନ ସାମରିକ ବିଶେଷଜ୍ଞ , ଗୃହଯୁଦ୍ଧରେ କ୍ଷତିଗ୍ରସ୍ତମାନେ ବୋଲ୍‌ସେଭିକ ଶାସନ ବିରୋଧରେ ଲଗାତର ଷଡଯନ୍ତ୍ର କଲେ। କିନ୍ତୁ ସେମାନେ ସବୁ ପ୍ରକାର ବିଭାଜନକୁ ସମାବିଷ୍ଟ କରିବାକୁ ଲାଗିଲେ ଯାହା ସେମାନଙ୍କ ପ୍ରାଥମିକ ପରାଜୟର ସ୍ଥିତି ଆଡକୁ ବାଟ କଢ଼ାଇ ନେଇଥିଲା। ସେହିଭଳି ୨୦୧୧ରେ ଜର୍ମାନୀ ଐତିହାସିକ କାର୍ଲ ସ୍କଲୋଜେଲ ଯୁକ୍ତି ଦର୍ଶାଇଥିଲେ ଯେ, ଋଷୀୟମାନଙ୍କ ଏବକାର ଦେଶନ୍ତରଗୁଡ଼ିକୁ ବ୍ୟବସ୍ଥିତ କରିବାରେ ରଣନୈତିକ ବ୍ୟବସ୍ଥାର ଅଭାବ ରହିଛି। ଏଣୁ ନିଜ ଦେଶରେ ପ୍ରଭାବୀ ପରିବର୍ତ୍ତନ ଆଣିବାରେ ସେମାନଙ୍କ ପାଇଁ କମ୍ ସମ୍ଭାବନା ରହିଛି। ଏବେ ଋଷିଆର ସବୁଠୁ ସକ୍ରିୟ ଓ ଶିଳ୍ପୋଦ୍ୟୋଗୀମାନେ ଦେଶ ଛାଡୁଛନ୍ତି। ବିଜ୍‌ନେସ ମ୍ୟାନେଜରଠାରୁ ଆରମ୍ଭ କରି ସୂଚନା ପ୍ରଯୁକ୍ତି ବିଶେଷଜ୍ଞ ଓ କଳାକାରମାନେ ମଧ୍ୟ ଏଥିରେ ସାମିଲ। ସେମାନେ ଏକ ପ୍ରମୁଖ ବ୍ରେନ୍ ଡ୍ରେନ୍ ଭାବେ ଉଭା ହୋଇଛନ୍ତି। ପୁଟିନ୍‌ଙ୍କ ଡେପୁଟି ଇଣ୍ଡିରିୟର ମନ୍ତ୍ରୀ ଇଗୋର ଜୁବୋଭ ଅଧିକ ବିଦେଶୀ ଆଇଟି କର୍ମଚାରୀଙ୍କୁ ଦେଶରେ ପ୍ରବେଶ କରିବା ଲାଗି ଅନୁମତି ଦେବାକୁ ଜୁନରେ ଋଷିଆର ପାର୍ଲାମେଣ୍ଟକୁ ଅନୁରୋଧ କରିଥିଲେ ଓ ଏହି ସମସ୍ୟା ସମ୍ପର୍କରେ ସତର୍କ କରିଦେଇଥିଲେ। ସେ ପ୍ରକାଶ କରିଥିଲେ ଯେ, ଋଷିଆରେ ୧,୭୦,୦୦୦ ଆଇଟି କର୍ମଚାରୀଙ୍କ ଅଭାବ ରହିଛି। କିନ୍ତୁ ଯେଉଁ ଆଇଟି କର୍ମଚାରୀମାନେ ଦେଶ ଛାଡ଼ି ଚାଲିଯାଇଥିଲେ ସେମାନଙ୍କ ମଧ୍ୟରୁ ଅଧିକାଂଶ ଫେରିଆସିଥିବା ସରକାର ଦାବି କରନ୍ତି , ଯାହା ଜୁବୋଭଙ୍କ ତଥ୍ୟକୁ ଖଣ୍ଡନ କରୁଛି। ଋଷିଆନ ଆସୋସିଏଶନ ଫର୍ ଇଲେକ୍ଟ୍ରୋନିକ କମ୍ୟୁନିକେଶନ ମଧ୍ୟ ସମାନ କଥା ସମ୍ପୂର୍ଣ୍ଣ ଭାବେ ଦର୍ଶାଇଛି। ଶିଳ୍ପ ସହ ଜଡ଼ିତ ବ୍ୟକ୍ତିମାନେ ଆକଳନ କରିଛନ୍ତି ଯେ, ୧୦ ପ୍ରତିଶତ ଋଷୀୟ ଆଇଟି କର୍ମଚାରୀ ୨୦୨୨ରେ ଦେଶ ଛାଡିବାର ଆଶଙ୍କା ରହିଛି ।

କେବଳ ପ୍ରଯୁକ୍ତି ବିଶେଷଜ୍ଞମାନେ ନୁହନ୍ତି, ୧୯୨୦ ଦଶନ୍ଧିରେ ଋଷିଆର ବହୁ ସାମ୍ବାଦିକ, ଲେଖକ, ଅଭିନେତା, ଫିଲ୍ମ ନିର୍ମାତା ଏବଂ ଚିତ୍ରଶିଳ୍ପୀ ବିଭିନ୍ନ ଦେଶକୁ ଚାଲିଯାଇଛନ୍ତି। ସେମାନେ ଶରଣ ନେଇଥିବା ଦେଶରେ ସମାନ କାର୍ଯ୍ୟ କରୁଛନ୍ତି। ନିବେଶକ ଏବଂ ଏଣ୍ଟରପ୍ରିନ୍ୟୁରମାନେ ଏବେ ଦେଶ ଛାଡୁଛନ୍ତି। ଇଂଲଣ୍ଡର ଏକ ଫାର୍ମ ହିନଲେ ଆଣ୍ଡ୍ ପାର୍ଟନର ଦର୍ଶାଇଛି ଯେ ୧୫,୦୦୦ ଅତି ଧନୀ ବ୍ୟକ୍ତି ବିଶେଷ ୨୦୨୨ରେ ଋଷିଆ ଛାଡ଼ିବାର ସମ୍ଭାବନା ରହିଛି। କୁଶଳୀ ବୃତ୍ତିଧାରୀମାନେ ବି ଋଷିଆ ଛାଡୁଛନ୍ତି। ସମସ୍ୟା ହେଉଛି ସେମାନେ ଋଷିଆକୁ ଗୁରୁତ୍ୱପୂର୍ଣ୍ଣ ପ୍ରତିଭା ଓ ପୁଞ୍ଜିରୁ ବଞ୍ଚିତ କରୁଛନ୍ତି। ଏସବୁକୁ ଲକ୍ଷ୍ୟକରି ବାଇଡେନ୍ ପ୍ରଶାସନ ଋଷୀୟ ଆଇଟି କର୍ମଚାରୀ ଓ ବୈଜ୍ଞାନିକଙ୍କ ସହ ଉଚ୍ଚ ଡିଗ୍ରୀଧାରୀଙ୍କ ପାଇଁ ଭିଜା ଆବଶ୍ୟକତାକୁ କୋହଳ କରିବା ଲାଗି ପାର୍ଲାମେଣ୍ଟକୁ ସୁପାରିସ କରିଛି। ସାମ୍ପ୍ରତିକ ସମୟରେ ନୂଆ ପ୍ରବାସୀ ଋଷୀୟମାନଙ୍କୁ ନେଇ ଲାଭ ଉଠାଇବା ଲାଗି ଅନ୍ୟ ଦେଶ ଓ କମ୍ପାନୀଗୁଡ଼ିକ ମଧ୍ୟ ସମାନ ପ୍ରକାର ପଦକ୍ଷେପ ନେଉଛନ୍ତି। କିନ୍ତୁ ଏହି ସବୁ ପଦକ୍ଷେପଗୁଡ଼ିକରୁ ପ୍ରାୟତଃ ଘରୋଇ ଆର୍ଥିକ ଏବଂ ବିତ୍ତୀୟ ଲାଭ ମିଳିବ। ଯଦି ପାଶ୍ଚାତ୍ୟ ଦେଶଗୁଡ଼ିକ ୟୁକ୍ରେନ୍‌କୁ ସମର୍ଥନ ଓ ଋଷିଆର କ୍ରୋଧକୁ ପ୍ରତିହତ କରିବାକୁ ଚାହୁଁଛନ୍ତି ତେବେ ଋଷିଆର ଦେଶାନ୍ତରିତ ପ୍ରତିଭା ବା ମେଧା ଏବଂ ବିତ୍ତୀୟ ପୁଞ୍ଜିକୁ ଏକାଠି କରିବାକୁ ସେମାନଙ୍କୁ ବହୁତ କିଛି କରିବାକୁ ପଡ଼ିବ।

ଏବେକାର ସଂଯୋଜିତ ବିଶ୍ୱର ଇତିହାସରେ ଲିପିବଦ୍ଧ ଏହି ଅଧ୍ୟାୟ ଆମକୁ ବିଚିତ୍ର ଲାଗିପାରେ। ହେଲେ ଋଷୀୟମାନେ ହିଁ କେବଳ ସେମାନଙ୍କ ଦେଶର ଭାଗ୍ୟ ନିର୍ଦ୍ଧାରଣ କରିପାରିବେ। ସ୍ୱଦେଶ ତ୍ୟାଗର ଭୟଙ୍କର ସ୍ଥିତିକୁ ସୁଧାରିପାରିବେ। ତେବେ ଅନ୍ୟତ୍ର ଚାଲିଯାଇଥିବା ଲୋକମାନଙ୍କ ମଧ୍ୟରୁ ଯେଉଁମାନେ ସେମାନଙ୍କ ମାତୃଭୂମିରେ ପରିବର୍ତ୍ତନ ଆଣିବାକୁ ଚାହୁଁଛନ୍ତି ସେମାନଙ୍କୁ ସାହାଯ୍ୟ କରିବା ଲାଗିପାଶ୍ଚାତ୍ୟ ବ୍ୟବସ୍ଥାରେ ପର୍ଯ୍ୟାପ୍ତ ମାଧ୍ୟମ ରହିଛି।

**ପୂର୍ବତନ ବରିଷ୍ଠ ସିଆଇଏ ଆନାଲିଷ୍ଟ**

## ପଛ ଧାଡ଼ି, ଆଗ ଶିଡ଼ି



ସୁପ୍ରଭା ବେହେରା

ମୁଁ ଯେଉଁଠି ଛିଡ଼ା ହୁଏ, ଧାଡ଼ି ସେଇଠୁ ଆରମ୍ଭ ହୁଏ। ଏହା ଥିଲା ୧୯୮୧ରେ 'କାଲିଆ' ଚଳଚ୍ଚିତ୍ରରେ ଅମିତାଭ ବଚ୍ଚନଙ୍କର ପ୍ରସିଦ୍ଧ ସଂଳାପ। ଧାଡ଼ିର ପ୍ରଥମରେ ରହିବା ସମସ୍ତଙ୍କର ପସନ୍ଦ। ପ୍ରଥମ ବ୍ୟକ୍ତିର ପ୍ରାଧାନ୍ୟତା ସାମ୍ନାରେ ଧାଡ଼ିରେ ଅନ୍ୟମାନଙ୍କର ସ୍ଥିତି ଫିକା ଫିକା ଲାଗେ। ତେଣୁ ଧାଡ଼ିରେ ପ୍ରଥମରେ ଛିଡ଼ା ହେବା ସବୁଆଡ଼େ ସଂଘର୍ଷ ଲାଗିରହେ। ଧାଡ଼ି ଶୃଙ୍ଖଳାଗତ ବ୍ୟବସ୍ଥାର ଗୋଟିଏ ଅଙ୍ଗ। ଧାଡ଼ିରେ ପ୍ରଥମରେ ଛିଡ଼ା ହେବାକୁ ପ୍ରାୟତଃ ଘୋଡ଼ା ଦୌଡ଼ ଲାଗିରହେ। ଧାଡ଼ିର ପ୍ରଥମରେ ରହିବା ପାଇଁ ସବୁଠାରୁ ବେଶି ସଂଘର୍ଷ ଯେଉଁଠି ରହେ, ତାହା ହେଲା ଶ୍ରେଣୀଗୃହ। ଶ୍ରେଣୀଗୃହରେ ବସିବାଠାରୁ ନେଇ ପରୀକ୍ଷାରେ ସ୍ଥାନ ଅଧିକାର ପର୍ଯ୍ୟନ୍ତ ସବୁଠାରେ ସଂଘର୍ଷର ମହା ସଂଗ୍ରାମ। ପାଠ ମନଯୋଗୀ ପିଲାମାନେ ସାଧାରଣତଃ ପ୍ରଥମ ଧାଡ଼ିକୁ ପସନ୍ଦ କରିଥାନ୍ତି। ପାଠ ଓ ଶିକ୍ଷକଙ୍କଠାରୁ ଲୁଚୁଥିବା ପିଲା ପଛ ଧାଡ଼ିକୁ ବେଶି ପସନ୍ଦ କରିଥାନ୍ତି ; ଯାହାକୁ ଆମେ 'ବ୍ୟାକ ବେଞ୍ଚର' ବୋଲି କହିଥାଉ ଓ ନାସିକା କୁଞ୍ଚନ କରିଥାଉ। କିନ୍ତୁ ଦେଖିବାକୁ ଗଲେ ବାସ୍ତବରେ ସେମିତି ନୁହଁ। ପ୍ରଥମ ଧାଡ଼ିର ଛାତ୍ରୀଛାତ୍ର ପୁସ୍ତକ କୀଟ ହୋଇଥିବା ବେଳେ ପଛ ଧାଡ଼ି ପିଲା ଅନେକ ବିଦ୍ୟାର ଅଧିକାରୀ ହୋଇଥାନ୍ତି। ପରବର୍ତ୍ତୀ ସମୟରେ ଜୀବନଧାରଣର କଳାକୌଶଳରେ ସେହିମାନେ ସଫଳ ମଧ୍ୟ ହୋଇଥାନ୍ତି।

ରକେଟ ମାନବ ଅବଦୁଲ କଲାମଙ୍କ ଭାଷାରେ ଗୋଟିଏ ରାଷ୍ଟ୍ରର ସଫଳ ଓ ବୁଦ୍ଧିମାନ ଲୋକ ଶ୍ରେଣୀଗୃହର ଶେଷ ଧାଡ଼ିରୁ ହିଁ ମିଳିଥାଏ। ନିଜେ ଅବଦୁଲ କଲାମ ଶ୍ରେଣୀଗୃହର ଶେଷ ଧାଡ଼ିରେ ବସୁଥିଲେ। କିନ୍ତୁ କିଏ ଜାଣିଥିଲା ଶେଷ ଧାଡ଼ିର ସେହି ଛାତ୍ରଟି ଦିନେ ମହାକାଶ ବିଜ୍ଞାନ କ୍ଷେତ୍ରରେ ଇତିହାସ ରଚନା କରିଯିବ। ପଛଧାଡ଼ି ପିଲାଙ୍କଠାରେ ଅନେକ ସୃଜନଶୀଳତା ପରିଲକ୍ଷିତ ହୋଇଥାଏ। ଅନେକ ସମୟରେ ଦୁଷ୍ଟାମିକରି, ପିଲାଙ୍କର ଶାର୍ଟର ବୋତାମ ଛିଡ଼ି ଯାଇଥାଏ। ତେଣେ ଡର ରହେ ଛିଣ୍ଡା ବୋତାମ ନିମନ୍ତେ ଶିକ୍ଷକଙ୍କଠାରୁ ଶୁଣିବାକୁ ଥିବା ଗାଳି ପାଇଁ। ଏପରି ପରିସ୍ଥିତିରେ ପିଲାଙ୍କୁ ଶିକ୍ଷକଙ୍କ ଗାଳିରୁ ରକ୍ଷା କରିବା ପାଇଁ ପଛ ଧାଡ଼ିରେ ବସିଥିବା ପିଲାଟି ସେଦିନ ଶ୍ରେଣୀଗୃହର ଚକ୍‌ରୁ ତିଆରି କରିଥିଲା ନକଲି ବୋତାମ, ଯାହା କି ବୋତାମର ଅବିକଳ ନକଲ ଥିଲା। ସେହି ବାଳକ ବଡ଼ ହୋଇ ସ୍ଥାପତ୍ୟର ବିଶ୍ୱକର୍ମା ସାଜିଲେ। ସେ ହେଉଛନ୍ତି ମୁମ୍ବାଇ ନଗରୀର 'ଦ ଇମ୍ପେରିଆଲ' ଭଳି ବହୁତଳ ପ୍ରାସାଦ ତଥା କୋଲକାତାର ୪୨ ମହଲ ବିଶିଷ୍ଟର ସ୍ଥାପତ୍ୟକର ପଦ୍ମଭୂଷଣ ପ୍ରାପ୍ତ ହାଫିଜ କଣ୍ଟ୍ରାକ୍ଟର। ମାଇକେଲ ଡେଲ, ଷ୍ଟିଭ ଜବ୍‌ସ, ବିଲ ଗେଟ୍ସ, ରିଚାର୍ଡ ବ୍ରାନସନଙ୍କ ପରି ବହୁ ପ୍ରତିଷ୍ଠିତ ବ୍ୟକ୍ତି ମାନେ ସ୍ୱୀକାର କରିଛନ୍ତି ଯେ, ସେମାନେ ପଛ ଧାଡ଼ିର ଛାତ୍ର ଥିଲେ। ବିଲ ଗେଟ୍ସଙ୍କ ଉକ୍ତି ଥିଲା, 'ଯଦି ପରୀକ୍ଷାରେ ସଫଳ ହେବାକୁ ଚାହୁଁଛ ପ୍ରଥମ ଧାଡ଼ିର ପିଲାଙ୍କୁ ପଚାର, ଯଦି ଜୀବନରେ ସଫଳ ହେବାକୁ ଚାହୁଁଛ ପଛ ଧାଡ଼ିର ପିଲାଙ୍କୁ ପଚାର। ପ୍ରଥମ ଧାଡ଼ିର ପିଲାଙ୍କର ବୁଦ୍ଧିମତ୍ତା (ଆଇକ୍ୟୁ) ଅଧିକ କିନ୍ତୁ ପଛ ଧାଡ଼ିର ପିଲାଙ୍କର ଭାବନାତ୍ମକ ଗୁଣ (ଇକ୍ୟୁ)ଅଧିକ ; ଯାହା ଜୀବନରେ ସଫଳ କରାଇଥାଏ।

ପରୀକ୍ଷାରେ ଅଧିକ ନମ୍ବର ଆଣୁଥିବା ପିଲାଟିକୁ ଆମେ ଆଗଧାଡ଼ିର ଛାତ୍ର ଭାବରେ ବିବେଚନା କରିଥାଉ। ଏଥିପାଇଁ ତ ଆଜିକାଲି ଜରାୟୁ ଶିଶୁ ବଢ଼ିବା ଅବସ୍ଥାରୁ ଦୌଡ଼ ଆରମ୍ଭ ହୋଇଯାଉଛି। ପିଲାଟିର ବୁଦ୍ଧିମତ୍ତା ବଢ଼ାଇ ନମ୍ବର ରଖିବାକୁ ଯାବତୀୟ ଚେଷ୍ଟା। ଅନେକ ସମୟରେ ଏହି ନମ୍ବର ନିମନ୍ତେ ପିଲାଟି ହୀନମନ୍ୟତାର ଶିକାର ହୋଇ ଅବସାଦଗ୍ରସ୍ତ ହୋଇଥାଏ। ଶେଷରେ ଆତ୍ମହତ୍ୟାକୁ ଆପଣାଇ ନେଇଥାଏ। ନିକଟ ଅତୀତରେ ଗୁଜରାଟର ଭରୁଚ ଜିଲାର ଜିଲାପାଳ ତୁଷାର ସୁମେରା ନିଜର ଦଶମ ବୋର୍ଡ ପରୀକ୍ଷାର ନମ୍ବର ଗଣମାଧ୍ୟମ ଜରିଆରେ ଦର୍ଶାଇଥିଲେ। ବୋର୍ଡ ପରୀକ୍ଷାରେ ସେ ଗଣିତରେ ୩୫, ଇଂଲିଶରେ ୩୬ ଓ ବିଜ୍ଞାନରେ ୩୮ ନମ୍ବର ପାଇଥିଲେ। ପ୍ରତ୍ୟେକ ବିଷୟର ପୂର୍ଣ୍ଣ ସଂଖ୍ୟା ଥିଲା ୧୦୦। ପରୀକ୍ଷା ସବୁ ସାପ, ଶିଡ଼ିର ଖେଳ ଭଳି। କେବେ ତଳକୁ ଖସିଯାଏ ପୁଣି କେବେ ଶିଡ଼ିର ଉପର ଭାଗରେ। ପରୀକ୍ଷାରେ ପ୍ରାପ୍ତ ଅଙ୍କ ଯେ ଆମ ଉଜ୍ଜ୍ୱଳ ଭବିଷ୍ୟତର ଏକ ସଂକେତ ଏହା ସୁନିଶ୍ଚିତ ନୁହଁ। ଜୀବନର କେଉଁ ସୋପାନରୁ ବି ଅୟମାରମ୍ଭର ବିଗୁଲ ବଜା ଯାଇପାରେ। ଉଦ୍ୟମ, ଦୃଢ଼ ମନୋବଳ, ସକାରାତ୍ମକ ଚିନ୍ତାଧାରା, ଧୈର୍ଯ୍ୟ ଏସବୁ ଶିଡ଼ିର ଗୋଟିଏ ଗୋଟିଏ ପାହାଚ। ସ୍ଥିର ଚିତ୍ତରେ ଏସବୁ ପାହାଚ ଅତିକ୍ରମ କଲେ ପଛ ଧାଡ଼ି ପିଲାଟି ଶିଡ଼ିର ଆଗକୁ ଯାଇପାରେ।

**ଭୁବନେଶ୍ୱର, ମୋ:୯୦୪୦୩୬୦୨୫୯**

## ଏଇ ଭାରତରେ

ଜଣେ ବ୍ୟକ୍ତି ଜୀବିତ ଥାଇ ମଧ୍ୟ ସରକାରୀ କାଗଜପତ୍ରରେ ମୃତ ଘୋଷିତ ହେବା ଜାଣି ଆଶ୍ଚର୍ଯ୍ୟ ହେଉଥିବେ। ହେଲେ ଏହା ସତ। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଉତ୍ତରପ୍ରଦେଶରେ। ମୈନପୁରୀର ଜାଫରପୁର ଗାଁର ଉକ୍ତ ବ୍ୟକ୍ତିଙ୍କ ନାମ ଗଙ୍ଗା ସିଂ। ୮୦ ବର୍ଷୀୟ ଗଙ୍ଗାଙ୍କ ସଂସାର କହିଲେ ସ୍ତ୍ରୀ ହୋମଶ୍ରୀ ଏବଂ ଦୁଇ ପୁଅ। ସେ ଚାଷରୁ ଆୟ କରିବା ସହ ବୃଦ୍ଧାବୃଦ୍ଧ ପେନ୍‌ସନ ଏବଂ କିଷାନ ସମ୍ମାନ ନିଧି ଟଙ୍କାରେ ଚଳନ୍ତି। କିନ୍ତୁ ଜୁଲାଇ ୩ରେ ଯେତେବେଳେ ସେ ପେନ୍‌ସନ ଆଣିବା ପାଇଁ ବ୍ୟାଙ୍କରେ ପହଞ୍ଚିଥିଲେ, ସେତେବେଳେ ବ୍ୟାଙ୍କ କର୍ମଚାରୀ ଟଙ୍କା ଆସିବା ବନ୍ଦ ହୋଇଥିବା ସମ୍ପର୍କରେ ତାଙ୍କୁ କହିଥିଲେ। ଏହାର ସତ୍ୟାସତ୍ୟ ଜାଣିବା ଲାଗି ଗଙ୍ଗା ସାମାଜିକ କଲ୍ୟାଣ କାର୍ଯ୍ୟାଳୟକୁ ଗଲେ। ସେଠାକାର କର୍ମଚାରୀ କମ୍ପ୍ୟୁଟରରେ ଗଙ୍ଗାଙ୍କ ପାସ୍‌ବୁକ୍ ଏବଂ ଆଧାରକାର୍ଡ ନମ୍ବର ପ୍ରବେଶ କରାଇଥିଲେ ଓ ରେକର୍ଡରେ ସେ ମୃତ ବୋଲି ଜଣାପଡ଼ିଲା। ସାମାଜିକ କଲ୍ୟାଣ ବିଭାଗ କର୍ମଚାରୀ ଏହି କାର୍ଯ୍ୟ ନଗର ପଞ୍ଚାୟତର ବୋଲି କହିଥିଲେ। ପରେ ଗଙ୍ଗା ନଗର ପଞ୍ଚାୟତ କାର୍ଯ୍ୟାଳୟକୁ ଆସିଥିଲେ ଏବଂ ସେଠା କର୍ମଚାରୀ କହିଥିଲେ ଯେ, ଭୁଲ୍‌ରେ ମୃତକଙ୍କ ତାଲିକାରେ ତାଙ୍କ ନାମ ସ୍ଥାନ ପାଇଛି। ଏହାର ଏକ ମାସ ପରେ ମଧ୍ୟ ଗଙ୍ଗା ସିଂ ସରକାରୀ କାଗଜପତ୍ରରେ ମୃତ ହୋଇ ରହିଛନ୍ତି। ଗଙ୍ଗା ସବୁଠି ବିଫଳ ହେବା ପରେ ଏବେ ନ୍ୟାୟ ପାଇଁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ନିବେଦନ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୪ ଅଗଷ୍ଟ ୧୯୯୭

- ଦକ୍ଷିଣ ତୁର୍କୀର ଅଜନା ଅଞ୍ଚଳସ୍ଥିତ ତରସସ୍ ପୋକାନ୍ତି ରାସ୍ତା ମଧ୍ୟରେ ସଡ଼କ ଦୁର୍ଘଟଣା ଘଟି ୧୮ ନିହତ।
- ଇରାନର ରାଷ୍ଟ୍ରପତି ଭାବେ ଉଦାରବାଦୀ ନେତା ମହମଦ୍ ଖତାମୀଙ୍କ ଦାୟିତ୍ୱ ଗ୍ରହଣ।
- ପୁଣେ ବାଙ୍ଗାଲୋର ଜାତୀୟ ରାଜପଥରେ ହାଭେରୀ ନିକଟ ଛତ୍ରାଠାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ୨୨ ଜଣଙ୍କ ମୃତ୍ୟୁ।

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 7 | | | | | 8 | | 3 |
| | 4 | 2 | | | | | 6 | |
| 3 | 5 | | | | | | | |
| | | | | | | 6 | 8 | 4 |
| 4 | | | 1 | 6 | | 5 | | |
| | | 5 | 2 | | | | | 9 |
| | | | | 3 | 9 | | | 6 |
| 2 | | 8 | | | 7 | | | |
| | | 7 | | | 1 | | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 3 | 8 | 2 | 4 | 7 | 6 | 9 | 5 |
| 4 | 5 | 7 | 8 | 6 | 9 | 1 | 3 | 2 |
| 9 | 6 | 2 | 1 | 3 | 5 | 7 | 8 | 4 |
| 5 | 7 | 1 | 9 | 8 | 3 | 2 | 4 | 6 |
| 2 | 8 | 3 | 6 | 1 | 4 | 9 | 5 | 7 |
| 6 | 9 | 4 | 5 | 7 | 2 | 8 | 1 | 3 |
| 8 | 4 | 9 | 7 | 5 | 6 | 3 | 2 | 1 |
| 7 | 1 | 5 | 3 | 2 | 8 | 4 | 6 | 9 |
| 3 | 2 | 6 | 4 | 9 | 1 | 5 | 7 | 8 |

ଗତକାଲିର ଉତ୍ତର

# ମାଟିର ନନ୍ଦିନୀ



ଡ. ପ୍ରଫୁଲ୍ଲ କୁମାର ସାହୁ

ମାଟିର ସୁକନ୍ୟା ନନ୍ଦିନୀ ଶତପଥୀ। ଏକ ବହୁ ପ୍ରସ୍ତୁସ୍ତ ସୃଷ୍ଟୀୟ ବ୍ୟକ୍ତିତ୍ୱ। ସାରସ୍ୱତ ସାଧନାଠାରୁ ସ୍ୱାଧୀନତା ସଂଗ୍ରାମ, କ୍ଷମତା ରାଜନୀତିରୁ ଜନସେବାର ବୃହତ୍ତର କ୍ଷେତ୍ର– ସବୁଠି ତାଙ୍କର ସଶ୍ରଦ୍ଧ ପ୍ରବେଶ। ସବୁଠି ପୁଣି ସିଦ୍ଧିର ସ୍ୱାକ୍ଷର। ନିଷ୍ଠା ଓ ପରାକାଷ୍ଠାର ଶୀର୍ଷାରୋହଣ। ବିଶେଷକରି ରାଜନୀତି କ୍ଷେତ୍ରରେ ସେ ଯେପରି ପ୍ରବୀଣା, ସାହିତ୍ୟ ସାଧନାରେ ସେମିତି ଧୁରୀଣା। ସମାଜର ଅବହେଳିତ ଓ ନିଷ୍ପେଷିତ ମଣିଷର ବ୍ୟଥା ଓ ବେଦନାକୁ ଦୂର କରିବାର ସଂକଳ୍ପ ନେଇ ସେ ଯେମିତି ରାଜନୀତିର କଣ୍ଟକିତ ପଥରେ ପାଦ ଥାପିଥିଲେ, ସେମିତି ଏକ ମାନବବାଦୀ ଚେତନା ଓ ସମ୍ବେଦନାଭରା ହୃଦୟ ନେଇ ରାତି ରାତି ମଗ୍ନ ରହୁଥିଲେ ସାହିତ୍ୟ ଚର୍ଚ୍ଚାରେ। ରାଜ୍ୟ ସଭା ସଦସ୍ୟା, କେନ୍ଦ୍ରମନ୍ତ୍ରୀ, ଓଡ଼ିଶାର ମୁଖ୍ୟମନ୍ତ୍ରୀ, ରାଜ୍ୟ ଯୋଜନା ବୋର୍ଡ଼ର ଅଧ୍ୟକ୍ଷା, ଅଖିଳ ଭାରତୀୟ କଂଗ୍ରେସ କମିଟିର କାର୍ଯ୍ୟକାରୀ ସଦସ୍ୟା, ଅଖିଳ ଭାରତ ମହିଳା କଂଗ୍ରେସର ସଭାନେତ୍ରୀ ଓ ପ୍ରଦେଶ କଂଗ୍ରେସର ସଭାନେତ୍ରୀ ଭାବେ କାର୍ଯ୍ୟଦକ୍ଷତା ତାଙ୍କୁ ଯେତିକି ପରିଚୟ ଓ ସମ୍ମାନ ଆଣିଦେଇଛି, ଜଣେ ଗାଳ୍ପିକା, କବୟିତ୍ରୀ ଓ ଅନୁବାଦିକା ଭାବରେ ମଧ୍ୟ ସେ ସାଉଁଟିଛନ୍ତି ସେତିକି ପ୍ରତିଷ୍ଠା ଓ ପ୍ରଶଂସା।

ନନ୍ଦିନୀ ଦେବୀଙ୍କ ଜନ୍ମ (୦୯।୦୬।୧୯୩୧) ଏକ ମର୍ଯ୍ୟାଦାବନ୍ତ ସାହିତ୍ୟିକ ପରିବାରରେ। ପିତା ପଦ୍ମଶ୍ରୀ କାଳିନ୍ଦୀ ଚରଣ ପାଣିଗ୍ରାହୀ ଥିଲେ ଓଡ଼ିଆ ସାହିତ୍ୟର ପ୍ରଖ୍ୟାତ ଔପନ୍ୟାସିକ ତଥା ସବୁଜ ସାହିତ୍ୟର ମହାନ୍ ରଥୀ। ପିତୃବ୍ୟ ଭଗବତୀ ଚରଣ ପାଣିଗ୍ରାହୀ ଥିଲେ ପ୍ରଗତିଶୀଳ ସାହିତ୍ୟ ଚେତନାର ଭଗୀରଥ। ତାଙ୍କ କାଳଜୟୀ ଗଳ୍ପ 'ଶିକାର' ଓଡ଼ିଆ ସାହିତ୍ୟର ଅମୂଲ୍ୟ ସମ୍ପଦ। ଅନ୍ୟତମ ପିତୃବ୍ୟ ଦିବ୍ୟସିଂ ପାଣିଗ୍ରାହୀ ବୃତ୍ତିରେ ଓକିଲ ହେଲେ ବି ଜଣେ ସୁସାହିତ୍ୟିକ ଭାବେ ପରିଚିତ। ପରିବାରର ସମସ୍ତେ ସାହିତ୍ୟପ୍ରାଣ ହୋଇଥିବାରୁ ଘରକୁ ଅନେକ ବଡ଼ ବଡ଼ ସାହିତ୍ୟିକ ଆସୁଥିଲେ ଏବଂ ବୈଠକଖାନାରେ ନିୟମିତ ବସୁଥିଲା ସାହିତ୍ୟ ଆସର। କହିବାକୁ ଗଲେ ଏହି ପରିବାର ଥିଲା ପ୍ରଗତିବାଦୀ ଚେତନାର ପ୍ରୟୋଗଶାଳା ଏବଂ ଏଇଠୁ ତିଆରି ହୋଇଥିଲା ଓଡ଼ିଆ ସାହିତ୍ୟର ଏକ ମହିମାମଣ୍ଡିତ ଯୁଗର ପୃଷ୍ଠଭୂମି। ଏଭଳି ଏକ ସୃଷ୍ଟିଶୀଳ ପରିବେଶରେ ବଢ଼ିଥିବାରୁ ପିଲାଟିବେଳୁ ସାହିତ୍ୟ ପ୍ରତି ନନ୍ଦିନୀ ଦେବୀଙ୍କ ମନରେ ସୃଷ୍ଟି ହୋଇଥିଲା ଏକ ସ୍ୱତନ୍ତ୍ର ଅନୁରାଗ। ସେହି ପ୍ରଭାବରେ ସପ୍ତମ ଶ୍ରେଣୀରେ ପଢ଼ିବା ବେଳେ ସ୍କୁଲ ପତ୍ରିକାରେ ସେ ଲେଖିଥିଲେ ନିଜର ପ୍ରଥମ ଗଳ୍ପ 'ଅନାଥ'। ସେତେବେଳର କଥା ମନେପକାଇ ଏକ ସାକ୍ଷାତ୍‌କାରରେ ସେ କହନ୍ତି– ଛାତ୍ରୀ ଅବସ୍ଥାରୁ ମୁଁ ବରାବର ଲେଖୁଥାଏ। କିଛି କାଗଜକୁ ପଠାଏ, କିଛି ଲେଖା ହୋଇ ପଡ଼ିଥାଏ। ଭାଗ୍ୟକୁ ଯେତେ ଲେଖା କାଗଜକୁ ପଠାଇଲି ସବୁ ପ୍ରକାଶିତ ହୋଇଛି। ତା' ପରଠୁଁ ମୁଁ ଲେଖିଚାଲିଲି। କେନ୍ଦ୍ରମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ଯାହା ଥିଲେ ବି କେବେ ବନ୍ଦ କରିନି ଲେଖା। ତାଙ୍କର ଏହି ସଫଳ ସାରସ୍ୱତ ପ୍ରତିଭାକୁ ପ୍ରଶଂସା କରି ଅନେକ କହନ୍ତି– ମାଟିରେ ମଣିଷ ପରେ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ଶ୍ରେଷ୍ଠ କୃତି ନନ୍ଦିନୀ ଶତପଥୀ।

ପିଲାଟି ଦିନରୁ ତାଙ୍କୁ ବହୁ ଭାବରେ ପ୍ରଭାବିତ କରିଥିଲା ପିତୃବ୍ୟ ଭଗବତୀ ଚରଣ ପାଣିଗ୍ରାହୀଙ୍କ ପ୍ରଜ୍ଞା, ପ୍ରତିଭା ଓ ରାଜନୈତିକ ଆଦର୍ଶ। ସେବେଠୁଁ

**ପୁଣ୍ୟତିଥି ଅବସରରେ**



ତାଙ୍କ ଭିତରେ ଦାନା ବାନ୍ଧିଥିଲା ଅନ୍ୟାୟ, ଅନୀତି ବିରୋଧରେ ସାଲିସବିହୀନ ଲଢ଼େଇ। ଲଢ଼ିବାର ଦମ୍ଭିଲାପଣ ଯୋଗୁ ସାହିତ୍ୟ ସାଧନାକୁ ଜନକ୍ରାନ୍ତିର ଏକ ମାଧ୍ୟମ ଭାବରେ ଗ୍ରହଣ କରି ସେ ଲେଖିଚାଲିଲେ ଗଳ୍ପ ଓ କବିତା। ତାଙ୍କର ଦୁଇ ଗଳ୍ପଗ୍ରନ୍ଥ 'କେତୋଟି କଥା' (୧୯୬୬), 'ସପ୍ତର୍ଷୀ' (୧୯୮୮)ରେ ରୂପାୟିତ ହୋଇଛି ନିମ୍ନବର୍ଗ ମଣିଷଙ୍କ ଦୁଃଖ ଦୈନ୍ୟ ଓ ସଂଘାତର ଚିତ୍ର। ଗଳ୍ପଗୁଡ଼ିକର ଭାବବସ୍ତୁ ତଥା ପାଠକୀୟ ଆବେଦନ ଦୃଷ୍ଟିରୁ ତାହା ଏତେ ଶକ୍ତିଶାଳୀ ଯେ, କେବଳ ବଙ୍ଗଳା, ତେଲୁଗୁ, ତାମିଲ, ମାଲାୟାଲମ, କନ୍ନଡ଼ ଭଳି ବିଭିନ୍ନ ଆଞ୍ଚଳିକ ଭାଷା ନୁହେଁ, ତାହା ଅନୂଦିତ ହୋଇ ସାରିଛି ଇଂଲିଶ୍ ଭଳି ଆନ୍ତର୍ଜାତିକ ଭାଷାରେ। 'ବାବୁଲ୍' ଓ 'ଗାୟତ୍ରୀ' ଆଦି କେତୋଟି ଗଳ୍ପ ମଧ୍ୟ ବାରମ୍ବାର ପ୍ରସାରିତ ହୋଇଛି ଦୂରଦର୍ଶନରେ। ତାଙ୍କର ପରବର୍ତ୍ତୀ ଗଳ୍ପ ମଧ୍ୟ 'ସପ୍ତର୍ଷୀ' ପ୍ରକାଶ ପାଏ ୧୯୮୮ରେ। ବୟାଳିଶଟି କବିତାର ସମାହାର ଉତ୍ତରପୁରୁଷ (୧୯୮୮) ତାଙ୍କ ପ୍ରଗତିବାଦୀ ଚେତନା, ଦାର୍ଶନିକ ଦୃଷ୍ଟିଭଙ୍ଗୀ ଓ ଗଭୀର ଜୀବନାନୁଭୂତିର ଏକ ମିଶ୍ରରାଗ। ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ସାରା ଓଡ଼ିଶା ବୁଲିବା ଅବସରରେ ସେ ନାରୀମାନଙ୍କର ଅସୁରକ୍ଷିତ ଜୀବନକୁ ଖୁବ୍ ନିକଟରୁ ଦେଖିଛନ୍ତି ଏବଂ ତାକୁ ଚିତ୍ରାୟିତ କରିଛନ୍ତି 'ନାରୀ ତୁମେ ନୁହେଁ ଖାଲି ନାରୀ' ଓ 'ସ୍ୱପ୍ନର ସେତୁ' ଆଦି କବିତାରେ। ଦାର୍ଶନିକତା ଦୃଷ୍ଟିରୁ ଠିକଣା ହଜିଗଲା ଏକ ଚମତ୍କାର କବିତା, ଯେଉଁଥିରେ କବୟିତ୍ରୀଙ୍କ ହତାଶା ଜର୍ଜରିତ ପ୍ରାଣର ବେଦନା ଝରିପଡ଼ିଛି ଟୋପା ଟୋପା ହୋଇ। ଭୁବନେଶ୍ୱର ଦୂରଦର୍ଶନ ଦ୍ୱାରା କବିତାଟିର ବାରମ୍ବାର ପ୍ରସାରଣ ହିଁ ପ୍ରମାଣ କରେ ତା'ର ପାଠକୀୟ ଆଦୃତି। ବାସ୍ତବରେ ଦାରିଦ୍ର୍ୟର କଷାଘାତରେ ଜର୍ଜରିତ ମଣିଷ ପ୍ରତି ସମ୍ବେଦନା ନେଇ ସେ ଅନେକ ଗଳ୍ପ ଓ କବିତା ଲେଖିଛନ୍ତିଏବଂ ଏଇଠୁ ସ୍ଥିତି ସୁଧାରିବାର ପ୍ରେରଣା ନେଇ ମୁଖ୍ୟମନ୍ତ୍ରୀ ଭାବେ ପ୍ରଣୟନ କରିଛନ୍ତି ଭୂସଂସ୍କାର ଆଇନ। ମହାଜନି ବ୍ୟବସ୍ଥା ରଦ୍ଦ ଓ ଯୌତୁକ ନିରୋଧ ଆଇନ ମଧ୍ୟ ତାଙ୍କ ପ୍ରଗତିକାମୀ ଚିନ୍ତାର ପ୍ରତିଫଳନ।

ନନ୍ଦିନୀ ଦେବୀ କେବଳ ଗାଳ୍ପିକା ଓ କବୟିତ୍ରୀ ନୁହନ୍ତି, ଅଧିକନ୍ତୁ ସେ ଜଣେ ସଫଳ ଅନୁବାଦିକା। ତାଙ୍କର ପ୍ରଥମ ଅନୂଦିତ ପୁସ୍ତକ ହେଉଛି 'ଗାନ୍ଧିକଥାମୃତ'। କେନ୍ଦ୍ର ସାହିତ୍ୟ ଏକାଡେମୀର ତତ୍କାଳୀନ ସଚିବ କୃଷ୍ଣା କୃପାଳିନୀଙ୍କ ଦ୍ୱାରା ସଂଗୃହୀତ ଓ ସଂଯୋଜିତ 'ଅଲ୍ ମ୍ୟାନ୍ ଆର ବ୍ରଦର୍ସ'କୁ ସେ ଓଡ଼ିଆରେ ଅନୁବାଦ କରିଥିଲେ, ଯାହାର ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ପୂର୍ବତନ ରାଷ୍ଟ୍ରପତି ସର୍ବପଲ୍ଲୀ ଡ. ରାଧାକିଷ୍ଣନ୍। ଏହା କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶ ପାଇଥିଲା ୧୯୭୦ ମସିହାରେ। ଭାରତୀୟ ଲେଖିକା ଡ. ଅମୃତା ପ୍ରୀତମ୍ ବିଶ୍ୱ ସାହିତ୍ୟରେ ଜଣେ ଚର୍ଚ୍ଚିତ ପ୍ରତିଭା। ତାଙ୍କର ସମଗ୍ର ଜୀବନ ଥିଲା ସାମାଜିକ ଅବକ୍ଷୟ ବିରୁଦ୍ଧରେ ଏକ ନିରବଚ୍ଛିନ୍ନ ସଂଗ୍ରାମ। ଏହି ମହୀୟସୀ ଲେଖିକାଙ୍କ ଆତ୍ମଜୀବନୀ 'ରେଭିନ୍ୟୁ ଟିକେଟ'କୁ ଓଡ଼ିଆରେ ଅନୁବାଦ କରି ନନ୍ଦିନୀ ଦେବୀ ପାଇଛନ୍ତି କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର। ବାଂଲାଦେଶୀ ଲେଖିକା ତସ୍‌ଲିମା ନସରିନ୍‌ଙ୍କ 'ଲଜ୍ଜା' ଉପନ୍ୟାସର ଅନୁବାଦ ତାଙ୍କ ସାରସ୍ୱତ ସାଧନାର ଏକ ମାଇଲ ସ୍ତମ୍ଭ। ଏହି କ୍ରମରେ ଜ୍ଞାନପୀଠ ଓ ମାଗାସେସେ ପୁରସ୍କାର ବିଜୟିନୀ ବଙ୍ଗଳା ଲେଖିକା ମହାଶ୍ୱେତା ଦେବୀଙ୍କର 'ନିର୍ବାଚିତ ଗଳ୍ପ'ର ଓଡ଼ିଆ ଅନୁବାଦ ତାଙ୍କର ଅନ୍ୟ ଏକ ସଫଳ କୃତି।

ଓଡ଼ିଆ ସାହିତ୍ୟ ତଥା ଓଡ଼ିଆ ମାଟିର ଗର୍ବ ନନ୍ଦିନୀ ଦେବୀ। ଓଡ଼ିଆ ସାହିତ୍ୟ ଭଣ୍ଡାରକୁ ବିପୁଳ ତାଙ୍କର ଅବଦାନ ଅଥଚ ସେ କହନ୍ତି– ମୋ ଭଳି ଅପାରଗ ଲୋକ ସାହିତ୍ୟ ଜଗତରେ ଲୀନ ହୋଇଯିବେ ଏବଂ ଏଭଳି ଲୀନ ହୋଇଯିବାରେ ଅଛି ଏକ ଭିନ୍ନ ଆନନ୍ଦ। ନନ୍ଦିନୀ ଦେବୀଙ୍କର ଉପରୋକ୍ତ ଉକ୍ତିରେ ନିହିତ ତାଙ୍କ ସାହିତ୍ୟର ବିଶାଳତା ଓ ହୃଦୟର ମହାନତା। ସାରସ୍ୱତ ସାଧିକା ନନ୍ଦିନୀ ନିଜର କୃତିତ୍ୱ ଲାଗି ଅମର ହୋଇ ରହିବେ କାଳ କାଳ ପାଇଁ।

**ବିଜୁ ପଟ୍ଟନାୟକ ନଗର, ଭଦ୍ରକ**
**ମୋ – ୬୩୭୧୬୪୨୪୬୪**

# ପାଠକ ଶ୍ରେଷ୍ଠ ବିଚାରକ

## ପଟ୍ଟା ଦିଆଯାଉ

ମହାଶୟ,

ଜଟଣୀ ତହସିଲ ଅନ୍ତର୍ଗତ ଗଙ୍ଗପଡ଼ା ଅଞ୍ଚଳରେ (ତଳକ୍ଷେତା ନିକଟରେ) ଏକର ଏକର ଜମିକୁ ୨୦୦୦ରୁ ଅନେକ ଲୋକଙ୍କୁ ବିକ୍ରୟ କରାଯାଇଛି। ଲୋକେ କବଲା ଖଣ୍ଡିଏ ଲେଖାଏ ଧରି ବସିଛନ୍ତି। ଅଥଚ ତାଙ୍କୁ ପଟ୍ଟା ମିଳୁନାହିଁ। ଫଳରେ ସେମାନଙ୍କର ପ୍ଲାନ୍ ଆପ୍ରୁଭ୍ ହୋଇପାରୁନାହିଁ କି ଘର କରିବାକୁ ବ୍ୟାଙ୍କରୁ ଋଣ ମିଳୁନାହିଁ। ୨୦୧୪ରେ ମ୍ୟୁଟେଶନ ଏବଂ କନ୍‌ଭର୍ସନ ଲାଗି ତହସିଲ ଅଫିସ ପକ୍ଷରୁ ଦରଖାସ୍ତ ଆହ୍ୱାନ କରାଯାଇଥିଲା। ପ୍ରାୟ ୫ହଜାର ଲୋକ ସେମାନଙ୍କର କବଲା କପି ସହିତ ତାଙ୍କ ଦରଖାସ୍ତ ଜଟଣୀ ତହସିଲ ଅଫିସରେ ଜମା ଦେଇଥିଲେ। ଅଫିସର ଜଣେ କିରାଣି ସେ ଦରଖାସ୍ତ ଓ କବଲାର କପିକୁ ଯାଞ୍ଚ କରି ରଖିଲେ ଏବଂ ଗ୍ରହଣ କଲେ ବୋଲି ଲେଖାଟିଏ ମଧ୍ୟ ଦେଲେ। ସମସ୍ତ ଦରଖାସ୍ତରେ ଦରଖାସ୍ତକାରୀଙ୍କୁ ଶୀଘ୍ର ପଟ୍ଟା ଯୋଗାଇଦେବାକୁ ଫୋନ୍ ନମ୍ବର ଲେଖି ରଖିଲେ। ଦୀର୍ଘ ଛଅବର୍ଷ ବିତିଯାଇଥିଲେ ମଧ୍ୟ ତାହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଏହାଦ୍ୱାରା ଲୋକେ ବିନା ପ୍ଲାନ୍‌ରେ ଏକ ମହଲା, ଦୁଇମହଲା ଏବଂ ତିନିମହଲା ଘର ସେଠାରେ କରିଗଲେଣି। ତେଣୁ ସରକାରଙ୍କୁ ଅନୁରୋଧ ସେ ଜାଗାରେ ପ୍ଲଟ କିଣିଥିବା ଲୋକଙ୍କୁ ପଟ୍ଟା ଯୋଗାଇ ଦେଇ ଘର କରିବାରେ ସାହାଯ୍ୟ କରନ୍ତୁ।

**–ଅକ୍ଷୟ ମହାନ୍ତି, ନିର୍ମାଲ୍ୟ ଏନ୍‌କ୍ଲେଭ୍, ମହୁରା, ଖୋର୍ଦ୍ଧା**

## ଚିରନ୍ତନୀ

ସନ୍ଧ୍ୟାପଥେ
ଚରଣ ଚାଳି
ରୂପସୀ କେଉଁ ବାଳୀ
ଲୁଚାଏ ରୂପ ମୃତ୍ ପ୍ରଦୀପ ଜାଳି।

–(ସନ୍ଧ୍ୟା ପଥେ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ପ୍ରଦୀପ୍ତ ନାଏକଙ୍କୁ ଭେଟିଲେ ବିଧାନସଭା ଟିମ୍**

ଭୁବନେଶ୍ୱର,(ବ୍ୟୁରୋ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟି ଶୁଭେଚ୍ଛା ଜଣାଇବା ଲାଗି ବାଚସ୍ପତି ବିକ୍ରମ କେଶରୀ ଆରୁଖଙ୍କ ସହ ନୂଆଦିଲ୍ଲୀ ଗସ୍ତ କରିଥିବା ବିଧାନସଭା ଟିମ୍ ବୁଧବାର ପୂର୍ବତନ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକଙ୍କୁ ଭେଟିଛନ୍ତି। ସମସ୍ତ ସଦସ୍ୟମାନେ ପ୍ରଦୀପ୍ତଙ୍କ ସ୍ୱାସ୍ଥ୍ୟବସ୍ଥା ବିଷୟରେ ପଚାରି ବୁଝିଛନ୍ତି। ପ୍ରଦୀପ୍ତ ପ୍ରାୟ ୨ ବର୍ଷ ହେଲା କୋଭିଡ୍ ପରବର୍ତ୍ତୀ ଜଟିଳତାର ଶିକାର ହୋଇ ଏମ୍ସରେ ଚିକିତ୍ସିତ ହେବାପରେ ଦିଲ୍ଲୀର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହୋଇଥିଲେ। ଏହାପରେ ସେ ବର୍ତ୍ତମାନ ଏକ ଘର ନେଇ ଦିଲ୍ଲୀରେ ରହିବା ସହିତ ଚିକିତ୍ସିତ ହେଉଛନ୍ତି। ପୂର୍ବ ଅପେକ୍ଷା ସେ ଏବେ ଭଲ ଅଛନ୍ତି।



ରାଷ୍ଟ୍ରପତି ଭବନରେ ବୁଧବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ଓଡ଼ିଶାର ବାଚସ୍ପତି ଓ ବିଧାୟକମାନେ।

# ‘ରାଷ୍ଟ୍ରପତିଙ୍କୁ ଭେଟିବା ମୁହୂର୍ତ୍ତ ଅଭୁଲା ରହିବ’

- ଭାଲୁ, ସାଲୁଜା, ଦେବୀ ବୋଲି ନାଁରେ ଡାକିଲେ
- ଗୀତ ଗାଇ ଶୁଣାଇଲେ ବିଷ୍ଣୁ ସେଠୀ
- ନବୀନଙ୍କୁ ବହୁ ପ୍ରଶଂସା କଲେ
- ସାମ୍ବିଧାନିକ ବ୍ୟବସ୍ଥାରେ ସହଯୋଗ ରହିବ କହିଲେ
- ପ୍ରୋଟୋକଲ୍ ଅଫିସର ମନାକଲେ, ହେଲେ ରାଷ୍ଟ୍ରପତି କହିଲେ ଗୋଟି ଗୋଟି ଫଟୋ ନିଅ

**ଭୁବନେଶ୍ୱର, ୩।୮ (ବ୍ୟୁରୋ)**

ଓଡ଼ିଶା ବାଚସ୍ପତି ବିକ୍ରମ କେଶରୀ ଆରୁଖଙ୍କ ନେତୃତ୍ୱରେ ୨୭ ଜଣିଆ ଟିମ୍ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟି ଶୁଭେଚ୍ଛା ଜଣାଇବାର କାର୍ଯ୍ୟକ୍ରମ ଗତ ବିଧାନସଭା ଅଧିବେଶନରେ ସ୍ଥିର ହୋଇଥିଲା। ସେହି ଅନୁଯାୟୀ ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ବିଧାୟକମାନେ ବୁଧବାର ନୂଆଦିଲୀରେ ରାଷ୍ଟ୍ରପତିଙ୍କୁ ସାକ୍ଷାତ କରିଛନ୍ତି। ତେବେ ପୂର୍ବରୁ ସ୍ଥିର ହୋଇଥିବା ଟିମ୍ ସଦସ୍ୟଙ୍କ ମଧ୍ୟରୁ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ଏବଂ ଉପବାଚସ୍ପତି ରଜନୀକାନ୍ତ ସିଂ ଗସ୍ତ କରିପାରିନାହାନ୍ତି। ରାଷ୍ଟ୍ରପତିଙ୍କୁ ଭେଟି ବିଧାୟକମାନେ ବେଶ୍ ଉତ୍ସାହିତ ଥିବା ଜଣାପଡ଼ିଛି। ମଙ୍ଗଳବାର ବାଚସ୍ପତିଙ୍କ ନେତୃତ୍ୱରେ ବିଧାନସଭା ସଦସ୍ୟମାନେ ଯାଇ ପହଞ୍ଚିବା ପରେ ଓଡ଼ିଶା ଭବନ ଏବଂ ଓଡ଼ିଶା ନିବାସରେ ରହଣି ବ୍ୟବସ୍ଥା ହୋଇଥିଲା। ସମସ୍ତେ ସେଠାରେ ରାତ୍ରିଯାପନ କରିଥିଲେ। ସକାଳୁ ଯେତେବେଳେ ରାଷ୍ଟ୍ରପତି ଭବନଠାରେ ଯାଇ ପହଞ୍ଚିଲେ ସେମାନଙ୍କୁ କୌଣସି ପ୍ରକାର ଚେକିଂର ସମ୍ମୁଖୀନ ହେବାକୁ ପଡ଼ି ନ ଥିଲା। ବହୁ ସହଜରେ ସେମାନେ ଭିତରକୁ ପ୍ରବେଶ କରିଥିଲେ। ଏଭଳି ସହଜ ପ୍ରବେଶ ପରେ ଅଧିକାଂଶ ସଦସ୍ୟ ପ୍ରତିକ୍ରିୟାରେ କହିଛନ୍ତି, ନିଜ ଘରକୁ ଯାଇ ପହଞ୍ଚିଲା ଭଳି ଅନୁଭବ ହେଲା। ପହଞ୍ଚିବା ମାତ୍ରେ ରାଷ୍ଟ୍ରପତି ପୁରୁଣା ବିଧାୟକଙ୍କୁ ନାଁ ଧରି ଡାକିଥିଲେ। ତାରା ବାହିନୀପତିଙ୍କୁ ଭାଲୁ, ସାଲୁଜା ଏବଂ ଦେବୀ ମିଶ୍ରଙ୍କୁ ନାଁରେ ଡାକି ଭଲ ଅଛନ୍ତି ନା ନାହିଁ ପଚାରିଥିଲେ। ଏହାପରେ କିଛି ସମୟ ଆଲୋଚନା ପରେ ବାଚସ୍ପତି ବିଧାନସଭାରେ ପାରିତ ହୋଇଥିବା ସଂକଳ୍ପ ପଢ଼ି ଶୁଣାଇଥିଲେ। ଏଥିସହ ବିଭିନ୍ନ ସଦସ୍ୟ ରାଷ୍ଟ୍ରପତିଙ୍କ ପାଇଁ ନେଇଥିବା ଉପହାର ପ୍ରଦାନ କରିଥିଲେ। ସଦସ୍ୟମାନେ ସାଙ୍ଗରେ ମହାପ୍ରସାଦ, ସାନ୍ତାଳୀ ଶାଢ଼ି, ତାରା ଜୟପୁର ଶାଢ଼ି ଏବଂ ଅନ୍ୟ ମହିଳା ସଦସ୍ୟମାନେ ମଧ୍ୟ ନିଜ ଜିଲାର ଶାଢ଼ି ନେଇ ସାଙ୍ଗରେ ଯାଇଥିଲେ। ଏସବୁ ଦେଖିବାପରେ କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା କହିଛନ୍ତି, ଆଶାଠାରୁ ଢେର ଅଧିକ ସମ୍ମାନ ମିଳିଲା। ଏତେ ସମ୍ମାନ ମିଳିବ ବୋଲି ଆଶା କରି ନ ଥିଲୁ। ଏହାପରେ ଭାଜପା ବିଧାୟକ ବିଷ୍ଣୁ ସେଠୀ ନିଜେ ଲେଖିଥିବା ଏକ କବିତା ସେଠାରେ ପଢ଼ି ଶୁଣାଇଥିଲେ।



ରାଷ୍ଟ୍ରପତିଙ୍କୁ ଉପହାର ଦେଉଛନ୍ତି ବାଚସ୍ପତି ବିକ୍ରମ କେଶରୀ ଆରୁଖ।

ଏହାପରେ ରାଷ୍ଟ୍ରପତି ନିଜ ତରଫରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ସମର୍ଥନ ମାଗିବା ପୂର୍ବରୁ ସେ ସହଯୋଗର ହାତ ବଢ଼ାଇଲେ। ନବୀନବାବୁଙ୍କ ସମର୍ଥନ ପରେ ଅନ୍ୟ ରାଜ୍ୟଗୁଡ଼ିକ ମଧ୍ୟ ସହଯୋଗର ହାତ ବଢ଼ାଇଲେ। ଏହି ସମୟରେ ମୁଖ୍ୟମନ୍ତ୍ରୀଙ୍କୁ ରାଷ୍ଟ୍ରପତି ବାରମ୍ବାର ପ୍ରଶଂସା କରିଥିବା ଜଣେ କହିଥିଲେ। ଭାଜପା ମଧ୍ୟ ଏହି ସମୟରେ ବହୁ ସହଯୋଗ କରିଥିବା ନେଇ କହିଥିଲେ ବୋଲି ସାଲୁଜା କହିଛନ୍ତି। ଅନ୍ୟପଟେ ସାଲୁଜା ଆହୁରି କହିଛନ୍ତି, ରାଷ୍ଟ୍ରପତିଙ୍କ ସାଙ୍ଗରେ ସମସ୍ତେ ଏକାଠି ଫଟୋ ଉଠାଇଲେ। ଏହାପରେ ସମସ୍ତେ ଜଣେ ଜଣେ କରି ଫଟୋ ନେବାକୁ ଚାହିଁଥିଲେ। ହେଲେ ପ୍ରୋଟୋକଲ ଦୃଷ୍ଟିରୁ ଦାୟିତ୍ୱରେ ଥିବା ଅଫିସର ମନା କରିବା ବେଳେ ନିଜେ ରାଷ୍ଟ୍ରପତି ନିର୍ଦ୍ଦେଶ ଦେଲେ। ଏହାପରେ ଜଣ ଜଣ କରି ସମସ୍ତଙ୍କୁ ରାଷ୍ଟ୍ରପତିଙ୍କ ସହ ଫଟୋ ଉଠାଇବାର ସୁଯୋଗ ମିଳିଲା। ରାଷ୍ଟ୍ରପତି ବର୍ତ୍ତମାନ ସୁଦ୍ଧା ତାଙ୍କ ମୁଖ୍ୟ ବାସଭବନକୁ ଆସିନାହାନ୍ତି। ସାଉଥ୍ ବ୍ଲକ୍‌ର ଗେଷ୍ଟ ରୁମ୍‌ରେ ଅଛନ୍ତି। କିଛିଦିନ ଭିତରେ ସେ ତାଙ୍କ ମୁଖ୍ୟ ଘରକୁ ଯିବେ।

ଏହାସହ ରାଷ୍ଟ୍ରପତି ଖୁବ୍‌ଶୀଘ୍ର ଓଡ଼ିଶା ଗସ୍ତରେ ଆସିବେ ବୋଲି ଆଲୋଚନା ସମୟରେ କହିଥିବା ଜଣେ ସଦସ୍ୟ କହିଛନ୍ତି। ଏହି ବିଧାନସଭା ଟିମ୍‌ରେ ବାଚସ୍ପତିଙ୍କୁ ମିଶାଇ ମୋଟ୍ ୨୪ ଜଣ ଯାଇଥିଲେ। କଂଗ୍ରେସର ୨, ଭାଜପାର ୬, ବିଜେଡିର ୧୨, ବାଚସ୍ପତି, ବିଧାନସଭା ସଚିବ, ଜଣେ ଓଏସ୍‌ଡି ଏବଂ ଅନ୍ୟ ଜଣେ ଏଥିରେ ସାମିଲ ହୋଇଥିଲେ। ରାଷ୍ଟ୍ରପତି ମୁର୍ମୁ ରାଜ୍ୟବାସୀଙ୍କୁ ଧନ୍ୟବାଦ ଜଣାଇବା ସହ ସାମ୍ବିଧାନିକ ବିଧିବ୍ୟବସ୍ଥା ମୁତାବକ ଓଡ଼ିଶାର ବିକାଶ ପାଇଁ ତାଙ୍କର ପୂର୍ଣ୍ଣ ସହଯୋଗ ରହିବ ବୋଲି ପ୍ରକାଶ କରିଛନ୍ତି । ଏହି ସଦସ୍ୟମାନେ ବୁଧବାର ମଧ୍ୟ ଦିଲ୍ଲୀରେ ରାତ୍ରିଯାପନ କରିବା ସହ ଗୁରୁବାର ଲୋକ ସଭା ବାଚସ୍ପତିଙ୍କୁ ଭେଟିବା କାର୍ଯ୍ୟକ୍ରମ ଶେଷକରି ଫେରି ଆସିବେ ବୋଲି ଜଣାପଡ଼ିଛି।

# ଶପଥ ନେଲେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବାବୁଲ ସୁପ୍ରିୟୋ

**ମମତାଙ୍କ କ୍ୟାବିନେଟରେ ୯ ନୂଆ ମୁହଁ**

**ନୂଆଦିଲ୍ଲୀ,୩।୮**

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବୁଧବାର ନିଜ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରିଛନ୍ତି। ତାଙ୍କ କ୍ୟାବିନେଟରେ ୯ ବିଧାୟକଙ୍କୁ ନୂଆ ମନ୍ତ୍ରୀ ରୂପେ ସାମିଲ କରାଯାଇଛି। ରାଜଭବନରେ ରାଜ୍ୟପାଳ ଲା ଗଣେଶନ ସେମାନଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି।

ନୂଆକରି ସାମିଲ ହୋଇଥିବା ମନ୍ତ୍ରୀଙ୍କ ମଧ୍ୟରେ ସବୁଠୁ ଚର୍ଚ୍ଚିତ ଚେହେରା ହେଉଛନ୍ତି ଗାୟକରୁ ରାଜନେତା ସାଜିଥିବା ବାବୁଲ ସୁପ୍ରିୟୋ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରଥମ ପାଳି ସରକାରରେ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ରାଷ୍ଟ୍ରମନ୍ତ୍ରୀ ରୂପେ ଦାୟିତ୍ୱ ତୁଲାଇଥିବା ବାବୁଲଙ୍କୁ ଭାଜପା ଛାଡ଼ିବାର ଉପହାର ଦେଇଛନ୍ତି ମମତା। ବାବୁଲଙ୍କ ସହ ସ୍ନେହାଶିଷ ଚକ୍ରବର୍ତ୍ତୀ, ପାର୍ଥ ଭୌମିକ, ଉଦୟନ ଗୁହା ଓ ପ୍ରଦୀପ ମଜୁମଦାରଙ୍କୁ କ୍ୟାବିନେଟ ପାହ୍ୟା ମିଳିଥିବାବେଳେ ବୀରବାହା ହାଁସଦା ଓ ବିପ୍ଳବ ଚୌଧୁରୀ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ରୂପେ ଶପଥ ନେଇଛନ୍ତି। ସେହିପରି ତାଜମୁଲ ହୋସେନ ଓ ସତ୍ୟଜିତ ବର୍ମନଙ୍କୁ ରାଷ୍ଟ୍ରମନ୍ତ୍ରୀ କରାଯାଇଛି। ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାରେ ବରିଷ୍ଠ ମନ୍ତ୍ରୀ ପାର୍ଥ ଚାଟାର୍ଜୀ ଗିରଫ ହେବା ପରେ ମମତା ତାଙ୍କୁ ବିଦା କରିଛନ୍ତି। ଏହା ପରେ କରାଯାଇଥିବା ଏହି ସମ୍ପ୍ରସାରଣକୁ ତୃଣମୂଳ କଂଗ୍ରେସ ସୁପ୍ରିମୋଙ୍କ ଡ୍ୟାମେଜ୍ କଣ୍ଟ୍ରୋଲ ବୋଲି କୁହାଯାଉଛି।



ବାବୁଲ ସୁପ୍ରିୟୋ

# ୫ରେ ରାଜଭବନ ଘେରିବ କଂଗ୍ରେସ

**ଜିଲାପାଳ, ଅତିରିକ୍ତ ଜିଲାପାଳ ଅଫିସ୍ ଘେରିବାକୁ ଆହ୍ୱାନ**

**ଭୁବନେଶ୍ୱର, ୩।୮ (ବ୍ୟୁରୋ):** ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ୍ ଏବଂ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଅହେତୁକ ମୂଲ୍ୟବୃଦ୍ଧି ଘଟିବାରେ ଲାଗିଛି। ବେକାରି ସମସ୍ୟା, ଅଗ୍ନିପଥ ଯୋଜନା ଏବଂ ମୁଢ଼ି, ଗୁଡ଼, ଖଇ ପ୍ରଭୃତି ଉପରେ ଜିଏସ୍‌ଟି ଲାଗୁ ବିରୋଧରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତା କଥା ଲୋକଙ୍କ ପାଖରେ ପହଞ୍ଚାଯିବ। ଏହାକୁ ନେଇ ଆସନ୍ତା ୫ ତାରିଖରେ ‘ରାଜଭବନ ଘେରାଉ’ କରାଯିବ ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ କହିଛନ୍ତି। ସେହିଭଳି ଜିଲାସ୍ତରରେ ଜିଲାପାଳଙ୍କ ଅଫିସ ବା ଅତିରିକ୍ତ ଜିଲାପାଳଙ୍କ ଅଫିସକୁ ଘେରାଉ କରାଯିବ ବୋଲି ପିସିସି ସଭାପତି ସୂଚନା ଦେଇଛନ୍ତି। ତେବେ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ କେନ୍ଦ୍ରକୁ ଟାର୍ଗେଟ କରିବା ସହ ଦଳ କେନ୍ଦ୍ର ବିରୋଧରେ ଲଢ଼ିବ ଏବଂ ଟିକସ ନିଶ୍ଚୟ ହଟିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

# ରାହୁଲ ପ୍ରଧାନମନ୍ତ୍ରୀ ହେବେ



ଲିଙ୍ଗାୟତ ସନ୍ଥଙ୍କ ସହ କଂଗ୍ରେସ ନେତା ରାହୁଲ ଗାନ୍ଧୀ।

**କର୍ଣ୍ଣାଟକ ସନ୍ଥଙ୍କ ଭବିଷ୍ୟବାଣୀ**

**ଚିତ୍ରଦୁର୍ଗ,୩।୮:** କଂଗ୍ରେସ ନେତା ରାହୁଲ ଗାନ୍ଧୀ ଦିନେ ତାଙ୍କ ଜେଜେ ମା’ ଇନ୍ଦିରା ଗାନ୍ଧୀ ଓ ବାପା ରାଜୀବ ଗାନ୍ଧୀଙ୍କ ଭଳି ପ୍ରଧାନମନ୍ତ୍ରୀ ହେବେ ବୋଲି କର୍ଣ୍ଣାଟକ ସ୍ଥିତ ଶ୍ରୀ ମୁରୁଗାରାଜେନ୍ଦ୍ର ମଠର ଜଣେ ସାଧୁ ଭବିଷ୍ୟବାଣୀ କରିଛନ୍ତି।

ଆସନ୍ତା ବର୍ଷ କର୍ଣ୍ଣାଟକରେ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ରାହୁଲ ବୁଧବାର ଦକ୍ଷିଣ ଭାରତର ଏହି ରାଜ୍ୟକୁ ଗସ୍ତ କରିଛନ୍ତି। ଚିତ୍ରଦୁର୍ଗର ପ୍ରସିଦ୍ଧ ମୁରୁଗା ମଠରେ ସେ ଲିଙ୍ଗାୟତ ସମ୍ପ୍ରଦାୟର ଦୀକ୍ଷା ନେଇଛନ୍ତି। ରାହୁଲ ମଠାଧିଶ ଶିବମୂର୍ତ୍ତି ମୁରୁଗା ଶରଣରୁଙ୍କୁ ଭେଟି ତାଙ୍କ ଆଶୀର୍ବାଦ ନେଇଥିଲେ। ଏହି ଅବସରରେ ସେଠାରେ ଉପସ୍ଥିତ ସନ୍ଥ କହିଥିଲେ, ଇନ୍ଦିରା ଓ ରାଜୀବ ଲିଙ୍ଗାୟତ ଦୀକ୍ଷା ନେଇଥିଲେ। ଏବେ ରାହୁଲ ମଧ୍ୟ ଦୀକ୍ଷା ନେଇଛନ୍ତି। ସେ ମଧ୍ୟ ଦିନେ ଭାରତର ପ୍ରଧାନମନ୍ତ୍ରୀ ହେବେ। ଏହା ଶୁଣି ଶିବମୂର୍ତ୍ତି କହିଥିଲେ, ଏପରି କୁହନ୍ତୁ ନାହିଁ। ଏହା ଉପଯୁକ୍ତ ମଞ୍ଚ ନୁହେଁ। ଲୋକେ ନିଷ୍ପତ୍ତି ନେବେ। ପ୍ରକାଶ ଯେ, କର୍ଣ୍ଣାଟକ ଜନସଂଖ୍ୟାର ୧୭% ହେଉଛନ୍ତି ଲିଙ୍ଗାୟତ, ଯାହାଙ୍କୁ ଭାଜପାର ପାରମ୍ପରିକ ଭୋଟର ବିବେଚନା କରାଯାଏ। ଭାଜପା ଶାସିତ ଏହି ରାଜ୍ୟରେ କ୍ଷେତ୍ର ପ୍ରସ୍ତୁତି ପାଇଁ ରାହୁଲ ଲିଙ୍ଗାୟତ ଦୀକ୍ଷା ନେଇଥିବା କୁହାଯାଉଛି।


**ODISHA PUBLIC SERVICE COMMISSION**
**CUTTACK**
**NOTICE**
**No.7156/PSC Dt.03.08.2022**
**(1E-06-2022-23) (DR-II)**
**Website: http://www.opsc.gov.in**

No. D-129: It is for information of all concerned that the written examination for recruitment to the post of **Assistant Professor (Super Speciality)** in Odisha Medical Education Service under H&F.W. Department, pursuant to Advertisement No. 20 of 2021-22 shall be conducted **on 11.09.2022 (Sunday)** at Cuttack, as per the following programme. The detailed programme along with venue will be notified later in the website of the Commission.

| Date | Session / Time | Disciplines |
|---|---|---|
| 11.09.2022 (Sunday) | **1st Session** 9.30 A.M. to 12.30 P.M. | C.T.V.S., Endocrinology, Urology, Nephrology, Neurology, Paediatric Surgery, Plastic & Constructive Surgery, Gastrotenterology & Surgical Gastroenterology = **09 Disciplines** |
| | **2nd Session** 2.00 P.M. to 5.00 P.M. | Haepatology = **01 Discipline** |

The concerned candidates are advised to visit the website of OPSC **(www.opsc.gov.in)** regularly for further updates.

**N.B.:** It is information of all concerned that, as per order of the Hon'ble High Court dated 24.06.2022 in W.P. (C) No. 1315 of 2022, the conduct of written examination in the discipline of **“Clinical Haematology”** is kept in abeyance.

**OIPR-12002/11/0130/2223** **Sd./- Secretary**

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES

**OFFICE OF THE CHIEF GENERAL MANAGER (P&C), IDCO, IDCO TOWER, BHUBANESWAR**
**Tender Call Notice No. H.O./P&C/EST/E- 01871/01/2022/19726, dated: 02.08.2022**
**NOTICE INVITING TENDER THROUGH e-Procurement**

**No.CAD-1343: Name of the work :**Construction of 245 Persons Capacity Executives Hostel (G+7) at Plastic Park, Paradeep, Dist- Jagatsinghpur. Estimated Cost:- Rs.3428.58 Lakh (Apprx). Period of Completion: 18 (Eighteen) Calendar Months.

| Procurement Officer | Bid Identification No. | Availability of Tender on-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Tower, Bhubaneswar | **Bid Id No.** PC/EST/E-39/ 2022-23 | 17.00 Hours of 11.08.2022 | 17.00 Hours of 01.09.2022 |

**Further details can be seen from the e-Procurement Portal.www.tendersorissa.gov.in.** and Corrigendum if any will not be published in newspapers and can only be seen in the e-procurement portal **www.tenderorissa.gov.in and IDCO website www.idco.in.**

**Sd./- Chief General Manager (P&C), IDCO, Bhubaneswar**
**OIPR-14003/11/0092/2223**

**GOVERNMENT OF ODISHA**
**OFFICE OF THE EXECUTIVE ENGINEER,RURAL WORKS DIVISION-II, BALASORE**
**e-Procurement Notice for Road Works**
**Bid Identification No.Online tender/02/RWD-II BLS/2022-23**

**No.O-776:**1. Name of the Work: Road Work. 2. Total No. of Works: 4 (Four) Nos. 3. Estimated Cost: As in Annexure. 4. Class of Contractor: As per Annexure. 5. Time of Completion: As per ETCN-02 of 2022-23. 6. Other Details: As per DTCN.

| Procurement Officer | Bid Identification No. | Availability of tender Online for bidding | | Last date & time of seeking tender clarification | Date & Time of Opening of Tender in O/o E.E.,R.W.Divn-II, Balasore (Double & Single Cover) | |
|---|---|---|---|---|---|---|
| | | From | To | | Technical Bid for Double cover/ Financial bid of Single Cover | Financial Bid |
| 1 | 2 | 3 | 4 | 5 | 6 | 7 |
| Executive Engineer, R.W.Division-II, Balasore | ETCN-02 of 2022-23 | 04.08.2022 at 5.00 P.M. | 12.08.2022 upto 5.00 PM | 11.08.2022 upto 4.00 PM | 17.08.2022 at 11.00 AM | 19.08.2022 at 11.00 AM |

Further details can be seen from the website www.tendersorissa.gov.in.

**OIPR-25052/11/0006/2223** **Sd./- Executive Engineer, R.W.Division-II, Balasore**

**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BALASORE**
**E-Mail ID: serw_balasore@yahoo.in, Ph.No.-06782/260318, Balia, Balasore**
**“e” Procurement Notice for Bridge Work**
**Identification No.- Online Tender- Bridge N.C.B. No. 346**
**Letter No. 2903 /WE Date 30.07.2022**

**No.O-777:**1.Name of the work :- Bridge works. 2.Total No. of work :- 1 No. (One). 3.Estimated Cost :- Rs. 562.58 lakhs (Approximately). 4.Eligible Class of Contractor :- “A” Class & “Special” Class (of Odisha P.W.D.) or relevant Class of other licensing authorities (as per annexure). 5. Period of Completion : 15 (Fifteen) Calendar months for the work. Other details :

| Procurement Officer | Bid Identification No. | Availability of tender Online for bidding | | Last date & time of seek-ing tender clarification | Date & Time of Opening of Tender in O/O C.C.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | NCB No.346 | 06.08.2022 at 11.00 A.M. | 23.08.2022 upto 5.00 P.M. | 22.08.2022 upto 5.00 P.M. | 24.08.2022 at 11.00 A.M. | Will be intimated later |

- Further details can be seen from the website: www.tendersodisha.gov.in.

**Sd./- Er.S.K. Mishra**
**Chief Construction Engineer, R.W.Circle, Balasore**
**OIPR-25105/11/0025/2223**

**RITES LIMITED** (A Govt. of India Enterprise)
RITES THE INFRASTRUCTURE PEOPLE

**RITES LTD. OFFICE TO-LET**

Regional Project Office: Bhagwan Tower, 1st Floor, Block-A, Cuttack Road, Bhubaneswar-751006 (**1st Floor-6104 Sqft.**). Govt. Organization/ Bank Head / Office or Regional Office/Corporate House/Central Govt. Office/PSUs/Private/Corporate can avail on Rent.

**BASE RENT: Rs.25/PER SQFT. (NEGOTIABLE)**

Please Contact: RITES Ltd., Regional Project Office: Unit No. 1122-1132, 11th Floor, DLF Cyber City, Infocity Road, Chandaka Industrial Estate, Patia, Bhubaneswar-751024, Mobile No.: 9437003001, 9013855949, Email: bbsrpo@rites.com

**ଓଡ଼ିଶା ସରକାର** No. RR-18
**ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ**
**ସଂସ୍କୃତି ଭବନ, ଭୁବନେଶ୍ୱର – ୧୪**
**‘‘ମନୋଜ ଦାସ ଜାତୀୟ ସାହିତ୍ୟ ପୁରସ୍କାର’’ ପ୍ରଦାନ ନିମନ୍ତେ ଦରଖାସ୍ତ ଆହ୍ୱାନ**

୧. ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ‘‘ମନୋଜ ଦାସ ଜାତୀୟ ସାହିତ୍ୟ ପୁରସ୍କାର’’ ୨୦୨୨ ବର୍ଷ ପାଇଁ ଦରଖାସ୍ତ/ମନୋନୟନ ଆହ୍ୱାନ କରାଯାଉଅଛି।
୨. ଉକ୍ତ ସମ୍ମାନ ନିମନ୍ତେ ଯୋଗ୍ୟ ସାହିତ୍ୟିକ ଚୟନ ନିମନ୍ତେ ଅଭିଜ୍ଞ ତଥା ଇଂରାଜୀ ସାହିତ୍ୟରେ ପାରଦର୍ଶିତା ଥିବା ଜାତୀୟ ଓ ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ବରିଷ୍ଠ ସାହିତ୍ୟିକମାନଙ୍କୁ ନେଇ ଏକ ପାଞ୍ଚ ଜଣିଆ ବିଶେଷଜ୍ଞ କମିଟି ବିଭାଗୀୟ ଶାସନ ସଚିବଙ୍କ ଆବାହକତ୍ୱରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସ୍ଥିର କରିବେ।
୩. ଇଂରାଜୀ ଭାଷାରେ ସୃଜନାତ୍ମକ ସାହିତ୍ୟ ସୃଷ୍ଟି କରୁଥିବା ଯେ କୌଣସି ଭାରତୀୟ ଭାଷାର ସାହିତ୍ୟିକଙ୍କୁ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ଏହି ପୁରସ୍କାରର ଟ.୧୦,୦୦,୦୦୦/- (ଦଶ ଲକ୍ଷ ଟଙ୍କା) ଅର୍ଥରାଶି ସହିତ ତାମ୍ରଫଳକ ଆଦି ପ୍ରଦାନ କରାଯିବ।
୪. ସମ୍ମାନ ପ୍ରାପ୍ତି ନିମନ୍ତେ ଯୋଗ୍ୟ ସାହିତ୍ୟିକଙ୍କର ଅତିକମ୍‌ରେ ଦଶଟି ମୌଳିକ ସଂକଳନ/ପୁସ୍ତକ ଇଂରାଜୀ ଭାଷାରେ ପ୍ରକାଶ ଲାଭ କରିଥିବା ଆବଶ୍ୟକ। ରଚନାର ମୌଳିକତା, ସୂଚନାତ୍ମକତା ଓ କଳାତ୍ମକତା ବହୁଳ ଭାବେ ବିଶ୍ଳେଷିତ ହୋଇଥିବା ଆବଶ୍ୟକ। ଏତଦ୍‌ବ୍ୟତୀତ ଲେଖକଙ୍କର ମୌଳିକ ସୃଷ୍ଟି ଅନ୍ୟାନ୍ୟ ବିଦେଶୀ ଭାଷାରେ ଅନୁଦିତ ହୋଇ ପ୍ରକାଶ ଲାଭ କରିଥିଲେ ତାହାକୁ ଅଗ୍ରାଧିକାର ଦିଆଯିବା ସହିତ ତାଙ୍କର ଜୀବନବ୍ୟାପୀ ସାଧନାକୁ ପ୍ରାଧାନ୍ୟ ଦିଆଯିବ।
୫. ଏହି ପୁରସ୍କାର ପାଇଁ ଉପଯୁକ୍ତ ଯୋଗ୍ୟ ସାହିତ୍ୟିକ/ସାହିତ୍ୟିକା ଉପଲବ୍ଧ ନ ହେଲେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତାହାକୁ ନାକଚ କରିପାରିବେ ଏବଂ ଏହି ବର୍ଷ ପାଇଁ ଉକ୍ତ ସମ୍ମାନ ପ୍ରଦାନ କରାଯାଇ ପାରିବ ନାହିଁ।
୬. ସମ୍ମାନ ପ୍ରାପ୍ତି ନିମନ୍ତେ ବିଶେଷଜ୍ଞ କମିଟି ଦ୍ୱାରା ଚୟନ କରାଯାଇଥିବା ସାହିତ୍ୟିକଙ୍କ ନାମ ନିର୍ବିବାଦୀୟ ହେବା ବାଞ୍ଛନୀୟ ଯାହା ଓଡ଼ିଶା ସରକାରଙ୍କ ନିଷ୍ପତ୍ତି ବୋଲି ଧରାଯିବ।
୭. ମରଣୋତ୍ତର ଭାବେ ଏହି ସମ୍ମାନ କୌଣସି ସାହିତ୍ୟିକଙ୍କୁ ପ୍ରଦାନ କରାଯିବ ନାହିଁ।
୮. ନିଜେ ସାହିତ୍ୟିକା/ସାହିତ୍ୟିକ କିମ୍ବା ତାଙ୍କର ପ୍ରତିନିଧି ଅଥବା କୌଣସି ବ୍ୟକ୍ତିବିଶେଷ ସାହିତ୍ୟିକା/ସାହିତ୍ୟିକଙ୍କ ସପକ୍ଷରେ ଆବଶ୍ୟକୀୟ ପ୍ରମାଣପତ୍ର ସହ ଆବେଦନ ଫର୍ମ ସଠିକ୍ ଭାବେ ପୂରଣ କରି ତା୩୦।୦୮।୨୦୨୨ରିଖ ମଧ୍ୟରେ ସରକାରୀ କାର୍ଯ୍ୟ ଦିବସରେ ସମୟ ନିର୍ଘଣ୍ଟ ଅନୁସାରେ ନିର୍ଦ୍ଦେଶକ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ସଂସ୍କୃତି ଭବନ (ଦ୍ୱିତୀୟ ମହଲା), ଭୁବନେଶ୍ୱର – ୭୫୧୦୧୪ କିମ୍ବା ବିଭାଗୀୟ E-mail ID: **directorateofculture@gmail.com**ରେ ଦାଖଲ କରିପାରିବେ। ନିର୍ଦ୍ଧାରିତ ସମୟସୀମା ପରେ କୌଣସି ଆବେଦନପତ୍ର ଗ୍ରହଣୀୟ ହେବ ନାହିଁ।
୯. ଆବେଦନ ସମ୍ବନ୍ଧୀୟ ତଥ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର Website: **www.odishaculture.gov.in**ରେ ମଧ୍ୟ ଉପଲବ୍ଧ ହେବ।

ସ୍ୱା./– ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
OIPR-03001/11/0011/2223 ଓଡ଼ିଶା, ଭୁବନେଶ୍ୱର

**OFFICE OF THE SUPERINTENDENT**
**SARDAR VALLAVBHAI PATEL POST GRADUATE INSTITUTE OF PEDIATRICS**
**HEALTH & F.W. DEPARTMENT, GOVT. OF ODISHA**
**Cuttack - 753002, Tel./Fax: 0671-2508978**
**E-Mail ID: svppgip_cuttack@rediffmail.com, www.svppgip.org**
**Letter No. 3091** **Date: 02.08.2022**

**SHORT TENDER CALL NOTICE**

No. E-365: The Superintendent, SVPPGIP, Cuttack invites sealed tender from registered firms for supply of BMW logistic items to this institute during the year 2022-23. The tender will be two bid systems as technical bid and price bid. The details of last date of sale, receipt of tender, opening of bid & term and condition can be find in tender paper which can be downloaded from the institution website **www.svppgip.org**. The bid cost Rs.200/- (Two hundred only) in the form of DD should be enclosed with the tender paper. The tender should send by Speed Post/Regisered Post only.

**Sd./- Superintendent, SVPPGIP, Cuttack**
**OIPR-10176/11/0007/2223**

| କ୍ରମିକ ସଂଖ୍ୟା | ଗ୍ରାମ ନାମ | ଖାତା ନମ୍ବର | ପ୍ଲଟ ନମ୍ବର | ସମୁଦାୟ କ୍ଷେତ୍ର (ହେକ୍ଟର) | ଆବଶ୍ୟକ କ୍ଷେତ୍ର (ହେକ୍ଟର) | କିସମ | ଜମିର ପ୍ରକାର/ ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| 476 | ଦୁବନାଳୀ | 64 | 471 P | 0.0445 | 0.0365 | ଶାରଦ ଅଣଜଳସେଚିତ ଏକ | ବ୍ୟକ୍ତିଗତ |
| 477 | ଦୁବନାଳୀ | 64 | 474 P | 0.1090 | 0.0300 | ଶାରଦ ଅଣଜଳସେଚିତ ଏକ | ବ୍ୟକ୍ତିଗତ |
| 478 | ଦୁବନାଳୀ | 64 | 475 | 0.0425 | 0.0425 | ଶାରଦ ଅଣଜଳସେଚିତ ଏକ | ବ୍ୟକ୍ତିଗତ |
| 479 | ଦୁବନାଳୀ | 64 | 476 | 0.0360 | 0.0360 | ଶାରଦ ଅଣଜଳସେଚିତ ଏକ | ବ୍ୟକ୍ତିଗତ |
| 480 | ଦୁବନାଳୀ | 64 | 477 P | 0.0425 | 0.0100 | ଶାରଦ ଅଣଜଳସେଚିତ ଏକ | ବ୍ୟକ୍ତିଗତ |
| 481 | ଦୁବନାଳୀ | 64 | 478 P | 0.0680 | 0.0360 | ଶାରଦ ଅଣଜଳସେଚିତ ଦୁଇ | ବ୍ୟକ୍ତିଗତ |
| 482 | ଦୁବନାଳୀ | 25 | 479 | 0.0280 | 0.0280 | ଶାରଦ ଅଣଜଳସେଚିତ ଦୁଇ | ବ୍ୟକ୍ତିଗତ |
| 483 | ଦୁବନାଳୀ | 25 | 480 P | 0.0365 | 0.0080 | ଶାରଦ ଅଣଜଳସେଚିତ ଦୁଇ | ବ୍ୟକ୍ତିଗତ |
| 484 | ଦୁବନାଳୀ | 25 | 481 P | 0.0365 | 0.0320 | ଶାରଦ ଅଣଜଳସେଚିତ ଦୁଇ | ବ୍ୟକ୍ତିଗତ |
| 485 | ଦୁବନାଳୀ | 25 | 482 | 0.0220 | 0.0220 | ଶାରଦ ଅଣଜଳସେଚିତ ଦୁଇ | ବ୍ୟକ୍ତିଗତ |
| 486 | ଦୁବନାଳୀ | 25 | 483 | 0.0160 | 0.0160 | ଶାରଦ ଅଣଜଳସେଚିତ ଦୁଇ | ବ୍ୟକ୍ତିଗତ |
| 487 | ଦୁବନାଳୀ | 25 | 484 | 0.0200 | 0.0200 | ଶାରଦ ଅଣଜଳସେଚିତ ଦୁଇ | ବ୍ୟକ୍ତିଗତ |
| 488 | ଦୁବନାଳୀ | 25 | 485 | 0.0245 | 0.0245 | ଶାରଦ ଅଣଜଳସେଚିତ ଦୁଇ | ବ୍ୟକ୍ତିଗତ |
| 489 | ଦୁବନାଳୀ | 25 | 486 P | 0.0920 | 0.0110 | ତଇଳା | ବ୍ୟକ୍ତିଗତ |
| 490 | ଦୁବନାଳୀ | 25 | 487 P | 0.0670 | 0.0270 | ଶାରଦ ଅଣଜଳସେଚିତ ଦୁଇ | ବ୍ୟକ୍ତିଗତ |
| 491 | ଦୁବନାଳୀ | 57 | 506 P | 0.0485 | 0.0285 | ଶାରଦ ଅଣଜଳସେଚିତ ଦୁଇ | ବ୍ୟକ୍ତିଗତ |
| 492 | ଦୁବନାଳୀ | 25 | 659 P | 0.0670 | 0.0270 | ଶାରଦ ଅଣଜଳସେଚିତ ଏକ | ବ୍ୟକ୍ତିଗତ |
| 493 | ଦୁବନାଳୀ | 25 | 660 P | 0.0325 | 0.0245 | ଶାରଦ ଅଣଜଳସେଚିତ ଏକ | ବ୍ୟକ୍ତିଗତ |
| 494 | ଦୁବନାଳୀ | 25 | 661 P | 0.0480 | 0.0460 | ଶାରଦ ଅଣଜଳସେଚିତ ଏକ | ବ୍ୟକ୍ତିଗତ |
| 495 | ଦୁବନାଳୀ | 25 | 662 P | 0.0320 | 0.0020 | ଶାରଦ ଅଣଜଳସେଚିତ ଦୁଇ | ବ୍ୟକ୍ତିଗତ |
| 496 | ଦୁବନାଳୀ | 25 | 671 P | 0.0860 | 0.0100 | ଶାରଦ ଅଣଜଳସେଚିତ ଏକ | ବ୍ୟକ୍ତିଗତ |
| 497 | ଦୁବନାଳୀ | 25 | 672 P | 0.1330 | 0.0840 | ଶାରଦ ଅଣଜଳସେଚିତ ଏକ | ବ୍ୟକ୍ତିଗତ |
| 498 | ଦୁବନାଳୀ | 25 | 673 | 0.0600 | 0.0600 | ଶାରଦ ଅଣଜଳସେଚିତ ଏକ | ବ୍ୟକ୍ତିଗତ |
| 499 | ଦୁବନାଳୀ | 25 | 674 P | 0.0730 | 0.0650 | ଶାରଦ ଅଣଜଳସେଚିତ ଏକ | ବ୍ୟକ୍ତିଗତ |
| 500 | ଦୁବନାଳୀ | 25 | 688 P | 0.0405 | 0.0200 | ଶାରଦ ଅଣଜଳସେଚିତ ଏକ | ବ୍ୟକ୍ତିଗତ |
| 501 | ଦୁବନାଳୀ | 25 | 689 P | 0.1590 | 0.1260 | ଶାରଦ ଅଣଜଳସେଚିତ ଏକ | ବ୍ୟକ୍ତିଗତ |
| 502 | ଦୁବନାଳୀ | 25 | 690 | 0.0285 | 0.0285 | ଶାରଦ ଅଣଜଳସେଚିତ ଏକ | ବ୍ୟକ୍ତିଗତ |
| 503 | ଦୁବନାଳୀ | 25 | 691 P | 0.0245 | 0.0160 | ଶାରଦ ଅଣଜଳସେଚିତ ଏକ | ବ୍ୟକ୍ତିଗତ |
| 504 | ଦୁବନାଳୀ | 25 | 692 P | 0.0210 | 0.0130 | ଶାରଦ ଅଣଜଳସେଚିତ ଏକ | ବ୍ୟକ୍ତିଗତ |
| 505 | ଦୁବନାଳୀ | 25 | 693 | 0.0240 | 0.0240 | ଶାରଦ ଅଣଜଳସେଚିତ ଏକ | ବ୍ୟକ୍ତିଗତ |
| 506 | ଦୁବନାଳୀ | 25 | 694 P | 0.0500 | 0.0200 | ଶାରଦ ଅଣଜଳସେଚିତ ଏକ | ବ୍ୟକ୍ତିଗତ |
| 507 | ଦୁବନାଳୀ | 25 | 695 P | 0.0525 | 0.0080 | ଶାରଦ ଅଣଜଳସେଚିତ ଏକ | ବ୍ୟକ୍ତିଗତ |
| 508 | ଦୁବନାଳୀ | 25 | 698 P | 0.0220 | 0.0060 | ଶାରଦ ଅଣଜଳସେଚିତ ଏକ | ବ୍ୟକ୍ତିଗତ |
| 509 | ଦୁବନାଳୀ | 25 | 699 | 0.0280 | 0.0280 | ଶାରଦ ଅଣଜଳସେଚିତ ଏକ | ବ୍ୟକ୍ତିଗତ |
| 510 | ଦୁବନାଳୀ | 25 | 700 P | 0.0260 | 0.0160 | ଶାରଦ ଅଣଜଳସେଚିତ ଏକ | ବ୍ୟକ୍ତିଗତ |
| 511 | ଦୁବନାଳୀ | 25 | 701 P | 0.0260 | 0.0020 | ଶାରଦ ଅଣଜଳସେଚିତ ଏକ | ବ୍ୟକ୍ତିଗତ |
| 512 | ଦୁବନାଳୀ | 35 | 728 P | 0.1970 | 0.0800 | ଶାରଦ ଅଣଜଳସେଚିତ ଏକ | ବ୍ୟକ୍ତିଗତ |
| 513 | ଦୁବନାଳୀ | 55 | 741 P | 0.0520 | 0.0440 | ଶାରଦ ଅଣଜଳସେଚିତ ଏକ | ବ୍ୟକ୍ତିଗତ |
| 514 | ଦୁବନାଳୀ | 1 | 742 | 0.0580 | 0.0580 | ଶାରଦ ଅଣଜଳସେଚିତ ଏକ | ବ୍ୟକ୍ତିଗତ |
| 515 | ଦୁବନାଳୀ | 1 | 743 P | 0.0450 | 0.0225 | ଶାରଦ ଅଣଜଳସେଚିତ ଏକ | ବ୍ୟକ୍ତିଗତ |
| 516 | ଦୁବନାଳୀ | 57 | 746 P | 0.0920 | 0.0360 | ଶାରଦ ଅଣଜଳସେଚିତ ଏକ | ବ୍ୟକ୍ତିଗତ |
| 517 | ଦୁବନାଳୀ | 30 | 747 P | 0.0285 | 0.0020 | ଶାରଦ ଅଣଜଳସେଚିତ ଏକ | ବ୍ୟକ୍ତିଗତ |
| 518 | ଦୁବନାଳୀ | 57 | 748 P | 0.0850 | 0.0770 | ଶାରଦ ଅଣଜଳସେଚିତ ଏକ | ବ୍ୟକ୍ତିଗତ |
| 519 | ଦୁବନାଳୀ | 30 | 749 | 0.0160 | 0.0160 | ଶାରଦ ଅଣଜଳସେଚିତ ଏକ | ବ୍ୟକ୍ତିଗତ |
| 520 | ଦୁବନାଳୀ | 1 | 750 P | 0.0450 | 0.0225 | ଶାରଦ ଅଣଜଳସେଚିତ ଏକ | ବ୍ୟକ୍ତିଗତ |
| 521 | ଦୁବନାଳୀ | 57 | 752 P | 0.0620 | 0.0120 | ଶାରଦ ଅଣଜଳସେଚିତ ଦୁଇ | ବ୍ୟକ୍ତିଗତ |
| 522 | ଦୁବନାଳୀ | 1 | 753 P | 0.0280 | 0.0060 | ଶାରଦ ଅଣଜଳସେଚିତ ଦୁଇ | ବ୍ୟକ୍ତିଗତ |
| 523 | ଦୁବନାଳୀ | 1 | 754 | 0.0160 | 0.0160 | ଶାରଦ ଅଣଜଳସେଚିତ ଏକ | ବ୍ୟକ୍ତିଗତ |
| 524 | ଦୁବନାଳୀ | 1 | 755 | 0.0180 | 0.0180 | ଶାରଦ ଅଣଜଳସେଚିତ ଏକ | ବ୍ୟକ୍ତିଗତ |
| 525 | ଦୁବନାଳୀ | 50 | 756 | 0.0300 | 0.0300 | ଶାରଦ ଅଣଜଳସେଚିତ ଦୁଇ | ବ୍ୟକ୍ତିଗତ |
| 526 | ଦୁବନାଳୀ | 50 | 757 | 0.0360 | 0.0360 | ଶାରଦ ଅଣଜଳସେଚିତ ଦୁଇ | ବ୍ୟକ୍ତିଗତ |
| 527 | ଦୁବନାଳୀ | 57 | 758 | 0.0100 | 0.0100 | ଶାରଦ ଅଣଜଳସେଚିତ ଦୁଇ | ବ୍ୟକ୍ତିଗତ |
| 528 | ଦୁବନାଳୀ | 57 | 759 | 0.0180 | 0.0180 | ଶାରଦ ଅଣଜଳସେଚିତ ଦୁଇ | ବ୍ୟକ୍ତିଗତ |
| 529 | ଦୁବନାଳୀ | 50 | 760 P | 0.0550 | 0.0410 | ଶାରଦ ଅଣଜଳସେଚିତ ଦୁଇ | ବ୍ୟକ୍ତିଗତ |
| 530 | ଦୁବନାଳୀ | 57 | 761 | 0.0180 | 0.0180 | ଶାରଦ ଅଣଜଳସେଚିତ ଦୁଇ | ବ୍ୟକ୍ତିଗତ |
| 531 | ଦୁବନାଳୀ | 1 | 762 | 0.0220 | 0.0220 | ଶାରଦ ଅଣଜଳସେଚିତ ଏକ | ବ୍ୟକ୍ତିଗତ |
| 532 | ଦୁବନାଳୀ | 50 | 763 P | 0.0250 | 0.0210 | ଶାରଦ ଅଣଜଳସେଚିତ ଏକ | ବ୍ୟକ୍ତିଗତ |
| 533 | ଦୁବନାଳୀ | 50 | 764 | 0.0245 | 0.0245 | ଶାରଦ ଅଣଜଳସେଚିତ ଏକ | ବ୍ୟକ୍ତିଗତ |
| 534 | ଦୁବନାଳୀ | 57 | 765 | 0.0605 | 0.0605 | ଶାରଦ ଅଣଜଳସେଚିତ ଦୁଇ | ବ୍ୟକ୍ତିଗତ |
| 535 | ଦୁବନାଳୀ | 1 | 766 | 0.0300 | 0.0300 | ଶାରଦ ଅଣଜଳସେଚିତ ଏକ | ବ୍ୟକ୍ତିଗତ |
| 536 | ଦୁବନାଳୀ | 1 | 767 P | 0.0380 | 0.0300 | ଶାରଦ ଅଣଜଳସେଚିତ ଏକ | ବ୍ୟକ୍ତିଗତ |
| 537 | ଦୁବନାଳୀ | 11 | 769 | 0.0360 | 0.0040 | ଶାରଦ ଅଣଜଳସେଚିତ ଏକ | ବ୍ୟକ୍ତିଗତ |
| 538 | ଦୁବନାଳୀ | 25 | 782 P | 0.0630 | 0.0500 | ଶାରଦ ଅଣଜଳସେଚିତ ଦୁଇ | ବ୍ୟକ୍ତିଗତ |
| 539 | ଦୁବନାଳୀ | 95 | 835 | 0.9670 | 0.9670 | ନାଳ | ସରକାରୀ |
| 540 | ଦୁବନାଳୀ | 37 | 1038 | 0.0120 | 0.0020 | ଶାରଦ ଅଣଜଳସେଚିତ ଦୁଇ | ବ୍ୟକ୍ତିଗତ |
| 541 | ଦୁବନାଳୀ | 37 | 1039 P | 0.0120 | 0.0100 | ଶାରଦ ଅଣଜଳସେଚିତ ଦୁଇ | ବ୍ୟକ୍ତିଗତ |
| 542 | ଦୁବନାଳୀ | 37 | 1040 | 0.0080 | 0.0080 | ଶାରଦ ଅଣଜଳସେଚିତ ଦୁଇ | ବ୍ୟକ୍ତିଗତ |
| 543 | ଦୁବନାଳୀ | 37 | 1041 | 0.0080 | 0.0080 | ଶାରଦ ଅଣଜଳସେଚିତ ଦୁଇ | ବ୍ୟକ୍ତିଗତ |
| 544 | ଦୁବନାଳୀ | 68 | 1043 | 0.0040 | 0.0040 | ଶାରଦ ଅଣଜଳସେଚିତ ଦୁଇ | ବ୍ୟକ୍ତିଗତ |
| 545 | ଦୁବନାଳୀ | 90 | 1044 P | 0.0470 | 0.0360 | ଶାରଦ ଅଣଜଳସେଚିତ ଦୁଇ | ବ୍ୟକ୍ତିଗତ |
| 546 | ଦୁବନାଳୀ | 68 | 1045 | 0.0470 | 0.0470 | ଶାରଦ ଅଣଜଳସେଚିତ ଦୁଇ | ବ୍ୟକ୍ତିଗତ |
| 547 | ଦୁବନାଳୀ | 50 | 1046 | 0.0160 | 0.0160 | ଶାରଦ ଅଣଜଳସେଚିତ ଦୁଇ | ବ୍ୟକ୍ତିଗତ |
| 548 | ଦୁବନାଳୀ | 50 | 1047 | 0.0160 | 0.0160 | ଶାରଦ ଅଣଜଳସେଚିତ ଦୁଇ | ବ୍ୟକ୍ତିଗତ |
| 549 | ଦୁବନାଳୀ | 50 | 1048 P | 0.0160 | 0.0120 | ଶାରଦ ଅଣଜଳସେଚିତ ଦୁଇ | ବ୍ୟକ୍ତିଗତ |
| 550 | ଦୁବନାଳୀ | 50 | 1049 P | 0.0200 | 0.0050 | ଶାରଦ ଅଣଜଳସେଚିତ ଦୁଇ | ବ୍ୟକ୍ତିଗତ |
| 551 | ଦୁବନାଳୀ | 50 | 1053 P | 0.0200 | 0.0020 | ଶାରଦ ଅଣଜଳସେଚିତ ଦୁଇ | ବ୍ୟକ୍ତିଗତ |
| 552 | ଦୁବନାଳୀ | 50 | 1054 P | 0.0200 | 0.0160 | ଶାରଦ ଅଣଜଳସେଚିତ ଦୁଇ | ବ୍ୟକ୍ତିଗତ |
| 553 | ଦୁବନାଳୀ | 57 | 1058 | 0.0160 | 0.0160 | ଶାରଦ ଅଣଜଳସେଚିତ ଦୁଇ | ବ୍ୟକ୍ତିଗତ |
| 554 | ଦୁବନାଳୀ | 68 | 1059 | 0.0390 | 0.0390 | ଶାରଦ ଅଣଜଳସେଚିତ ଦୁଇ | ବ୍ୟକ୍ତିଗତ |
| 555 | ଦୁବନାଳୀ | 67 | 1060 | 0.0080 | 0.0080 | ଶାରଦ ଅଣଜଳସେଚିତ ଦୁଇ | ବ୍ୟକ୍ତିଗତ |
| 556 | ଦୁବନାଳୀ | 68 | 1061 P | 0.0380 | 0.0340 | ଶାରଦ ଅଣଜଳସେଚିତ ଦୁଇ | ବ୍ୟକ୍ତିଗତ |
| 557 | ଦୁବନାଳୀ | 50 | 1063 | 0.0160 | 0.0160 | ଶାରଦ ଅଣଜଳସେଚିତ ଦୁଇ | ବ୍ୟକ୍ତିଗତ |
| 558 | ଦୁବନାଳୀ | 67 | 1065 P | 0.0120 | 0.0100 | ଶାରଦ ଅଣଜଳସେଚିତ ଦୁଇ | ବ୍ୟକ୍ତିଗତ |
| 559 | ଦୁବନାଳୀ | 1 | 1068 P | 0.0140 | 0.0080 | ଶାରଦ ଅଣଜଳସେଚିତ ଦୁଇ | ବ୍ୟକ୍ତିଗତ |
| 560 | ଦୁବନାଳୀ | 50 | 1069 | 0.0120 | 0.0120 | ଶାରଦ ଅଣଜଳସେଚିତ ଦୁଇ | ବ୍ୟକ୍ତିଗତ |
| 561 | ଦୁବନାଳୀ | 50 | 1070 | 0.0180 | 0.0180 | ଶାରଦ ଅଣଜଳସେଚିତ ଦୁଇ | ବ୍ୟକ୍ତିଗତ |
| 562 | ଦୁବନାଳୀ | 1 | 1072 | 0.0160 | 0.0160 | ଶାରଦ ଅଣଜଳସେଚିତ ଦୁଇ | ବ୍ୟକ୍ତିଗତ |
| 563 | ଦୁବନାଳୀ | 1 | 1074 | 0.0160 | 0.0160 | ଶାରଦ ଅଣଜଳସେଚିତ ଦୁଇ | ବ୍ୟକ୍ତିଗତ |
| 564 | ଦୁବନାଳୀ | 23 | 1075 | 0.0180 | 0.0180 | ଶାରଦ ଅଣଜଳସେଚିତ ଦୁଇ | ବ୍ୟକ୍ତିଗତ |
| 565 | ଦୁବନାଳୀ | 57 | 1081 P | 0.0220 | 0.0020 | ଶାରଦ ଅଣଜଳସେଚିତ ଦୁଇ | ବ୍ୟକ୍ତିଗତ |
| 566 | ଦୁବନାଳୀ | 1 | 1082 | 0.0100 | 0.0100 | ଶାରଦ ଅଣଜଳସେଚିତ ଦୁଇ | ବ୍ୟକ୍ତିଗତ |
| 567 | ଦୁବନାଳୀ | 1 | 1083 P | 0.0120 | 0.0100 | ଶାରଦ ଅଣଜଳସେଚିତ ଦୁଇ | ବ୍ୟକ୍ତିଗତ |
| 568 | ଦୁବନାଳୀ | 1 | 1084 P | 0.0120 | 0.0040 | ଶାରଦ ଅଣଜଳସେଚିତ ଦୁଇ | ବ୍ୟକ୍ତିଗତ |
| 569 | ଦୁବନାଳୀ | 1 | 1085 P | 0.0100 | 0.0050 | ଶାରଦ ଅଣଜଳସେଚିତ ଦୁଇ | ବ୍ୟକ୍ତିଗତ |
| 570 | ଦୁବନାଳୀ | 33 | 1088 P | 0.1340 | 0.0200 | ଶାରଦ ଅଣଜଳସେଚିତ ଦୁଇ | ବ୍ୟକ୍ତିଗତ |
| 571 | ଦୁବନାଳୀ | 93 | 1091 P | 0.0280 | 0.0060 | ପତିତ | ସରକାରୀ |
| 572 | ଦୁବନାଳୀ | 94 | 1092 P | 0.0180 | 0.0020 | ରାସ୍ତା | ସରକାରୀ |
| 573 | ଦୁବନାଳୀ | 94 | 1159 P | 0.0895 | 0.0040 | ରାସ୍ତା | ସରକାରୀ |
| 574 | ଦୁବନାଳୀ | 19 | 1184 P | 0.0245 | 0.0125 | ଶାରଦ ଅଣଜଳସେଚିତ ଦୁଇ | ବ୍ୟକ୍ତିଗତ |
| 575 | ଦୁବନାଳୀ | 19 | 1185 P | 0.0460 | 0.0060 | ଶାରଦ ଅଣଜଳସେଚିତ ଦୁଇ | ବ୍ୟକ୍ତିଗତ |
| 576 | ଦୁବନାଳୀ | 19 | 1186 P | 0.0230 | 0.0130 | ଶାରଦ ଅଣଜଳସେଚିତ ଦୁଇ | ବ୍ୟକ୍ତିଗତ |
| 577 | ଦୁବନାଳୀ | 19 | 1187 P | 0.0200 | 0.0100 | ଶାରଦ ଅଣଜଳସେଚିତ ଦୁଇ | ବ୍ୟକ୍ତିଗତ |
| 578 | ଦୁବନାଳୀ | 19 | 1196 | 0.0060 | 0.0060 | ଶାରଦ ଅଣଜଳସେଚିତ ଦୁଇ | ବ୍ୟକ୍ତିଗତ |
| 579 | ଦୁବନାଳୀ | 2 | 1243 P | 0.0120 | 0.0050 | ଶାରଦ ଅଣଜଳସେଚିତ ଦୁଇ | ବ୍ୟକ୍ତିଗତ |
| 580 | ଦୁବନାଳୀ | 93 | 1244 P | 0.0730 | 0.0240 | ପତିତ | ସରକାରୀ |
| 581 | ଦୁବନାଳୀ | 11 | 1249 P | 0.0250 | 0.0090 | ଶାରଦ ଅଣଜଳସେଚିତ ଦୁଇ | ବ୍ୟକ୍ତିଗତ |
| 582 | ଦୁବନାଳୀ | 71 | 1250 P | 0.0100 | 0.0040 | ଶାରଦ ଅଣଜଳସେଚିତ ଦୁଇ | ବ୍ୟକ୍ତିଗତ |
| 583 | ଦୁବନାଳୀ | 71 | 1251 P | 0.0100 | 0.0050 | ଶାରଦ ଅଣଜଳସେଚିତ ଦୁଇ | ବ୍ୟକ୍ତିଗତ |
| 584 | ଦୁବନାଳୀ | 71 | 1252 P | 0.0120 | 0.0040 | ଶାରଦ ଅଣଜଳସେଚିତ ଦୁଇ | ବ୍ୟକ୍ତିଗତ |
| 585 | ଦୁବନାଳୀ | 69 | 1253 | 0.0140 | 0.0140 | ଶାରଦ ଅଣଜଳସେଚିତ ଦୁଇ | ବ୍ୟକ୍ତିଗତ |
| 586 | ଦୁବନାଳୀ | 71 | 1254 P | 0.0680 | 0.0040 | ଶାରଦ ଅଣଜଳସେଚିତ ଦୁଇ | ବ୍ୟକ୍ତିଗତ |
| 587 | ଦୁବନାଳୀ | 93 | 1255 P | 0.0445 | 0.0040 | ପତିତ | ସରକାରୀ |
| 588 | ଦୁବନାଳୀ | 69 | 1256 | 0.0220 | 0.0220 | ଶାରଦ ଅଣଜଳସେଚିତ ଦୁଇ | ବ୍ୟକ୍ତିଗତ |
| 589 | ଦୁବନାଳୀ | 11 | 1258 | 0.0465 | 0.0465 | ଶାରଦ ଅଣଜଳସେଚିତ ଦୁଇ | ବ୍ୟକ୍ତିଗତ |
| 590 | ଦୁବନାଳୀ | 84 | 1259 P | 0.0750 | 0.0080 | ଶାରଦ ଅଣଜଳସେଚିତ ଦୁଇ | ବ୍ୟକ୍ତିଗତ |
ତାଇପେଇର ଏକ ହୋଟେଲରେ ରାତ୍ରିରହଣି ପରେ ପେଲୋସି ବୁଧବାର ତାଇୱାନ ରାଷ୍ଟ୍ରପତି ସାଇ ଇଙ୍ଗ-ୱେନ୍‌ଙ୍କୁ ଭେଟିଥିଲେ। ଏଥିସହ ତାଇୱାନ ପାର୍ଲାମେଣ୍ଟକୁ ସମ୍ବୋଧିତ କରିଥିଲେ। ସୁରକ୍ଷା ପ୍ରସଙ୍ଗରେ ଆମେରିକା ସର୍ବଦା ତାଇୱାନକୁ ସହଯୋଗ କରିବ। ୪୩ ବର୍ଷ ପୂର୍ବେ ଆମେରିକା ତାଇୱାନ ସହ ସବୁବେଳେ ଛିଡ଼ା ହେବ ବୋଲି କରିଥିବା ପ୍ରତିଶ୍ରୁତି ଆଜି ବି ପାଳନ କରୁଛି। ତାଇୱାନ ସହ ବନ୍ଧୁତା ପାଇଁ ଗର୍ବିତ ବୋଲି ପେଲୋସି କହିଥିଲେ। ଏହି ଗସ୍ତବେଳେ ପେଲୋସି ତାଇୱାନ ମାନବାଧିକାରୀ କର୍ମୀଙ୍କୁ ଭେଟିଥିଲେ। ସେମାନଙ୍କ ମଧ୍ୟରେ ଚାଇନା ଗଣତନ୍ତ୍ର ଆନ୍ଦୋଳନରେ ସାମିଲ ଥିବା ପୂର୍ବତନ ନେତା ଉଏର କାଇକ୍ସି ମଧ ସାମିଲଥିଲେ। ଚାଇନାରେ ଜେଲଦଣ୍ଡ ଭୋଗିଥିବା ହଂକଂର ପୂର୍ବତନ ବୁକ୍‌ସେଲର ଲାମ୍ ୱିଙ୍ଗ୍-ନି, ସାମାଜିକକର୍ମୀ ଲି ମିନ୍-ଚିଙ୍କୁ ଭେଟି ପେଲୋସି ଆଲୋଚନା କରିଥିଲେ। ସେପଟେ ପେଲୋସିଙ୍କ ଗସ୍ତକୁ ନେଇ ଆକ୍ରମଣାତ୍ମକ ହୋଇପଡ଼ିଥିବା ଚାଇନା ତାଇୱାନ ଏୟାର ଡିଫେନ୍ସ ଜୋନ୍‌ରେ ୨୭ ଯୁଦ୍ଧଜାହାଜ ଉଡ଼ାଇଛି। ସୀମା ନିକଟରେ ଗୁରୁବାରଠାରୁ ଲାଇଭ୍ ସମରାଭ୍ୟାସ ଆରମ୍ଭ କରିବ ବୋଲି ଘୋଷଣା କରିଛି। ତାଇୱାନ ଉପରେ ଆର୍ଥିକ କଟକଣା ଲଗାଇବା ମଧ ଆରମ୍ଭ କରିଛି। ଚାଇନା ତାଇୱାନର ଏକ ବଡ଼ ଟ୍ରେଡିଂ ପାର୍ଟନର। ଅର୍ଥାତ ତାଇୱାନ ଚାଇନା ସହ ଅଧିକାଂଶ ସାମଗ୍ରୀ ରପ୍ତାନି ଓ ଆମଦାନୀ କରିଥାଏ। ମଙ୍ଗଳବାର ଚାଇନା ତାଇୱାନ୍ ବିସ୍କୁଟ୍, ପେଷ୍ଟ୍ରି ଆଦି ସହ ୨୫ ଖାଦ୍ୟ ବ୍ରାଣ୍ଡ୍ ଆମଦାନୀକୁ ବନ୍ଦ କରିବା ସହ ଚାଇନା କଷ୍ଟମ୍ ଅଧୀନରେ ପଞ୍ଜୀକୃତ ହୋଇଥିବା ୩,୨୦୦ କମ୍ପାନୀ ମଧ୍ୟରୁ ୨,୦୬୬ କମ୍ପାନୀକୁ ସସ୍‌ପେଣ୍ଡ ତାଲିକାରେ ରଖିଥିଲା। ବୁଧବାର ବେଜିଂ ଏହି ପଡୋଶୀ ଦେଶରୁ କେତେକ ଫଳ ଏବଂ ମାଛ ଆମଦାନୀ ବନ୍ଦ କରିଛି। ଏହାସହ ତାଇୱାନକୁ ବାଲି ରପ୍ତାନୀ ବାତିଲ କରିଛି। ସିଧାସଳଖ କୌଣସି ରାଷ୍ଟ୍ର ସହ ଯୁଦ୍ଧ ନ କରି 'ଆର୍ଟ ଅଫ୍ ୱାର' ରଣନୀତିକୁ ଚାଇନା ଆପଣାଉଛି। ଏପରି କରି ଚାଇନା ତାଇୱାନ ଉପରେ ଚାପ ପକାଇ ବେଜିଂ କଥା ମାନିବା ପାଇଁ ବାଧ କରାଇବାକୁ ଉଦ୍ୟମ କରୁଛି। ତେବେ ତାଇୱାନ ସହ ଚାଇନା ସାମଗ୍ରୀ ରପ୍ତାନି ଆମଦାନୀ ବନ୍ଦ କରିବା ନୂଆ କଥା ନୁହେଁ। ପୂର୍ବରୁ ମଧ ବେଜିଂ ଏହି ଦ୍ୱୀପରାଷ୍ଟ୍ର ବିରୋଧରେ ଏହି ପଦକ୍ଷେପ ନେଇଛି।

## ଭାରତର ସମର୍ଥନ ଲୋଡ଼ିଲା ଚାଇନା

**ନୂଆଦିଲ୍ଲୀ, ୩।୮:** ୱାନ୍-ଚାଇନା ପଲିସି ଅନ୍ତର୍ଜାତୀୟ ସମୁଦାୟର ଏକ ବୈଶ୍ୱିକ ସହମତି ଏବଂ ଅନ୍ୟ ଦେଶ ସହିତ ଚାଇନାର ସମ୍ପର୍କର ପ୍ରମୁଖ ରାଜନୈତିକ ମୂଳଦୁଆ। ଭାରତ ପାଇଁ ଚାଇନାର ସମାନ ନୀତି କାର୍ଯ୍ୟକରେ। ତାଇୱାନ ଚାଇନାର ଏକ ଆଭ୍ୟନ୍ତରୀଣ ପ୍ରସଙ୍ଗ ଏବଂ ଏକ ରେଡ୍ ଲାଇନ୍। କେହି ଏହି ଲକ୍ଷ୍ମଣ ରେଖା ପାର କରିବା ଉଚିତ ନୁହେଁ। ଭାରତ ମଧ ଏହାକୁ ବୁଝିବ ଏବଂ ଚାଇନାର ଆଞ୍ଚଳିକ ଅଖଣ୍ଡତା, ସାର୍ବଭୌମତ୍ୱ ଓ ସୁରକ୍ଷା ଦିଗରେ ସମର୍ଥନ ଦେବ ବୋଲି ଆଶା ଥିବା ନୂଆଦିଲ୍ଲୀରେ ଅବସ୍ଥାପିତ ଚାଇନା ରାଷ୍ଟ୍ରଦୂତ ସନ୍ ୱେଇଡଙ୍ଗ୍ କହିଛନ୍ତି।

## ବିଶ୍ୱ ସମୁଦାୟର ପ୍ରତିକ୍ରିୟା

" ଆମେ ଏପରି ଯୁଗରେ ବାସ କରୁଛୁ ଯେଉଁଠି ରଣନୀତିକ ପ୍ରତିଯୋଗିତା ଏବଂ ଉତ୍ତେଜନା ବୃଦ୍ଧି ପାଇବାର ଲାଗିଛି। ଚାଇନା ଏ ଦିଗରେ ଅଧିକ ଆକ୍ରମଣାତ୍ମକ ଆଭିମୁଖ୍ୟ ଆପଣାଇଛି। କିନ୍ତୁ ତାଇୱାନ ପ୍ରସଙ୍ଗରେ ଏହା ସ୍ପଷ୍ଟ କରିଦେବାକୁ ଚାହୁଁ ଯେ ଏକପାଖିଆ ଭାବେ ଏହି ଦ୍ୱୀପର ବର୍ତ୍ତମାନ ସ୍ଥିତି ବଦଳାଯାଇପାରିବ ନାହିଁ।

**-ଆନ୍ଥୋନି ଆଲବାନିଜ୍, ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ**

" ଚାଇନାର ଲାଇଭ୍-ଫାୟାର ସମରାଭ୍ୟାସ ଆଞ୍ଚଳିକ ଅସ୍ଥିରତା ସୃଷ୍ଟି କରିବ। ତାଇୱାନରେ ଶାନ୍ତି ଏବଂ ସ୍ଥିରତା କେବଳ ଜାପାନର ଜାତୀୟ ସୁରକ୍ଷା ନୁହେଁ ବରଂ ସମଗ୍ର ଅନ୍ତର୍ଜାତୀୟ ସମୁଦାୟ ପାଇଁ ଗୁରୁତ୍ୱପୂର୍ଣ୍ଣ। ଶାନ୍ତିପୂର୍ଣ୍ଣ ଉପାୟରେ ଏହାର ସମାଧାନ ହେବା ଉଚିତ।

**-ହିରୋଗାକୁ ମାତସୁନୋ, ଜାପାନ ଚିଫ୍ କ୍ୟାବିନେଟ୍ ସେକ୍ରେଟାରି**

" ଆଞ୍ଚଳିକ ଅସ୍ଥିରତା ଏବଂ ଶାନ୍ତିଭଙ୍ଗର ମୂଳ କାରଣ ହେଉଛି ଆମେରିକା। ପେଲୋସିଙ୍କ ଗସ୍ତ ଚାଇନାର ଆଭ୍ୟନ୍ତରୀଣ ପ୍ରସଙ୍ଗରେ ହସ୍ତକ୍ଷେପ। ଆଞ୍ଚଳିକ ଅଖଣ୍ଡତା ଏବଂ ସାର୍ବଭୌମତ୍ୱ ରକ୍ଷା ସପକ୍ଷରେ ଉତ୍ତରକୋରିଆ ଚାଇନାକୁ ସମର୍ଥନ କରୁଛି।

**-କୋଇ ସନ୍-ହୁଇ, ଉତ୍ତରକୋରିଆ ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର**

" ଚାଇନାର ଆଭ୍ୟନ୍ତରୀଣ ପ୍ରସଙ୍ଗରେ ହସ୍ତକ୍ଷେପ କରି ଆମେରିକା ବିବାଦ ସୃଷ୍ଟି କରିଛି। ବିଶ୍ୱର ବିଭିନ୍ନ ସ୍ଥାନରେ ଆମେରିକାର ହସ୍ତକ୍ଷେପବାଦୀ ନୀତିର ଏହା ଆଉ ଏକ ଉଦାହରଣ। ଅସ୍ଥିରତା ଏବଂ ଅଶାନ୍ତି ବ୍ୟତୀତ ଏହାର ଅନ୍ୟ କିଛି ପରିଣାମ ନାହିଁ।

**-ନାସିର କନାନି, ଇରାନ ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର**

" ପେଲୋସିଙ୍କ ଗସ୍ତ ଯୋଗୁ ତାଇୱାନରେ ସୃଷ୍ଟି ହୋଇଥିବା ଅସ୍ଥିରତାକୁ ନେଇ ପାକିସ୍ତାନ ଚିନ୍ତିତ। ସୁରକ୍ଷା ପ୍ରସଙ୍ଗରେ ବିଶ୍ୱ ଅନେକ ଗମ୍ଭୀର ସ୍ଥିତି ଦେଇ ଗତିକରୁଛି। ବୈଶ୍ୱିକ ଶାନ୍ତି, ସୁରକ୍ଷା ଏବଂ ଅର୍ଥନୀତିକୁ ପ୍ରଭାବିତ କରିବା ଭଳି ଆଉ ଏକ ସଙ୍କଟକୁ ବିଶ୍ୱ ସମ୍ଭାଳିପାରିବ ନାହିଁ।

**-ଅସିମ୍ ଇଫ୍‌ତିଖର, ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର**




ତାଇୱାନରୁ ଫେରିବାବେଳେ ନାନ୍ସି ପେଲୋସି ତାଇପେଇର ସୋଙ୍ଗସାନ୍ ବିମାନବନ୍ଦରରେ ବିଦାୟ ଜଣାଉଛନ୍ତି।

## ସଂକ୍ଷେପରେ

### ପାର୍ଲାମେଣ୍ଟରେ ବ୍ୟକ୍ତିଗତ ତଥ୍ୟ ସୁରକ୍ଷା ବିଲ୍ ପ୍ରତ୍ୟାହୃତ

**ନୂଆଦିଲ୍ଲୀ,୩।୮:** ପାର୍ଲାମେଣ୍ଟରେ ଉପସ୍ଥାପିତ ବ୍ୟକ୍ତିଗତ ତଥ୍ୟ ସୁରକ୍ଷା ବିଧେୟକ ବୁଧବାର ପ୍ରତ୍ୟାହୃତ ହୋଇଛି। ଜଏଣ୍ଟ ପାର୍ଲାମେଣ୍ଟାରି କମିଟି ୮୧ ଗୋଟି ସଂଶୋଧନ ପାଇଁ ପରାମର୍ଶ ଦେବା ପରେ ବିଲ୍ ପ୍ରତ୍ୟାହୃତ ହୋଇଥିବା ଜଣାପଡ଼ିଛି। ୨୦୧୯ରେ କେନ୍ଦ୍ର ସରକାର ସଂସଦରେ ବିଲ୍ ଉପସ୍ଥାପନ କରିବା ପରେ ଜନସାଧାରଣଙ୍କ ବ୍ୟକ୍ତିଗତ ତଥ୍ୟ ପ୍ରଘଟ ହେବା ସହ ସେମାନଙ୍କ ମୌଳିକ ଅଧିକାର କ୍ଷୁଣ୍ଣ ହେବା ଅଭିଯୋଗ କରିଥିଲେ ବିରୋଧୀ ଦଳ। ଏହାପରେ ବିଲ୍‌କୁ ଜଏଣ୍ଟ ପାର୍ଲାମେଣ୍ଟାରି କମିଟି ନିକଟକୁ ହସ୍ତାନ୍ତର କରାଯାଇଥିଲା। ବ୍ୟକ୍ତି ବିଶେଷଙ୍କ ଚିହ୍ନଟ ପ୍ରକ୍ରିୟା ସହଜ କରିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ପର୍ସନାଲ ଡାଟା ପ୍ରୋଟେକ୍ସନ୍ ବିଲ୍ ପ୍ରସ୍ତୁତ କରିଥିଲେ।

### ସୁରେଶ ଏନ୍. ପଟେଲ ନୂଆ ସିଭିସି



**ନୂଆଦିଲ୍ଲୀ, ୩।୮:** ଭିଜିଲାନ୍ସ କମିଶନର ସୁରେଶ ଏନ୍. ପଟେଲ ବୁଧବାର କେନ୍ଦ୍ରୀୟ ଭିଜିଲାନ୍ସ କମିଶନର (ସିଭିସି) ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧକ୍ଷତାରେ ଗଠିତ ସିଲେକ୍ସନ କମିଟି ଏହି ପଦ ପାଇଁ ସୁରେଶ ପଟେଲଙ୍କ ନାମ ଚୟନ କରିଥିଲା। ରାଷ୍ଟ୍ରପତି ଭବନରେ ଶପଥ ଗ୍ରହଣ ଉତ୍ସବ ଆୟୋଜିତ ହୋଇଥିବାବେଳେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୁରେଶଙ୍କୁ ଶପଥ ପାଠ କରାଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ ଓ ପ୍ରଧାନମନ୍ତ୍ରୀ ଉପସ୍ଥିତ ଥିଲେ। ଗୋଟିଏ ବର୍ଷ ଧରି ଏହି ଗୁରୁତ୍ୱପୂର୍ଣ୍ଣ ପଦ ଖାଲି ରହିଥିଲା। ଆନ୍ଧ୍ରା ବ୍ୟାଙ୍କରେ ସୁରେଶ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଫିସର ଏବଂ ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱରେ ଥିଲେ। ୨୦୨୦ ଏପ୍ରିଲରେ ତାଙ୍କୁ ଭିଜିଲାନ୍ସ କମିଶନର ଦାୟିତ୍ୱ ପ୍ରଦାନ କରାଯାଇଥିଲା।

### ପୁଟିନ୍‌ଙ୍କ ପ୍ରେମିକାଙ୍କୁ ଆମେରିକା ମନା



**ୱାଶିଂଟନ୍, ୩।୮:** ଆମେରିକାର ସଦ୍ୟ ପ୍ରକାଶିତ ବ୍ୟାନ୍ ତାଲିକାରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ପ୍ରେମିକା ଆଲିନା ମାରାତୋଭ୍‌ନା କାବେଇଭା(୩୯)ଙ୍କୁ ରଖାଯାଇଛି। ୟୁକ୍ରେନ୍ ଉପରେ ଆକ୍ରମଣ ପ୍ରତିବାଦରେ ୱାଶିଂଟନ୍ ରୁଷିଆର ବହୁ ପ୍ରମୁଖ ବ୍ୟକ୍ତିବିଶେଷଙ୍କ ଆମେରିକା ଗସ୍ତ ଉପରେ କଟକଣା ଲଗାଇଛି। ଆଲିନା କ୍ରେମଲିନ୍ ସମର୍ଥିତ ନ୍ୟାଶନାଲ ମିଡିଆ ଗ୍ରୁପ୍‌ର ମୁଖ୍ୟ। ପୂର୍ବରୁ ୟୁରୋପୀୟ ସଂଘ ମଧ ଆଲିନାଙ୍କ ୟୁରୋପ ଗସ୍ତ ଉପରେ କଟକଣା ଲଗାଇଛି। ଆମେରିକା ଗତ ଏପ୍ରିଲରେ ପୁଟିନ୍‌ଙ୍କ ଝିଅ କ୍ୟାଟେରିନା ଭ୍ଲାଡିମିରୋଭ୍‌ନା ତିଖୋନୋଭା ଏବଂ ମାରିଆ ଭୋରୋଣ୍ଟସୋଭାଙ୍କ ଉପରେ ବ୍ୟାନ୍ ଲଗାଇଥିଲା।

## ୟଙ୍ଗ୍ ଇଣ୍ଡିଆ ଅଫିସ୍ ସିଲ୍

ନୂଆଦିଲ୍ଲୀ,୩।୮

ନ୍ୟାଶନାଲ ହେରାଲ୍ଡ ଖବରକାଗଜ ସମ୍ପର୍କିତ ମନି ଲଣ୍ଡରିଂ ମାମଲାର ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ବୁଧବାର ୟଙ୍ଗ୍ ଇଣ୍ଡିଆ ଅଫିସକୁ ସିଲ୍ କରାଯାଇଛି। ଏଥିସହ ଏହି ମାମଲାରେ ଇଡି ଜେରାର ସମ୍ମୁଖୀନ ହୋଇଥିବା କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀଙ୍କ ବାସଭବନ ଆଗରେ ପୋଲିସ ମୁତୟନ କରାଯାଇଛି।

ନୂଆଦିଲ୍ଲୀର ବାହାଦୁରଶାହ ଜାଫର ମାର୍ଗରେ ଥିବା ହେରାଲ୍ଡ ହାଉସ୍‌ର ୟଙ୍ଗ୍ ଇଣ୍ଡିଆ ପ୍ରାଇଭେଟ୍ ଲିଃ ଅଫିସରେ ମଙ୍ଗଳବାର ଇଡି ଅଧିକାରୀମାନେ ଚଢ଼ାଉ କରିଥିଲେ। ବୁଧବାର ଉକ୍ତ ଅଫିସକୁ ସେମାନେ ସିଲ୍ କରିଥିବା ନେଇ ସେଠାରେ ଏକ ଅର୍ଡର ଛାପିଛନ୍ତି। ଇଡିର ବିନା ଅନୁମତିରେ ଉକ୍ତ ପରିସରକୁ ଖୋଲାଯାଇପାରିବ ନାହିଁ ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି। ଏନେଇ ଜଣେ ଇଡି ଅଧିକାରୀ କହିଛନ୍ତି, ହେରାଲ୍ଡ ଅଧିକାରୀମାନଙ୍କୁ ଆମେ ସହଯୋଗ ପାଇଁ ଡାକିଥିଲୁ। କିନ୍ତୁ ସେମାନେ ତଲାସିରେ ସହଯୋଗ କରି ନ ଥିଲେ। ଅନ୍ୟ କୌଣସି ବିକଳ୍ପ ନ ପାଇ ଆମେ ଏହାକୁ ସିଲ୍ କରିଛୁ। ଯେପରି ପ୍ରମାଣ ନଷ୍ଟ ନ ହେବ ସେଥିଲାଗି ଏହି ପଦକ୍ଷେପ ନିଆଯାଇଛି। ନିକଟରେ ଇଡି ପକ୍ଷରୁ ସୋନିଆ ଓ ତାଙ୍କ ପୁଅ ତଥା କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଏକାଧିକ ପର୍ଯ୍ୟାୟରେ ଜେରା କରାଯାଇଥିଲା।




ଇଡି ପକ୍ଷରୁ ବୁଧବାର ସିଲ୍ କରାଯାଇଥିବା ୟଙ୍ଗ୍ ଇଣ୍ଡିଆ ଅଫିସ୍।

### ନ୍ୟାଶନାଲ ହେରାଲ୍ଡ ମାମଲା
### ସୋନିଆଙ୍କ ଘର ଆଗରେ ପୋଲିସ ମୁତୟନ

ଅଫିସ ସିଲ୍‌କୁ ନେଇ ବରିଷ୍ଠ କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି, ବିରୋଧୀ ଦଳକୁ ଟାର୍ଗେଟ କରିବା ପାଇଁ କେନ୍ଦ୍ର ସରକାର ଏପରି କରିଛନ୍ତି। ଏଭଳି ରାଜନୈତିକ ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନକୁ ଆମେ ନିନ୍ଦା କରୁଛୁ। ମୋଦି ସରକାର ଆମ ମୁହଁ ବନ୍ଦ କରିପାରିବେ ନାହିଁ ବୋଲି ସେ ଟୁଇଟ୍ କରିଛନ୍ତି। ଇତିମଧ୍ୟରେ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବା ଆଶଙ୍କାରେ ଦିଲ୍ଲୀ ପୋଲିସ ସୋନିଆଙ୍କ ଘର ବାହାରେ ଏବଂ ଏଆଇସିସି ମୁଖ୍ୟାଳୟ ରାସ୍ତାରେ ବ୍ୟାରିକେଡ୍ କରିଛି। ଏହାର ରହସ୍ୟ କ'ଣ ବୋଲି ଜୟରାମ ରମେଶ ପ୍ରଶ୍ନ କରିଛନ୍ତି।

## ମଙ୍କିପକ୍ସ: କେନ୍ଦ୍ରର ଗାଇଡ୍‌ଲାଇନ୍

ନୂଆଦିଲ୍ଲୀ,୩।୮

ଦେଶରେ ବୃଦ୍ଧି ପାଉଥିବା ମଙ୍କିପକ୍ସ ସଂକ୍ରମଣ ନେଇ ବୁଧବାର କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଗାଇଡ୍‌ଲାଇନ୍ ଜାରି କରାଯାଇଛି। ସଂକ୍ରମିତଙ୍କ ସଂସ୍ପର୍ଶରେ ବାରମ୍ବାର ଆସିବା ଦ୍ୱାରା ସଂକ୍ରମଣ ବ୍ୟାପିବା ଆଶଙ୍କା ଥିବା ମନ୍ତ୍ରଣାଳୟ କହିଛି। ସଂକ୍ରମିତ ସ୍ୱତନ୍ତ୍ର କୋଠରୀରେ ସଙ୍ଗରୋଧରେ ରଖିବା ଜରୁରୀ। ସାନିଟାଇଜର ଓ ସାବୁନରେ ହାତ ଧୋଇବା ଆବଶ୍ୟକ। ମାସ୍କ ପରିଧାନ ଜରୁରୀ ହୋଇଥିବା ଗାଇଡ୍‌ଲାଇନ୍‌ରେ ଉଲ୍ଲେଖ କରାଯାଇଛି। ସଂକ୍ରମିତଙ୍କ ସହ ବେଡ୍ ଶେୟାର ନ କରିବା ସହ ତାଙ୍କ ଦ୍ୱାରା ବ୍ୟବହୃତ ଟାୱେଲ୍, କପଡ଼ା ବ୍ୟବହାର କରିବା ଦ୍ୱାରା ସଂକ୍ରମଣ ବ୍ୟାପିବାର ଆଶଙ୍କା ରହିଛି। ସେହିପରି ମଙ୍କିପକ୍ସରେ ଆକ୍ରାନ୍ତ ବ୍ୟକ୍ତିଙ୍କ ପୋଷାକ ଧୋଇବା ପାଇଁ ଲଣ୍ଡ୍ରିରେ ନ ଦେବା ସହ ସେମାନଙ୍କୁ କୌଣସି ସମାରୋହ ଓ ଗହଳି ସ୍ଥାନରୁ ଦୂରରେ ରଖିବା ଉଚିତ। ମଙ୍କିପକ୍ସ ସଂକ୍ରମିତ ଦେଶରୁ ଆସିଥିବା ବ୍ୟକ୍ତିଙ୍କ ପାଇଁ ସଙ୍ଗରୋଧ ବାଧ୍ୟତାମୂଳକ। ଅନ୍ୟପଟେ ଯଦି କୌଣସି ବ୍ୟକ୍ତିଙ୍କଠାରେ ଜ୍ୱର, ଗଣ୍ଠି ଫୁଲିବା, ଦୁର୍ବଳ ଲାଗିବା, ମୁଣ୍ଡବିନ୍ଧା ଭଳି ଲକ୍ଷଣ ଦେଖାଯାଏ ତେବେ ସେମାନଙ୍କୁ ସଙ୍ଗରୋଧରେ ରଖିବା ସହ ନମୁନା ପରୀକ୍ଷା କରିବା ଜରୁରୀ। ମଙ୍କିପକ୍ସ ସଂକ୍ରମଣ ସ୍ଥିତିର ତଦାରଖ ସାଙ୍ଗକୁ ସଂକ୍ରମଣ କିପରି ଭାବେ ରୋକାଯାଇ ପାରିବ ତାର ଅନୁଧ୍ୟାନ ପାଇଁ ମନ୍ତ୍ରଣାଳୟ ପକ୍ଷରୁ ସ୍ୱତନ୍ତ୍ର ଟାସ୍କ ଫୋର୍ସ ଗଠନ କରାଯାଇଛି।

## କେନ୍ଦ୍ର, ନୀତି ଆୟୋଗକୁ ପ୍ରସ୍ତାବ ମାଗିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୩।୮

ନିର୍ବାଚନ ବେଳେ ଭୋଟରଙ୍କୁ ମାଗଣା ସାମଗ୍ରୀ ଓ ସୁବିଧା ବଣ୍ଟନର ପ୍ରତିଶ୍ରୁତି ନେଇ ଗମ୍ଭୀରତା ସହ ବିଚାର କରିବାକୁ ସୁପ୍ରିମକୋର୍ଟ ବୁଧବାର କେନ୍ଦ୍ର ସରକାର, ନୀତି ଆୟୋଗ, ଅର୍ଥ କମିଶନ ଓ ରିଜର୍ଭ ବ୍ୟାଙ୍କକୁ ପରାମର୍ଶ ଦେଇଛନ୍ତି। ଏଥିସହ ଏହା ଉପରେ ସକାରାତ୍ମକ ପ୍ରସ୍ତାବ ଦେବାକୁ କହିଛନ୍ତି। ସିଜେଆଇ ଏନ୍.ଭି. ରମନାଙ୍କ ଅଧକ୍ଷତାରେ ତଥା ଜଷ୍ଟିସ କ୍ରିଷ୍ଣା ମୁରାରି ଏବଂ ହିମା କୋହିଲଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ପ୍ରସଙ୍ଗରେ ପଦକ୍ଷେପ ନେବା ଲାଗି ଏକ ବ୍ୟବସ୍ଥା ପ୍ରତିଷ୍ଠା କରାଯିବା ନେଇ ସଙ୍କେତ ଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି, ଏହାକୁ ନେଇ ଆମେ କିଛି କରିପାରିବୁ ନାହିଁ ବୋଲି ନିର୍ବାଚନ କମିଶନ ଓ ସରକାର କହିପାରିବେ ନାହିଁ। ମାଗଣା ପ୍ରତିଶ୍ରୁତି ପ୍ରସଙ୍ଗରେ ସେମାନଙ୍କୁ ବିଚାର କରି ପ୍ରସ୍ତାବ ଦେବାକୁ ପଡ଼ିବ।

### ନିର୍ବାଚନ ବେଳେ ମାଗଣା ସାମଗ୍ରୀ ପ୍ରତିଶ୍ରୁତି ପ୍ରସଙ୍ଗ



## ଇଡି କ୍ଷମତାର ପୁନର୍ବିଚାର ହେଉ

ନୂଆଦିଲ୍ଲୀ,୩।୮

ସୁପ୍ରିମକୋର୍ଟ ସପ୍ତାହେ ତଳେ ମନି ଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଅଖଣ୍ଡ କ୍ଷମତାକୁ ବଳବତ୍ତର ରଖିଥିବାବେଳେ ବୁଧବାର ଏହାକୁ ନେଇ ବିରୋଧୀ ଦଳଗୁଡ଼ିକ ଆପତ୍ତି ଉଠାଇଛନ୍ତି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏବଂ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ନେତୃତ୍ୱାଧୀନ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ସମେତ ୧୭ ବିରୋଧୀ ଦଳ ସୁପ୍ରିମକୋର୍ଟଙ୍କ ରାୟର ସମ୍ଭାବ୍ୟ ଦୀର୍ଘକାଳୀନ ପ୍ରଭାବ ଉପରେ ଚିନ୍ତା ବ୍ୟକ୍ତ କରିଛନ୍ତି। ଏଥିସହ ଉକ୍ତ ରାୟର ପୁନର୍ବିଚାର ଦାବି କରିଛନ୍ତି।

### ସୁପ୍ରିମକୋର୍ଟଙ୍କ 'ବିପଜ୍ଜନକ' ରାୟ କେନ୍ଦ୍ର ହାତମୁଠାକୁ ଟାଣ କରିବ: ବିରୋଧୀ

ବିରୋଧୀ ଦଳଗୁଡ଼ିକ ପକ୍ଷରୁ ଜାରି ଏକ ମିଳିତ ବିବୃତିରେ କୁହାଯାଇଛି, କେନ୍ଦ୍ର ସରକାର ବିରୋଧୀଙ୍କୁ ଟାର୍ଗେଟ କରିବା ପାଇଁ ରାଜନୈତିକ ପ୍ରତିଶୋଧ ନେଉଛନ୍ତି। ସୁପ୍ରିମକୋର୍ଟଙ୍କ ଏହି ବିପଜ୍ଜନକ ରାୟ ଏପରି କାର୍ଯ୍ୟ କରିବା ଲାଗି କେନ୍ଦ୍ରର ହାତମୁଠାକୁ ଟାଣ କରିବ। ମନି ଲଣ୍ଡରିଂ ନିବାରଣ ଆଇନ, ୨୦୦୨ରେ ଅଣାଯାଇଥିବା ସଂଶୋଧନକୁ ଉଚିତ ସମୀକ୍ଷା ନ କରି ସୁପ୍ରିମକୋର୍ଟ ଏହି ରାୟ ଦେଇଛନ୍ତି। ଉକ୍ତ ସଂଶୋଧନକୁ ଫାଇନାନ୍ସ ଆକ୍ଟ ଜରିଆରେ ଅଣାଯାଇଥିଲେ ଠିକ୍ ହୋଇଥାଆନ୍ତା। ଶୀର୍ଷ ଅଦାଲତଙ୍କ ପ୍ରତି ଆମର ଯଥେଷ୍ଟ ସମ୍ମାନ ରହିଛି ଓ ରହିବ। କିନ୍ତୁ ସାମ୍ବିଧାନିକ ଖଣ୍ଡପୀଠ ଦ୍ୱାରା ସଂଶୋଧନର ସମୀକ୍ଷା ପରେ ରାୟ ଦିଆଯାଇଥିଲେ ଉଚିତ ହୋଇଥାଆନ୍ତା ବୋଲି ବିରୋଧୀ ଦଳଗୁଡ଼ିକ ଏଥିରେ ଉଲ୍ଲେଖ କରିଛନ୍ତି। ବିବୃତିରେ ସ୍ୱାକ୍ଷରକାରୀଙ୍କ ମଧ୍ୟରେ ଟିଏମ୍‌ସି, ଏଏପି ସମେତ କଂଗ୍ରେସ, ଡିଏମ୍‌କେ, ଏନ୍‌ସିପି, ସମାଜବାଦୀ ପାର୍ଟି, ଶିବସେନା, ସିପିଆଇଏମ୍, ସିପିଆଇ, ଆଇୟୁଏମ୍‌ଏଲ୍, ଆର୍‌ଏସ୍‌ପି, ଏମ୍‌ଡିଏମ୍‌କେ ଏବଂ ଆର୍‌ଜେଡି ନେତା ରହିଛନ୍ତି। ରାଜ୍ୟସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ, ଶରଦ ପାୱାର, ରାମଗୋପାଳ ଯାଦବ, ଡେରେକ୍ ଓ'ବ୍ରାଏନ୍, ଟି.ଆର୍. ବାଲୁ, ବିନୟ ବିଶ୍ୱମ୍, କପିଲ ସିବଲ ଓ ନାରାୟଣ ଦାସଗୁପ୍ତା ପ୍ରମୁଖଙ୍କ ଦସ୍ତଖତ ସମ୍ବଳିତ ଏହି ବିବୃତିକୁ କଂଗ୍ରେସ ନେତା ଜୟରାମ ରମେଶ ଟୁଇଟ୍ କରିଛନ୍ତି।

ପ୍ରକାଶ ଯେ, ପିଏମ୍‌ଏଲ୍‌ଏ ବଳରେ ଇଡି ପକ୍ଷରୁ ନିଆଯାଉଥିବା କାର୍ଯ୍ୟାନୁଷ୍ଠାନ ବିରୋଧରେ କଂଗ୍ରେସ ନେତା କାର୍ତ୍ତି ଚିଦାମ୍ବରମ୍‌ଙ୍କ ସମେତ ଅନେକ ଆବେଦନକାରୀ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଗତ ଜୁଲାଇ ୨୭ରେ ଜଷ୍ଟିସ୍ ଏ.ଏମ୍. ଖାନ୍‌ୱିଲକରଙ୍କ ଅଧକ୍ଷତାରେ ଗଠିତ ତିନିଜଣିଆ ଖଣ୍ଡପୀଠ ସେମାନଙ୍କ ପିଟିଶନଗୁଡ଼ିକର ଶୁଣାଣି କରି ପିଏମ୍‌ଏଲ୍‌ଏ ଧାରା ୫, ୮(୪), ୧୫, ୧୭ ଓ ୧୯ ଭଳି କେତେକ ନିୟମର ସାମ୍ବିଧାନିକ ବୈଧତାକୁ ବଳବତ୍ତର ରଖିଥିଲେ। ମନି ଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ କୌଣସି ଅଭିଯୁକ୍ତଙ୍କୁ ଗିରଫ କରିପାରିବ। ତାଙ୍କ ଘର ତଲାସି ସହ ସମ୍ପତ୍ତି ମଧ ବାଜ୍ୟାପ୍ତ କରିପାରିବ ବୋଲି ଖଣ୍ଡପୀଠ ରାୟ ଦେଇଥିଲେ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଆୟୁଷମାନ୍



@ ସିଦ୍ଧେଶ୍ୱର



@ ପୁମାଚନ୍ଦ୍ର



@ ରାଜେଶ



@ ସାହିଦ୍

## ଗର୍ଭଗୃହରୁ ପ୍ଲାଷ୍ଟର ଖସିବା ଘଟଣା

# ଅନୁଧ୍ୟାନ କଲେ ଏଏସ୍ଆଇ ଅଧିକାରୀ

■ଶ୍ରୀମନ୍ଦିର ସୁରକ୍ଷା ନେଇ ସାଧାରଣରେ ପ୍ରଶ୍ନ

■ କେମିକାଲ ପ୍ଲାଷ୍ଟରିଂର ମାସକ ମଧ୍ୟରେ ଅଘଟଣ

ପୁରୀ ଅଫିସ,୩।୮

ଶ୍ରୀମନ୍ଦିର ଗର୍ଭଗୃହର ରତ୍ନସିଂହାସନ ପଛପାର୍ଶ୍ୱ ଉପରି ଭାଗରୁ ପ୍ଲାଷ୍ଟର ଖସିବା ଘଟଣା ସାମ୍ନାକୁ ଆସିବା ପରେ ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ମଙ୍ଗଳବାର ରତ୍ନସିଂହାସନ ପରିକ୍ରମା ମାର୍ଗର ବାମପାର୍ଶ୍ୱ ଚନ୍ଦନ ଅର୍ଗଳିରେ ପ୍ରଭୁ ବଳଭଦ୍ରଙ୍କ ପଛପଟେ ପ୍ରାୟ ଦେଢ଼ କେଜି ଓଜନର ଏହି ପ୍ଲାଷ୍ଟର ଖଣ୍ଡ ଖସିଛି। ତେବେ ସୌଭାଗ୍ୟବଶତଃ ବଡ଼ ଠାକୁର ବଳଭଦ୍ରଙ୍କ ଶ୍ରୀଅଙ୍ଗ ପ୍ରତି କୌଣସି କ୍ଷତି ଘଟିନାହିଁ। ଏ ନେଇ ବୁଧବାର ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ (ଏଏସ୍ଆଇ) ପକ୍ଷରୁ ଅନୁଧ୍ୟାନ କରାଯାଇଛି। ଏଏସ୍ଆଇର ସଂରକ୍ଷଣ ଅଧିକାରୀ ଜ୍ୟୋତିରଞ୍ଜନ ପ୍ରଧାନ ଘଟଣାସ୍ଥଳକୁ ଯାଇ ସ୍ଥିତି ପରଖିଛନ୍ତି।

ସୂଚନା ଅନୁଯାୟୀ, ୮ଶହ ବର୍ଷର ପୁରାତନ ଶ୍ରୀମନ୍ଦିରର ଭିତ୍ତିଭୂମିକୁ ସୁରକ୍ଷିତ ରଖିବା ଲାଗି ଏଏସ୍ଆଇକୁ ଦାୟିତ୍ୱ ଦିଆଯାଇଛି। ମନ୍ଦିର ରକ୍ଷଣାବେକ୍ଷଣ ସହ ଆବଶ୍ୟକ ସ୍ଥଳେ ମରାମତି ଓ ନିର୍ମାଣ



କାର୍ଯ୍ୟ ଏଏସ୍ଆଇ ପକ୍ଷରୁ କରାଯାଉଛି। ଗତ ଜୁଲାଇରେ ରଥଯାତ୍ରା ସମୟରେ ମଧ୍ୟ ଶ୍ରୀମନ୍ଦିର ଭିତରେ ମରାମତି କାର୍ଯ୍ୟ କରାଯାଇଥିଲା। ଏବେ ଚନ୍ଦନ ଅର୍ଗଳିରେ ପ୍ଲାଷ୍ଟର ଖଣ୍ଡ ଖସିପଡ଼ିବା ଏଏସ୍ଆଇର କାର୍ଯ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଇନଟାକ୍ ସଦସ୍ୟ ଅନିଲ ଧୀର ଏ ନେଇ ଏଏସ୍ଆଇକୁ ଦାୟୀ କରିଛନ୍ତି। ଧୀର କହିଛନ୍ତି, ଘୋଷଯାତ୍ରା ବେଳେ ୧୫ ଦିନର ସମୟ ମିଳେ। ଏଏସ୍ଆଇ ସେହି ସମୟରେ ଯାଞ୍ଚ କରେ। ଏଥର ମଧ୍ୟ ଯାଞ୍ଚ କରାଯାଇଥିଲା। ମାତ୍ର ଠିକ ଭାବେ ଯାଞ୍ଚ ହୋଇନାହିଁ, ତେଣୁ ଏଭଳି ଘଟଣା ଘଟିଲା। ଗତ ୭ଶହ ବର୍ଷରେ ଶ୍ରୀମନ୍ଦିରରେ ଯେତିକି କ୍ଷୟକ୍ଷତି ହୋଇନାହିଁ ତାହାଠାରୁ ଅଧିକ କ୍ଷୟକ୍ଷତି ଗତ ୫୦ରୁ ୬୦ ବର୍ଷ ମଧ୍ୟରେ ହେଲାଣି। ସଂରକ୍ଷଣ କ୍ଷେତ୍ରରେ ଏଏସ୍ଆଇ ବିଫଳ ହୋଇଛି। ସେହିଭଳି ଶ୍ରୀମନ୍ଦିର ଚୂନରା ସେବାୟତ ଶରତ ମହାନ୍ତି କହିଛନ୍ତି, ଏହା ଏକ ସମ୍ବେଦନଶୀଳ ପ୍ରସଙ୍ଗ। ପୂର୍ବରୁ ମଧ୍ୟ ପଥର ଖସିଥିଲା। ଏବେ ପ୍ଲାଷ୍ଟର ଖସିଛି। ତେଣୁ ଦାରୁଦିଅଁଙ୍କ ଶ୍ରୀଅଙ୍ଗ ସୁରକ୍ଷା ଉପରେ ପ୍ରଶ୍ନ ଉଠୁଛି। ସରକାର ଶ୍ରୀମନ୍ଦିର ଭିତ୍ତିଭୂମିକୁ ପ୍ରାଥମିକ ସୁରକ୍ଷା ଦେବା ଦରକାର। ପ୍ରାଚୀନ କାଳରେ ସାଢେ ତିନି ଫୁଟ୍‌ରୁ ଉର୍ଦ୍ଧ୍ୱ ଚୂନର ଆସ୍ତରଣରେ ଶ୍ରୀମନ୍ଦିରକୁ ରଖାଯାଇଥିବାର ଉଦାହରଣ ରହିଥିଲା। ମାତ୍ର ସମ୍ପ୍ରତି ବ୍ୟବହାର ହେଉଥିବା କେମିକାଲ ପ୍ଲାଷ୍ଟରିଂ ବର୍ଷା ସମ୍ଭାଳି ପାରୁନାହିଁ। ଶ୍ରୀମନ୍ଦିରର ବିଭିନ୍ନ ସ୍ଥାନରେ ମରାମତି ହେଉଥିବାରୁ କମ୍ପନର ପ୍ରଭାବ ପଡୁଛି। ଶ୍ରୀମନ୍ଦିର ଭିତ୍ତିଭୂମିକୁ ସୁରକ୍ଷିତ ରଖିବା ପାଇଁ ଏଏସ୍ଆଇ ଏବଂ ଶ୍ରୀମନ୍ଦିର ପ୍ରଶାସନ ମିଳିତ ଭାବେ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିବା ଦରକାର।

ଅନ୍ୟପକ୍ଷରେ ସ୍ଥିତି ପରଖିବା ପରେ ଏଏସ୍ଆଇ ସଂରକ୍ଷଣ ଅଧିକାରୀ ପ୍ରଧାନ କହିଛନ୍ତି, ପ୍ରଭୁ ବଳଭଦ୍ରଙ୍କ ପଛପାର୍ଶ୍ୱରେ ପ୍ଲାଷ୍ଟର ଛାଡ଼ିଛି। ଖୁବ କମ୍ ସ୍ଥାନର ଚୂନ ପ୍ଲାଷ୍ଟର ଛାଡ଼ିଥିବା ନେଇ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଚଳିତ ରଥଯାତ୍ରା ସମୟରେ ପ୍ଲାଷ୍ଟରିଂ କାର୍ଯ୍ୟ କରାଯାଇଥିଲା। ଖସିପଡ଼ିଥିବା ପ୍ଲାଷ୍ଟର ଖଣ୍ଡର ଓଜନ ପ୍ରାୟ ଏକରୁ ଦେଢ଼ କିଲୋ ହେବ। ଶ୍ରୀମନ୍ଦିର ପ୍ରଶାସନ ସହ ଆଲୋଚନା କରାଯାଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ତେବେ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା କହିଛନ୍ତି, ପ୍ରସାରିତ ଖବରରେ ସତ୍ୟତା ନାହିଁ। କୌଣସି ପଥର ଖସିନାହିଁ। ପ୍ରଭୁ ବଳଭଦ୍ରଙ୍କ ସିଂହାସନ ପଛକାନ୍ଥରୁ ୨ଫୁଟ୍ ଲମ୍ବର ଚୁନ ପ୍ଲାଷ୍ଟର ଖସିପଡ଼ିଛି। ଆର୍ଦ୍ରତା କାରଣରୁ ଏଭଳି ହୋଇଛି। ଏଏସ୍ଆଇକୁ ଏସମ୍ପର୍କରେ ସୂଚନା ଦିଆଯାଇଛି ବୋଲି ସେ ପ୍ରକାଶ କରିଛନ୍ତି। ତେବେ ବର୍ତ୍ତମାନ ସମୟରେ ଏହାର ମରାମତି କରାଯିବା ସମ୍ଭବପର ନୁହେଁ। ଆଗାମୀ ରଥଯାତ୍ରା ସମୟରେ ହିଁ ସାନି ମରାମତି କରାଯାଇପାରିବ ବୋଲି ଜଣାପଡ଼ିଛି। ପୂର୍ବରୁ ମଧ୍ୟ ଅନେକ ଥର ଶ୍ରୀମନ୍ଦିରରେ ପଥର ଖସିବା ଘଟଣା ଘଟିଛି। ୨୦୧୫ ଫେବୃୟାରୀ ୧ରେ କୁର୍ମବେଢ଼ା ନିକଟ ଜଳକ୍ରୀଡ଼ା ମଣ୍ଡପର ପଥର ଖସିବାରୁ ଜଣେ ସଫେଇ କର୍ମଚାରୀ ଆହତ ହୋଇଥିଲେ। ୧୯୯୦ରେ ଅଁଳାଶ୍ରୀରୁ ଏକ ୫ଟନ୍‌ର ପଥର ଖସିଥିଲା। ୧୯୯୨ରେ ଗର୍ଭଗୃହ ଛାତରୁ ଦୁଇଖଣ୍ଡ ପଥର ଖସିପଡ଼ିଥିଲା। ସେହିପରି ୨୦୧୧ରେ ପଶ୍ଚିମଦ୍ୱାର ଗୁମୁଟରୁ କଳସ ଖସିପଡ଼ିଥିଲା।

## ମହିଳା ଏଏସ୍ଆଇଙ୍କୁ ଗିରଫ କଲା ଭିଜିଲାନ୍ସ

ମାମଲା ରଫାଦଫା ପାଇଁ ନେଉଥିଲେ ୫ ହଜାର ଲାଞ୍ଚ

**ବାଲିପାଟଣା,୩।୮(ଡି.ଏନ୍.ଏ.):** ବାଲିପାଟଣା ଥାନା ଏଏସ୍ଆଇ ପୁଷ୍ପଲତା ପାଇକରାୟ ଏକ ଗଣ୍ଡଗୋଳ ମାମଲାକୁ ରଫାଦଫା କରିବା ପାଇଁ ୫ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ି ବୁଧବାର ଗିରଫ ହୋଇଛନ୍ତି। ଏ ନେଇ ଭିଜିଲାନ୍ସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି। ସୂଚନା ମୁତାବକ, ଏହି ଥାନା ଅଧୀନ କଣ୍ଟାପଡ଼ା ଗ୍ରାମର ନୃସିଂହ ସେନାପତି ଏକ ମାର୍‌ପିଟ ଘଟଣାର ସମାଧାନ କରିବାକୁ ଏଏସ୍ଆଇ ପାଇକରାୟଙ୍କୁ କହିଥିଲେ। ହେଲେ ଏଥିପାଇଁ ଏଏସ୍ଆଇ ୫ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏ ସଂକ୍ରାନ୍ତରେ ନୃସିଂହ ଭୁବନେଶ୍ୱରସ୍ଥିତ ଭିଜିଲାନ୍ସ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ଭିଜିଲାନ୍ସ ଡିଏସ୍‌ପି ଅମିତା ତ୍ରିପାଠୀଙ୍କ ନେତୃତ୍ୱରେ ଏକ ୮ ଜଣିଆ ଟିମ୍ ପୂର୍ବ ପ୍ରସ୍ତୁତି ଅନୁଯାୟୀ ଏଏସ୍ଆଇ ପାଇକରାୟଙ୍କ ଘର ବାହାରେ ରହିଥିଲେ। ଏଏସ୍ଆଇ ତାଙ୍କ ସରକାରୀ ବାସଭବନରେ ନୃସିଂହଙ୍କଠାରୁ ଲାଞ୍ଚ ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲା। ଏଏସ୍ଆଇଙ୍କୁ ଗିରଫ କରି ଭୁବନେଶ୍ୱର ନେଇଯିବା ସହ କିଛି ଦସ୍ତାବିଜ ମଧ୍ୟ ଭିଜିଲାନ୍ସ ଟିମ୍ ପାଇଛି।



ପୁଷ୍ପଲତା ପାଇକରାୟ

## ବଢ଼ିବ ଯୁକ୍ତ୩ ସିଟ୍ ସଂଖ୍ୟା

**ଭୁବନେଶ୍ୱର,୩।୮(ବ୍ୟୁରୋ):** ୨୦୨୨-୨୩ ଶିକ୍ଷାବର୍ଷରେ ରାଜ୍ୟରେ ଯୁକ୍ତ୩ରେ ସିଟ୍ ସଂଖ୍ୟା ବୃଦ୍ଧି ପାଇବ ବୋଲି ଜଣାପଡ଼ିଛି। ଚଳିତବର୍ଷ ଯୁକ୍ତ୨ ପାସ୍ ହାର ତୁଳନାରେ ରାଜ୍ୟର ପ୍ରମୁଖ ଡିଗ୍ରୀ କଲେଜଗୁଡିକରେ ଯେତିକି ସିଟ୍ ରହିଛି ତାହା ନିଅଣ୍ଟ ପଡିବ। ତେଣୁ ଯୁକ୍ତ୩ରେ ସିଟ୍ ସଂଖ୍ୟାକୁ ବୃଦ୍ଧି କରା ନ ଗଲେ ଏଥର ପିଲାମାନେ ଉଚ୍ଚଶିକ୍ଷାରୁ ବଞ୍ଚିତ ରହିବେ। ତେବେ ବର୍ତ୍ତମାନ ସୁଦ୍ଧା ଯୁକ୍ତ୨ ପରିଷଦ ପକ୍ଷରୁ କେବଳ ବିଜ୍ଞାନ ଏବଂ ବାଣିଜ୍ୟ ରେଜଲ୍ଟ ପ୍ରକାଶ ପାଇଥିବାବେଳେ ସିବିଏସ୍ଇ ଏବଂ ଆଇସିଏସ୍ଇର ରେଜଲ୍ଟ ପ୍ରକାଶ ପାଇ ସାରିଛି। ଆଗକୁ କଳା ଏବଂ ଧନ୍ଦାମୂଳକ ଶିକ୍ଷା ରେଜଲ୍ଟ ପ୍ରକାଶ ପାଇବ। ଚଳିତ ଶିକ୍ଷା ବର୍ଷରେ ଯୁକ୍ତ୩ରେ ନାମଲେଖା ପାଇଁ ଆବେଦନକାରୀଙ୍କ ସଂଖ୍ୟା ସର୍ବାଧିକ ୨ଲକ୍ଷ ୭୫ହଜାରରୁ ଅଧିକ ରହିବ ବୋଲି ଅନୁମାନ କରାଯାଉଛି। କିନ୍ତୁ ରାଜ୍ୟରେ ଯୁକ୍ତ୩ରେ ମୋଟ୍ ସିଟ୍ ସଂଖ୍ୟା ୨ଲକ୍ଷ ୪୯ହଜାର ୪୫୩ ରହିଛି। ତେଣୁ ବିଜ୍ଞାନରେ ପ୍ରାୟ ୧୫% ଏବଂ କଳାରେ ୨୦% ସିଟ୍ ବୃଦ୍ଧି କରିବାକୁ ଯୋଜନା ରହିଥିବା ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଜଣାପଡ଼ିଛି।


**Government of Odisha**
**Panchayati Raj & D.W Department,**
**Office of the Panchayat Samiti, Bhadrak**
**Invitation of Bids (IFB)**
**Bid Identification No. PSB-03/2022-23**

**No.i-75:**The office of the Panchayat Samiti, Bhadrak invites bids in two separate covers (Technical bid and price bid) for reputed firms/registered suppliers/dealers for supply of furniture (Non IT) and Electronics (IT) item as provided separate Sheet for **District Panchayat Resource Centre(DPRC Building)**.The bid agency can bid for all or any or No. of work described in separate Sheet.

1. Date of availability of Bid : 03.08.2022
2. Last date/Time of submission of Bid : 12.08.2022 at 5.00PM
3. Date of opening of Bid documents : 16.08.2022 at 3.00PM
4. Place of opening bid and address for communication. : Office of the Panchayat samiti, Bhadrak Bhadrak, Odisha.56100 Mob-7894012355

The detail tender notice can be download from www.bhadrak.nic.in Bid documents to be available at the office of the Panchayat Samiti, Bhadrak till 12.08.2022 at 5.00PM. The bid documents for the work to be dropped in the tender box kept in the office of the Panchayat Samiti, Bhadrak by the scheduled date and time. Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/ modifications will appear in www.bhadrak.nic.in.

**Sd./- Block Development Officer, Bhadrak**
OIPR-19211/11/0003/2223



**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, NORTHERN (R&B) CIRCLE, SAMBALPUR**
Mail ID:sepwdsbp@rediffmail.com
No.B-434: **e-Procurement**
**Bid Identification No.CCENC (R AND B)07/2022-23**
**No.2609, Dtd.26.07.2022**

1. The **Chief Construction Engineer, Northern (R&B) Circle, Sambalpur** on behalf of Governor of Odisha invites **Percentage Rate** bids in double cover system in **ONLINE MODE** for the construction of **Road** and **Building works** as detailed in the DTCN from the eligible class of contractors.
2. No of works: **10 (TEN) (Road Works and Building Work).**
3. Tender Cost: **Rs.10,000/-**
4. Class of contractor: **"B" Class, "A" Class, "Special" Class and Super Class.**
5. Date & Time of available in website & receipt of Bids From **06.08.2022** to **17.00 Hours of 22.08.2022**.
6. Date of opening of Technical Bid **23.08.2022 at 11.00 Hours**.
7. The Bidders have to participate in ONLINE bidding only. Further details can be seen from the website www.tendersodisha.gov.in.
8. Any corrigendum / Addendum will be displayed in the website www.tendersodisha.gov.in.

**Sd./- Chief Construction Engineer**
**Northern (R&B) Circle, Sambalpur**
OIPR-34035/11/0012/2223


# କମିଶନରେଟ୍ ପୋଲିସରେ ଅଦଳବଦଳ

■ବଦଳିଲେ ୩୧ ଅଧିକାରୀ

■ ପାହାଲ ଥାନାକୁ ପ୍ରଥମ ଥାନାଧିକାରିଣୀ

■ ୨ ଓପିଏସ୍ ର୍‍ୟାଙ୍କ ଅଧିକାରୀଙ୍କୁ ଜୋନ ଏସିପି ଦାୟିତ୍ୱ



ଭୁବନେଶ୍ୱର,୩।୮(ବ୍ୟୁରୋ)

ଦ୍ୱୈତ ନଗରୀ କମିଶନରେଟ ପୋଲିସରେ ବୁଧବାର ବଡ଼ ଧରଣର ଅଦଳବଦଳ ହୋଇଛି। ଏନେଇ କମିଶନରେଟ ପୋଲିସ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଦୁଇ ଏସିପି, ୨୧ ଇନ୍ସପେକ୍ଟର ଓ ତିନି ଏସ୍ଆଇଙ୍କୁ ବଦଳି କରାଯାଇଛି। ସେହିପରି ବହୁଦିନ ଧରି ଓପିଏସ୍ ର୍‍ୟାଙ୍କକୁ ପଦୋନ୍ନତି ପାଇ ଥାନା ଦାୟିତ୍ୱରେ ଥିବା ୨ ଅଧିକାରୀଙ୍କୁ ଜୋନ୍ ଦାୟିତ୍ୱ ଦିଆଯାଇଥିବାବେଳେ ୩ ଥାନା ଇନ୍‌ଚାର୍ଜଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ଅନ୍ୟପକ୍ଷରେ ପାହାଲ ଫାଣ୍ଡି ଥାନା ହେବା ପରେ ଏଠାରେ ଜଣେ ଇନ୍ସପେକ୍ଟରଙ୍କୁ ଏବେ ଅବସ୍ଥାପିତ କରାଯାଇଛି।

ବିଜ୍ଞପ୍ତି ଅନୁଯାୟୀ, କଟକ ଜୋନ-୧ ଏସିପି ଥିବା ଶୁଭନାରାୟଣ ମୁଦୁଲିଙ୍କୁ ଭୁବନେଶ୍ୱର ଜୋନ-୪ ଦାୟିତ୍ୱ ଦିଆଯାଇଛି। ଭୁବନେଶ୍ୱର ଜୋନ-୪ ଏସିପି ପରେଶ କୁମାର ରାଉତଙ୍କୁ କମିଶନରେଟ ପୋଲିସ ମୁଖ୍ୟ କାର୍ଯ୍ୟାଳୟକୁ ବଦଳି କରାଯାଇଛି। ସେହିପରି ଖାରବେଳନଗର ଥାନା ଦାୟିତ୍ୱରେ ଥିବା ଅରୁଣ କୁମାର ସ୍ୱାଇଁଙ୍କୁ କଟକ ଜୋନ-୧ ଏସିପି, ମଙ୍ଗଳାବାଗ ଥାନା ଦାୟିତ୍ୱରେ ଥିବା ଓପିଏସ୍ ଅମିତାଭ ମହାପାତ୍ରଙ୍କୁ କଟକ ଆଇୟୁସିଏଡବ୍ଲ୍ୟୁ ଏସିପି, କ୍ୟାପିଟାଲ ଥାନା ଦାୟିତ୍ୱରେ ଥିବା ଓପିଏସ୍ ଗିରିଜା ଶଙ୍କର ଚକ୍ରବର୍ତ୍ତୀଙ୍କୁ କମିଶନରେଟ ପୋଲିସ କାର୍ଯ୍ୟାଳୟ (ସ୍ପେଶାଲ କ୍ରାଇମ ୟୁନିଟ୍) ଇନ୍‌ଚାର୍ଜ, ନନ୍ଦନକାନନ ଥାନା ଦାୟିତ୍ୱରେ ଥିବା ଓପିଏସ୍ ବିଶ୍ୱରଞ୍ଜନ ସେନାପତିଙ୍କୁ କମିଶନରେଟ ପୋଲିସ କାର୍ଯ୍ୟାଳୟ (ସ୍ପେଶାଲ କ୍ରାଇମ ୟୁନିଟ୍) ଓ ଚନ୍ଦ୍ରଶେଖରପୁର ଥାନା ଦାୟିତ୍ୱରେ ଥିବା ପ୍ରଦୀପ କୁମାର ରାଉତଙ୍କୁ ଭୁବନେଶ୍ୱର ଆଇୟୁସିଏଡବ୍ଲ୍ୟୁରେ ଅବସ୍ଥାପିତ କରାଯାଇଛି। ଅନ୍ୟପକ୍ଷରେ ଖଣ୍ଡଗିରି ଥାନା ଅଧିକାରୀ ଥିବା ପଦ୍ମନାଭ ପ୍ରଧାନଙ୍କୁ କ୍ୟାପିଟାଲ ଥାନା, ଜଟଣୀ ଥାନାଧିକାରୀ ଦୟାନିଧି ନାୟକଙ୍କୁ ଖଣ୍ଡଗିରି, ମାଳଗୋଦାମ ଥାନାଧିକାରୀ ତୃପ୍ତିରଞ୍ଜନ ନାୟକଙ୍କୁ ବଡ଼ଗଡ଼ ଥାନା, ବଡ଼ଗଡ଼ ଥାନାଧିକାରୀ ବିଶ୍ୱରଞ୍ଜନ ନାୟକଙ୍କୁ ନନ୍ଦନକାନନ, ଭୁବନେଶ୍ୱର ଡିଆଇବିରେ ଥିବା ଲକ୍ଷ୍ମୀଧର ସେଠ୍‌ଙ୍କୁ ଡିସିପି ଅଫିସ ଲାଇସେନ୍ସ ସେଲ୍, ଶହୀଦନଗର ଅତିରିକ୍ତ ଥାନାଧିକାରୀ ବିଜୟ କୁମାର ବାରିକଙ୍କୁ ଇନ୍‌ଫୋଭ୍ୟାଲି ଥାନାଧିକାରୀ, ନୟାପଲ୍ଲୀ ଅତିରିକ୍ତ ଥାନାଧିକାରୀ ସୁଚିତ୍ରା ପରିଡ଼ାଙ୍କୁ ପାହାଲ ଥାନାଧିକାରୀ, ସିଡିଏ ଫେଜ୍-୨ ଥାନାଧିକାରୀ ସନ୍ଧ୍ୟାରାଣୀ ସିଂଙ୍କୁ ଭୁବନେଶ୍ୱର ଡିସିପି ଅଫିସ, ସଦର ଥାନାଧିକାରୀ ସୁଧାଂଶୁ ଭୂଷଣ ଜେନାଙ୍କୁ ମଙ୍ଗଳାବାଗ ଥାନା, ୪୨ ମୌଜା ବେଷ୍ଟକାର ଥାନାଧିକାରୀ ଅନିତା ସାହୁଙ୍କୁ ସିଡିଏ ଫେଜ୍-୨ ଥାନା, ବାଦାମବାଡ଼ି ଥାନାଧିକାରୀ ରଶ୍ମିରଞ୍ଜନ ମହାପାତ୍ରଙ୍କୁ ସଦର ଥାନା, କମିଶନରେଟ ପୋଲିସ ମୁଖ୍ୟାଳୟରେ ଥିବା ଇନ୍ସପେକ୍ଟର ସୌମ୍ୟକାନ୍ତ ବଳିଆରସିଂଙ୍କୁ ଜଟଣୀ ଥାନା, ପ୍ରକାଶ ଚନ୍ଦ୍ର ମାଝିଙ୍କୁ ଚନ୍ଦ୍ରଶେଖରପୁର ଥାନାଧିକାରୀ, ରଜନୀକାନ୍ତ ମିଶ୍ରଙ୍କୁ ଖାରବେଳ ଥାନା, ଦୁର୍ଗେଶ୍ୱର ପ୍ରଧାନଙ୍କୁ ମଙ୍ଗଳାବାଗ ଅତିରିକ୍ତ ଥାନାଧିକାରୀ, ଗିରିଶ ଚନ୍ଦ୍ର ମହାରଣାଙ୍କୁ ୪୨ ମୌଜା ବେଷ୍ଟକାର ଥାନାଧିକାରୀ, ରଜନୀକାନ୍ତ ଦାସଙ୍କୁ ମାଲଗୋଦାମ ଥାନାଧିକାରୀ, ସୁର୍ଯ୍ୟାଂଶୁ ଶେଖର ପାଢ଼ୀଙ୍କୁ ବାଦାମବାଡ଼ି ଥାନାଧିକାରୀ, ଗୋପାଳକୃଷ୍ଣ ଜେନାଙ୍କୁ ଭୁବନେଶ୍ୱର ସ୍ପେଶାଲ କ୍ରାଇମ ୟୁନିଟ୍, ବିକାଶ ନନ୍ଦନ ଜେନାଙ୍କୁ ଭୁବନେଶ୍ୱର ଡିଆଇବି, ଚିନ୍ତେଶ୍ୱର ମୁଣ୍ଡାଙ୍କୁ ଶହୀଦନଗର ଅତିରିକ୍ତ ଥାନାଧିକାରୀଭାବେ ବଦଳି କରାଯାଇଛି। ସେହିପରି ପାହାଲ ଥାନା ଦାୟିତ୍ୱରେ ଥିବା ଏସ୍ଆଇ ଷ୍ଟାଲିନ ବିଶ୍ୱାଳଙ୍କୁ ନୟାପଲ୍ଲୀ ଥାନା, କମିଶନରେଟ ପୋଲିସ ମୁଖ୍ୟାଳୟରେ ଥିବା ଏସ୍ଆଇ ବାବାଜି ଚନ୍ଦ୍ର କୁଅଁରଙ୍କୁ ଚୌଦ୍ୱାର ଥାନା ଓ ଏସ୍ଆଇ ପୁଷ୍ପାରାଣୀ ନାଏକଙ୍କୁ କଟକ ମହିଳା ଥାନାକୁ ବଦଳି କରାଯାଇଛି।


**WATCO** No.C-934
**OFFICE OF THE CHIEF EXECUTIVE OFFICER, WATCO**
Ground Floor, Unnati Bhawan,
H.B. Colony, Satyanagar, Bhubaneswar-751007,Odisha, India
Telefax: -+91-674-2391444,
E-mail - mail@watcoodisha.in, md@watcoodisha.in
**INVITATION FOR BID (IFB)**
**Bid Identification No. WATCO (W) -18/2022-23**
**Dtd.29.07.2022 WATCO No.3386, Date: 29.07.2022**

1. Name of the work :- Provision of power back up i.e. 625K. VA DG Set -3nos to run 535HP/400Kw Raw Water VT pump set (3 nos) at Janivilli Head Works, 250KVA DG Sets-4nos to run 180HP /135Kw Clear Water Centrifugal Pump Set and other electrical installations of 60MLD WTP at Jagadalpur for improvement of water supply to Berhampur Town.
2. Estimated cost : Rs.539.78 Lakh
3. Period of completion : 6 (Six) Months
4. Date & time of availability of bid document in the portal : From 11.00 AM of Dt.05.08.2022 to 5.00PM of 19.08.2022
5. Last date / time of receipt of bids in the portal : 5.00 PM of 19.08.2022.
6. Date & time of opening of technical bids : 12.30 PM of 20.08.2022
7. Name and address of the Officer Inviting Bid : CEO, WATCO Telefax:- 0674-2391444 E-mail:mail@watcoodisha.in md@watcoodisha.in
8. The bidders have to participate in ONLINE bidding only. Further details can be seen from the web site **www.tendersodisha.gov.in.**

**Sd./- (CEO) WATCO**
OIPR-13194/11/0043/2223



**OFFICE OF THE ROURKELA MUNICIPAL CORPORATION, ROURKELA**
**INVITATION FOR BID**
**No.10193, Dated 03.08.22**
**Bid Identification No. :- MC/RMC/63/2022**

**No.C-940:**The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in Single cover on online Mode. Bid Identification No. MC/RMC/63/2022 for 02 nos. Civil work with value of Rs.47.08 lakh.

1. Bid documents will be available in website www.tendersorissa.gov.in from 03.08.2022.
2. Bids must be submitted on "online" on or before 12.08.2022 by 17.00 hours
3. Bids shall be opened at 11.00 hours on 16.08.2022 in the office of the undersigned in the presence of the bidders or their authorized agents.
4. Other details will be available in the web site tendersorissa.gov.in

**Sd./- Municipal Commissioner,**
**Rourkela Municipal Corporation**
OIPR-13131/11/0076/2223



GOVERNMENT OF ODISHA e-mail: eephbhpt@gmail.com
**OFFICE OF THE EXECUTIVE ENGINEER, PUBLIC HEALTH DIVISION, BHAWANIPATNA**
Parmanandpur, Railway Station Road, Bhawanipatna, Dist.: Kalahandi, PIN - 766002
**NATIONAL COMPETITIVE BIDDING THROUGH e-Procurement**
Identification No. EEPH-BHPT-09 of 2022-23 / Dt.29.07.2022
No. C-928
**e-Procurement Notice**

Name of the work : Different pipes water supply schemes under PH Division, Bhawanipatna under Special Central Assistance
Total No. of works : 01 (One)
Estimated Cost : Approx. Rs.248.83 lakhs
Class of contractor : Manufacturer only
Period of Completion : 2 Calendar Months

| Procurement Officer | Bid Identification No. | No. of Works | Availability of Tender Online for Bidding | | Date & time of opening of Bid |
|---|---|---|---|---|---|
| | | | From | To | |
| 1 | 2 | 3 | 4 | 5 | 6 |
| Executive Engineer, P.H. Division, Bhawanipatna | EEPH - BHPT - 09 of 2022-23/Dt.29.07.2022 | 01 (One) | 05.08.2022 | 20.08.2022 | 22.08.2022 |

For details can be seen from the Government website **www.tendersorissa.gov.in.**
OIPR-13059/11/0008/2223 **Sd./- Executive Engineer, P.H. Division, Bhawanipatna**



ପୌରପରିଷଦ ହିଞ୍ଜିଳିକାଟୁ
**HINJILICUT MUNICIPAL COUNCIL**
ହିଞ୍ଜିଳିକାଟୁ, ଜିଲ୍ଲା-ଗଞ୍ଜାମ, ପିନ୍-୭୬୧୧୦୨
ଦୂରଭାଷ-୦୬୮୧୧-୨୮୦୦୨୫,ଟୋଲଫ୍ରି ୧୪୪୨୦
At-Hinjilicut,Dist-Ganjam,Pin-761102
Contact:06811-280025,Toll Free No.14420
Email:hinjilicutmunicipality@gmail.com, hinjilimunicipality@gmail.com
Hinjilicut Municipality, Hinjilicutmunicipality
**Letter No.4825/2022** **Date:02.08.2022**

**Quotation Call Notice**

**No.C-925:**Sealed quotations are invited from the Authorized dealers / Agencies / suppliers / manufactures for supply of following items for Hinjilicut Municipality.
The rate should be quoted against the item excluding taxes. The quotationer are essentially required to enclose their GST Registration Certificate, PAN card, Warranty / Guarantee Certificate. The quotationer shall be required to produce the original copy of the required document before the undersigned at the time of opening of quotation for verification.
The quotationer should submit EMD in shape of Cash / B.D. / D.D / T.D.A. pledged in favour of Executive Officer, Hinjilicut Municipality as mentioned detailed below. The quotation paper will be available at the Cash Section from date: 04.08.2022.10.00 A.M. to 16.08.2022, 5.00 P.M. in the Office hour except holidays. The quotation should receive on or before dt: 20.08.2022 at 5.00 P.M. on Tender Box / Speed post / Registered post and the same will be opened on dt: 22.08.2022 at 11.00 A.M. in presence of respective quotationers or their authorized representatives.
The Authority reserves the right to accept, cancel or reject any or all offers without assigning any reason thereof.

| Sl.No. | Description of Items | Paper Cost | EMD |
|---|---|---|---|
| 1 | Supply of Cement Benches. | 500/- | 2000/- |
| 2 | Supply of LCV Body (Garbage VAN Body) | 500/- | 2000/- |
| 3 | Supply of Digital Entry Signage | 500/- | 2000/- |
| 4 | Supply of Statue | 1000/- | 5000/- |
| 5 | Supply of Napkin Burning Machine | 500/- | 2000/- |

**Sd./- Executive Officer, Hinjilicut Municipality**
OIPR-13105/11/0013/2223


See Career Appointment on every Wednesday & Saturday

**ଶେୟାର ବଜାରରେ ଉତ୍ସାହ**

ନୂଆଦିଲ୍ଲୀ: କ୍ରମାଗତ ୬ଷ୍ଠ କାର୍ଯ୍ୟଦିବସରେ ମଧ ଦଲାଲ ଷ୍ଟ୍ରିଟ୍‌ର ଶେୟାର ଭଲ ରହିଛି। ଫଳରେ ଏହାର ନିବେଶକଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। ବିଶେଷକରି ଅନ୍ତର୍ଜାତୀୟ ସ୍ତରରେ ବିଭିନ୍ନ ଅପ୍ରୀତିକର ଘଟଣା ଲାଗି ରହିଥିବାବେଳେ ଭାରତୀୟ ଶେୟାର ବଜାର ଚଳିତ ସପ୍ତାହର ୩ୟ କାର୍ଯ୍ୟ ଦିବସରେ ମଧ ସବୁଜ ରଙ୍ଗରେ କାରବାର ବନ୍ଦ କରିଛି। ବୁଧବାର ଉଭୟ ସେନ୍‌ସେକ୍ସ ଓ ନିଫ୍ଟିରେ ପ୍ରାୟ ୧% ଶେୟାର ବୃଦ୍ଧି ଘଟିଥିବା ସୂଚନା ମିଳିଛି। ଫଳରେ ସେନ୍‌ସେକ୍ସ ୨୧୪ (୨୧୪.୧୭) ପଏଣ୍ଟ ବୃଦ୍ଧି ଘଟି ୫୮,୩୫୧(୫୮,୩୫୦.୫୩) ଅଙ୍କରେ କାରବାର ବନ୍ଦ କରିଥିବା ବେଳେ ନିଫ୍ଟି-୫୦ରେ ୪୩ (୪୨.୭୦) ପଏଣ୍ଟ ବଢ଼ି ୧୭,୩୮୮ (୧୭,୩୮୮.୧୫) ଅଙ୍କରେ କାରବାର ଶେଷ କରିଥିବା ସୂଚନା ମିଳିଛି।

# ମାଲାବାର ପକ୍ଷରୁ ଛାତ୍ରୀ ବୃତ୍ତି ପ୍ରଦାନ

ଭୁବନେଶ୍ୱର,୩।୮




ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ର ଓଡ଼ିଶା ୟୁନିଟ୍ (ଭୁବନେଶ୍ୱର)ର ଶହୀଦନଗର ଷ୍ଟୋର ପକ୍ଷରୁ ସ୍ଥାନୀୟ ୟୁନିଟ୍-୧, କମଳା ନେହେରୁ ମହିଳା ମହାବିଦ୍ୟାଳୟ (କେଏନ୍‌ଡବ୍ଲ୍ୟୁସି)ର କ୍ୟାମ୍ପସ ପରିସରରେ ବୁଧବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ର ମେୟର ସୁଲୋଚନା ଦାସ, ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ବେଳେ ବିଏମ୍‌ସିର କର୍ପୋରେଟର ରାଜକିଶୋର ଦାସ, ଆସିଆ ବେଗମ, କମଳା ନେହେରୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁଶାନ୍ତ କୁମାର ପଟ୍ଟନାୟକ ଏବଂ ମାଲାବାର ଶହୀଦନଗର ଷ୍ଟୋର ହେଡ୍ ମିଃ.ଅସ୍‌ନାଫ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ମାଲାବାରର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) କାର୍ଯ୍ୟକ୍ରମ

**କେଏନ୍‌ଡବ୍ଲ୍ୟୁସିର ୨୧୫ ଛାତ୍ରୀଙ୍କୁ ୧୪.୭୦ ଲକ୍ଷ ଟଙ୍କାର ବୃତ୍ତି ପ୍ରମାଣପତ୍ର ବଣ୍ଟନ କରାଯାଉଛି**

ଅଧୀନରେ ମୋଟ ୨୧୫ଜଣ ଛାତ୍ରୀଙ୍କୁ ୧୭,୬୪,୦୦୦ ଟଙ୍କାର ଛାତ୍ର ବୃତ୍ତି ପ୍ରଦାନ କରାଯାଇଥିଲା। ବିଶେଷ କରି ଏହି ବୃତ୍ତି ଯୋଗ୍ୟ ଛାତ୍ରୀମାନଙ୍କୁ ଉଚ୍ଚତର ଶିକ୍ଷା ପାଇଁ ବେଶ୍ ସହାୟକ ହେବ। ଏହା ଜରିଆରେ ବାର୍ଷିକ ୬ରୁ ୧୦ ହଜାର ଲେଖାଏଁ ଟଙ୍କା ପ୍ରତି ବର୍ଷ କିଛି ସ୍ୱତନ୍ତ୍ର ନିୟମାବଳୀ ଅନୁସାରେ ଛାତ୍ରୀମାନଙ୍କୁ ପ୍ରଦାନ କରାଯିବ। ଅପରପକ୍ଷରେ ମାଲାବାର ଗ୍ରୁପ୍ ତା'ର ବ୍ୟବସାୟର ୫% ଲାଭାଂଶ ସମାଜ ମଙ୍ଗଳ କାର୍ଯ୍ୟରେ ବିନିଯୋଗ କରିଥାଏ। ବିଶେଷକରି ଗୃହନିର୍ମାଣ, ସ୍ୱାସ୍ଥ୍ୟସେବା, ପରିବେଶ ସମ୍ପର୍କିତ କାର୍ଯ୍ୟକ୍ରମ, ଶିକ୍ଷାଭିତ୍ତିକ କାର୍ଯ୍ୟକ୍ରମ ଏବଂ ମହିଳା ସଶକ୍ତୀକରଣ ଭଳି ପ୍ରମୁଖ କ୍ଷେତ୍ରରେ ମାଲାବାର ତା'ର ସିଏସ୍‌ଆର୍ କାର୍ଯ୍ୟକ୍ରମ ବିଗତ ୨୦ବର୍ଷ ହେବ ଜାରି ରଖିଛି। ଏଭଳି କାର୍ଯ୍ୟକ୍ରମ ଦ୍ୱାରା ପ୍ରତିଷ୍ଠାନ ଉଭୟ ସମାଜ ମଙ୍ଗଳ ଓ ଲୋକ ସମ୍ପର୍କ ବୃଦ୍ଧି କରିପାରୁଛି ବୋଲି କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏଥିରେ ଉଭୟ ମାଲାବାର ଏବଂ କମଳା ନେହେରୁ ମହାବିଦ୍ୟାଳୟର ସବୁ ବର୍ଗର କର୍ମଚାରୀ ଏବଂ ଛାତ୍ରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଷ୍ଟୋରର ମୁଖ୍ୟ ବାଣିଜ୍ୟିକ ଅଧିକାରୀ ସିଦ୍ଧେଶ୍ୱର ରଥ ଓ ଅନ୍ୟମାନେ ପରିଚାଳନା କରିଥିଲେ।

# ଆସସ୍‌ର ନୂତନ ଉତ୍ପାଦ

ନୂଆଦିଲ୍ଲୀ,୩।୮

ଆସସ୍ ଇଣ୍ଡିଆ, ରିପବ୍ଲିକ୍ ଅଫ୍ ଗେମର୍ସ (ରଗ୍) ପକ୍ଷରୁ ରଗ୍ ଜିଫାଇରସ୍ ଡୁଓ୧୬, ଜିଫାଇରସ୍ ଜି୧୪ ଓ ଫ୍ଲୋ ଏକ୍ସ୧୬ ସମେତ ପାୱାର ଓ ଅପ୍‌ଗ୍ରେଡେଡ୍ ପର୍‌ଫର୍ମାନ୍ସ ସହ ସୁସଜ୍ଜିତ ଜିଫାଇରସ୍ ଜି୧୫ ଓ ଫ୍ଲୋ ଏକ୍ସ୧୩ର ନୂଆ ଏଡିଶନର ଶୁଭାରମ୍ଭ କରାଯାଇଛି। ଏହା ବେଶ୍ ଶକ୍ତିଶାଳୀ ଗେମିଙ୍ଗ୍ ଅନୁଭୂତି ପ୍ରଦାନ କରିବା ପାଇଁ ଏଏମ୍‌ଡି ରାଇଜେନ୍ ୬୦୦୦ସିରିଜ୍ ମୋବାଇଲ ପ୍ରୋସେସର ସହ ଏକ ଏମ୍‌ୟୁଏକ୍ସ ସ୍ୱିଚ୍ ରହିଛି। କମ୍ପାକ୍ଟ ଇଜ୍ ଦ ନ୍ୟୁ ଇମ୍ପାକ୍ଟର ଦର୍ଶନକୁ ଅନୁବାଦିତ କରି ଏହି ନୂଆ ଗେମିଙ୍ଗ୍ ଶୃଙ୍ଖଳା ଓ ଅଭିଜ୍ଞତାକୁ ବୃଦ୍ଧି କରି ଗେମରଙ୍କୁ ବିବିଧତା ପ୍ରଦାନ କରୁଛି। ଅପରପକ୍ଷରେ ଆସସ୍ ରଗ୍ ପକ୍ଷରୁ ହାସ୍‌ଟ୍ୟାଗ୍ ବିୟୁୱିଥରଗ୍ କ୍ୟାମ୍ପେନ୍‌ର ଶୁଭାରମ୍ଭ ମଧ୍ୟ କରାଯାଇଛି। ଆସସ୍ ଇଣ୍ଡିଆର ସିଷ୍ଟମ ବିଜ୍‌ନେସ୍ ଗ୍ରୁପ୍‌ର କଞ୍ଜ୍ୟୁମର ଓ ଗେମିଙ୍ଗ୍ ପିସି ବିଭାଗର ବିଜ୍‌ନେସ୍ ହେଡ୍ ଆର୍ନୋଲ୍ଡ ସୁ କହିଛନ୍ତି, ଆସସ୍‌ରେ ଆମେ ଆମର ଗ୍ରାହକଙ୍କୁ ଏକ ସାମଗ୍ରିକ ଗେମିଙ୍ଗ୍ ଅନୁଭୂତି ପ୍ରଦାନ କରିବା ପାଇଁ ସକ୍ଷମ ହୋଇଥିବାରୁ ଗର୍ବ ଅନୁଭବ କରୁଛୁ।

# ଆଇଡିଏସ୍ ପକ୍ଷରୁ ମୁଖ ସ୍ୱଚ୍ଛତା ଦିବସ




ଭୁବନେଶ୍ୱର,୩।୮

ବର୍ତ୍ତମାନ ସମୟରେ ମୁଖ ଗହ୍ୱର ସ୍ୱଚ୍ଛତା ଏବଂ ସୁସ୍ଥତା ବଜାୟ ରଖିବା ନେଇ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଦ୍ୱାରା ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଣ୍ଟାଲ ସାଇନ୍‌ସେସ୍ (ଆଇଡିଏସ୍) ପକ୍ଷରୁ ନିକଟରେ ମୁଖ ସ୍ୱଚ୍ଛତା ଦିବସ ପାଳିତ ହୋଇଯାଇଛି। ପ୍ରତି ବର୍ଷ ୧ ଅଗଷ୍ଟରେ ଇଣ୍ଡିଆନ୍ ସୋସାଇଟି ଅଫ୍ ପେରିଓଡେଣ୍ଟୋଲୋଜିର ପ୍ରତିଷ୍ଠାତା ଡା. ଜି.ବି. ସାଙ୍କୱେଲ୍‌କରଙ୍କର ଜନ୍ମତିଥିରେ ମୁଖ ସ୍ୱଚ୍ଛତା ଦିବସ ପାଳନ କରାଯାଉଥିବାବେଳେ ଆଇଡିଏସ୍‌ର ପେରିଓଡେଣ୍ଟିକ୍ସ ବିଭାଗ ପକ୍ଷରୁ ଏହି ଦିବସକୁ ସ୍ୱତନ୍ତ୍ର ଭାବେ ପାଳନ କରାଯାଇଥାଏ। ଏହି ଅବସରରେ ପେରିଓଡେଣ୍ଟିକ୍ସ ଆଣ୍ଡ ଓରାଲ୍ ଇମ୍‌ପ୍ଲାଣ୍ଟୋଲୋଜି ବିଭାଗର ପ୍ରଫେସର ଡା. ଅନୁରାଗ ଶତପଥୀ ଏବଂ ପ୍ରଫେସର ଡା. ରଶ୍ମିତା ନାୟକ ସୋଆ କମ୍ୟୁନିଟି ରେଡିଓ ୯୦.୪ ଏବଂ ପ୍ରମେୟ ନ୍ୟୁଜ୍ ୭ ଟିଭି ଚ୍ୟାନେଲରେ ଉକ୍ତ ଦିବସର ଗୁରୁତ୍ୱ ଏବଂ ମୁଖ ସ୍ୱଚ୍ଛତା ଓ ମାଢ଼ି ସମସ୍ୟା ନେଇ ବିସ୍ତୃତ ତଥ୍ୟ ରଖିଥିଲେ। ସେହିପରି ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଏକ ସୁନ୍ଦର ରଙ୍ଗୋଲି ଆଇଡିଏସ୍‌ରେ ପ୍ରସ୍ତୁତ କରାଯାଇଥିବା ବେଳେ ରୋଗୀମାନେ ମଧ୍ୟ ଏହି ଦିବସର ମହତ୍ତ୍ୱ ସମ୍ପର୍କରେ ପଚାରି ବୁଝିଥିଲେ। ଏହି ପରିପ୍ରେକ୍ଷୀରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ମଧ୍ୟ ଆୟୋଜନ କରାଯାଇଥିଲା।

# କିଟ୍ ପଲିଟେକ୍ନିକ୍ ରାଜ୍ୟରେ ୧ ନମ୍ବର



ଭୁବନେଶ୍ୱର,୩।୮

କ୍ୱାଲିଟି କାଉନ୍‌ସିଲ ଅଫ୍ ଇଣ୍ଡିଆ (କ୍ୟୁସିଆଇ)ର ନ୍ୟାଶନାଲ୍ ଆକ୍ରିଡିଟେସନ୍ ବୋର୍ଡ ଫର୍ ଏଜୁକେଶନ ଆଣ୍ଡ ଟ୍ରେନିଂ (ନାବେଟ୍) ଏବଂ ଷ୍ଟେଟ୍ କାଉନସିଲ୍ ଫର୍ ଟେକ୍ନିକାଲ୍ ଏଜୁକେଶନ ଓ ଭୋକେଶନାଲ ଟ୍ରେନିଂ ପକ୍ଷରୁ ୧ମ ଥର ଲାଗି ଓଡ଼ିଶାରେ ଥିବା ସମସ୍ତ ସରକାରୀ ଓ ବେସରକାରୀ ପଲିଟେକ୍ନିକ୍ ଶିକ୍ଷାନୁଷ୍ଠାନର ପୁଙ୍ଖାନୁପୁଙ୍ଖ ତର୍ଜମା ପରେ ଏହି ର୍‍ୟାଙ୍କିଙ୍ଗ୍ ପ୍ରଦାନ କରାଯାଇଛି। ନିକଟରେ ଷ୍ଟେଟ୍ କାଉନସିଲ୍‌ର ମୁଖ୍ୟାଳୟଠାରେ ର୍‍ୟାଙ୍କିଙ୍ଗ୍‌ରେ ସ୍ଥାନ ପାଇଥିବା ଅନୁଷ୍ଠାନଗୁଡ଼ିକର ନାମ ଘୋଷଣା କରାଯାଇଥିଲା। ଏପରିକି କ୍ୟୁସିଆଇ ନାବେଟ ର୍‍ୟାଙ୍କିଙ୍ଗ୍‌ରେ ଉଭୟ ସରକାରୀ ଓ ବେସରକାରୀସ୍ତରରେ କିଟ୍ ପଲିଟେକନିକ୍ ଓଡ଼ିଶାରେ ପ୍ରଥମ ସ୍ଥାନ ଅଧିକାର କରିଛି। ଉଭୟ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସନ୍ତୋଷ ବ୍ୟକ୍ତ କରିବା ସହ କିଟ୍ ପଲିଟେକ୍ନିକର ଅଧ୍ୟକ୍ଷ ଡ. ତନ୍ମୟ ମହାନ୍ତି, ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ସମସ୍ତ ଛାତ୍ରୀଛାତ୍ରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ମିଶନ ଶକ୍ତି ସହ ୟୁକୋ ବ୍ୟାଙ୍କର ଚୁକ୍ତିନାମା

ଭୁବନେଶ୍ୱର,୩।୮

ୟୁକୋ ବ୍ୟାଙ୍କର ଓଡ଼ିଶା ୟୁନିଟ୍ ପକ୍ଷରୁ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ବ୍ୟାଙ୍କର କୋଲକାତାସ୍ଥିତ ମୁଖ୍ୟ କାର୍ଯ୍ୟାଳୟର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଇସ୍ରାକ ଅଲ୍ଲୀ ଖାନ୍ ନିକଟରେ ୩ ଦିନିଆ ଓଡ଼ିଶା ଗସ୍ତରେ ଆସିଥିଲେ। ଗସ୍ତ ଅବସରରେ ସେ ବ୍ୟାଙ୍କର ବିକାଶ ପାଇଁ ଓଡ଼ିଶା ସରକାରଙ୍କ ମିଶନ ଶକ୍ତି ସହ ଚୁକ୍ତିନାମା ସ୍ୱାକ୍ଷରିତ କରିଥିଲେ। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ଅଞ୍ଚଳର ମହାପ୍ରବନ୍ଧକ ତଥା ଅଞ୍ଚଳ ମୁଖ୍ୟ ଗୌତମ ପାତ୍ର ଏବଂ ମିଶନ ଶକ୍ତିର କମିଶନର ତଥା ସଚିବ ସୁଜାତା ଆର୍. କାର୍ତ୍ତିକେୟନ୍‌ଙ୍କ ମଧ୍ୟରେ ଏକ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଯାଇଛି।




# ହୋଣ୍ଡାର ନୂଆ ଲିମିଟେଡ୍ ଏଡିସନ୍ ଡିଓ ସ୍ପୋର୍ଟସ୍‌ର ଶୁଭାରମ୍ଭ

ନୂଆଦିଲ୍ଲୀ,୩।୮



ଦେଶର ପ୍ରମୁଖ ୨ ଚକିଆ ଯାନ ନିର୍ମାତା ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ନ୍ୟୁ ଡିଓ ସ୍ପୋର୍ଟସ୍‌ର ଶୁଭାରମ୍ଭ କରାଯାଇଛି। ଏହା ସୀମିତ ସମୟ ପାଇଁ ଉପଲବ୍ଧ ହେବ ବୋଲି କମ୍ପାନୀ ପକ୍ଷରୁ ମଧ୍ୟ ସୂଚନା ଦିଆଯାଇଛି। ଆଗ୍ରହୀ ଗ୍ରାହକମାନେ ନିକଟସ୍ଥ ରେଡ୍ ୱିଙ୍ଗ୍ ଡିଲରଶିପ୍‌ରେ ଏହାର ଅନୁଭୂତି ହାସଲ କରିପାରିବେ ଏବଂ ଅଧିକ ବିବରଣୀ ପାଇଁ କମ୍ପାନୀର ୱେବ୍‌ସାଇଟ ମଧ୍ୟ ପରିଦର୍ଶନ କରିପାରିବେ। ଏ ସମ୍ପର୍କରେ ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ, ସଭାପତି ତଥା ସିଇଓ ଆତସୁସି ଓଗାତା କହିଛନ୍ତି, ଏହାର ଶୁଭାରମ୍ଭ ହେବା ପରଠାରୁ ଡିଓ ପରିବାର ଆକର୍ଷଣ ଓ ଯୁବ ସୁଲଭତାର ଏକ ମିଶ୍ରଣ ପ୍ରଦାନ କରିଛି। ହୋଣ୍ଡା ଡିଓ ସ୍ପୋର୍ଟସ୍‌ରେ ୧୧୦ ସିସି ପିଜିଏମ୍-ଏଫ୍‌ଆଇ ଇଞ୍ଜିନ, ଏନ୍‌ହାନ୍ସଡ୍ ସ୍ମାର୍ଟ ପାୱାର (ଇଏସ୍‌ପି), ଟେଲିସ୍କୋପିକ୍ ସସ୍‌ପେନ୍‌ସନ୍, ଇଣ୍ଟିଗ୍ରେଟେଡ୍ ଡୁଆଲ୍ ଫଙ୍କସନ୍ ସ୍ୱିଚ୍, ଏକ୍ସଟରନାଲ୍ ଫୁଏଲ୍ ଲିଡ୍, ପାସିଂ ସ୍ୱିଚ୍ ଓ ସାଇଡ୍ ଷ୍ଟାଣ୍ଡ ଇଣ୍ଡିକେଟର, କମ୍ବି ବ୍ରେକ୍ ସିଷ୍ଟମ୍ ସହ ଇକ୍ୱିଲାଇଜର୍ ଓ ତିନି ସୋପାନ ଆଡ୍‌ଜଷ୍ଟ ହୋଇପାରୁଥିବା ପଛ ସସ୍‌ପେନ୍‌ସନ୍ ସହ ଉତ୍ତମ ଇନ୍ଧନ ମିତବ୍ୟୟିତା ପାଇଁ ୩-ଷ୍ଟେପ୍ ଇକୋ ଇଣ୍ଡିକେଟର ଇତ୍ୟାଦି ରହିଛି। ଡିଓ ସ୍ପୋର୍ଟସ୍‌ର ଷ୍ଟାଣ୍ଡାର୍ଡ ଭାରିଆଣ୍ଟର ଦାମ୍ (ଏକ୍ସ ଶୋ'ରୁମ୍, ନୂଆଦିଲ୍ଲୀ) ୬୮,୩୧୭ ଟଙ୍କା ଓ ଡିଲକ୍ସ ଭାରିଆଣ୍ଟ ଦାମ୍ ୭୩,୩୧୭ ଟଙ୍କା ରହିଛି।

**ଫୁର୍‌ସତ୍**

# ୟୁଟ୍ୟୁବ୍ ଦେଲା ମା'ଙ୍କ ଠିକଣା



**ମୁମ୍ବାଇ:** ୨୦ ବର୍ଷ ପୂର୍ବେ ହଜିଯାଇଥିବା ମା'ଙ୍କୁ ୟୁଟ୍ୟୁବ୍ ଜରିଆରେ ଫେରିପାଇଛନ୍ତି ଝିଅ। ମୁମ୍ବାଇର ୟାସ୍ମିନ ଶେଖ୍‌ଙ୍କ ମା' ହମିଦା ବାନୁଙ୍କୁ ଦୁବାଇରେ ରୋଷେୟା ଚାକିରି ମିଳିବା ପରେ ସେ ସେଠାକୁ ଚାଲିଯାଇଥିଲେ ଯେ, ଆଉ ଫେରି ନ ଥିଲେ। କିନ୍ତୁ ଏବେ ୨୦ ବର୍ଷ ପରେ ତାଙ୍କ ଝିଅ ୟୁଟ୍ୟୁବ୍ ଜରିଆରେ ତାଙ୍କୁ ପାକିସ୍ତାନରୁ ପାଇଛନ୍ତି। ହମିଦା ନ ଫେରିବାରୁ ୟାସ୍ମିନ ଥାନାରେ ଅଭିଯୋଗ କରିବା କଥା ଚିନ୍ତା କରିଥିଲେ ହେଁ ତାଙ୍କ ପାଖରେ ଯଥେଷ୍ଟ ପ୍ରମାଣ ନ ଥିବା କାରଣରୁ ସେ ଅଭିଯୋଗ କରିପାରି ନ ଥିବା କହିଛନ୍ତି। ଅନ୍ୟପଟେ ଯେଉଁ ଏଜେଣ୍ଟ ହମିଦାଙ୍କୁ ଦୁବାଇ ନେଇଥିଲା ତା' ସହ ଯୋଗାଯୋଗ କରିବାରୁ ସେ କହିଥିଲା ଯେ, ହମିଦା ତାଙ୍କ ପରିବାର ସଦସ୍ୟଙ୍କ ସହ କୌଣସି ସମ୍ପର୍କ କି କଥା ହେବାକୁ ଚାହୁଁ ନାହାନ୍ତି। ପରିବାର ପାଖକୁ ଯିବା ପାଇଁ ହମିଦା ପାକିସ୍ତାନର ମାରୁଫ ନାମରେ ଜଣେ ୟୁଟ୍ୟୁବରଙ୍କ ନିକଟକୁ ଯାଇ ତାଙ୍କ ସହ ଘଟିଥିବା ଘଟଣା ବାବଦରେ କହିଥିଲେ। ଏହାପରେ ମାରୁଫ ହମିଦାଙ୍କର ଏକ ଭିଡିଓ ୟୁଟ୍ୟୁବରେ ଶେୟାର କରିଥିଲେ, ଯେଉଁଥିରେ ସେ ତାଙ୍କ ସ୍ୱାମୀ, ପରିବାର ଓ ସମ୍ପର୍କୀୟଙ୍କ କଥା କହିଥିଲେ। ଭିଡିଓକୁ ୟାସ୍ମିନ୍ ଦେଖି ଏକଥା ବିଶ୍ୱାସ କରିପାରି ନ ଥିଲେ। କିନ୍ତୁ ପରବର୍ତ୍ତୀ ମୁହୂର୍ତ୍ତରେ ୟୁଟ୍ୟୁବରଙ୍କ ସହଯୋଗରେ ସେ ମା' ହମିଦାଙ୍କ ସହ କଥା ହୋଇଛନ୍ତି।

# ସ୍କେଟିଂରେ ଦେଶନାଙ୍କ କମାଲ୍

ମୁମ୍ବାଇ

ପୁଣେର ୭ ବର୍ଷୀୟା ଦେଶନା ନାହାର ସ୍କେଟିଂରେ ଗିନିଜ୍ ୱାର୍ଲ୍ଡ ରେକର୍ଡ କରିଛନ୍ତି। ପାଖାପାଖି ଛିଡ଼ା ହୋଇଥିବା ୨୦ଟି କାର୍ ତଳ ଦେଇ ସ୍କେଟିଂ ଜରିଆରେ ଷ୍ଟ୍ରେଟ୍ ଲାଇନ୍‌ରେ ଯାଇ ସେ ଏହି ରେକର୍ଡର ଅଧିକାରିଣୀ ହୋଇପାରିଛନ୍ତି। ତେବେ ଏହାର ଭିଡିଓ ମଧ୍ୟ ଟୁଇଟରରେ ଶେୟାର କରାଯାଇଛି। ଦେଶନା ଏହି ଟାସ୍କକୁ ମାତ୍ର ୧୩ ମିନିଟ ୭୪ ସେକେଣ୍ଡରେ ପୂରା କରିଛନ୍ତି। ଏହା ଜରିଆରେ ଦେଶନା ଚାଇନାର ୧୪ ବର୍ଷୀୟା ବାଳିକାଙ୍କ ରେକର୍ଡ କାଟିଥିଲେ। ସମାନ ଟାସ୍କକୁ ସେ ୧୪ ମିନିଟ ୧୫ ସେକେଣ୍ଡରେ ପୂରା କରିଥିଲେ। ଦୁବାଇରେ ରହୁଥିବା ଭାରତୀୟ ଯୋଗ ଶିକ୍ଷକ ୟଶ ମନସୁଖଭାଇ ୩୦ ମିନିଟ ପର୍ଯ୍ୟନ୍ତ ସ୍କର୍ପିଓନ୍ ପୋଜ୍‌ରେ ରହି ଗିନିଜ୍ ୱାର୍ଲ୍ଡ ରେକର୍ଡ ନିଜ ନାମରେ କରିଛନ୍ତି।


ଦେଶନା ନାହାର

# ନୂଆ ଟ୍ରାଫିକ୍ ସିଗ୍‌ନାଲ୍

ବେଙ୍ଗାଲୁରୁ

ବେଙ୍ଗାଲୁରୁ ସହରରେ ଏକ ନୂଆ ଟ୍ରାଫିକ୍ ସିଗ୍‌ନାଲ ନେଇ ସୋସିଆଲ ମିଡିଆରେ ଜୋର୍ ଚର୍ଚ୍ଚା ଆରମ୍ଭ ହୋଇଥିଲା। ନୂଆ ଭାବେ ରାସ୍ତା କଡ଼ରେ ଲଗାଯାଇଥିବା ଚିହ୍ନର ଅର୍ଥ କେହି ବୁଝି ପାରି ନ ଥିଲେ। ଏହାକୁ ସମ୍ବେଦନଶୀଳ ମନେକରି ଜଣେ ସୋସିଆଲ ମିଡିଆ ୟୁଜର ଟୁଇଟର ଜରିଆରେ ଟ୍ରାଫିକ୍ ପୋଲିସ ବିଭାଗକୁ ଏହାର ଜବାବ୍ ମାଗିଥିଲେ। ପ୍ରଶ୍ନର ଉତ୍ତର ଦେଇଥିଲେ ହ୍ୱାଇଟ୍ ଫିଲ୍ଡ ଟ୍ରାଫିକ୍ ଅଧିକାରୀ। ଏକ ଧଳା ବୋର୍ଡରେ ୪ଟି କଳା ଗୋଲାକାର ଚିହ୍ନର ଅର୍ଥ ବୁଝାଇ ଟ୍ରାଫିକ୍ ପୋଲିସ ଅଧିକାରୀ ଜଣକ କହିଥିଲେ ଯେ, ସିଗ୍‌ନାଲ ଲଗାଯାଇଥିବା ସ୍ଥାନରେ ଦୃଷ୍ଟିହୀନଙ୍କ ଏକ ବିଦ୍ୟାଳୟ ରହିଛି। ସେଠାରୁ ଯେ କୌଣସି ମୁହୂର୍ତ୍ତରେ ଛାତ୍ରୀଛାତ୍ର ରାସ୍ତାକୁ ଆସିପାରନ୍ତି। ସେମାନଙ୍କ ସୁରକ୍ଷା ଓ ଦୁର୍ଘଟଣାରୁ ରକ୍ଷା ପାଇବା ପାଇଁ ଉକ୍ତ ସ୍ଥାନରେ ଏହି ବୋର୍ଡ ଲଗାଯାଇଥିବା ପୋଲିସ ଅଧିକାରୀ କହିଛନ୍ତି। ତେବେ ଟ୍ରାଫିକ ଅଧିକାରୀ ଉକ୍ତ ସିଗ୍‌ନାଲ ବିଷୟରେ ଲୋକଙ୍କୁ ଅବଗତ କରାଇବାରୁ ସୋସିଆଲ ମିଡିଆ ୟୁଜର ତାଙ୍କୁ ଧନ୍ୟବାଦ ଦେବା ସହ ପ୍ରଶଂସା କରିଛନ୍ତି।

# ଓଡ଼ିଆ ସାମ୍ବାଦିକତା ଦିବସ

୧୮୬୬ ମସିହା ଅଗଷ୍ଟ ୪ । ସେଦିନ ଥିଲା ଓଡ଼ିଆ ସାମ୍ବାଦିକତା ପାଇଁ ଗୌରବର ଦିନ। ଓଡ଼ିଶାର ପ୍ରଥମ ଓଡ଼ିଆ ଖବର କାଗଜ ଭାବେ 'ଉତ୍କଳ ଦୀପିକା' ଆତ୍ମପ୍ରକାଶ କରିଥିଲା। ଗୌରୀଶଙ୍କର ରାୟ ଏହାର ପ୍ରଥମ ସମ୍ପାଦକ ଥିଲେ । ପ୍ରଥମେ ଏହା ସାପ୍ତାହିକ ଏବଂ ପରବର୍ତ୍ତୀ ସମୟରେ ଦୈନିକ ଭାବେ ପ୍ରକାଶିତ ହୋଇଥିଲା। ଗୌରୀଶଙ୍କର ଏବଂ ତାଙ୍କର ଘନିଷ୍ଠ ସହଯୋଗୀ ବିଚିତ୍ରାନନ୍ଦ ଦାସଙ୍କ ଉଦ୍ୟମରେ କଟକଠାରେ ପ୍ରତିଷ୍ଠିତ କଟକ ପ୍ରିଣ୍ଟିଂ କମ୍ପାନୀରୁ ଏହି ଖବର କାଗଜ ପ୍ରକାଶ ପାଉଥିଲା। ଉତ୍କଳ ଦୀପିକା ତତ୍କାଳୀନ ସାମାଜିକ ତଥା ରାଜନୈତିକ କ୍ଷେତ୍ରରେ ନୂତନ ଦିଗଦର୍ଶନ ଦେବା ସହ ଓଡ଼ିଆମାନଙ୍କ ସ୍ୱାର୍ଥରକ୍ଷା ପାଇଁ ସରକାରଙ୍କ ପାଖରେ ଦୃଢ଼ ଦାବି ଉପସ୍ଥାପିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ବାଲ୍ୟବିବାହ ପରି ଘୃଣ୍ୟ ପ୍ରଥା ବିରୋଧରେ ମଧ୍ୟ ସ୍ୱର ଉତ୍ତୋଳନ କରି


REGISTERED NO. II 6.
ଉତ୍କଳଦୀପିକା
The Utkal Dipika
Cuttack, Saturday the 19th July 1930

୧୯୩୦ ଜୁଲାଇ ୧୦ ତାରିଖରେ ପ୍ରକାଶିତ ଉତ୍କଳଦୀପିକା।

ସାମାଜିକ ସଂସ୍କାର ପାଇଁ ଏହି ଖବର କାଗଜ ଉଦ୍ୟମ କରିଥିଲା । ଉତ୍କଳ ଦୀପିକାର ସଫଳତା ଓଡ଼ିଶାରେ ଖବର କାଗଜ ପ୍ରକାଶନର ଧାରା ସୃଷ୍ଟି କରିଥିଲା । ତେଣୁ ପ୍ରତିବର୍ଷ ଅଗଷ୍ଟ ୪କୁ ଓଡ଼ିଆ ସାମ୍ବାଦିକତା ଦିବସ ଭାବେ ପାଳନ କରାଯାଇଥାଏ।

## କୁଜିବର ପତ୍ରରୁ ଆରମ୍ଭ ...

ଓଡ଼ିଆ ସାମ୍ବାଦିକତାରେ 'ପତ୍ରିକା' ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଆସିଛି। ୧୭୬୯ ମସିହାରେ ହାତଲେଖା ପତ୍ରିକାରୁ ଆରମ୍ଭ ହୋଇଥିଲା ଏହାର ଯାତ୍ରା। କଟକ ଚୌଦ୍ୱାର ନିକଟସ୍ଥ କୁଜିବର ମଠର ମହନ୍ତ ସାଧୁସୁନ୍ଦର ଦାସ ୧୭୬୯ରେ 'କୁଜିବର ପତ୍ର' ନାମରେ ଏକ ହାତଲେଖା ପତ୍ରିକା ଆରମ୍ଭ କରିଥିଲେ। ସେତେବେଳେ ସାଧାରଣ ଲୋକଙ୍କୁ ସାମ୍ପ୍ରତିକ ସ୍ଥିତି ଓ ଓଡ଼ିଆ ଭାଷା ସମ୍ପର୍କରେ ଅବଗତ କରିବା ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିଲା ଏହି ଯାତ୍ରା। ସମୟ କ୍ରମେ ଏହା ଏବେ ଡିଜିଟାଲରେ ପହଞ୍ଚିଛି ସତ, ହେଲେ କୁଜିବର ପତ୍ର ତା'ର ସ୍ୱର୍ଣ୍ଣିମ ଇତିହାସ ବହନ କରିଚାଲିଛି। କୁଜିବର ପତ୍ର ପରେ ପ୍ରଥମ ଛାପା ପତ୍ରିକା ଭାବେ ୧୮୪୯ରେ ଜ୍ଞାନାରୁଣ ପ୍ରକାଶ ପାଇଥିଲା। ପରେ ୧୮୫୬ରେ ପ୍ରବୋଧ ଚନ୍ଦ୍ରିକା ଏବଂ ୧୮୬୧ ଅରୁଣୋଦୟ ନାମରେ ପତ୍ରିକା ପ୍ରକାଶିତ ହୋଇଥିଲା। ହେଲେ ଏହା ଅଧିକଦିନ ପର୍ଯ୍ୟନ୍ତ ଚାଲିପାରି ନ ଥିଲା। ମାତ୍ର ୩ବର୍ଷ ମଧ୍ୟରେ ବିଭିନ୍ନ କାରଣରୁ ଉକ୍ତ ୩ଟି ପତ୍ରିକାର ପ୍ରକାଶନ ବନ୍ଦ ହୋଇଯାଇଥିଲା। ପରେ ୧୮୭୩ରେ ଉତ୍କଳ ଦର୍ପଣ ନାମରେ ମାସିକ ପତ୍ରିକା ବାଲେଶ୍ୱରରୁ ପ୍ରକାଶିତ ହୋଇଥିଲା। ଓଡ଼ିଆ ଭାଷାରେ ଏହା ପ୍ରଥମ ସାହିତ୍ୟିକ ମାଗାଜିନ୍। ଏହାପରେ ୧୮୭୮ରେ ଉତ୍କଳ ମଧୁପ, ୧୮୮୫ରେ ପ୍ରଦୀପ ପତ୍ରିକା ଖୁବ୍ କମ୍ ଦିନ ପାଇଁ ବାହାରିଥିଲା। ୧୮୯୭ରେ ପ୍ରକାଶିତ ଉତ୍କଳ ସାହିତ୍ୟ ପତ୍ରିକା ଓଡ଼ିଆ ସାହିତ୍ୟରେ ଏକ ନୂଆ ଯୁଗ ଆରମ୍ଭ କରିଥିଲା। ପରବର୍ତ୍ତୀ ସମୟରେ ଏକାଧିକ ମାଗାଜିନ୍ ପ୍ରକାଶ ପାଇବାରେ ଲାଗିଥିଲା। ୧୯୦୬ରେ ମୁକୁର, ୧୯୧୫ରେ ସତ୍ୟବାଦୀ, ୧୯୨୦ରେ ସାହାକାର, ୧୯୩୪ରେ ନବଭାରତ ଆଦି ପତ୍ରିକା ଓଡ଼ିଆ ଭାଷା ଓ ସାହିତ୍ୟକୁ ଋଦ୍ଧିମନ୍ତ କରିବାରେ ବେଶ୍ ସହାୟକ ହୋଇଥିଲା।

## ଛାତ୍ରାବସ୍ଥାରୁ ଆବେଗ ବଢ଼ିଥିଲା

ଛାତ୍ରାବସ୍ଥାରୁ ମୋର ସାମ୍ବାଦିକତା ପ୍ରତି ଆବେଗ ସୃଷ୍ଟି ହୋଇଥିଲା। ୧୯୭୧ରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କଲି। ସେହି ବର୍ଷ ପୁନେ ଯାଇ ବର୍ଷକିଆ ସାମ୍ବାଦିକତା ପାଠ୍ୟକ୍ରମରେ ନାମ ଲେଖାଇଲି। ୧୯୭୨ରେ ପାଠ୍ୟକ୍ରମ ଶେଷ ହେଲା, ଆଉ ସେହି ବର୍ଷ ଆରମ୍ଭ ହୋଇଥିଲା ମୋର ସାମ୍ବାଦିକତା ଜୀବନ। ସେ ସମୟରେ ଓଡ଼ିଶାରେ ପ୍ରମୁଖ ଭାବେ ସମାଜ, ପ୍ରଜାତନ୍ତ୍ର ଓ ମାତୃଭୂମି ଖବରକାଗଜ ପ୍ରକାଶ ପାଉଥିଲା। ପ୍ରଥମେ ପ୍ରଜାତନ୍ତ୍ର ଏବଂ ପରବର୍ତ୍ତୀ ସମୟରେ ସମାଜ ଖବର କାଗଜର ଭୁବନେଶ୍ୱର ମୁଖ୍ୟ ପ୍ରତିନିଧି ଭାବେ କାର୍ଯ୍ୟ କରିଛି। ଆଜିକାଲି ଭଳି ସେତେବେଳେ ବ୍ୟବସ୍ଥା ନ ଥିଲା। କେବଳ ସାନ୍ଧ୍ୟ ସଂସ୍କରଣ ପ୍ରକାଶ ପାଉଥିଲା। ସାଇକେଲ ଧରି ବିଭିନ୍ନ ସ୍ଥାନରୁ ଖବର ସଂଗ୍ରହ କରି ଦିନବେଳା କିଏ କଟକ ଯାଉଥିଲେ ତାଙ୍କ ହାତରେ ଖବର ପଠାଇବା ସହ ଅଧିକାଂଶ ଖବର ଟେଲିଫୋନରେ ଡାକିବାକୁ ପଡୁଥିଲା। ଆଉ ପ୍ରଥମେ ରୋଟେରି ମେଶିନ ତା'ପରେ ମନୋଗ୍ରାମ ମେଶିନରେ କାଗଜ ଛପା ହେଉଥିଲା। ୧୯୯୦ ମସିହା ପୂର୍ବରୁ ଫାକ୍ସ ଆସିଲା, ତା'ପରେ ଅତ୍ୟାଧୁନିକ ବ୍ୟବସ୍ଥାମାନ ଗଣମାଧ୍ୟମ ସହ ଯୋଡ଼ିହେଲା। ପୁଣି ପ୍ରଭାତ ସଂସ୍କରଣ ପ୍ରକାଶିତ ହେଲା। ତେବେ ଆମ ବେଳେ ଭୁବନେଶ୍ୱରରେ ହାତ ଗଣତି କେତେଜଣ ରାଜ୍ୟସ୍ତରୀୟ ସାମ୍ବାଦିକ ଥିଲେ। ପୁଣି ସେମାନଙ୍କ ମଧ୍ୟରୁ ଅଧିକାଂଶ ଅଣଓଡ଼ିଆ। ୧୯୮୦ ମସିହାରେ ମୋତେ ରାଜ୍ୟସ୍ତରୀୟ ସାମ୍ବାଦିକ ଭାବେ ସ୍ୱୀକୃତି ମିଳିଥିଲା। ୧୯୭୪ରେ 'ଧରିତ୍ରୀ' ଯେତେବେଳେ ପ୍ରକାଶ ପାଇଲା, ତାହା ମଧ୍ୟ ଚହଳ ପକାଇଥିଲା। ଏବେ ଓଡ଼ିଆ ଖବର କାଗଜ ସଂଖ୍ୟା ଢେର ବଢ଼ିଯାଇଛି ଆଉ ତା' ସହିତ ବୈଦ୍ୟୁତିକ ଗଣମାଧ୍ୟମ ବି ଓଡ଼ିଆ ସାମ୍ବାଦିକତାକୁ ଆଗକୁ ନେଇଚାଲିଛନ୍ତି।


ପ୍ରଦୋଷ ପଟ୍ଟନାୟକ

### ନିଶା ପାଇଁ ଲୁଟ, ଯୁବକ ଗିରଫ

ଭୁବନେଶ୍ୱର,(ବ୍ୟୁରୋ): ନିଶା ଖାଇବା ପାଇଁ ପାଖରେ ଟଙ୍କା ନ ଥିବାରୁ ମୋବାଇଲ୍ ଫୋନ୍ ଲୁଟ କରୁଥିବା ଜଣେ ବ୍ୟକ୍ତିଙ୍କୁ ଖାରବେଳ ନଗର ଥାନା ପୋଲିସ ଗିରଫ କରିଛି। ସେ ହେଲେ ଭୁବନେଶ୍ୱର ଝାରପଡା ଅଞ୍ଚଳରେ ରହୁଥିବା ଜଗତସିଂହପୁରର ଲିଙ୍ଗରାଜ ବାରିକ(୨୮)। ତାଙ୍କଠାରୁ ଲୁଟ୍‌ବେଳେ ବ୍ୟବହୃତ ଗାଡି ଓ ଗୋଟିଏ ମୋବାଇଲ ଫୋନ ପୋଲିସ ଜବତ କରିଛି। ଏନେଇ ପୋଲିସ ଏକ ମାମଲା (ନଂ. ୨୩୫/୨୨) ରୁଜୁ କରି ଅଭିଯୁକ୍ତ ଲିଙ୍ଗରାଜଙ୍କୁ ବୁଧବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ସଂକ୍ଷେପରେ

### କ୍ଲବ ଭେନମ୍ ସିଲ୍ ସଫେଇ ଗାଡିକୁ ଅଳିଆ ଦେବାକୁ ଦୋକାନୀଙ୍କୁ ତାଗିଦା

ଭୁବନେଶ୍ୱର,୩।୮(ବ୍ୟୁରୋ): ରାଜଧାନୀରେ ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଗତ କିଛିଦିନ ଧରି କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଉଛି। ପରିମଳ ଅବ୍ୟବସ୍ଥାକୁ ନେଇ ୮ନଂ. ୱାର୍ଡ଼ରେ ଥିବା କ୍ଲବ ଭେନମକୁ ବିଏମ୍‌ସି କର୍ତ୍ତୃପକ୍ଷ ସିଲ୍ କରିଛନ୍ତି। ୫ ମିଟର ପରିସର ସ୍ୱଚ୍ଛ ରଖିବା, ଅଳିଆ ଓ ଓଦା ବର୍ଜ୍ୟ ପାଇଁ ପୃଥକ୍ ପୃଥକ୍ ଅଳିଆ ଡ଼ବା ବ୍ୟବହାର କରିବା ଏବଂ ବର୍ଜ୍ୟକୁ ସଫେଇଗାଡ଼ିକୁ ହସ୍ତାନ୍ତର କରିବା ପାଇଁ ମାଲିକଙ୍କୁ ତାଗିଦା କରାଯାଇଛି। ସେହିପରି ୪୫ ନଂ. ୱାର୍ଡ଼ରେ କଳ୍ପନା ଛକରୁ ବଡ଼ଗଡ଼ ହାଟ ପର୍ଯ୍ୟନ୍ତ ହୋଇଥିବା ବ୍ୟବସାୟିକ ଜବରଦଖଲ ହଟାଯାଇଛି। ଏଥିସହ ରାଜମହଲ ଛକରୁ ମାଷ୍ଟରକ୍ୟାଣ୍ଟିନ୍ ଓ ସେଠାରୁ ରାମ ମନ୍ଦିର ଛକ ପର୍ଯ୍ୟନ୍ତ ବିଭିନ୍ନ ଦୋକାନ ତଥା ବ୍ୟବସାୟ ସ୍ଥଳରେ ଚଢାଉ କରାଯାଇ୨୫କେଜିର ପ୍ଲାଷ୍ଟିକ୍ ଜବତ କରାଯାଇଛି। ୧୨ଜଣ ବ୍ୟବସାୟୀଙ୍କୁ ନୋଟିସ୍ ଦିଆଯାଇଥିବାବେଳେ କିଛି ବ୍ୟବସାୟୀଙ୍କଠାରୁ ଜରିମାନା ମଧ ଆଦାୟ କରାଯାଇଥିବା ସୂଚନା ମିଳିଛି।

### 'ନବୀନ'ର ସ୍ୱନକ୍ଷତ୍ର ଦିବସ

ଭୁବନେଶ୍ୱର,୩।୮(ବ୍ୟୁରୋ)- ସାପ୍ତାହିକ ଖବରକାଗଜ 'ନବୀନ'ର 'ନବୀନ'ର ୯୩ତମ ସ୍ୱନକ୍ଷତ୍ର ଉତ୍ସବ ବୁଧବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଏହି ଖବରକାଗଜ ପକ୍ଷପାତିତାକୁ ଛାଡି ସମର୍ପଣର ସହ ଏଯାବତ୍ ନିରବଚ୍ଛିନ୍ନ ଭାବେ ପରିପ୍ରକାଶ କରିଆସୁଛି। ସମ୍ମାନିତ ଅତିଥି ସୂଚନା ଓ ଲୋକସମ୍ପର୍କ ତଥା ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ସମ୍ବାଦର ସମ୍ପାଦକ ତଥା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ପର୍ଯ୍ୟଟନ ନିଗମର ପୂର୍ବତନ ଅଧକ୍ଷା ଶ୍ରୀମୟୀ ମିଶ୍ର, ବିଜେବି କଲେଜର ପୂର୍ବତନ ପ୍ରଫେସର ତଥା ଐତିହାସିକ କୈଳାସ ଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ଗଣମାଧମର ଭୂମିକା ଓ ନବୀନ ଖବରକାଗଜ ସମ୍ପର୍କରେ କହିଥିଲେ। 'ନବୀନ'ର ସମ୍ପାଦକ ରବି ରଥ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରକାଶିକା ମଞ୍ଜୁ ରଥ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ପମ୍ପାଲୋ ପଞ୍ଚାୟତ କାର୍ଯ୍ୟାଳୟରେ ନିଆଁ

ବାଲିପାଟଣା,୩।୮(ଡି.ଏନ୍.ଏ.)- ବାଲିପାଟଣା ବ୍ଲକ ପମ୍ପାଲୋ ପଞ୍ଚାୟତ କାର୍ଯ୍ୟାଳୟରେ ବୁଧବାର ନିଆଁ ଲାଗିଯାଇ ଜରୁରି କାଗଜପତ୍ର ଜଳିଯାଇଥିବା ସରପଞ୍ଚ ବାହାନ ଭୋଇ ବାଲିପାଟଣା ଥାନାରେ ଅଭିଯୋଗ କରିଛନ୍ତି। ତେବେ ନିଆଁ ଲାଗିବାର କାରଣ ଅସ୍ପଷ୍ଟ ରହିଛି। ଆଲମାରୀ ନିକଟରେ କୌଣସି ବିଦ୍ୟୁତ୍ ସଂଯୋଗ ନ ଥିବାରୁ କେହି ଦୁର୍ବୃତ୍ତ ନିଆଁ ଲଗାଇଦେଇଥିବା ସରପଞ୍ଚ ସନ୍ଦେହ କରୁଛନ୍ତି। ପଞ୍ଚାୟତର ଯୋଗାଣ ସହାୟକ ଅଧିକାରୀ ରାଜକିଶୋର ପରିଡା ଓ ଜି ଆର୍‌ଏସ୍ ସନ୍ତୋଷ କୁମାର ଜେନା ଅପରାହ୍ନ ୨ଟାରେ ବାହାରକୁ ଯାଇଥିବା ସମୟରେ କେହି ଦୁର୍ବୃତ୍ତ ନିଆଁ ଲଗାଇଥିବା ସନ୍ଦେହ କରାଯାଉଛି। ଏ ନେଇ ସରପଞ୍ଚ ଥାନାର ଦ୍ୱାରସ୍ଥ ହେବା ସହ ଅଭିଯୋଗ ପତ୍ର ଲେଖିଛନ୍ତି, ଯେଉଁ ଆଲମାରିରେ କେବଳ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଡକ୍ୟୁମେଣ୍ଟ ଥିଲା ସେହି ଆଲମାରୀରେ ନିଆଁ ଲାଗିଛି।

# ରାଜଧାନୀରେ ଆଉଜଣେ ଯୁବତୀଙ୍କ ଆତ୍ମହତ୍ୟା

ଭୁବନେଶ୍ୱର,୩।୮(ବ୍ୟୁରୋ)

ରାଜଧାନୀରେ ଦିନକୁ ଦିନ ଆତ୍ମହତ୍ୟା ଘଟଣା ବଢ଼ି ଚାଲିଛି। ସୋମବାର ଭରତପୁର ଶ୍ରୀକ୍ଷେତ୍ର ବିହାରର ଏକ ଘରେ ଜଣେ ଯୁବକ ଆତ୍ମହତ୍ୟା କରିଥିଲେ। ମଙ୍ଗଳବାର ଖଣ୍ଡଗିରି ଥାନା ଅନ୍ତର୍ଗତ ଡିଏନ୍ ଓଏକ୍ସୱାଇ ପାର୍କ ଆପାର୍ଟମେଣ୍ଟର ଡାକ୍ତର ଦମ୍ପତିଙ୍କ ଘରେ ରହୁଥିବା ଜଣେ ଛାତ୍ରୀ ଫ୍ୟାନ୍‌ରେ ଓଢ଼ଣି ବାନ୍ଧି ଝୁଲିପଡିଥିବାବେଳେ ନୟାପଲ୍ଲୀ ଥାନା ସିବିଆଇ କାର୍ଯ୍ୟାଳୟ ନିକଟ ନୀଳପାଣିଟାଙ୍କି ବସ୍ତିରେ ପରିବାର ସହ ରହୁଥିବା ଜଣେ ବ୍ୟକ୍ତି ଜିଆଇ ତାରକୁ ବେକରେ ବାନ୍ଧି ଆତ୍ମହତ୍ୟା କରିଥିଲେ। ବୁଧବାର ନୟାପଲ୍ଲୀ ଥାନା ଅଞ୍ଚଳରେ ଆଉ ଜଣେ ଯୁବତୀ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ବେହେରା ସାହିର ଏକ ମେସ୍‌ରେ ରହୁଥିବା କଟକ ଜିଲା ଗୁରୁଡ଼ିଝାଟିଆ ଥାନା ଅନ୍ତର୍ଗତ ଶାସଙ୍ଗ ଗ୍ରାମର ରଞ୍ଜିତା ସାହୁ(୨୨)। ପୋଲିସ ମୃତଦେହ ନିକଟରୁ ବିଭିନ୍ନ କାଗଜପତ୍ର ସହ ଏକ ମୋବାଇଲ ଜବତ କରିଛି। ଏଥିସହ ବ୍ୟବଚ୍ଛେଦ ପାଇଁ ମୃତଦେହକୁ କ୍ୟାପିଟାଲ ହସ୍ପିଟାଲ ପଠାଇ ତଦନ୍ତ ଚଳାଇଛି। ଏନେଇ ଥାନାଧିକାରୀ ବିଶ୍ୱରଞ୍ଜନ ସେନାପତି କହିଛନ୍ତି, ପରିବାର ଲୋକଙ୍କ ପକ୍ଷରୁ କୌଣସି ଅଭିଯୋଗ ହୋଇନାହିଁ। ଗୁରୁବାର ରଞ୍ଜିତାଙ୍କ ମୃତଦେହକୁ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ଏହି ଘଟଣାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଆତ୍ମହତ୍ୟାର ପ୍ରକୃତ କାରଣ ଜଣାପଡ଼ିନାହିଁ। ପରିବାର ଲୋକ, ସାଙ୍ଗସାଥି ଓ ମେସ୍ ମାଲିକଙ୍କୁ ପଚରାଉଚରା କରାଯାଉଥିବା ସେ କହିଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ରଞ୍ଜିତା ଏଠାରେ ମେସ୍‌ରେ ରହି ଏକ ଘରୋଇ କମ୍ପାନୀରେ ଦେଢ଼ ବର୍ଷ ହେବ ଚାକିରି କରୁଥିଲେ। କିଛିଦିନ ହେବ ରଞ୍ଜିତାଙ୍କ ମାନସିକ ସ୍ଥିତି ଭଲ ନ ଥିଲା। ପରିବାର ଲୋକଙ୍କ ସହ ସେ ମଧ୍ୟ ଭଲରେ କଥା ହେଉ ନ ଥିଲେ। ବୁଧବାର ରଞ୍ଜିତା ଅଫିସକୁ ଯାଇ ନ ଥିଲେ। ତାଙ୍କ ସହ ରହୁଥିବା ଅନ୍ୟ ୩ ଯୁବତୀ ରୁମ୍‌ରେ ନ ଥିବାବେଳେ ରଞ୍ଜିତା ଏକ ରଶିକୁ ବେକରେ ବାନ୍ଧି ଫ୍ୟାନରେ ଝୁଲି ପଡ଼ିଥିଲେ। ମେସ୍ ମାଲିକ ଘଟଣା ସମ୍ପର୍କରେ ଜାଣିବା ପରେ ଥାନାକୁ ଖବର ଦେଇଥିଲେ।

### ୩ ଦିନରେ ଜୀବନ ହାରିଲେଣି ୪


ରଞ୍ଜିତା ସାହୁ

### ମିଳୁଥିଲା ଧମକ, ମୋବାଇଲ ଖୋଲିବ ଗୁମର

ମୃତା ରଞ୍ଜିତାଙ୍କ ମୋବାଇଲରୁ ପୋଲିସ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇବାକୁ ଆଶା ରଖିଛି। ରଞ୍ଜିତାଙ୍କୁ କିଛିଦିନ ହେବ କେହି ଧମକ ଦେଉଥିଲେ। ତେଣୁ ସେ ମାନସିକ ଅଶାନ୍ତିରେ ରହୁଥିଲେ ବୋଲି ମେସ୍ ମାଲିକ ପୋଲିସକୁ କହିଥିବା ସୂଚନା ମିଳିଛି। ତେବେ ଧମକ ଦେଉଥିବା ଉକ୍ତ ବ୍ୟକ୍ତିଙ୍କ ବିଷୟରେ ପୋଲିସ ଜାଣିବାକୁ ପ୍ରୟାସ ଆରମ୍ଭ କରିଛି। ରଞ୍ଜିତାଙ୍କ ମୋବାଇଲରୁ ତାଙ୍କ କଲ୍ ଡିଟେଲ୍ସ ରିପୋର୍ଟ (ସିଡିଆର୍) ଓ ସେଥିରେ ଥିବା ବିଭିନ୍ନ ସୋସିଆଲ୍ ମିଡିଆ ଆକାଉଣ୍ଟକୁ ପୋଲିସ ଯାଞ୍ଚ କରୁଛି।


ସୁଧନ୍ୟା ପବ୍ଲିକେଶନ ପକ୍ଷରୁ ଭୁବନେଶ୍ୱର ବୁଦ୍ଧ ମନ୍ଦିରରେ ବୁଧବାର ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନେ ୪ଟି ପୁସ୍ତକକୁ ଉନ୍ମୋଚନ କରୁଛନ୍ତି।

# ଏବିସି ଇକୋକାର୍ଡିଓଗ୍ରାଫି ତାଲିମ କର୍ମଶାଳା

ଭୁବନେଶ୍ୱର, ୩।୮(ବ୍ୟୁରୋ)

ଏମ୍ସ ଭୁବନେଶ୍ୱର ଆନାସ୍ଥେସିଓଲୋଜି ଏବଂ କ୍ରିଟିକାଲ କେୟାର ବିଭାଗ ପକ୍ଷରୁ ଏବିସି ଇକୋକାର୍ଡିଓଗ୍ରାଫିର ଦ୍ୱିତୀୟ ସଂସ୍କରଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଗୁରୁତର ରୋଗୀଙ୍କ ପାଇଁ ଉନ୍ନତ ହୃଦ୍‌ରୋଗ ଓ ଉତ୍ତମ ହେମୋଡାଇନାମିକ୍ ପରିଚାଳନା ଉପରେ ଗୁରୁତ୍ୱାରୋପ କରାଯାଇଛି। ଗୁରୁତର ରୋଗୀଙ୍କୁ ନିଶ୍ଚେତକ ଏବଂ ଇଣ୍ଟେନସିଭିଷ୍ଟମାନେ ଦୈନିକ ହୃଦ୍ ତଥା ଅନ୍ୟାନ୍ୟ ପରୀକ୍ଷାନିରୀକ୍ଷା କରିଥାନ୍ତି। ତେଣୁ ଇକୋକାର୍ଡିଓଗ୍ରାଫିକୁ ସରଳ ଭାବରେ ଜଣାଇବା ଓ ଏହାକୁ ରୋଗୀ ସେବା କ୍ଷେତ୍ରରେ ସୁପରିଚାଳନା କରି ଶ୍ରେଷ୍ଠ ଫଳ ଆଶା କରିବା ଉଦ୍ଦେଶ୍ୟରେ ଏହି କର୍ମଶାଳାର ପରିକଳ୍ପନା କରାଯାଇଥିବା ଆୟୋଜନ କମିଟି ଅଧକ୍ଷ ତଥା ଏମ୍ସ ଭୁବନେଶ୍ୱର ଆନାସ୍ଥେସିଓଲୋଜି ଏବଂ କ୍ରିଟିକାଲ କେୟାର ବିଭାଗ ମୁଖ୍ୟ ଡା. ସତ୍ୟଜିତ ମିଶ୍ର ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ଏମ୍ସ ଭୁବନେଶ୍ୱରର ମେଡିକାଲ୍ ଅଧୀକ୍ଷକ ଡା. ସଚ୍ଚିଦାନନ୍ଦ ମହାନ୍ତି, ଡିନ୍ ଡା. ଦେବାଶିଷ ହୋତା, ଆୟୋଜନ କମିଟି ସମ୍ପାଦକ ଡା. ସୌମ୍ୟ ସରକାର, ମେଡିସିନ ବିଭାଗ ସହକାରୀ ପ୍ରଫେସର ଡା. ଶ୍ରୀକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଚଣ୍ଡିଗଡ଼ ପିଜିଆଇର ଡା. ଭୁପେଶ କୁମାର, ପୁଡୁଚେରୀ ଜିପମର ଡା. ସତ୍ୟେନ ପରିଡ଼ା, ଏମ୍ସ ରାୟପୁରର ଡା. ସୁବ୍ରତ ସିଂ ଏବଂ ଏମ୍ସ ଭୋପାଳର ଡା. ଭୂଷଣମ୍ ପଡାଲା ପ୍ରମୁଖ ଯୋଗ ଦେଇଥିଲେ।

# କଳାର ବିକାଶ ଅନ୍ୟମାନଙ୍କୁ ପ୍ରେରଣା ଦେଇଥାଏ


ଲୋକମାନେ ପ୍ରଦର୍ଶନୀ ବୁଲି ଦେଖୁଛନ୍ତି ଓ ଏକ କଳାକୃତି ନିକଟରେ ଉତ୍ସାହିତ ଦୁଇଜଣ ଶିଶୁ।

ଭୁବନେଶ୍ୱର,୩।୮(ବ୍ୟୁରୋ)

କଳା ହେଉଛି କାଳଜୟୀ। ଶିଳ୍ପୀଟିଏ ତା'ର କଳାର ଚାତୁରିରେ ସୁନ୍ଦର ଚାରୁକଳା ଆଙ୍କିଥାଏ। କଳାର ବିକାଶ ଅନ୍ୟମାନଙ୍କୁ ମାର୍ଗଦର୍ଶନ କରିବାରେ ପ୍ରେରଣା ଯୋଗାଇଥାଏ ବୋଲି ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର କହିଛନ୍ତି। ବିଭୂତି କାନୁନ୍‌ଗୋ ଚାରୁ ଓ କାରୁକଳା ମହାବିଦ୍ୟାଳୟ (ବି.କେ. କଲେଜ୍ ଅଫ୍ ଆର୍ଟ୍ ଆଣ୍ଡ୍ କ୍ରାଫ୍ଟ)ର ୩୫ ଓ ୩୬ତମ ବାର୍ଷିକ ଚିତ୍ରକଳା ପ୍ରଦର୍ଶନୀକୁ ବୁଧବାର ଉଦ୍‌ଘାଟନ କରି ମନ୍ତ୍ରୀ ପାତ୍ର ପ୍ରଦର୍ଶିତ ଚାରୁକଳା ଅତ୍ୟନ୍ତ ମନୋମୁଗ୍ଧକର ଓ ଆକର୍ଷଣୀୟ ହୋଇଥିବା କହିଛନ୍ତି। ମୁଖ୍ୟବକ୍ତା ଭାବେ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ କହିଛନ୍ତି, ଭୁବନେଶ୍ୱରର କଳିଙ୍ଗ ଆର୍ଟ ଗ୍ୟାଲେରି ପରି ରାଜ୍ୟର ବିଭିନ୍ନ ସ୍ଥାନରେ ଆଞ୍ଚଳିକ ଆର୍ଟ ଗ୍ୟାଲେରି କରାଯିବା ପାଇଁ ସରକାରଙ୍କ ତରଫରୁ ପ୍ରଚେଷ୍ଟା ଜାରି ରହିଛି। ଏହାଦ୍ୱାରା ଅଧିକରୁ ଅଧିକ ଛାତ୍ରୀଛାତ୍ର ସେମାନଙ୍କ ଚାରୁକଳା ପ୍ରଦର୍ଶନର ସୁଯୋଗ ପାଇବେ। ସ୍ମାର୍ଟ ସିଟି ଭୁବନେଶ୍ୱରର ସୌନ୍ଦର୍ଯ୍ୟକରଣରେ ଏହି ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କର ପ୍ରମୁଖ ଭୂମିକା ରହିଛି। ସମ୍ମାନିତ ଅତିଥି ଭାବେ ବିଭାଗୀୟ ଅତିରିକ୍ତ ଶାସନ ସଚିବ ମନସ୍ୱିନୀ ସାହୁ ଯୋଗଦେଇ କହିଲେ, ଶିଳ୍ପୀମାନେ ହିଁ ପ୍ରାଚୀନ ଯୁଗରୁ ଆଜି ପର୍ଯ୍ୟନ୍ତ ଓଡିଶା ଏବଂ ଓଡିଆର ଅସ୍ମିତାକୁ ଉଜ୍ଜୀବିତ କରି ରଖିଛନ୍ତି। ଓଡିଆ ଶିଳ୍ପୀମାନେ ଓଡିଶାର ସାଂସ୍କୃତିକ ପ୍ରାଣର ସ୍ପନ୍ଦନ। ସେମାନଙ୍କ ସୃଜନଶୀଳତା ଓ ଦକ୍ଷତା ପାଇଁ ଓଡିଶା ଗର୍ବିତ ବୋଲି ସେ କହିଛନ୍ତି। ଏହି ଅବସରରେ ଅତିଥିଙ୍କ ଦ୍ୱାରା କ୍ୟାଟ୍‌ଲଗ୍ ଉନ୍ମୋଚିତ ହୋଇଥିଲା। ପ୍ରଦର୍ଶନୀରେ ୨୨୫ ଚିତ୍ରକୃତି ଓ ୩୫ ଭାସ୍କର୍ଯ୍ୟକୃତି ପ୍ରଦର୍ଶିତ ହୋଇଛି। ଦୈନନ୍ଦିନ ଜୀବନରେ ବ୍ୟବହାର ହେଉ ନ ଥିବା ଅଦରକାରୀ ଜିନିଷରେ ବିଭିନ୍ନ କଳାକୃତି ଦେଖିବାକୁ ମିଳିଥିଲା। ପ୍ରତ୍ୟେକ ବିଭାଗରେ ଶ୍ରେଷ୍ଠ ବିବେଚିତ ବିଦ୍ୟାର୍ଥୀଙ୍କୁ ମେମୋରିଆଲ ଟ୍ରଫି ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଉପସ୍ଥାପିକା ଆର୍.ଜେ.ଗୁଞ୍ଜି ଓରଫ ଋତୁପର୍ଣ୍ଣା ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ମହାବିଦ୍ୟାଳୟ ଅଧକ୍ଷ ଗଜେନ୍ଦ୍ର କୁମାର ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ।





### ବି.କେ. ଆର୍ଟ କଲେଜରେ ବାର୍ଷିକ ଚିତ୍ରକଳା ପ୍ରଦର୍ଶନୀ

# ଆଜି ଖୋଲିବ ମାର୍କେଟ ବିଲ୍ଡିଂ

ଭୁବନେଶ୍ୱର, ୩।୮(ବ୍ୟୁରୋ)

ରାଜଧାନୀର ଅନ୍ୟତମ ପ୍ରମୁଖ ବଜାର ୟୁନିଟ୍-୨ ମାର୍କେଟ ବିଲ୍ଡିଂ ଗୁରୁବାର ଖୋଲିବ। ବିଏମ୍‌ସି ସହିତ ବ୍ୟବସାୟିକ ସଂଘର ଆଲୋଚନା ପରେ ଏହି ନିଷ୍ପତ୍ତି ହୋଇଛି। ମାର୍କେଟ ବିଲ୍ଡିଂ ସେଣ୍ଟ୍ରାଲ ଆସୋସିଏଶନର ସୂଚନାନୁସାରେ, ମାର୍କେଟ ପରିସରରେ ଉଠା ଦୋକାନୀ ବସିବାକୁ ନେଇ ବିବାଦ ଆରମ୍ଭ ହୋଇଥିଲା। ସ୍ଥାୟୀ ଦୋକାନ କରିଥିବା ବ୍ୟବସାୟୀମାନେ ଦୀର୍ଘଦିନ ହେବ ଉଠା ଦୋକାନୀଙ୍କୁ ବିରୋଧ କରି ପୂର୍ବରୁ ବାରମ୍ବାର ମାର୍କେଟ ବନ୍ଦ କରି ପ୍ରତିବାଦ କରି ଆସିଛନ୍ତି। ତେବେ ଗତ ୩୧ ତାରିଖରେ ପୁଣି ଉଠା ଦୋକାନୀମାନେ ଜବରଦସ୍ତ ବସିବାରୁ ଏହାକୁ ବ୍ୟବସାୟୀ ସଂଘ ବିରୋଧ କରିଥିଲେ। ଫଳରେ ଉଠା ଦୋକାନୀ ଓ ସ୍ଥାୟୀ ବ୍ୟବସାୟୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଉଠା ଦୋକାନୀଙ୍କୁ ସ୍ଥାୟୀ ଭାବେ ଉଚ୍ଛେଦ ଦାବି କରି ବ୍ୟବସାୟୀ ସଂଘ ପୁଣି ମାର୍କେଟ ବିଲ୍ଡିଂକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ କରିଥିଲେ। ମାର୍କେଟ ଖୋଲିବା ନେଇ ବିଏମ୍‌ସି ଓ ବ୍ୟବସାୟ ସଂଘର ବାରମ୍ବାର ଆଲୋଚନା ସତ୍ତ୍ୱେ କିଛି ନିଷ୍କର୍ଷ ବାହାରି ପାରୁ ନ ଥିଲା। ବୁଧବାର ଶହୀଦନଗରସ୍ଥିତ ସ୍ମାର୍ଟସିଟି ଅଫିସରେ ମିଳିତ ବୈଠକ ବସିଥିଲା। ଏହି ବୈଠକ ପରେ ମାର୍କେଟ ବିଲ୍ଡିଂ ବ୍ୟବସାୟୀ ସଂଘ ସଭାପତି ପ୍ରଦ୍ୟୁମ୍ନ କୁମାର ଜେନା କହିଛନ୍ତି, ବିଭିନ୍ନ ପ୍ରସଙ୍ଗରେ ବିସ୍ତୃତ ଆଲୋଚନା ହୋଇଥିଲା। ବିଶେଷକରି ଆସନ୍ତା ୭ ଦିନ ପର୍ଯ୍ୟନ୍ତ ନିୟମିତ ଭାବରେ ପୋଲିସ ପେଟ୍ରୋଲିଂ ଓ ବିଏମ୍‌ସିର ମିଳିତ ଚଢ଼ାଉ ଜାରି ରହିବ। ପ୍ରଥମ ପର୍ଯ୍ୟାୟରେ ଗୋଟିଏ ପ୍ଲାଟୁନ ପୋଲିସ ଫୋର୍ସ ସହ ଜଣେ ଏଏସ୍‌ଆଇ ଅଧିକାରୀ ଏହାର ସୁରକ୍ଷା ଦାୟିତ୍ୱରେ ରହିବେ। ପରେ ମାସକ ପର୍ଯ୍ୟନ୍ତ ଏହି ପେଟ୍ରୋଲିଂ ଚାଲୁ ରହିବ ନିଷ୍ପତ୍ତି ହୋଇଛି।

# ଓଡ଼ିଶା ବୁଣାକାର ମହାସଂଘର ସମ୍ମିଳନୀ

ଭୁବନେଶ୍ୱର,୩।୮(ବ୍ୟୁରୋ)

ବୁଣାକାର ହେଉଛନ୍ତି ଓଡ଼ିଶାର ପରିଚୟ। ସେମାନଙ୍କ କୃତି ରାଜ୍ୟକୁ ଦେଶ ବିଦେଶରେ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି। ଦିନରାତି ଅକ୍ଳାନ୍ତ ପରିଶ୍ରମ କରି ବୁଣାକାରମାନେ ସ୍ୱତନ୍ତ୍ର ହାତ ତିଆରି କାମ ଭେଟି ଦିଅନ୍ତି। ହେଲେ ସେମାନେ ଏବେ ଅବହେଳିତ। ସେମାନଙ୍କ ସମସ୍ୟା ବୁଝିବା ସହ ସୁବିଧା ଯୋଗାଇଦେବା ପାଇଁ ଓଡ଼ିଶା ବୁଣାକାର ମହାସଂଘ ପକ୍ଷରୁ ବୁଧବାର ଗୀତଗୋବିନ୍ଦ ସଦନଠାରେ ପ୍ରତିନିଧି ସମ୍ମିଳନୀ ଓ ବୁଣାକାର ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ରାଜ୍ୟ ସମବାୟ ଓ ଖାଉଟି ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଯୋଗଦେଇ କହିଛନ୍ତି, ବୁଣାକାରମାନେ ଅନେକ ପରିଶ୍ରମ କରି ବିଭିନ୍ନ ପ୍ରକାର ସାମଗ୍ରୀ ଭେଟି ଦିଅନ୍ତି। ସେମାନଙ୍କ ସାମଗ୍ରୀ ଉପରେ ଜିଏସ୍‌ଟି ଲଗାଇବା ଅର୍ଥ ସେମାନଙ୍କ ଭାତ ହାଣ୍ଡିରେ ଲାତ ମାରିବା। ଖୁବ୍‌ଶୀଘ୍ର ସେମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇ ଜରୁରୀ ଆବଶ୍ୟକ ପୂରଣ କରାଯିବ। ସମ୍ମାନିତ ଅତିଥିଭାବେ କଟକ ମହାନଗର ନିଗମର ମେୟର ସୁବାସ ସିଂ ଯୋଗଦେଇ କହିଛନ୍ତି, ଟେକ୍ସଟାଇଲ(ବୟନ) ଶିକ୍ଷା ପାଇଁ ଥିବା ଡିପ୍ଲୋମା କଲେଜକୁ ଡିଗ୍ରୀ କଲେଜ କରିବାର ସମୟ ଆସିଛି। ହସ୍ତତନ୍ତ ବିକାଶ ପରିଷଦ ଜରିଆରେ ରାଜ୍ୟ ସରକାରଙ୍କ ନିକଟରେ ବୁଣାକାରଙ୍କ ସମସ୍ୟାକୁ ପହଞ୍ଚାଇ ଏହାର ସମାଧାନ କରାଯିବ ବୋଲି ସିଂ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଦ୍ମଶ୍ରୀ ପ୍ରଭାକର ମହାରଣା, ସଫଳ ସମବାୟବିତ୍ ସମ୍ମିତ କୁମାର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ବୁଣାକାରଙ୍କୁ କର୍ମଶାଳା ଯୋଗାଇଦେବା, ବିଦ୍ୟୁତ୍ ଦେୟ ଛାଡ଼ କରିବା, କେନ୍ଦ୍ର ସରକାରଙ୍କ ପକ୍ଷରୁ ଲଗା ଯାଉଥିବା ଜିଏସ୍‌ଟି ଉଚ୍ଛେଦ, ବିଭାଗୀୟ ସହାୟତା ପାଇଁ ଥିବା ଅନ୍‌ଲାଇନ୍ ବ୍ୟବସ୍ଥାକୁ ଅଫ୍‌ଲାଇନରେ ପରିବର୍ତ୍ତନ କରିବା, ୫୦ବର୍ଷରୁ ଉର୍ଦ୍ଧ୍ୱ ବୁଣାକାରମାନଙ୍କ ପାଇଁ ୩,୦୦୦ଟଙ୍କାରୁ ଅଧିକ ଭତ୍ତା ପ୍ରଦାନ କରିବାକୁ ମହାସଂଘ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ଜିଲାରୁ ହଜାର ହଜାର ବୁଣାକାରମାନେ ଏକତ୍ରିତ ହୋଇଥିଲେ। ବୁଣାକାର ଆସେଳି ଦାସ, ସମ୍ମିତ ଆଚାର୍ଯ୍ୟ, ସନ୍ତୋଷ କୁମାର ନାୟକ, ଗଙ୍ଗାଧର ପରମାଣିକ, ପ୍ରଦୀପ କୁମାର ମେହେର, ସଞ୍ଜୟ କୁମାର ମେହେର, ନିମାଇଁ ଚରଣ କୁଣ୍ଡୁ, ବାସନ୍ତୀ ନନ୍ଦ, ରାମଚନ୍ଦ୍ର ସୁର, ମିନତୀ ପରମାଣିକ ପ୍ରମୁଖଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ମହାସଂଘର କାର୍ଯ୍ୟକାରୀ ସଭାପତି ଶ୍ରୀଧର ବେହେରା ସଭାପତିତ୍ୱ କରିଥିବାବେଳେ ଜନ୍ମେଶ୍ୱର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ବିଜୟ କୁଣ୍ଡୁ, ବିଶ୍ୱନାଥ ଦାସ, ଗୋବିନ୍ଦ ଚନ୍ଦ୍ର ଦାସ, ଦୁଖୀଶ୍ୟାମ ମେହେର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ସମ୍ମିଳନୀରେ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଓ ଅନ୍ୟମାନେ।

# ୭ ମାସରେ ୭ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ସାଇବର ଠକେଇ

ଭୁବନେଶ୍ୱର,୩।୮ (ବ୍ୟୁରୋ)

- ଅଶ୍ଳୀଳ ଭିଡିଓ କଲ୍‌ରେ ସର୍ବାଧିକ
- ସଚେତନ କରାଇଲେ ଡିସିପି

ରାଜଧାନୀରେ ଚିନ୍ତା ବଢ଼ାଇଛନ୍ତି ସାଇବର ଠକ। ଧମକାଇ, ଫସାଇ, ବୋକା ବନାଇ ଲୁଟି ନେଉଛନ୍ତି ଲକ୍ଷ ଲକ୍ଷ ଟଙ୍କା। ବାରମ୍ବାର ସଚେତନତା ସତ୍ତ୍ୱେ ଲୋକେ ଚେତୁ ନ ଥିବାରୁ ଠକେଇକୁ ରୋକାଯାଇପାରୁନାହିଁ। ଗତ ୭ ମାସ ଜାନୁୟାରୀରୁ ଜୁଲାଇ ମଧ୍ୟରେ ରାଜଧାନୀରୁ ୭ କୋଟି ୭୯ ଲକ୍ଷ ୮୩ ହଜାର ଟଙ୍କା ସାଇବର ଠକେଇ ହୋଇଛି। ଏଥିରୁ ମାତ୍ର ୭୦ ଲକ୍ଷ ଟଙ୍କା ଫେରସ୍ତ ହୋଇଥିବାବେଳେ ୬୧ ଲକ୍ଷ ଟଙ୍କା ବ୍ଲକ୍ କରାଯାଇଛି। ବୁଧବାର ଭୁବନେଶ୍ୱର ଡିସିପି ପ୍ରତୀକ ସିଂ ଏକ ଖବରଦାତା ସମ୍ମିଳନୀରେ ସାଇବର ଠକେଇ ସମ୍ପର୍କରେ ସୂଚନା ଦେବା ସହ ସଚେତନ କରାଇଛନ୍ତି।

ଡିସିପି କହିଛନ୍ତି, ଏବେ ବିଶେଷକରି ୩ ପ୍ରକାର ଠକେଇ ହେଉଛି। ଓଏଲ୍‌ଏକ୍ସରେ ସାମଗ୍ରୀ ବିକ୍ରି, ଅଶ୍ଳୀଳ ଭିଡିଓ କଲ୍‌ରେ ବ୍ଲାକ୍‌ମେଲିଂ ଏବଂ ବିଦ୍ୟୁତ ବିଲ୍ ପୈଠ ଆଳରେ ଠକେଇ ହେଉଛି। ଏଥିମଧ୍ୟରୁ ଅଶ୍ଳୀଳ ଭିଡିଓ କଲରେ ସର୍ବାଧିକ ଠକେଇ ହୋଇଛି। ଏହି ଠକେଇର ଶିକାର ହେଉଥିବା ଲୋକ ଲଜ୍ଜା କିମ୍ବା ଭୟରେ ଥାନାକୁ ଅଭିଯୋଗ କରିବାକୁ ଆସୁନାହାନ୍ତି। ଅଶ୍ଳୀଳ ଭିଡିଓ କଲରେ ଠକେଇ ହେଲେ ତୁରନ୍ତ ସାଇବର ଥାନାକୁ ଆସନ୍ତୁ। ଅଭିଯୋଗ କରିବାକୁ ଆସୁଥିବା ବ୍ୟକ୍ତିଙ୍କ ପରିଚୟ ସମ୍ପୂର୍ଣ୍ଣ ଗୋପନ ରଖାଯିବ। ତୁରନ୍ତ ଅଭିଯୋଗ କଲେ ହିଁ ସାଇବର ଠକଙ୍କ ନିକଟରେ ପୋଲିସ ପହଞ୍ଚିପାରିବ। ଏଥିସହ ଅଜଣା ଲିଙ୍କରୁ ଆପ୍ ଡାଉନଲୋଡ୍ ନ କରିବାକୁ ଡିସିପି ସିଂ ପରାମର୍ଶ ଦେଇଛନ୍ତି।

### ଜୁଲାଇରେ ଲୁଟିଛନ୍ତି ୧.୩୮ କୋଟି

ଡିସିପି ଅଫିସ ପକ୍ଷରୁ ବୁଧବାର ଜୁଲାଇ ମାସର ସାଇବର ଠକେଇ ରିପୋର୍ଟ ପ୍ରକାଶ ପାଇଛି। ଉକ୍ତ ରିପୋର୍ଟ ଅନୁସାରେ, ଏହି ମାସରେ ସାଇବର ଠକ ଭୁବନେଶ୍ୱର ସହରାଞ୍ଚଳ ଜିଲାରୁ ମୋଟ ୧ କୋଟି ୩୮ ଲକ୍ଷ ୬୪ ହଜାର ୬୯୪ ଟଙ୍କା ଲୁଟି ନେଇଛନ୍ତି। ଏଥିରୁ ମାତ୍ର ୧୧ ଲକ୍ଷ ୩୯ ହଜାର ୯୪୧ ଟଙ୍କା ଅଭିଯୋଗକାରୀଙ୍କୁ ଫେରସ୍ତ କରାଯାଇଥିବାବେଳେ ସାଇବର ଠକଙ୍କ ଆକାଉଣ୍ଟରୁ ୧୮ ଲକ୍ଷ ୯୮ ହଜାର ୯୦୭ ଟଙ୍କା ବ୍ଲକ୍ କରାଯାଇଛି। ଓଡିଶାର ବିଭିନ୍ନ ଜିଲାରୁ ଜୁଲାଇରେ ଡିସିପି ଅଫିସସ୍ଥିତ ହେଲ୍ପ ଡେସ୍କକୁ ୩୬୮ କଲ୍ ଆସିଥିଲା। ଭୁବନେଶ୍ୱରରୁ ୩୨୧ ଅଭିଯୋଗ ରହିଥିବା ବେଳେ ଅନ୍ୟାନ୍ୟ ଜିଲାରୁ ମାତ୍ର ୪୭ କଲ୍ ଆସିଛି। ରାଜଧାନୀରୁ ୧୪୮ଟି ୟୁପିଆଇ, ୭୧ କ୍ରେଡିଟ ଓ ଡେବିଟ କାର୍ଡ ସମ୍ପର୍କିତ ଠକେଇ ଅଭିଯୋଗ ରହିଛି। ଏଥିସହ ଅନ୍ୟାନ୍ୟ ୧୦୨ଟି ଅନ୍‌ଲାଇନ ଠକେଇ ଅଭିଯୋଗ ହେଲ୍ପ ଡେସ୍କ ନିକଟକୁ ଆସିଥିଲା। ଅନ୍ୟପକ୍ଷରେ ସାଇବର କ୍ରାଇମ ଓ ଅର୍ଥନୈତିକ ଅପରାଧ ଥାନାରେ ୭ଟି ମାମଲା ରୁଜୁ କରାଯାଇଥିବା କମିଶନରେଟ ପୋଲିସ ପକ୍ଷରୁ କୁହାଯାଇଛି।

# ବାଘ ଛାଲ ବିକ୍ରି ର୍‍ୟାକେଟ ଧରାପଡ଼ିଲା

ଭୁବନେଶ୍ୱର,(ବ୍ୟୁରୋ)/ଟିକାବାଲି, (ଡି.ଏନ୍.ଏ.)/ ଫୁଲବାଣୀ ଅଫିସ, ୩।୮

- ବାଘଛାଲ, ଦେଶୀ ବନ୍ଧୁକ, ଗୁଳି, ଧନୁ, ତୀର, ଫାଶ ଜବତ
- ଜଣେ ଗିରଫ, ଅନ୍ୟ ୩ ଅଟକ

ବନ୍ଧୁକ, ଧନୁ, ତୀର, ଫାଶରେ ହେଉଥିଲା ବାଘ ଶିକାର। ବୌଦ୍ଧ, କନ୍ଧମାଳ ସମେତ ଅନ୍ୟ ଜିଲାର ବନାଞ୍ଚଳରେ ସକ୍ରିୟ ଥିବା ଏହି ବାଘ ଶିକାର ର୍‍ୟାକେଟକୁ କ୍ରାଇମବ୍ରାଞ୍ଚ ସ୍ପେଶାଲ ଟାସ୍କଫୋର୍ସ (ଏସ୍‌ଟିଏଫ୍) ଧରିଛି। ଏସ୍‌ଟିଏଫ୍ ଟିମ୍ ସ୍ଥାନୀୟ ବନ ବିଭାଗର ସହାୟତାରେ କନ୍ଧମାଳ ଜିଲା ଚକାପାଦ ଥାନା ଅନ୍ତର୍ଗତ ବ୍ରାହ୍ମଣୀପାଦ ଗ୍ରାମରେ ଚଢ଼ାଉ କରି ବାଘଛାଲ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ସେ ହେଲେ ବ୍ରାହ୍ମଣୀପାଦ ଗ୍ରାମର ବୀରେନମିତ୍ର ନାୟକ। ତାଙ୍କଠାରୁ ଗୋଟିଏ କଲରାପତରିଆ ବାଘ ଛାଲ ଓ ଅନ୍ୟ କେତେକ ଆପରାଧିକ ସାମଗ୍ରୀ ଜବତ ସହ ପୂରା ର୍‍ୟାକେଟର ପର୍ଦ୍ଦାଫାଶ କରିଛି। ପଚରାଉଚରା ପରେ ଅଭିଯୁକ୍ତ ବୀରେନଙ୍କୁ ଫୁଲବାଣୀ ଫରେଷ୍ଟ ଡିଭିଜନ ଅଧୀନ ଟିକାବାଲି ବନାଞ୍ଚଳ ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଛି। ବୀରେନଙ୍କ ସୂଚନାନୁସାରେ ବନ ବିଭାଗର ସ୍ୱତନ୍ତ୍ର ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଅନ୍ୟ ୩ଜଣଙ୍କୁ ଧରିଛି। ସେମାନେ ନୟାଗଡ଼ ଜିଲା ବାଣୀଗୋଛା ଥାନା ଗୁଣ୍ଡ୍ରିବାଡ଼ିର ରଞ୍ଜିତ କହଁର, ମଜୁରୀବାଡ଼ିର ରବିନାରାୟଣ କହଁର ଓ ସୁକୁମାର କହଁର। ସୁକୁମାର ର୍‍ୟାକେଟର ମୁଖ୍ୟ ହୋଇଥିବାବେଳେ ଏମାନେ ନିକଟରେ ବୌଦ୍ଧ ଜିଲା ଆଡେନିଗଡ଼ ଅଞ୍ଚଳରେ ବାଘ ମାରିଥିବା ସ୍ୱୀକାର କରିଛନ୍ତି। ଏଥିସହ ସେମାନଙ୍କ ପାଖରୁ ଦେଶୀ ବନ୍ଧୁକ, ଗୁଳି, ଧନୁ, ତୀର, ଫାସ ଆଦି ଜବତ କରାଯାଇଛି। ଏହି ର୍‍ୟାକେଟ ସହ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ଲାଗି ବନ ବିଭାଗ ଉଦ୍ୟମ କରିବା ସହ ଘଟଣାର ଅଧିକ ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ବ୍ରାହ୍ମଣୀପଡାରେ ବାଘଛାଲ କାରବାର ହେଉଥିବା ନେଇ ଏସ୍‌ଟିଏଫ୍ ନିକଟରେ ଗୋଇନ୍ଦା ସୂଚନା ମିଳିଥିଲା। ଏନେଇ ଟିକାବାଲି ବନ ବିଭାଗ ସହ ଯୋଗାଯୋଗ କରି ଚଢ଼ାଉ ଯୋଜନା ହୋଇଥିଲା। ତେବେ ଏହି ର୍‍ୟାକେଟରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି, ଏହାର ଲିଙ୍କ୍ କେତେବାଟ ଲମ୍ବିଛି, ପୂର୍ବରୁ କେତେ ବାଘ ଶିକାର କରିଛନ୍ତି, କେଉଁଠି ବିକିଛନ୍ତି ସେସବୁ ଖୋଳତାଡ଼ କରୁଛି ଏସ୍‌ଟିଏଫ୍ ଓ ବନ ବିଭାଗ।


ଜବତ ବାଘ ଛାଲ ଓ ଅସ୍ତ୍ରଶସ୍ତ୍ର ସହ ଅଭିଯୁକ୍ତ।

# ଭାରତୀୟ ମହିଳା ହକି ଦଳ ସେମିଫାଇନାଲରେ

**ବିର୍ମିଂହାମ, ୩।୮:** କାନାଡାକୁ ୩-୨ ଗୋଲରେ ପରାସ୍ତ କରି ଭାରତ ରାଜ୍ୟଗୋଷ୍ଠୀ କ୍ରୀଡ଼ା ମହିଳା ହକି ସେମିଫାଇନାଲରେ ସ୍ଥାନ ସୁରକ୍ଷିତ କରିଛି। ଭାରତ ପାଇଁ ଏହି ମ୍ୟାଚ୍ କର ବା ମର ପରସ୍ଥିତି ସୃଷ୍ଟି କରିଥିଲା। ସେମି ଫାଇନାଲ ପ୍ରବେଶ ପାଇଁ ନିଶ୍ଚିତ ବିଜୟ ଆବଶ୍ୟକ ଥିବା ବେଳେ ଭାରତୀୟ ଦଳ ଅନ୍ତିମ କ୍ୱର୍ଟରରେ ଲାଲରେଶମୀଙ୍କ ନିର୍ଣ୍ଣାୟକ ଗୋଲରେ ବିଜୟୀ ହୋଇଥିଲା। ନିଶ୍ଚିତ ବିଜୟ ଲକ୍ଷ୍ୟରେ ଓହ୍ଲାଇଥିବା ଭାରତ ମ୍ୟାଚର ପ୍ରଥମ ମିନିଟରୁ ଆକ୍ରମଣ କରିଥିଲା। ତୃତୀୟ ମିନିଟରେ ସଲିମା ଟେଟେ ପ୍ରଥମ ଗୋଲ ସ୍କୋର କରିଥିଲେ। ଭାରତ ୧-୦ରେ ଆଗୁଆ ରହିଥିବା ବେଳେ ୨୨ତମ ମିନିଟରେ ଆଉ ଏକ ଗୋଲ କରିଥିଲେ ନବନୀତ କୌର। ୦-୨ରେ ପଛୁଆ ରହିବା ପରେ କାନାଡା ମଧ୍ୟ ଜବରଦସ୍ତ ଆକ୍ରମଣ କରିଥିଲା। କାନାଡା ପକ୍ଷରୁ ବ୍ରିଏନେ ଷ୍ଟେୟାର୍ସ ୨୩ ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ମ୍ୟାଚର ୩୯ ତମ ମିନିଟରେ ହାନ୍ନା ହନ୍ ଆଉ ଏକ ଗୋଲ ସ୍କୋର କରିବା ସହିତ ମ୍ୟାଚକୁ ସମାନ୍ତର ସ୍ଥିତିକୁ ଆଣିଥିଲେ। ଉନ୍ନତ ଗୋଲ ତାରତମ୍ୟ କାରଣରୁ କାନାଡାକୁ ସେମି ପ୍ରବେଶ ପାଇଁ ଡ୍ର ଆବଶ୍ୟକତା ରହିଥିଲା। ମ୍ୟାଚ୍ ସାମନ୍ତର ସ୍ତରକୁ ଆସିବା ପରେ କାନାଡା ରକ୍ଷଣାତ୍ମକ ଖେଳ ଖେଳିଥିଲା। ୪୭ ମିନିଟରେ ସୋନିଆଙ୍କ ଗୋଲ ନାକଚ ହୋଇ ଯାଇଥିବା ବେଳେ ୪୯ ମିନିଟରେ ନେହା ଗୋୟଲଙ୍କ ଗୋଲକୁ ଭିଡିଓ ରେଫରାଲ ଜରିଆରେ ଖାରଜ କରିଥିଲା କାନାଡା। ୫୧ ତମ ମିନିଟରେ ମିଳିଥିବା ପେନାଲ୍ଟି କର୍ନରକୁ ଗୁରଜିତ ଗୋଲ ସ୍କୋର କରିବାକୁ ପ୍ରୟାସ କରିଥିଲେ। ରିବାଉଣ୍ଡକୁ ଗୋଲପୋଷ୍ଟ ମଧ୍ୟକୁ ପଠାଇବା ସହିତ ଲାଲରେସମୀ ଭାରତରୁ ସେମି ଫାଇନାଲ ବର୍ଥ ପକ୍କା କରିଥିଲେ।



ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ବୁଧବାର ଅନୁଷ୍ଠିତ ମ୍ୟାଚରେ ବିଜୟ ହାସଲପରେ ଉଲ୍ଲସିତ ଭାରତୀୟ ମହିଳା ଓ ପୁରୁଷ ହକି ଦଳର ଖେଳାଳି।


ତୃତୀୟ ଜନ୍ମବାର୍ଷିକ ଶୁଭେଚ୍ଛା

ଭାନ୍‌ବି ସ୍ୱାଇଁ
ଗ୍ରାମ- ଏରଡ଼ା, ନାଉଗାଁ, ଜଗତ୍‌ସିଂହପୁର
ଆଜି ତୃତୀୟ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ଈଶ୍ୱର ତୋତେ ଦୀର୍ଘାୟୁ କରିବା ସହ ତୋର ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ।
ଶୁଭେଚ୍ଛା ସହ- ଜେଜେ, ଜେଜେମା, ପାପା, ମାମା, ଦାଦା, ବନ୍ଧୁ ଓ ପରିବାରବର୍ଗ।
ଧ-୧୧୭୬


# ପିତାଙ୍କ ସ୍ୱପ୍ନ ପାଇଁ ୬୨ ବର୍ଷୀୟ କୋଚ୍ ହେଲେ ଖେଳାଳି

ବର୍ମିଂହାମ୍,୩।୮(ପି.ଟି)

ପିତାଙ୍କ ସ୍ୱପ୍ନ ପୂରଣ ପାଇଁ ପାଲଟିଗଲେ ଆଥ୍‌ଲେଟ। ୬୨ ବର୍ଷୀୟ ଟେବୁଲ ଟେନିସ୍ କୋଚ୍ ଜଣଙ୍କ ନିଜ ପରିବାରର ପରମ୍ପରା ବଜାୟ ରଖିବା ପାଇଁ ଖେଳାଳି ଜର୍ସି ପିନ୍ଧି କୋର୍ଟକୁ ଓହ୍ଲାଇଛନ୍ତି। ଇଂଲଣ୍ଡରେ ଜନ୍ମିତ ଷ୍ଟିଭ୍ ରିଲି ଫିଜି ଟିଟି ଦଳର କୋଚ୍ ଭାବେ କାର୍ଯ୍ୟ କରନ୍ତି। ୮୪ ବର୍ଷ ପୂର୍ବେ ଷ୍ଟିଭ୍‌ଙ୍କ ପିତା ଜିମ୍ ୧୯୩୮ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଅଂଶଗ୍ରହଣ କରିଥିଲେ। ସେ ସମୟରେ ଏହି କ୍ରୀଡ଼ାର ନାମ ବ୍ରିଟିଶ୍ ଏମ୍ପାୟାର ଗେମ୍‌ସ ରହିଥିଲା। ୧୯୩୬-୪୩ ଯାଏ ଜିମ୍ ସ୍କଟ୍‌ଲାଣ୍ଡ ପକ୍ଷରୁ ବକ୍ସିଂ କରୁଥିଲେ। ଜିମ୍ ରିଲି ଯେଉଁ ପୋଷାକ ପିନ୍ଧି ୧୯୩୬ ବକ୍ସିଂ ଚାମ୍ପିୟନଶିପ୍ ପଦକ ଜିତିଥିଲେ ସେହି ପୋଷାକ ସହିତ ମ୍ୟାଚ୍ ଖେଳିବେ ଷ୍ଟିଭ୍। ପିତା ଜଣେ ବକ୍ସର ରହିଥିବା ବେଳେ ଷ୍ଟିଭ୍‌ଙ୍କୁ ବକ୍ସିଂ ସମେତ ବିଭିନ୍ନ ଖେଳରେ ପ୍ରଶିକ୍ଷଣ ମିଳୁଥିଲା। ଟିଟି ତାଙ୍କୁ ବେଶ୍ ପସନ୍ଦ ଆସିଥିବା ବେଳେ ରୟାଲ ନାଭିରେ କାର୍ଯ୍ୟ କରିବା ସମୟରେ ନିଜ ଟିଟି ଦକ୍ଷତାର ବିକାଶ କରିଥିଲେ। ୧୭ ବର୍ଷ ବୟସରେ ନୌସେନାରେ କାମ କରି ୨୨ ବର୍ଷ ସେବା କରିଥିଲେ। ନୌସେନା ଛାଡ଼ିବା ପରେ ଜଣେ ଡାଇଭର ଭାବେ ପ୍ରଶିକ୍ଷଣ ଦେବା ଆରମ୍ଭ କଲେ। ଏହି ସମୟରେ ଏକ ଚୁକ୍ତିଭିତ୍ତିକ ଚାକିରିରେ ଫିଜିକୁ ଯାଇଥିବା ବେଳେ ୨୦୦୯ରେ ସେଠାକାର ସ୍ଥାୟୀ ବାସିନ୍ଦା ପାଲଟିଗଲେ। ସମୟକ୍ରମେ ଫିଜି ଟିଟି ଦଳର କୋଚ୍ ଭାବେ କାର୍ଯ୍ୟ କରିବା ଆରମ୍ଭ କଲେ ଷ୍ଟିଭ୍। ଏହା ପୂର୍ବରୁ ଏକାଧିକଥର ତାଙ୍କୁ ଫିଜି ପକ୍ଷରୁ ଖେଳିବା ପାଇଁ ଅଫର ମଧ୍ୟ ଦିଆଯାଇଛି। ହେଲେ ପିତାଙ୍କ ଜନ୍ମଭୂମିରେ ଖେଳିବା ଲାଗି ପୂର୍ବ ଅଫରଗୁଡ଼ିକୁ ପ୍ରତ୍ୟାଖ୍ୟାନ କରିଆସୁଥିଲେ। ମୋର ଏହି କୃତିତ୍ୱ ପାଇଁ ମୋ ପରିବାର ଗର୍ବ ଅନୁଭବ କରିବ ବୋଲି କହିଛନ୍ତି ଷ୍ଟିଭ୍। ଉଲ୍ଲେଖଯୋଗ୍ୟ, ସେ ପୁରୁଷ ସିଙ୍ଗଲ୍ସ, ମିକ୍ସଡ ଡବଲ୍ସ ଓ ଦଳଗତ ଇଭେଣ୍ଟରେ ଫିଜିର ପ୍ରତିନିଧିତ୍ୱ କରିବେ।

# ଭାରତ ୮, କାନାଡା ୦

ବର୍ମିଂହାମ୍,୩।୮(ପି.ଟି)

ହରମନପ୍ରୀତ୍ ସିଂ ଓ ଆକାଶଦୀପ୍ ସିଂଙ୍କ ଡବଲ୍ ଗୋଲ ସହାୟତାରେ ଭାରତ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପୁରୁଷ ହକିରେ ବୁଧବାର କାନାଡାକୁ ୮-୦ଗୋଲରେ ପରାସ୍ତ କରି ସେମି ଫାଇନାଲର ନିକଟବର୍ତ୍ତୀ ହୋଇଛି। ୱେଲ୍ସ ବିପକ୍ଷରେ ଅନ୍ତିମ ମ୍ୟାଚ ବାକି ରହିଥିବା ବେଳେ ଟେବଲ ଟପରେ ରହିଛି ଭାରତୀୟ ଦଳ। ହରମନପ୍ରୀତ୍ ସିଂ(୭ ଓ ୫୪ ମିନିଟ) ଦୁଇଟି ପେନାଲ୍ଟି କର୍ନରୁ ଗୋଲରେ ରୂପାନ୍ତରିତ ଚାଲିଥିଲା। ସେହିପରି ଆକାଶଦୀପ ସିଂ(୩୮ ଓ ୬୦ ମିନିଟ୍) ଦୁଇଟି ଚମତ୍କାର ଫିଲ୍ଡ ଗୋଲ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଆ ଖେଳାଳି ଅମିତ ରୋହିଦାସ(୧୦ ମିନିଟ୍), ଲଳିତ ଉପାଧ୍ୟାୟ(୨୦ ମିନିଟ୍), ଗୁରଜାଣ୍ଟ ସିଂ(୨୭) ଓ ମନଦୀପ ସିଂ (୫୮ ମିନିଟ୍ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ପ୍ରଥମ ମ୍ୟାଚରେ ଭାରତ ଘାନାକୁ ୧୧-୦ରେ ପରାସ୍ତ କରିଥିଲା। ଅନ୍ୟ ପକ୍ଷରେ ଇଂଲଣ୍ଡ ବିପକ୍ଷରେ ୩-୦ରେ ଆଗୁଆ ଥିଲେ ହେଁ ସୁଯୋଗ ହାତଛଡା କରିବା ସହିତଦଳ ୪-୪ରେ ଅମୀମାଂସିତ ରହିଥିଲା।


GOVERNMENT OF ODISHA No. C-938
OFFICE OF THE EXECUTIVE ENGINEER
P.H. DIVISION, SAMBALPUR
Phone No.: (0663) 2412135, Email ID: eephdsbp@gmail.com
NOTICE INVITING TENDERS
NATIONAL COMPETITIVE BIDDING THROUGH e-Procurement
Bid Identification No. SEPHSBP-04/2022-23 Dt.01.08.2022

| | | |
|---|---|---|
| 01. Name of the Work | : | 1 No. Work |
| 02. Type of Bid | : | Single Bid System |
| 03. Estimated Cost | : | Rs.26.24 lakhs |
| 04. Period of Completion | : | 3 (Three) Calendar Months |
| 05. Date & time of availability of bid document in the portal | : | From 11.00 A.M. of Dt.08.08.2022 to 5.00 P.M. of 20.08.2022 |
| 06. Last date/time of receipt of bids in the portal | : | 5.00 P.M. of 20.08.2022 |
| 07. Date & time of opening of Technical Bids | : | At 11.30 A.M. of 22.08.2022 |
| 08. Name and address of the Officer Inviting Bid | : | Superintending Engineer, P.H. Division, Sambalpur, Brooks' Hill, Near Stadium, At/P.O.: Motijharan, Dist.- Sambalpur - 768 001 |

Further details can be seen from the website http://tenders.ori.nic.in or www.tendersorissa.gov.in.
Sd./- Superintending Engineer
P.H. Division, Sambalpur
OIPR-13026/11/0005/2223



GOVERNMENT OF ODISHA No. B-431
OFFICE OF THE CHIEF CONSTRUCTION ENGINEER
JEYPORE (R&B) CIRCLE, JEYPORE
e-mail ID: supenger_rbjyp@yahoo.co.in, Phone No.: 06854-231528
INVITATIONS FOR BIDS (IFB)
Bid Identification No. C.C.E.J.C. (R&B) - 07/2022-23
No. 3116 Date: 28.07.2022

| | | | |
|---|---|---|---|
| 1. | Nature of the Work | : | Building Works |
| 2. | Total No. of Works | : | 03 (Three) Nos. |
| 3. | Estimated Cost | : | Rs.101.36 lakhs to 499.16 lakhs as per works |
| 4. | Period of Completion | : | 06 (Six) Months to 10 (Ten) Months |
| 5. | Cost of Bid document | : | Rs.10,000/- each |
| 6. | Bid Security (EMD) | : | Bid Security Declaration (Schedule-K) |
| 7. | Class of Contrator | : | "B", "A" & "Special" Class according to works |
| 8. | Date & time of availability of bid document in the portal | : | From 10.00 hours of 06.08.2022 to 17.00 hours of 25.08.2022 |
| 9. | Last date/time for receipt of bids in the portal | : | 17.00 hours of 25.08.2022 |
| 10. | Opening date of Bid | : | 10.00 hours of 26.08.2022 |
| 11. | Name and address of the Officer Invting Bid | : | Chief Construction Engineer, Jeypore (R&B) Circle, Jeypore |

Further details can be seen from the e-procurement portal https://tendersodisha.gov.in. Any addendum/corrigendum/cancellation of tender can also be seen in the said website only.
Sd./- Chief Construction Engineer
OIPR-34108/11/0008/2223 Jeypore (R&B) Circle, Jeypore


# ବିକାଶଙ୍କୁ ୫୦ ଲକ୍ଷ ଟଙ୍କା ପୁରସ୍କାର

**ଚଣ୍ଡୀଗଡ,୩।୮(ପି.ଟି):** ଆଉ ଜଣେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପଦକ ବିଜେତାଙ୍କୁ ପୁରସ୍କୃତ କରିବା ନେଇ ପଞ୍ଜାବ ସରକାରଙ୍କ ଘୋଷଣା। ଭାରୋତ୍ତୋଳକ ବିକାଶ ଠାକୁରଙ୍କ ପାଇଁ ବୁଧବାର ୫୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଛନ୍ତି ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍। ୯୬ କିଗ୍ରା ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଠାକୁର ମୋଟ୍ ୩୪୬ (ସ୍ନାଚ୍ ୧୫୫+କ୍ଲିନ୍ ଆଣ୍ଡ ଜର୍କ ୧୯୧) କିଗ୍ରା ଓଜନ ଉଠାଇବା ସହିତ ରୌପ୍ୟ ପଦକ ଜିତିଥିଲେ। ଏହା ଠାକୁରଙ୍କ ଦ୍ୱିତୀୟ ରାଜ୍ୟଗୋଷ୍ଠୀ ରୌପ୍ୟ ପଦକ। ପୂର୍ବରୁ ୨୦୧୪ ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ମଧ୍ୟ ସେ ରୌପ୍ୟ ପଦକ ହାସଲ କରିଥିଲେ। ବିଗତ ଗୋଲ୍ଡକୋଷ୍ଟ ସଂସ୍କରଣରେ ବିକାଶ ବ୍ରୋଞ୍ଜ ଜିତିଥିଲେ। ରାଜ୍ୟର ସମସ୍ତ କ୍ରୀଡ଼ାବିତ୍‌ଙ୍କୁ ସୁବିଧା ଯୋଗାଇଦେବା ପାଇଁ ସରକାର ବଦ୍ଧପରିକର ବୋଲି ବିକାଶ କହିଛନ୍ତି। ସରକାରଙ୍କ କ୍ରୀଡ଼ାନୀତି ଅନୁସାରେ ଏହି ପୁରସ୍କାର ରାଶି ଘୋଷଣା କରାଯାଇଛି ବୋଲି ମାନ୍ କହିଛନ୍ତି।

# ଆନ୍ତଃସ୍କୁଲ ବାସ୍କେଟ ବଲ୍ ପ୍ରତିଯୋଗିତା ଉଦ୍‌ଯାପିତ

ଭୁବନେଶ୍ୱର,୩।୮ (ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ ଗୋଠପାଟଣାସ୍ଥିତ ଟାଇମ୍ସ ସ୍କଲାର ଗୁରୁକୁଳରେ ଦୀର୍ଘ ୩ ଦିନ ଧରି ଖେଳାଯାଉଥିବା ବାସ୍କେଟ୍‌ବଲ୍ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ବାଳକ ବିଭାଗରେ ୧୨ଟି ଏବଂ ବାଳିକା ବିଭାଗରେ ୬ଟି ଦଳ ଅଂଶଗ୍ରହଣ କରିଥିଲେ। ମଦର୍ସ ପବ୍ଲିକ୍ ସ୍କୁଲ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିବା ବେଳେ ଟାଇମ୍ସ ସ୍କଲାର ଗୁରୁକୁଳ ରନର୍ସଅପ୍ ରହିଥିଲା। ବିଦ୍ୟାଳୟ ଚେୟାରମ୍ୟାନ୍ ଡ. ସାରଦା ମିଶ୍ର ମୁଖ୍ୟ ଅତିଥି ଓ ପ୍ରଶାନ୍ତ କୁମାର ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।


ରନର୍ସ ଅପ୍ ଟାଇମ୍ସ ସ୍କଲାର ଗୁରୁକୁଳ ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।


ମନେ ପଡ଼ନ୍ତି
ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱ ଶ୍ରୀ ଭୁବନେଶ୍ୱର ଦାସ
ଆବିର୍ଭାବ- ୨୧।୦୪।୧୯୫୦
ତିରୋଧାନ- ୨୫।୦୭।୨୦୨୨
ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା।
ସୌଜନ୍ୟ-ସାଗରଗୁଆଁ ଉଚ୍ଚ ବିଦ୍ୟାଳୟର ପୁରାତନ ଏବଂ ବର୍ତ୍ତମାନର ଛାତ୍ରଛାତ୍ରୀ ବୃନ୍ଦ



Government of Odisha No. O-771
OFFICE OF THE SUPERINTENDING ENGINEER
RURAL WORKS DIVISION, JHARSUGUDA
Email: eerw_jharsuguda@yahoo.co.in, Tel.: 06645-271643
Bid Identification No. Online - SEJSG - 02 of 2022-23
NOTICE INVITING TENDER FOR ROAD WORKS IN ODISHA
NATIONAL COMPETITIVE BIDDING THROUGH e-Procurement

| | | |
|---|---|---|
| 1. Name of the Work | : | Road works as per DTCN available in the www.tendersorissa.gov.in |
| 2. Total No. of Work | : | 02 (Two) Nos. |
| 3. Estimated Cost | : | Rs.15.66 lakhs to Rs.17.75 lakhs |
| 4. Period of Completion | : | 2 (Two) Calendar Months |
| 5. Period and time of availability of bid document in the portal for bidding | : | Dt.05.08.2022 at 11.00 A.M. to 16.08.2022 upto 05.00 P.M. |
| 6. Date and time of bid opening | : | Dt.17.08.2022 at 11.00 A.M. |
| 7. Name and address of the Officer Inviting Bid | : | S.E., R.W. Division, Jharsuguda |

1) Other details can be seen from detailed notice inviting tenders, available in website www.tendersorissa.gov .in.
2) Corrigendum if any shall only be published in the above website.
Sd./- Superintending Engineer
R.W. Division, Jharsuguda
OIPR-25104/11/0003/2223



OFFICE OF THE DISTRICT & SESSIONS JUDGE, ANGUL
RECRUITMENT YEAR 2022-23
Advertisement No. 01, Dated-02.08.2022
(For the post of Jr.Clerk-cum-Copyist, Jr.Typist and Stenographer Grade-III.)
**No.W-51:**Applications in the prescribed format are invited from the eligible candidates for filling up the posts of Jr.Clerk-cum-Copyist, in the scale of pay (Level 4 Rs.19,900/-63,200/-),Jr. Typist in the scale of pay (Level 4 Rs.19,900/-63,200/-) and Stenographer Grade-III in the scale of pay (Level 7 Rs. 25,500/-81,100/-) with usual D.A and other allowances, as admissible to the Government employees from time to time as per the ORSP Rules, 2017 on regular basis subject to the result of W.P© No. 1273 of 2014 of the Hon'ble Court. **The last date of receipt of application is fixed to 01.09.2022 by 5.00 P.M.**
For details of advertisement as regards applications form, eligibility criteria, scheme of examination along with details of syllabus etc, please visit our District Court website https://districts.ecourts.gov.in/angul or https://angul.nic.in/.
Sd./- Chairman-cum-District Judge
Recruitment Committee, Angul.
OIPR-18012/11/0004/2223


# ସିକାଗୋକୁ ହରାଇଲା ଚୌଦ୍ୱାର

**ଭୁବନେଶ୍ୱର, ୩।୮(କ୍ରୀଡ଼ା ପ୍ରତିନିଧି):** ଇଣ୍ଡିଆନ୍ ଅଏଲ୍ ପ୍ରାୟୋଜିତ ପ୍ରିଜନ୍ ଟୁ ପ୍ରାଇଡ୍ ବନ୍ଧୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ କାରାଗାର ଚେସ୍‌ରେ ଆମେରିକାର ସିକାଗୋକୁ ୩-୧ରେ ଚୌଦ୍ୱାର ପରାସ୍ତ କରିଛି। ଚେସ୍ ଖେଳ ମାଧ୍ୟମରେ ଜେଲରେ ଥିବା ଅନ୍ତେବାସୀମାନଙ୍କର ମାନସିକ ଓ ବୌଦ୍ଧିକ ବିକାଶ ସହ ସମାଜର ମୁଖ୍ୟସ୍ରୋତରେ ସାମିଲ ଉଦ୍ଦେଶ୍ୟରେ ଚେସ୍ ଡଟ୍ କମ୍ ଅନ୍‌ଲାଇନ ପ୍ଲାଟ୍‌ଫର୍ମରେ ଏହି ପ୍ରତିଯୋଗିତା ଆୟୋଜନ କରାଯାଉଛି। ଅନ୍ତର୍ଜାତୀୟ କାରାଗାର ଚେସ୍ ପାଇଁ ଏହା ପୂର୍ବରୁ ଭାରତର ୨୧ଟି କାରାଗାର ମଧ୍ୟରେ ପ୍ରତିଯୋଗିତା ହୋଇଥଲା।

**ପ୍ରିଜନ ଟୁ ପ୍ରାଇଡ୍ ଚେସ୍**

ଫାଇନାଲରେ ବରୋଦାକୁ ହରାଇ ଭାରତର ଚୌଦ୍ୱାର ସର୍କଲ କାରାଗାର ସିକାଗୋ କାରାଗାର ବିପକ୍ଷରେ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। ଚୌଦ୍ୱାର ପକ୍ଷରୁ ନିରଞ୍ଜନ ବେହେରା, କୃଷ୍ଣପ୍ରିୟା ସିଂ, ସାଗର ସ୍ୱାଇଁ ଓ ସିଦ୍ଧାର୍ଥ ପୃଷ୍ଟି ପ୍ରତିନିଧିତ୍ୱ କରିଥିଲେ। ଗ୍ରାଣ୍ଡମାଷ୍ଟର ଅଭିଜିତ୍ କୁନ୍ତେ, ଆଇଓସିଏଲ୍‌ର ବରିଷ୍ଠ ଅଧିକାରୀ ବି. ଜି. ଯୋଗେଲକର, ମୟୂର କାଦେରକର ଏବଂ ରାକେଶ କୁଲକର୍ନିଙ୍କ ସହଯୋଗରେ ପ୍ରତିଯୋଗିତା ହୋଇଥିଲା। ବିଜୟୀ ପ୍ରତିଯୋଗୀଙ୍କୁ ଭାରତୀୟ ତୈଳ ନିଗମର ଜାତୀୟ ଅଧକ୍ଷ ଏସ୍.ଏମ୍. ବୈଦ୍ୟା ଅଭିନନ୍ଦନ ଜଣାଇଛନ୍ତି।


GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION, DHARMAGARH
Tel.: 06672295251, Email: rw_dharmagarh@yahoo.com
BID IDENTIFICATION No. DMGH/Online-05 of 2022-23 Date: 02.08.2022
"e" PROCUREMENT NOTICE
No. O-773: Bid documents consisting of Work, Estimate Cost, Cost of tender Paper, Bid Security, Time of Completion, Class of Contractor and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in.

| | | |
|---|---|---|
| 1. Name of the work | : | Road works in the district of Kalahandi as mentioned in DTCN |
| 2. Total No. of works | : | 01 No. |
| 3. Estimated Cost | : | Rs.13.25 lakhs |
| 4. Period of Completion | : | 01 Calendar Month |
| 5. Other details | : | |

| Availability of Tender Online for Bidding | | Last date & time seeking tender clarification | Date & time of Opening of Tender |
|---|---|---|---|
| From | To | | |
| 06.08.2022 at 10.00 A.M. | 17.08.2022 upto 5.00 P.M. | 16.08.2022 upto 5.00 P.M. | 19.08.2022 At 11.00 A.M. |

Further details can be seen from the website www.tendersorissa.gov.in.
Sd./- Executive Engineer
Rural Works Division, Dharmagarh
OIPR-25100/11/0005/2223



Government of Odisha "e" procurement Notice
Bid Identification No. PWDK- 12/2022-23
No. G2/ 5527 Dt. 26 .07.2022
No.B-429:-
e-mail : eepwdkeonjhar@yahoo.com

| | | | |
|---|---|---|---|
| 1 | No. of the work | : | 03 Nos. Building Work. |
| 2 | Estimated cost | : | From Rs.9.08 lakhs to Rs.50.55 lakhs |
| 3 | Period of completion | : | 6 (Six) calendar months |
| 4 | Date and time of availability of bid document in the portal | : | From 10.00 hr. 05.08.2022 to 17.00 hr. of 16.08.2022 |
| 5 | Last date / time for receipt of bids in the portal | : | 17.00 hr. of 16.08.2022 |
| 6 | Date of opening of bid from portal | : | 11.30 hr. of 17.08.2022 |
| 7 | Name and address of the officer inviting bid | : | Superintending Engineer, Keonjhar (R&B) Division, Keonjhar |

Further details can be seen from the e-procurement portal "http://tendersodisha.gov.in"
Sd./- S.K. Behera
Superintending Engineer, Keonjhar (R&B) Division
OIPR-34004/11/0003/2223



See Career Appointment on every Wednesday & Saturday



CLASSIFIED DISPLAY
MORE SPACE • SAME PRICE
TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

India's No.1 Company
ପ୍ରଥମ ଥର ଓଡିଶାରେ ଏମିତି ଅଫର୍
ନିଜର ଖାଲିଥିବା ଜମି ଓ ଛାତ
Plot ରେ ଟ୍ୱାଓର 4G/5G ବସାଇ
ଅଗ୍ରୀମ 80,000,00/-
ପାଆନ୍ତୁ ଓ ମାସକୁ
ଭଡା 80,000/-
ଟଙ୍କା ପାଆନ୍ତୁ +
ବାଇକ୍ ପାଆନ୍ତୁ

Bansal Tower B Wing, Bangalore, Karnataka-400021.
Call or SMS
7735130553

DHANLAXMI FINANCE
(Reg. No. 0061)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୮୨ ରୁ ଆପଙ୍କର ସେବାରେ
୨୦୨୦ ରେ ସନ୍ତୁଷ୍ଟ ଗ୍ରାହକ
ମାର୍କସିଟ, ପର୍ସନାଲ, ସମ୍ପତି,
BPL, IIT ଭରା, କୁକୁଡାପାଳନ,
ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
4% ସୁଧ ଏବଂ 50% ଛାଡ
ମହିଳା, ଛାତ୍ର/ଛାତ୍ରୀ, ଫୌଜୀ ଭାଇମାନଙ୍କ ପାଇଁ ବିଶେଷ ରିହାତି
2th floor, Krishna Reddy, Mumbai, Maharastra
8902403044



**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# କଥା କର୍ତ୍ତବ୍ୟର


ଲୋପାମୁଦ୍ରା-ନାରାୟଣ

ଜନ୍ମ ଦେଇଥିବା ପିଲାଙ୍କ ପ୍ରତି ମା'-ବାପାଙ୍କର କର୍ତ୍ତବ୍ୟ ରହିଛି। ଶିଶୁଟିଏ ଜନ୍ମ ନେବା ପରେ ତାକୁ ଲାଳନପାଳନ କରି ବଡ଼ କରିବା ସହ ତା' ପାଖରେ ଛାଇ ଭଳି ଠିଆ ହୋଇଥାଆନ୍ତି। ହେଲେ ପିଲାଙ୍କର ମଧ ମା'-ବାପାଙ୍କ ପ୍ରତି କିଛି କର୍ତ୍ତବ୍ୟ ରହିଛି। ବାସ୍, ଏଭଳି ଏକ କାହାଣୀକୁ ବେଶ୍ ସୁନ୍ଦର ଭାବରେ ଉପସ୍ଥାପନା କରାଯାଇଛି ରିଲିଜ ଅପେକ୍ଷାରେ ଥିବା ଓଡ଼ିଆ ସିନେମା 'ବୋଉର ହାତବାକ୍ସ'ରେ। ବରିଷ୍ଠ ଅଭିନେତା ତଥା ନିର୍ଦ୍ଦେଶକ ନାରାୟଣ ପତି ଏହାର ନିର୍ଦ୍ଦେଶନା ଦେବା ସହ ସେଥିରେ ବାପା ଭୂମିକାରେ ଅଭିନୟ କରିଛନ୍ତି। 'ଏହି ଫିଲ୍ମର କାହାଣୀ ବେଶ୍ ବଳିଷ୍ଠ। ତାହାକୁ ଉପସ୍ଥାପନା କରିବା ସମୟରେ ମୁଁ ସବୁଦିଗ ପ୍ରତି ଦୃଷ୍ଟି ଦେଇଛି। କାରଣ ଏହି ଫିଲ୍ମରେ ଅନେକ ସୋସିଆଲ ମ୍ୟାସେଜ ରହିଛି, ଯାହାକୁ ଦର୍ଶକ ହୃଦୟଙ୍ଗମ କରିବା ଦରକାର ବୋଲି କହନ୍ତି ନାରାୟଣ।' ସଞ୍ଜୟ ଦାସଙ୍କ ନିବେଦିତ ତଥା ଚାଇରୋସନା ଫିଲ୍ମସ ପ୍ରଡକ୍ସନ ବ୍ୟାନରରେ ଏହାକୁ ପ୍ରସ୍ତୁତ କରାଯାଇଛି। ଡ. ଆରତି ପାଟ୍ଟଯୋଶୀଙ୍କ କାହାଣୀକୁ ଆଧାରକରି ଏହାର ଚିତ୍ରନାଟ୍ୟ ମଧ ରଚନା କରିଛନ୍ତି ନାରାୟଣ। ଏହି ଫିଲ୍ମରେ ଓଡ଼ିଆ ଘରର ଚଳଣି ଓ ପରମ୍ପରାର ଝଲକ୍ ଦେଖିବାକୁ ମିଳିବ। ଏଥିରେ ଲୋପାମୁଦ୍ରା ମିଶ୍ର, ସୁଶ୍ରୀ ଏବଂ ରାଜେଶ ପଣ୍ଡା ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତ। ସିନେମାଟି ଖୁବ୍‌ଶୀଘ୍ର ରାଜ୍ୟର ବିଭିନ୍ନ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ତରଫରୁ ସୂଚନା ଦିଆଯାଇଛି। ଏହାର କ୍ରିଏଟିଭ ହେଡ୍ ଅଛନ୍ତି ପ୍ରଣୟ ଜେଠୀ।

ଅପେରା ହାଲ୍‌ଚାଲ୍

# ଅପଡେଟ୍ କାହାଣୀ ଚଏସ କରିଥାଏ


ମହେଶ ହାଜରା

'ବର୍ତ୍ତମାନ ସାମ୍ପ୍ରତିକ ଘଟଣାବଳୀକୁ ନେଇ ସୁନ୍ଦର ତଥା ଦର୍ଶକଙ୍କ ମନକୁ ଛୁଇଁଲା ଭଳି ନାଟକଟିଏ ରଚନା କରାଯାଇପାରିବ। ତେଣୁ ମୁଁ ସବୁବେଳେ ଅପେଡେଟ୍ କାହାଣୀ ଚଏସ୍ କରିଥାଏ। ହୁଏତ ଏଭଳି ବିଷୟବସ୍ତୁକୁ ବୁଝିବାକୁ ଦର୍ଶକ କିଛି ସମୟ ନେଇପାରନ୍ତି, ହେଲେ ଅନ୍ୟ ନାଟକଠାରୁ ଏହି ନାଟକଗଡ଼ିକ ନିଶ୍ଚୟ ଭିନ୍ନ ବୋଲି କହନ୍ତି ଜଲିଉଡ୍‌ର ଅନ୍ୟତମ ଆଗଧାଡ଼ିର ନିର୍ଦ୍ଦେଶକ ମହେଶ ହାଜରା।' ଚଳିତ ଯାତ୍ରା ସିଜନରେ ତାଙ୍କ ନିର୍ଦ୍ଦେଶନାରେ ଚାରୋଟି ନାଟକ-'ବଞ୍ଚି ପାରିବିନି ତୋ ବିନା', 'ଦେ ରେ ଧରା ମୋ ଦୁଃଖ ପାସୋରା' (ଚକୋଲେଟ୍ ରଙ୍ଗମଞ୍ଚ), 'ତୋ ପ୍ରେମରେ ବନ୍ଧା ମୋ ରଜନୀ ଗନ୍ଧା' (ଅପେରା ସୂର୍ଯ୍ୟମନ୍ଦିର) ଏବଂ ଜାରଜ ଜହର ନୁହେଁ କାହାର (ଯାତ୍ରା ରଙ୍ଗମହଲ)ର ମଜା ଦର୍ଶକ ନେଇପାରିବେ। ଛୋଟ ପରଦାରେ 'ତପସ୍ୟା', 'ଦୁର୍ଗା', 'ମାୟା' ଏବଂ 'ପ୍ରେମ କୁହୁକ' ପରି ମେଗା ଧାରାବାହିକରେ ନିର୍ଦ୍ଦେଶନା ଦେବା ପରେ ସେ ଏଣ୍ଟ୍ରି କରିଥିଲେ ଯାତ୍ରା ଜଗତରେ। ବାଘାଯତୀନ ଲୋକନାଟ୍ୟର ସୁପରହିଟ୍ ନାଟକ 'ମୃତ୍ୟୁଦଣ୍ଡ'ରୁ ଆରମ୍ଭ ହୋଇଥିଲା ମହେଶଙ୍କ ଅପେରା ନିର୍ଦ୍ଦେଶନା। ତା'ପରେ ଏହି ପାର୍ଟିର 'ସୀତାର ଜଳୁଛି ଚିତା' ନାଟକଟି ଶ୍ରେଷ୍ଠ ନାଟକ ଭାବରେ ପୁରସ୍କୃତ ହୋଇଥିଲା। ଏହାସହ ପରିବେଷିତ ହୋଇସାରିଥିବା ରଙ୍ଗମହଲର 'ଗଙ୍ଗାଠୁ ପବିତ୍ର ଗଙ୍ଗଶିଉଳି' ଏବଂ ବାଘାଯତୀନର 'ତୁ କାନ୍ଦିଲେ ମୁଁ କାନ୍ଦିବି'ର ମଧ ନିର୍ଦ୍ଦେଶନା ଦେଇସାରିଛନ୍ତି ସେ। 'ନାଟକଟିଏ ନିର୍ଦ୍ଦେଶନା ଦେବା ପୂର୍ବରୁ ମୁଁ କାହାଣୀକୁ ତନ୍ନ ତନ୍ନ କରି ତର୍ଜମା କରିଥାଏ। ପ୍ରତିଟି ଡାଏଲଗ୍‌ର ଗୁରୁତ୍ୱକୁ ଭଲ ଭାବରେ ପରଖି ନିଏ। ତା'ପରେ ନିର୍ଦ୍ଦେଶନା ମଇଦାନକୁ ଓହ୍ଲାଇଥାଏ। ଏ ପର୍ଯ୍ୟନ୍ତ ଦର୍ଶକ ମୋତେ ଯେତିକି ଭଲ ପାଇବା ଦେଇଛନ୍ତି ତାହାକୁ ମୁଁ କଦାପି ଭୁଲିପାରିବି ନାହିଁ ବୋଲି କହନ୍ତି ମହେଶ।'

# ଭୁଲନ୍ତି ନାହିଁ ତାପସୀ


ତାପସୀ

ତାପସୀ ପାନ୍ନୁ ଯେତେ ବ୍ୟସ୍ତ ରହିଲେ ମଧ ଗୋଟିଏ କଥାକୁ ଆଦୌ ଭୁଲି ନ ଥାନ୍ତି। ତାହା କ'ଣ ଜାଣିଛ ? ବ୍ୟାଡମିଣ୍ଟନ ଖେଳିବା। ଅଭିନୟ ସିନା ନିଶା ପାଲଟି ଯାଇଛି, ହେଲେ ଖେଳକୁଦଠାରୁ ସେ ନିଜକୁ ଦୂରେଇ ନେଇ ପାରିନାହାନ୍ତି। ଆଉ ଏକ ଖାସ୍ କଥା ହେଲା 'ପୁନେ-୭ ଏକ୍‌ସେ' ବ୍ୟାଡମିଣ୍ଟନ ଟିମ୍‌ର ସେ ଜଣେ ସହ-ମାଲିକାଣୀ। ଏପରି କି ତାଙ୍କର ଏହି ଟିମ୍ ପ୍ରିମିୟର ବ୍ୟାଡମିଣ୍ଟନ ଲିଗ୍‌ରେ ଅଂଶଗ୍ରହଣ କରି ସଫଳତା ହାସଲ କରିସାରିଛି। ଏ ନେଇ ତାପସୀ କହନ୍ତି, 'ସ୍କୁଲରେ ପଢ଼ିବା ସମୟରୁ ମୁଁ ବ୍ୟାଡମିଣ୍ଟନ ଖେଳିବା ଆରମ୍ଭ କରିଥିଲି। ଏବେ ଅଭିନୟ ଚାଲିଛି। ତା'ସହ ପ୍ରତିଦିନ ଯେମିତି ହେଲେ କିଛି ସମୟ ବ୍ୟାଡମିଣ୍ଟନ ଖେଳିଥାଏ।' ଭାରତନାଟ୍ୟମ୍ ଏବଂ କଥକ ନାଚିବାରେ ତାପସୀଙ୍କର ପଟୁତା ରହିଛି। ଷ୍ଟାଣ୍ଡାର୍ଡ-୪ରେ ପଢ଼ିବା ବେଳଠାରୁ ସେ ଏହି ନୃତ୍ୟ ଶିଖୁଥିଲେ ଏବଂ ନିଜ ପାଠପଢ଼ା କ୍ୟାରିୟର ଭିତରେ ସେ ଅନେକ ପୁରସ୍କାର ଜିତିବାରେ ସକ୍ଷମ ହୋଇଥିଲେ। ତାମିଲ-ତେଲୁଗୁ ଫିଲ୍ମରେ ଆକ୍ଟିଂ ଆରମ୍ଭ କରିବା ବେଳେ ତାଙ୍କୁ ବେଶ୍ ସଂଘର୍ଷ କରିବାକୁ ପଡ଼ିଥିଲା। ଏପରି କି ସେହି ସମୟରେ ଫ୍ଲପ୍ ସାବ୍ୟସ୍ତ ହୋଇଥିବା ଅଭିନେତାଙ୍କର ସେ ନାୟିକା ଭୂମିକାରେ ଅଭିନୟ କରିଥିଲେ। ହେଲେ ନିଜର ଦକ୍ଷତା ବଳରେ ସେ ପରବର୍ତ୍ତୀ ସମୟରେ ଦକ୍ଷିଣ ଭାରତୀୟ ସିନେମାର ଅନ୍ୟତମ ଲୋକପ୍ରିୟ ଅଭିନେତ୍ରୀ ଭାବରେ ନିଜକୁ ପରିଚିତ କରାଇ ପାରିଥିଲେ।

# ଟେନ୍‌ସନରେ କ୍ରିତି

କ୍ରିତି ସାନନଙ୍କର ଟେନ୍‌ସନ ଏବେ ବଢ଼ିଯାଇଛି। ଗୋଟିଏ ପଟେ 'ବେଢ଼ିୟାଁ' ରିଲିଜ ଅପେକ୍ଷାରେ ଥିବାବେଳେ 'ଗଣପଥ', 'ଆଦିପୁରୁଷ' ଏବଂ 'ଶେହେଜାଦା' ନିର୍ମାଣାଧୀନ ଅବସ୍ଥାରେ ରହିଛି। ସେପଟେ ତାଙ୍କ ହାତରେ ଆଉ କେତୋଟି ସିନେମା ରହିଛି, ଯାହାର ଶୁଟିଂ ଆରମ୍ଭ ହେବାକୁ ଯାଉଛି। ତେଣୁ କାହା ପାଇଁ କେତେବେଳେ ସମୟ ଦେବେ ସେ ନେଇ ଦୋଛକିରେ ପଡ଼ିଛନ୍ତି କ୍ରିତି। ଏପରି ସମସ୍ୟା ବିଷୟରେ ସେ କହନ୍ତି, 'ଏବେ ଦୁଇଟି ନୂଆ ସିନେମା ମୁଁ ସାଇନ୍ କରିଛି। ଏହାର ଶୁଟିଂ ଏକାଥରେ ଆରମ୍ଭ ହେବ ବୋଲି ଜଣାପଡ଼ିଛି। ତେବେ ଏ ନେଇ ମୋତେ ଡେଟ୍ ଫିକ୍ସ କରିବାକୁ ପଡ଼ିବ। ଆଶା ରଖିଛି ମୋ ଅନୁରୋଧ ରକ୍ଷାକରି ପ୍ରଯୋଜନା ସଂସ୍ଥା ମୋ ସହ ସହଯୋଗ କରିବେ। ଏଥିପାଇଁ ମୁଁ ଏବେ ଟେନ୍‌ସନରେ ଅଛି।' କ୍ରିତିଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା 'ହେରୋପନ୍ତୀ'ରୁ। ଖାସ୍ କଥା ହେଲା ଏହି ଫିଲ୍ମ ପାଇଁ ତାଙ୍କୁ ଶ୍ରେଷ୍ଠ ନବାଗତା ଅଭିନେତ୍ରୀ ଭାବରେ 'ଆଇଫା' ପୁରସ୍କାର ମିଳିଥିଲା। ଚଳିତ ବର୍ଷ ମଧ 'ମିମି' ଫିଲ୍ମ ପାଇଁ ତାଙ୍କୁ ଏହି ପୁରସ୍କାର ମିଳିଛି।

କ୍ରିତି



# କାହାକୁ ଡରନ୍ତି କାଜଲ

ତେଲୁଗୁ, ତାମିଲ ଅବା ହିନ୍ଦୀ ସିନେମାରେ କାଜଲ ଅଗ୍ରୱାଲ ଜଣେ ପରିଚିତ ଅଭିନେତ୍ରୀ। ହେଲେ ସେ ଗୋଟିଏ ଜିନିଷକୁ ଭାରି ଭୟ କରନ୍ତି। ତାହା ହେଲା କୁକୁର। ଅର୍ଥାତ୍ କୁକୁରଟିଏ ଦେଖିଲେ ତାଙ୍କ ମନରେ ଭୟ ସଞ୍ଚାର ହୋଇଥାଏ। ନିକଟରେ ସେ ଏଭଳି ଅନୁଭୂତିକୁ ବଖାଣିଥିଲେ। ଏ ନେଇ କାଜଲ କହନ୍ତି, 'ଥରେ ମୁଁ ମୋର ଜଣେ ସାଙ୍ଗଙ୍କ ଘରକୁ ଯାଇଥିଲି। ତାଙ୍କ ଗେଟ୍ ପାସ୍ କରିବା ସମୟରେ ଦୁଇଟି କୁକୁର ମୋତେ ଦେଖି ଭୁକିବା ଆରମ୍ଭ କଲେ। କ'ଣ କରିବି ଜାଣିପାରିଲି ନାହିଁ। ତାଙ୍କର ଘର ସଦସ୍ୟ ମୋତେ ବୁଝାଇଲେ ଯେ 'ଆସ, ସେ କିଛି କରିବେ ନାହିଁ।' ତା'ପରେ କୁକୁର ଦୁଇଟି ବନ୍ଧା ହେବା ପରେ ମୁଁ ଘର ଭିତରକୁ ଯାଇଥିଲି। ମୋ ମନରେ ଏହି ଭୟ ଏ ପର୍ଯ୍ୟନ୍ତ ରହିଛି।'


କାଜଲ

# ଆରମ୍ଭରୁ ସଫଳତା

ନୂଆ ଓଡ଼ିଆ ସିନେମା 'ବାୟ ବାୟ ଦିଲ୍'କୁ ନେଇ ଓଲିଉଡ୍‌ରେ ଚର୍ଚ୍ଚା। ଫିଲ୍ମଟି ଜୁଲାଇ ୩୧ରେ ପରଦା ଉପରକୁ ଆସିଛି। କେବଳ ସେତିକି ନୁହେଁ, ଚିତ୍ରଟି ପ୍ରାରମ୍ଭିକ ସଫଳତା ହାସଲ କରିବା ପରେ ଏହାର ନିର୍ଦ୍ଦେଶକ କୁନାଲ ପଟ୍ଟନାୟକ ଏବଂ ସମସ୍ତ କଳାକାରଙ୍କ ଖୁସି କହିଲେ ନ ସରେ। ଏ ନେଇ କୁନାଲ କହନ୍ତି, 'ଫିଲ୍ମଟିର ଶୁଟିଂ ସମୟରେ କାହାଣୀକୁ କିପରି ଶତ ପ୍ରତିଶତ ଜଷ୍ଟିସ ଦିଆଯିବ ସେ ନେଇ ଚେଷ୍ଟା କରାଯାଇଥିଲା। ଚଳଚ୍ଚିତ୍ରଟିକୁ ଦର୍ଶକ ଗ୍ରହଣ କରିଛନ୍ତି ତାହା ମୋ ପାଇଁ ବଡ଼ କଥା। ଏଥିରେ ଲଭ୍, ଇମୋଶନ, ଫ୍ୟାମିଲି ଡ୍ରାମା ଭରି ରହିଛି, ଯାହା ଦର୍ଶକଙ୍କୁ ଶତ ପ୍ରତିଶତ ଏଣ୍ଟରଟେନ୍ କରିବାରେ ସହାୟକ ହୋଇଛି ବୋଲି କହିବି।' ଏହାର ନାୟିକା ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି ରୁଷୀୟ ଲଳନା ଆଲେକ୍‌ଜାଣ୍ଡ୍ରା ସ୍କେଲସୁନୋଭା ଓରଫ ସାସା। ଏଥିରେ ତାଙ୍କର ନାୟକ ସାଜିଛନ୍ତି ରାଜ୍। ମହ୍ଲାର ଏଣ୍ଟରଟେନ୍‌ମେଣ୍ଟ ଏବଂ ଏ.ବି. ସଲ୍ୟୁଶନ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି ନବାଗତା ଜୟଲକ୍ଷ୍ମୀ ମିଶ୍ର। ସଚି ମହାନ୍ତି ଏବଂ ସନ୍ତୋଷଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଟୁନା ଭାଇ-ଉନା ଭାଇ। ସାସା-ରାଜ୍ ଯୋଡ଼ି ବ୍ୟତୀତ ପଲ୍ଲବୀ, ଜୀବନ ପଣ୍ଡା, ଜୟଲକ୍ଷ୍ମୀ, ପ୍ରୀତିରାଜ, କୁନାଲ, ଶମ୍ଭୁ, ରାମବାବୁ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି।


ରାଜ୍-ସାସା

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୪/୨୦୨୨ Bhubaneswar, Thursday, August 4/ 2022

# ମାନ୍ଙ୍କୁ ରୌପ୍ୟ: ଘୋଷାଲ, ଲଭପ୍ରୀତ୍, ଗୁରଦୀପ, ତେଜସ୍ୱିନଙ୍କୁ ବ୍ରୋଞ୍ଜ

**ବର୍ମିଂହାମ, ୩।୮ (ପି.ଟି.)**

ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ବୁଧବାର ରୌପ୍ୟ ପଦକ ଜିତିଛନ୍ତି ଭାରତୀୟ ଜୁଡୋକା ତୁଲିକା ମାନ୍। ସେହିପରି ଭାରୋତ୍ତୋଳନରୁ ଲଭପ୍ରୀତ ସିଂ ଓ ଗୁରଦୀପ ସିଂ ଏବଂ ସ୍କ୍ୱାଶ୍‌ରୁ ସୌରଭ ଘୋଷାଲ ଓ ପୁରୁଷ ହାଇ ଜମ୍ପରୁ ତେଜସ୍ୱିନ ଶଙ୍କରଙ୍କୁ ବ୍ରୋଞ୍ଜ ପଦକ ମିଳିଛି। ରାଜ୍ୟଗୋଷ୍ଠୀ କ୍ରୀଡ଼ାର ସିଙ୍ଗଲ୍ସ ସ୍କ୍ୱାଶ୍ ଇଭେଣ୍ଟରେ ଘୋଷାଲ ଭାରତ ପାଇଁ ପ୍ରଥମ ପଦକ ଜିତିଥିବାରୁ ଏହାକୁ ଐତିହାସିକ ସଫଳତା ଭାବେ ବିବେଚନା କରାଯାଉଛି। ପୁରୁଷ ହାଇଜମ୍ପରେ ଭାରତର

**ରାଜ୍ୟଗୋଷ୍ଠୀ କ୍ରୀଡ଼ା**

ତେଜସ୍ୱିନ ୨.୨୨ ମିଟର ଜମ୍ପକରି ତୃତୀୟ ସ୍ଥାନରେ ରହିଥିଲେ।

ମହିଳା ୭୮ କେଜି ଜୁଡୋ ଫାଇନାଲରେ ତୁଲିକା ସ୍କଟଲାଣ୍ଡର ସାରା ଆଡଲିଙ୍ଗଟନଙ୍କଠାରୁ ହାରି ଯାଇଥିଲେ। ୪ ଥର ଜାତୀୟ ଚାମ୍ପିୟନ ଏହି ୨୩ ବର୍ଷୀୟା ଭାରତୀୟ ଜୁଡୋକା ସେମିଫାଇନାଲରେ ନ୍ୟୁଜିଲାଣ୍ଡର ସିଡ୍‌ନୀ ଆଣ୍ଡ୍ରୁସଙ୍କୁ ମାତ୍ର ୩ ମିନିଟ ମଧ୍ୟରେ ହରାଇ ଦେଇଥିଲେ। ପୂର୍ବରୁ ଏଲ.ସୁଶୀଲା ଦେବୀ ଓ ବିଜୟ କୁମାର ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇ ସାରିଥିବାବେଳେ ଜୁଡୋ ଇଭେଣ୍ଟରୁ ଭାରତକୁ ତୃତୀୟ ପଦକ ମିଳିଛି। ତୁଲିକା ୨ ବର୍ଷର ହୋଇଥିବାବେଳେ ବାପାଙ୍କୁ ହରାଇଥିଲେ। ଏକମାତ୍ର ସନ୍ତାନଭାବେ ମା’ଙ୍କ ଦ୍ୱାରା ପ୍ରତିପାଳିତ ହୋଇଥିଲେ। ତାଙ୍କ ମା’ ଜଣେ ପୂର୍ବତନ ରାଜ୍ୟଗୋଷ୍ଠୀ ଜୁଡୋ ଚାମ୍ପିୟନ। ଅଳ୍ପକେ ସ୍ୱର୍ଣ୍ଣ ପଦକ ହାତଛଡ଼ା କରିଥିବାରୁ ଦୁଃଖରେ ଭାଙ୍ଗି ପଡ଼ିଥିଲେ ତୁଲିକା। ୩୫ ବର୍ଷୀୟ ଘୋଷାଲ ବ୍ରୋଞ୍ଜ ପଦକ ମ୍ୟାଚରେ ଡିଫେଣ୍ଡି ଚାମ୍ପିୟନ ଇଂଲଣ୍ଡର ଜେମ୍ସ ୱିଲଷ୍ଟ୍ରପ୍‌ଙ୍କୁ ୩–୦ (୧୧–୬, ୧୧–୧, ୧୧–୪)ରେ ପରାସ୍ତ କରିଛନ୍ତି। ପୁରୁଷ ୧୦୯ କେଜି ବର୍ଗରେ ୨୪ ବର୍ଷୀୟ ପଞ୍ଜାବ ଭାରୋତ୍ତୋଳକ ଲଭପ୍ରୀତ ମୋଟ ୩୫୫ କେଜି ଉତ୍ତୋଳନ କରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେ ସ୍ନାଚ୍‌ରେ ୧୬୩ କେଜି ଉଠାଇଥିବାବେଳେ କ୍ଲିନ୍ ଆଣ୍ଡ ଜର୍କରେ ୧୯୨ କେଜି ଉତ୍ତୋଳନକରି ନୂଆ ଜାତୀୟ ରେକର୍ଡ ସୃଷ୍ଟି କରିଛନ୍ତି। କାମେରୁନର ଜୁନିୟର ନାବେୟୁ ୩୬୧ କେଜି ସହ ସ୍ୱର୍ଣ୍ଣ ଏବଂ ସମୋଆର ଜ୍ୟାକ୍ ଓପେଲୋଗେ ୩୫୮ କେଜି ଭାର ଉଠାଇ ରୌପ୍ୟ ପଦକ ହାସଲ କରିଛନ୍ତି। ସେହିପରି ପୁରୁଷ ୧୦୯ କେଜି ଭାରୋତ୍ତୋଳନରେ ଗୁରଦୀପ ୩୯୦ କେଜି ଉତ୍ତୋଳନ କରି ତୃତୀୟ ସ୍ଥାନରେ ରହିଛନ୍ତି। ସେ ସ୍ନାଚ୍‌ରେ ୧୬୭ ଏବଂ କ୍ଲିନ୍ ଆଣ୍ଡ ଜର୍କରେ ୨୨୩ କେଜି ଉତ୍ତୋଳନ କରିଥିଲେ। ପାକିସ୍ତାନର ମହମ୍ମଦ ନୁହ ଦସ୍ତଗିର ବଟ୍ଟ ୪୦୫ କେଜି ସହ ସ୍ୱର୍ଣ୍ଣ ଏବଂ ନ୍ୟୁଜିଲାଣ୍ଡର ଡେଭିଡ ଆଣ୍ଡ୍ର୍ୟୁ ୩୯୪ କେଜି ଉଠାଇ ରୌପ୍ୟ ପଦକ ପାଇଛନ୍ତି।



ବ୍ରୋଞ୍ଜ ପଦକ ସହ ଲଭପ୍ରୀତ ସିଂ।



ଲଢ଼େଇ ଶେଷ ହେବା ପରେ ଜୁଡୋକା ତୁଲିକା ମାନ୍।



ସେମିଫାଇନାଲ ପ୍ରବେଶରେ ଉଲ୍ଲସିତ ନିତୁ ଗଙ୍ଘାସ।




ଭାରୋତ୍ତୋଳନ ଅବସରରେ ଭାରତର ଗୁରଦୀପ ସିଂ।

**ନିଖତ, ନିତୁ, ହୁସାମୁଦ୍ଦିନ ପଦକ ନିଶ୍ଚିତ କଲେ**

ବକ୍ସିଂ ଇଭେଣ୍ଟରୁ ପଦକ ନିଶ୍ଚିତ କରିଛନ୍ତି ଭାରତର ନିଖତ ଜରିନ, ହୁସାମୁଦ୍ଦିନ ମହମ୍ମଦ ଓ ନିତୁ ଗଙ୍ଘାସ। ମହିଳା ୫୦ କେଜି, ପୁରୁଷ ୫୭ କେଜି ଓ ମହିଳା ୪୮ କେଜି ବର୍ଗରେ ଏହି ୩ ଜଣ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ବିଶ୍ୱ ଚାମ୍ପିୟନ ଜରିନ କ୍ୱାର୍ଟର ଫାଇନାଲରେ ୱେଲ୍ସର ହେଲେନ ଜୋନ୍ସଙ୍କୁ ନିର୍ବିବାଦୀୟ ୫–୦ ବ୍ୟବଧାନରେ ପରାସ୍ତ କରିଛନ୍ତି। ସେହିପରି ନିଜାମାବାଦର ୨୮ ବର୍ଷୀୟ ହୁସାମୁଦ୍ଦିନ ଏକାଗ୍ରତା ବଜାୟ ରଖି ନାମ୍ବିଆର ଟ୍ରାଏଗେନ ମର୍ନିଂଙ୍କୁ ୪–୧ ବ୍ୟବଧାନରେ ହରାଇଛନ୍ତି। ଦୁଇଥର ୟୁଥ୍ ଗୋଲ୍ଡ ମେଡାଲିଷ୍ଟ ୨୧ ବର୍ଷୀୟା ନୀତୁଙ୍କ ପ୍ରତିଦ୍ୱନ୍ଦ୍ୱୀ ନର୍ଦର୍ନ ଆୟର୍ଲାଣ୍ଡର ନିକୋଲେ କ୍ଲାଏଡ୍ ତୃତୀୟ ତଥା ଅନ୍ତିମ ରାଉଣ୍ଡରୁ ଓହରି ଯାଇଥିଲେ। ଫଳରେ ନୀତୁଙ୍କୁ ବିଜୟୀ ଘୋଷଣା କରାଯାଇଥିଲା।

**ପ୍ରି କ୍ୱାର୍ଟରରେ ଚିନାପ୍ପା–ସାନ୍ଧୁ**

ସିଙ୍ଗିଲ୍ସ ବିଫଳତାକୁ ପଛରେ ପକାଇ ମିକ୍ସଡ ଡବଲ୍ସ ଅଭିଯାନ ଆରମ୍ଭ କରିଛନ୍ତି ଜ୍ୟୋସ୍ନା ଚିନାପ୍ପା। ହରିନ୍ଦର ପାଲ ସିଂ ସାନ୍ଧୁଙ୍କ ସହିତ ମିକ୍ସଡ ଡବଲ୍ସ ଖେଳୁଥିବା ବେଳେ ଉଭୟ ପ୍ରି କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ଉଭୟ ଖେଳାଳି ଶ୍ରୀଲଙ୍କାର ୟେହେନି କୁରୁପ୍ପୁ ଏବଂ ରବିନ୍ଦୁ ଲକ୍ସିରିଙ୍କୁ ୮–୧୧, ୧୧–୪ ଓ ୧୧–୩ରେପରାସ୍ତ କରିଥିଲେ। ପ୍ରଥମ ସେଟରେ ଭାରତୀୟ ଯୋଡି ସାମାନ୍ୟ ଖରାପ ପ୍ରଦର୍ଶନ କରିଥିଲେ ହେଁ ପରବର୍ତ୍ତୀ ଦୁଇ ସେଟ୍ ଏକପାଖିଆ ରହିଥିଲା। ସିଙ୍ଗିଲ୍ସ ଇଭେଣ୍ଟର ପ୍ଲେଟ୍ ବର୍ଗରେ ଫାଇନାଲ ମ୍ୟାଚ୍ ଜିତିଛନ୍ତି ସୁନୟନା ସାରା କୁରୁଭିଲ୍ଲା। ଗୟାନାର ଫଙ୍ଗ ଏ ଫ୍ୟାଟଙ୍କୁ ୧୧–୭, ୧୩–୧୧ ଓ ୧୧–୨ ପରାସ୍ତ କରିଥିଲେ ଏହି ୨୩ ବର୍ଷୀୟା ଭାରତୀୟ ଖେଳାଳି।

**ଲନ୍ ବୋଲ୍: ମହିଳା ଓ ମ୍ରିଦୁଲଙ୍କ ବିଜୟ**

ପ୍ରଥମ ଥର ପାଇଁ ଲନ୍ ବୋଲ ଇତିହାସରେ ଭାରତୀୟ ମହିଳା ୪ ଜଣିଆ ଦଳ ଇତିହାସ ରଚିଥିବା ବେଳେ ଭାରତୀୟ ମହିଳା ଯୋଡି ଓ ମ୍ରିଦୁଲ ବୋର୍ଗୋହେନ୍ ବିଜୟୀ ହୋଇଛନ୍ତି। ବୁଧବାର ମହିଳା ଯୋଡି ଲଭଲି ଚୌବେ ଓ ନାୟମୋନୀ ସାଇକିଆ ନିୟୁର ହିନା ରେରେଲ୍ଟି ଓ ଅଲିଭିଆ ବକିଙ୍ଗହାମଙ୍କୁ ୨୩–୬ରେ ପରାସ୍ତ କରିଛନ୍ତି। ରାଉଣ୍ଡ–୩ ମୁକାବିଲାରେ ଉଭୟ ଖେଳାଳି ଦକ୍ଷିଣ ଆଫ୍ରିକା ଦଳକୁ ଭେଟିବେ। ଉଭୟ ଲଭଲି ଓ ସାଇକିଆ ସ୍ୱର୍ଣ୍ଣ ବିଜୟୀ ଲନ୍ ବୋଲ୍ ଟିମ୍‌ର ସଦସ୍ୟ ରହିଥିଲେ। ସେହିପରି ପୁରୁଷ ସିଙ୍ଗିଲ୍ସ ବର୍ଗରେ ଦୁଇଟି ବିଜୟ ହାସଲ କରିଛନ୍ତି ମ୍ରିଦୁଲ୍ ବୋର୍ଗୋହେନ୍। ଫକାନ ଆଇଲାଣ୍ଡର ଲୋକ୍ ରାଇଟଙ୍କୁ ଏକପାଖିଆ ଭାବରେ ୨୧–୫ରେ ପରାସ୍ତ କରିଥିଲେ ମ୍ରିଦୁଲ୍। ଦ୍ୱିତୀୟ ମୁକାବିଲାରେ ସ୍କଟଲାଣ୍ଡର ଇଆନ୍ ମ୍ୟାକ୍‌ଲେନଙ୍କୁ ୨୧–୧୯ରେ ପରାସ୍ତ କରିଛନ୍ତି। ଇଆନ୍ ଆରମ୍ଭରୁ ୧୨–୬ରେ ଆଗୁଆ ରହିଥିଲେ।

## ରାଜ୍ୟଗୋଷ୍ଠୀ କ୍ରୀଡ଼ା ପଦକ ତାଲିକା

| ଦଳ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଅଷ୍ଟ୍ରେଲିଆ | ୪୨ | ୩୬ | ୩୮ | ୧୧୬ |
| ଇଂଲଣ୍ଡ | ୩୭ | ୩୭ | ୨୫ | ୯୯ |
| କାନାଡ଼ା | ୧୫ | ୧୮ | ୨୦ | ୫୩ |
| ନ୍ୟୁଜିଲାଣ୍ଡ | ୧୪ | ୧୦ | ୯ | ୩୩ |
| ସ୍କଟଲାଣ୍ଡ | ୬ | ୮ | ୧୬ | ୩୦ |
| ଦକ୍ଷିଣ ଆଫ୍ରିକା | ୬ | ୫ | ୭ | ୧୮ |
| **ଭାରତ** | **୫** | **୬** | **୭** | **୧୮** |
| ୱେଲ୍ସ | ୩ | ୩ | ୮ | ୧୪ |
| ମାଲେସିଆ | ୩ | ୨ | ୩ | ୮ |
| ନାଇଜେରିଆ | ୩ | ୧ | ୪ | ୮ |
| ସାଇପ୍ରସ୍ | ୨ | ୧ | ୪ | ୭ |
| ଉଗାଣ୍ଡା | ୨ | ୦ | ୦ | ୨ |

(ବୁଧବାର ରାତି ୧ଟା ୩୦ ସୁଦ୍ଧା)

# ଶ୍ରୀଲଙ୍କାର ଦୁଇ ଆଥଲେଟ୍ ନିଖୋଜ

**ବର୍ମିଂହାମ୍,୩।୮ (ପି.ଟି)**

ରାଜ୍ୟଗୋଷ୍ଠୀ କ୍ରୀଡାଗ୍ରାମରୁ ଦୁଇ ଜଣ ଶ୍ରୀଲଙ୍କା ଆଥଲେଟ ଓ ଜଣେ ମ୍ୟାଚ ଅଫିସିଆଲ ନିଖୋଜ ହୋଇ ଯାଇଛନ୍ତି। ଆର୍ଥିକ ସଙ୍କଟ ମଧ୍ୟରେ ଗତି କରୁଥିବା ଶ୍ରୀଲଙ୍କା ପକ୍ଷରୁ ୧୬୧ ଜଣିଆ ଦଳ ପଠାଯାଇଥିବା ବେଳେ ସେଥିମଧ୍ୟରେ ୫୧ ଜଣ ସପୋର୍ଟ ଷ୍ଟାଫ୍ ରହିଥିଲେ। ଏହି ଘଟଣା ପରେ ସମସ୍ତ ଖେଳାଳିଙ୍କୁ ନିଜର ପାସପୋର୍ଟ ଜମା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆଉ ଏଭଳି ଘଟଣାର ପୁନରାବୃତି ନଘଟେ ସେଥିପାଇଁ ଏଭଳି ନିର୍ଦ୍ଦେଶ ପ୍ରଦାନ କରାଯାଇଛି। ଶ୍ରୀଲଙ୍କା ଜୁଡୋ ଦଳରେ ଜଣେ ପୁରୁଷ ଏବଂ ଦୁଇ ଜଣ ମହିଳା ଆଥଲେଟ ରହିଛନ୍ତି। ନିଖୋଜ ଆଥଲେଟ ଜଣକ ମହିଳା ବୋଲି ରିପୋର୍ଟ ପ୍ରକାଶ ପାଇଛି। ଏହା ସହିତ ନିଖୋଜ ଅଫିସିଆଲ ଜଣକ ଜୁଡୋ ଟିମର ମ୍ୟାନେଜର ବୋଲି କୁହାଯାଇଛି।

# ଓଡ଼ିଶା ୟେଲୋ, ଭାଓଲେଟ୍ ବିଜୟୀ

**ଭୁବନେଶ୍ୱର, ୩।୮ (କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ କଟକ ଟାଙ୍ଗୀସ୍ଥିତ ଡ୍ରିମ୍ସ ଗ୍ରାଉଣ୍ଡରେ ଚାଲିଥିବା ଓଡ଼ିଶା ମହିଳା ଟି୨୦ କ୍ରିକେଟ ଲିଗ୍‌ର ମଙ୍ଗଳବାର ଅନୁଷ୍ଠିତ ୨ଟି ମ୍ୟାଚ୍‌ରେ ଓଡ଼ିଶା ୟେଲୋ ଏବଂ ଓଡ଼ିଶା ଭାଓଲେଟ୍ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ୍‌ରେ ଭାଓଲେଟ ୩ ଉଇକେଟରେ ଓଡ଼ିଶା ପର୍ପଲକୁ ପରାସ୍ତ କରିଛି। ଓଡ଼ିଶା ପର୍ପଲ ୨୦ ଓଭରରେ ୯ ଉଇକେଟ ହରାଇ ୮୦ ରନ୍ କରିଥିବାବେଳେ ଭାଓଲେଟ୍ ୧୮.୫ ଓଭରରେ ୭ ଉଇକେଟ ହରାଇ ବିଜୟଲକ୍ଷ୍ୟ ହାସଲ କରିନେଇଥିଲା। ୩୨ ରନ୍ କରିବା ସହ ଗୋଟିଏ ଉଇକେଟ ନେଇଥିବା ଭାଓଲେଟ ଦଳର ସୁଶ୍ରୀ ଦିବ୍ୟଦର୍ଶିନୀଙ୍କୁ ବିଧାୟକ ପ୍ରଶାନ୍ତ ବେହେରା ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ଓଡ଼ିଶା ୟେଲୋ ଡକ୍‌ୱର୍ଥ ଲୁଇସ୍ ପଦ୍ଧତିରେ ୪୨ ରନ୍‌ରେ ଓଡ଼ିଶା ଗ୍ରୀନ୍‌କୁ ପରାସ୍ତ କରିଥିଲା।



*Basis Global NCAP safety rating for adult occupant protection. Hatchback refers to cars with 2 box body shape, length less than 4m & petrol engine less than 1.2L. **Terms & Conditions Apply. All features shown are not available in all variants and vary for different variants.#Ex-showroom price (Delhi).
BHUBANESWAR: Dion Automotives: 7506018735, Trupti Enterprises: 7506018747. Gugnani Autocars: 9619127347. CUTTACK: Gugnani Autocars: 7506018750. Dion Automotives: 7506018735. NAYAGARH: Trupti Enterprises: 9152102480. PATRAPARA: Trupti Enterprises: 7506018747. PATIA: Trupti Enterprises: 7506018747. PURI: Dion Automotives: 9152102460. KEONJHAR: Gugnani Autocars: 9152102472. PARADIP: Trupti Enterprises: 9152102516.BERHAMPUR: Dion Automotives: 9152102460. JAJPUR: Gugnani Autocars: 9152102472. CHANDIKHOL: Gugnani Autocars: 9152102472. KENDRAPARA: Trupti Enterprises: 9152102516. KHORDA: Trupti Enterprises: 9152102516.

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

**ପ୍ରଗତି ପାଠାଗାରର ଶୁଭାରମ୍ଭ**

**ଖୋର୍ଦ୍ଧା ଅଫିସ:** ଖୋର୍ଦ୍ଧା ଶିଆଳିଆ ଗ୍ରାମସ୍ଥିତ ନାଟ୍ୟଗ୍ରାମ ପରିସରରେ ପ୍ରଗତି ପାଠାଗାରର ଶୁଭାରମ୍ଭ ହୋଇଯାଇଛି। ପୁସ୍ତକପ୍ରେମୀ ବିନୋଦ ବିହାରୀ ସାହୁ ପ୍ରାରମ୍ଭିକ ଉଦ୍ୟମରେ ୧୫ଶହ ଗ୍ରନ୍ଥ ଓ ପତ୍ରିକା ସଂଗ୍ରହ କରି ଏହି ପାଠାଗାର ସ୍ଥାପନ କରିଛନ୍ତି। ନାଟ୍ୟ ନିର୍ଦ୍ଦେଶକ ସୁବୋଧ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅତିଥି ଭାବେ ଗବେଷକ ଗୋପାଳକୃଷ୍ଣ ଦାସ, ମଦମୁକ୍ତ ଓଡ଼ିଶାର ପୁରୋଧା ଅର୍ଜୁନ ସାମନ୍ତରାୟ ଓ ରବୀନ୍ଦ୍ର ପଟ୍ଟନାୟକ ଯୋଗଦେଇଥିଲେ। ସଭାରେ ପୁସ୍ତକ ସଂଗ୍ରାହକ ଦୁର୍ଯ୍ୟୋଧନ ପ୍ରଧାନ, ରାମ ଶଙ୍କର, କୁରାଡ଼ମଲ୍ଲ ସରପଞ୍ଚ ରାମପ୍ରସାଦ ମହାନ୍ତି, ନାଏବ ସରପଞ୍ଚ ସବିତା ବେହେରା, ନନ୍ଦପୁର ସରପଞ୍ଚ ବିପ୍ଳବୀ କେଶରୀ ବଳିୟାରସିଂହ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ନଦୀରେ ବୁଡ଼ି ନବମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ

**ଟାଙ୍ଗୀ(ଖୋର୍ଦ୍ଧା),୩।୮(ଡି.ଏନ୍.ଏ.):** ଟାଙ୍ଗୀ ଥାନା ଅନ୍ତର୍ଗତ ଓରଡ଼ ଗ୍ରାମରେ ବୁଧବାର ସନ୍ଧ୍ୟାରେ ନିକଟସ୍ଥ ଏକ ନଦୀକୁ ଯାଇଥିବାବେଳେ ଗୋଡ଼ ଖସି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ କୁହୁଡି ଛକଡିପୁରର ପ୍ରଦୀପ ଶାସମଲଙ୍କ ପୁଅ ଆଶିଷ (୧୪)। ସେ ଚଣ୍ଡେଶ୍ୱର ନିକଟସ୍ଥ ପାରିଓରଡ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀରେ ପଢୁଥିଲେ। ସୂଚନା ଅନୁଯାୟୀ, ଓରଡ ଗ୍ରାମରେ ଥିବା ଏକ କୋଚିଂ ସେଣ୍ଟରକୁ ଆଶିଷ ଟିଉଶନ କରିବାକୁ ଯାଇଥିଲେ। ହେଲେ ପରେ ସେ ନିକଟସ୍ଥ ସାତଶଙ୍ଖ ନଦୀ ହୁଳହୁଳା ଗଣ୍ଡକୁ ଯାଇଥିଲେ। ସେଠାରେ ଗୋଡ଼ ଖସିଯିବାରୁ ପାଣିରେ ବୁଡ଼ିଯାଇଥିଲେ। ଟିଉଶନକୁ ନ ଫେରିବାରୁ ଛାତ୍ରୀଛାତ୍ର ଓ ସ୍ଥାନୀୟ ଲୋକେ ଖୋଜାଖୋଜି କରିବା ସହ ଆଶିଷଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ପରେ ରଘୁନାଥପୁର ନିକଟ ନଦୀରେ ଆଶିଷଙ୍କୁ ପାଇଥିଲେ। ଚିକିତ୍ସା ପାଇଁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରିବା ପାଇଁ ପଠାଇଛି।

### ଶ୍ରମିକ କଂଗ୍ରେସର କାର୍ଯ୍ୟକାରିଣୀ ବୈଠକ

**ଜଟଣୀ,୩।୮(ଡି.ଏନ୍.ଏ.):** ପୂର୍ବତଟ ରେଳପଥ ଅନ୍ତର୍ଗତ ଖୋର୍ଦ୍ଧାରୋଡ୍ ମଣ୍ଡଳଠାରେ ପୂର୍ବତଟ ରେଳପଥ ଶ୍ରମିକ କଂଗ୍ରେସର ୪୭ତମ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ସମ୍ପଦ କୁମାରଙ୍କ ସଭାପତିତ୍ୱରେ ଏକ ବିଶାଳ ସଭା ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧାରୋଡ୍, ସମ୍ବଲପୁର ଓ ବିଶାଖାପାଟଣା ମଣ୍ଡଳ ଶ୍ରମିକ କଂଗ୍ରେସର ବିଭିନ୍ନ ଶାଖାର ସଭାପତି, ସମ୍ପାଦକ, କେନ୍ଦ୍ରୀୟ ଅଧିକାରୀ ଓ କାର୍ଯ୍ୟକାରୀ ସଭ୍ୟାସଭ୍ୟ ଯୋଗଦେଇଥିଲେ। ଶ୍ରମିକ କଂଗ୍ରେସ ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଖୋର୍ଦ୍ଧାରୋଡ ମଣ୍ଡଳର ବହୁ ପଦାଧିକାରୀ ଉପସ୍ଥିତ ରହି ଶ୍ରମିକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ ବୈଠକରେ ସମ୍ବଲପୁର ମଣ୍ଡଳ ସଂଯୋଜକ ଭୂପେସ ମୁଣ୍ଡ, ବିଶାଖାପାଟଣା ମଣ୍ଡଳ ସଂଯୋଜକ ଟି.ମଉଳି, ସି.ଏଚ୍. ଗାନ୍ଧୀ ପ୍ରମୁଖ ଅତିଥି ଭାବେ ସାମିଲ ଥିଲେ। ଶାଖା ସମ୍ପାଦକ ଏଲ୍. ଡି. ମହାନ୍ତି, ନାରୀନେତ୍ରୀ ତଥା କେନ୍ଦ୍ରୀୟ କାର୍ଯ୍ୟକାରିଣୀ ସଭ୍ୟା ବିଜୟଲକ୍ଷ୍ମୀ ଦାସ, ଅର୍ପିତା ମହାନ୍ତି, ଦ୍ରୌପଦୀ ମହାରଣା, ରୁନି ବେହେରା, ସ୍ନେହଲତା ବସ୍ତିଆ ପ୍ରମୁଖ ସଭା ପରିଚାଳନା କରିଥିଲେ।

### ଜନତା ୟୁନିୟନ ଅଫ୍ ଇଣ୍ଡିଆ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା

**ନିରାକାରପୁର,୩।୮(ଡି.ଏନ୍.ଏ.):** ରାଷ୍ଟ୍ରପତି ପଦବୀ ପାଇଁ ଓଡ଼ିଶାର ଅଧୁଷିତ ଅଞ୍ଚଳର ଦ୍ରୌପଦୀ ମୁର୍ମୁଙ୍କୁ ଚୟନ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କୃତଜ୍ଞତା ଜଣାଇଛନ୍ତି ଜନତା ୟୁନିୟନ ଅଫ୍ ଇଣ୍ଡିଆ ଜଟଣୀ ଶାଖାର ସଦସ୍ୟମାନେ। ସଂଗଠନର ସଭାପତି ସୁବଳ ମହାରଣାଙ୍କ ମାର୍ଗଦର୍ଶନରେ ସଂଗଠନ ସଦସ୍ୟଙ୍କ ଦସ୍ତଖତସମ୍ବଳିତ ଏକ ପତ୍ର ପ୍ରଧାନମନ୍ତ୍ରୀଙ୍କୁ ପଠାଇ କୃତଜ୍ଞତା ଜଣାଇଛନ୍ତି।

# ତଦନ୍ତରେ ଧରାପଡ଼ିଲା ଅନିୟମିତତା

**ଖୋର୍ଦ୍ଧା ଅଫିସ,୩।୮**

**ଏମ୍‌ଡିଏମ୍ ଅର୍ଥ ହେରଫେର ପ୍ରସଙ୍ଗ**
- ୬ ଘଣ୍ଟା ଯାଞ୍ଚକଲା ୫ଜଣିଆ ଟିମ୍
- ରେକର୍ଡପତ୍ର, କ୍ୟାଶ୍ ବୁକ୍, ଷ୍ଟକ୍ ରେଜିଷ୍ଟର, ରସିଦ ବହି ଜବତ
- ୫ରେ ମୁଖ୍ୟାଳୟରେ ଦାଖଲହେବ ତଦନ୍ତ ରିପୋର୍ଟ

ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ ଦାମିଆବରବରା ପଞ୍ଚାୟତର ତାଲବରେଇ ସରକାରୀ ଆଶ୍ରମ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ (ଏମ୍‌ଡିଏମ୍) ଯୋଜନାରେ ଅର୍ଥ ହେରଫେର ହୋଇଥିବା ନେଇ ଗତ ୧ତାରିଖରେ 'ଧରିତ୍ରୀ'ରେ ଖବର ପ୍ରକାଶ ପାଇଥିଲା। ଏହା ପରେ ୨ତାରିଖରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ରାଜ୍ୟ ପ୍ରକଳ୍ପ ପରିଚାଳନା ୟୁନିଟ୍ (ଏସ୍‌ପିଏମ୍‌ୟୁ) ପିଏମ୍ ପୋଷଣ ଅଭିଯାନର ରାଜ୍ୟ ନୋଡାଲ ଅଫିସର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ବୁଧବାର ୫ଜଣିଆ ଟିମ୍ ସମ୍ପୃକ୍ତ ବିଦ୍ୟାଳୟକୁ ଯାଇ ତଦନ୍ତ କରିଛନ୍ତି। ଏହି ଟିମ୍‌ରେ ଏସ୍‌ପିଏମ୍‌ୟୁର ସିନିୟର ଆସିଷ୍ଟାଣ୍ଟ କାଳୁଚରଣ ବାରିକ, ଆକାଉଣ୍ଟାଣ୍ଟ ପ୍ରମୋଦ କୁମାର ଷଣ୍ଢ, ବାଣପୁର ବିଇଓ ସନାତନ ଜାଲି, ଏବିଇଓ ମନୋଜ କୁମାର ହରିଚନ୍ଦନ ଏବଂ ଜିଲା ସାମାଜିକ କଲ୍ୟାଣ ଅଧିକାରୀ (ଡିଡବ୍ଲ୍ୟୁଓ)ଙ୍କ ପ୍ରତିନିଧି ସାମିଲ ଥିଲେ। ଉକ୍ତ ଟିମ୍‌ର ସଦସ୍ୟମାନେ ପୂର୍ବାହ୍ନ ସାଢେ ୧୧ଟାରୁ ସନ୍ଧ୍ୟା ସାଢେ ୬ଟା ପର୍ଯ୍ୟନ୍ତ ଦୀର୍ଘ ୬ ଘଣ୍ଟା ଧରି ସମସ୍ତ ରେକର୍ଡପତ୍ର ଯାଞ୍ଚ କରିଥିଲେ। କ୍ୟାଶ୍‌ବୁକ୍, ରେଜିଷ୍ଟର, ଷ୍ଟକ ରେଜିଷ୍ଟର, ଆଟେଣ୍ଡାଣ୍ଟ ରେଜିଷ୍ଟର ଏବଂ ସମସ୍ତ ରସିଦ କପିକୁ ଜବତ କରାଯାଇଛି। ସମସ୍ତ ରସିଦ୍ ନକଲି ଏବଂ ଏଥିରେ ଦର୍ଶାଯାଇଥିବା ଦର ତାଲିକାରେ ଭିନ୍ନ ଭିନ୍ନ ତଥ୍ୟ ରହିଥିବା ଟିମ୍ ସଦସ୍ୟ ଜାଣିବାକୁ ପାଇଛନ୍ତି। ରାଶନ, ପରିବା ଏବଂ ଅଣ୍ଡା କିଣାରେ ଅନିୟମିତତା ହୋଇଥିବା ଏସ୍‌ପିଏମ୍‌ୟୁର ଜଣେ ସଦସ୍ୟ ସ୍ୱୀକାର କରିଥିବାବେଳେ ତଦନ୍ତ ଜାରି ରହିଥିବାରୁ ଗଣମାଧ୍ୟମ ଆଗରେ କିଛି କହିବାକୁ ମନା କରିଦେଇଛନ୍ତି। ଆସନ୍ତା ୫ ତାରିଖରେ ମୁଖ୍ୟାଳୟରେ ତଦନ୍ତ ରିପୋର୍ଟ ଦାଖଲ କରାଯିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ରାଶନ, ପରିବା ଏବଂ ଅଣ୍ଡା କିଣାରେ ଜାଲିଆତି ନେଇ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ବିରୋଧରେ ଅଭିଯୋଗ ଆସିଥିଲା। ଗୋଟିଏ ଦୋକାନରୁ କିଣାଯାଇଥିବା ସାମଗ୍ରୀ ଭିନ୍ନ ଦର ରହିଥିବାବେଳେ ଦୋକାନ ନାଁରେ ମିଥ୍ୟା ରସିଦ ଛପାଯାଇଥିଲା। ବିଲ୍‌ରେ କୌଣସି ତାଳମେଳ ନ ଥିଲା। କରୋନା ମହାମାରୀ ଯୋଗୁ ୨୦୨୦ ମାର୍ଚ୍ଚ ୨୦ରୁ ରାଜ୍ୟ ସରକାର ସମସ୍ତ ସ୍କୁଲ, କଲେଜ ବନ୍ଦ କରିଦେଇଥିଲେ। ଏହି ସମୟରେ ଖାଦ୍ୟ ସାମଗ୍ରୀ କିଏ ଖାଇଲା ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଏହି ଅନିୟମିତତାର ଗୁମର ଖୋଲିଥିଲା ଆର୍‌ଟିଆଇ ତଥ୍ୟ। ସାମଗ୍ରୀ କିଣାଯାଇ ବିଲ୍ ପଇଠ କରାଯାଇଥିବା ଦୋକାନ ବାଣପୁରରେ ନ ଥିଲା। ୨୦୧୮, ୨୦୧୯ ଏବଂ ୨୦୨୦ରେ ଏଭଳି ଅନିୟମିତତା କରାଯାଇଥିବା ସୂଚନା ଅଧିକାର ଆଇନ (ଆର୍‌ଟିଆଇ) ବଳରେ ଜଣାପଡ଼ିଥିଲା।

**ବଡ଼ବଡ଼ିଆଙ୍କ ହାତ ରହିଛି: ଗ୍ରାମବାସୀ**

ଆଶ୍ରମ ବିଦ୍ୟାଳୟରେ ଶୈକ୍ଷିକ ବାତାବରଣ ଲାଗି ସରକାର ପ୍ରଚୁର ଅର୍ଥ ଖର୍ଚ୍ଚ କରୁଛନ୍ତି। ତେବେ କେତେଜଣ ଅସାଧୁ କର୍ମଚାରୀଙ୍କ ଯୋଗୁ ଶୈକ୍ଷିକ ବାତାବରଣ ନଷ୍ଟ ହେବା ସହ ଅର୍ଥ ବାଟମାରଣା ସାଙ୍ଗକୁ ବିଭିନ୍ନ ପ୍ରକାର ଅନିୟମିତା ହେଉଛି। ଅନେକ ସମୟରେ ଏଭଳି ଘଟଣା ତଥା ଅଭିଯୋଗ ସାମ୍ନାକୁ ଆସୁଛି। ଏଥିରେ ବଡ଼ବଡ଼ିଆଙ୍କ ସମ୍ପୃକ୍ତି ରହୁଛି, ନଚେତ ତଳିଆ କର୍ମଚାରୀ ଏତେ ବଡ଼ ସାହସ କରିପାରିବେ ନାହିଁ। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ବହୁ ଗୁମର ଖୋଲିବ ବୋଲି ଗ୍ରାମବାସୀ ଗଣମାଧ୍ୟମ ଆଗରେ କହିଛନ୍ତି।

୨୦୧୫ରେ ଜିଏସ୍‌ଟି ଲାଗୁ ହେଲା। ତେବେ ୩ବର୍ଷରେ ଦିଆଯାଇଥିବା ବିଲ୍‌ରେ ଭାଟ୍ ଲାଗୁ ହୋଇଥିବା ଦେଖିବାକୁ ମିଳିଥିଲା।

# ସୌରଚାଳିତ ପାନୀୟଜଳ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ

**ନିରାକାରପୁର,୩।୮(ଡି.ଏନ୍.ଏ.)**



ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଡିଆ ପଞ୍ଚାୟତରେ ଥିବା ଦଳିତ ସାହିରେ ଦୀର୍ଘ ୨୫ ଦିନ ହେବ ଖରାପ ହୋଇରହିଥିବା ସୌରଚାଳିତ ପାନୀୟଜଳ ପ୍ରକଳ୍ପଟି ଶେଷରେ ବୁଧବାର କାର୍ଯ୍ୟ ଆରମ୍ଭ କରିଛି। ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ପରେ ସ୍ଥାନୀୟ ଲୋକେ ପିଇବା ପାଣି ସୁବିଧାରେ ପାଇପାରିଛନ୍ତି। ସୂଚନା ଅନୁଯାୟୀ, ଦଳିତ ସାହିରେ ଏହି ଗୋଟିଏ ମାତ୍ର ସୌରଚାଳିତ ପାନୀୟ ଜଳଯୋଗାଣ ପ୍ରକଳ୍ପ ଲୋକଙ୍କ ପାଇଁ ହୋଇଥିଲା। ଏହି ପାଣିଟାଙ୍କି ଉପରେ ସାହିବାସିନ୍ଦା ନିର୍ଭର କରିଆସୁଥିଲେ। ତେବେ ଗତ ୨୫ ଦିନ ହେବ କୌଣସି କାରଣରୁ ଏହି ପ୍ରକଳ୍ପଟି ଅଚଳ ହୋଇପଡ଼ିଥିଲା। ଫଳରେ ଉକ୍ତ ସାହିରେ ବାସ କରୁଥିବା ପ୍ରାୟ ୩୨ ପରିବାରର ୨୦୦ରୁ ଉର୍ଦ୍ଧ୍ୱ ଲୋକ ପିଇବା ପାଣି ପାଇଁ ନାନା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏ ନେଇ ଲୋକପ୍ରତିନିଧିଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କେହି କର୍ଣ୍ଣପାତ କରୁ ନ ଥିଲେ। ଶେଷରେ ଏହି ସମସ୍ୟା ବିଷୟରେ ଗତ ମାସ ୨୫ ତାରିଖରେ ବିଭାଗୀୟ ଏସ୍‌ଡିଓ ଶରତ କୁମାର ସାହୁ ଓ ଟାଙ୍ଗୀ ବିଡିଓ ଐଶ୍ୱର୍ଯ୍ୟା ସାମନ୍ତରାୟଙ୍କୁ ଅବଗତ କରାଯାଇଥିଲା। ଏଥିସହ ୨୬ ତାରିଖରେ ଏହି ସମସ୍ୟା ସମ୍ପର୍କିତ ଖବର ଧରିତ୍ରୀରେ ପ୍ରକାଶ ପାଇଥିଲା। ଏହାପରେ ବିଭାଗୀୟ କର୍ତ୍ତୃପକ୍ଷ ତତ୍ପରତା ଦେଖାଇ ବିଭିନ୍ନ ଅଧିକାରୀଙ୍କୁ ଉକ୍ତ ସାହିକୁ ପଠାଇ ପ୍ରକଳ୍ପର ଅସୁବିଧା ସମ୍ପର୍କରେ ସ୍ଥାନୀୟ ଲୋକଙ୍କଠାରୁ ବୁଝିଥିଲେ। ବୁଧବାର ବିଭାଗର କର୍ମଚାରୀମାନେ ଆସି ଅଚଳ ଥିବା ଏହି ପାନୀୟ ଜଳ ପ୍ରକଳ୍ପର ମରାମତି କରିଛନ୍ତି। ଏହାପରେ ଲୋକମାନେ ପାଣି ପାଇଥିଲେ। ଅଞ୍ଚଳବାସୀ ଧରିତ୍ରୀ ଏବଂ ଅଧିକାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଲୁଟ୍ ଯୋଜନା ରଚିଥିଲେ ମୁଖ୍ୟ ଅଭିଯୁକ୍ତ ଚାକରାଣୀ



ବେଗୁନିଆ ଥାନା ଅଞ୍ଚଳର ଲୁଟ୍ ଘଟଣାରେ ଗିରଫ ଅଭିଯୁକ୍ତ ଓ ଜବତ ସାମଗ୍ରୀ।

**ଖୋର୍ଦ୍ଧା ଅଫିସ/ବେଗୁନିଆ, ୩।୮(ଡି.ଏନ୍.ଏ.)**

**ଘରେ ପଶି ବୃଦ୍ଧାଙ୍କୁ ବାନ୍ଧି ଅଳଙ୍କାର ଲୁଟ୍ ଘଟଣା**
- ୨୧ ଦିନ ପରେ ୨ ମହିଳାଙ୍କ ସମେତ ୭ ଗିରଫ
- ୬ ମାସ ପୂର୍ବରୁ କାର୍ଯ୍ୟରୁ ଚାକରାଣୀଙ୍କୁ ବାହାର କରିଥିଲେ

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅଞ୍ଚଳରେ ଜୁଲାଇ ୧୨ରେ କେତେଜଣ ଦୁର୍ବୃତ୍ତ ସ୍ପଷ୍ଟ ଦିବାଲୋକରେ ଜଣଙ୍କ ଘରେ ପଶି ୬୫ ବର୍ଷୀୟା ମହିଳାଙ୍କୁ ବାନ୍ଧି ଲକ୍ଷାଧିକ ଟଙ୍କାର ଅଳଙ୍କାର ସହ ଲାପ୍‌ଟପ୍ ଲୁଟି ନେଇଯାଇଥିଲେ। ଏହି ମାମଲାର ୨୧ଦିନ ପରେ ବେଗୁନିଆ ପୋଲିସକୁ ସଫଳତା ମିଳିଛି। ତେବେ ଏହି ଲୁଟ୍ ଘଟଣା ରଚିଥିବା ମାଷ୍ଟରମାଇଣ୍ଡ ତଥା ମୁଖ୍ୟ ଅଭିଯୁକ୍ତ ଉକ୍ତ ଘରେ କାମ କରୁଥିବା ଚାକରାଣୀ ବୋଲି ପୋଲିସ ଜାଣିବାକୁ ପାଇଛି। ଘଟଣାରେ ସମ୍ପୃକ୍ତ ୨ ମହିଳାଙ୍କ ସମେତ ୭ ଜଣଙ୍କୁ ପୋଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବୈଦେଶ୍ୱର ଥାନା ଅନ୍ଧାରୁଆ ଗ୍ରାମର ସବିତା ସେଠୀ(୪୧), ଭୁବନେଶ୍ୱରସ୍ଥିତ ଚନ୍ଦ୍ରଶେଖରପୁର ଲୁମ୍ବିନୀ ବିହାର ବସ୍ତିର ତପନ ସେଠୀ(୩୨), ଭରତପୁର ଆମ୍ବେଦ୍‌କର ନଗରର ମନୋଜ ନାୟକ (୪୧), ଜଗା ସେଠୀ(୧୯) ଓ ତାଙ୍କ ଭଉଣୀ ଲିପ୍ସା ସେଠୀ, ଚନ୍ଦ୍ରଶେଖରପୁର ଈଶାଣେଶ୍ୱର ବସ୍ତିର ବସନ୍ତ ପଟ୍ଟନାୟକ (୩୨) ଏବଂ ସୁନା ରଖିଥିବା କେ. ସୂର୍ଯ୍ୟନାରାୟଣ ଆଚାରୀ। ଅଭିଯୁକ୍ତମାନଙ୍କଠାରୁ ଲୁଟ୍‌ର ସମସ୍ତ ଅଳଙ୍କାର, ଲାପ୍‌ଟପ୍ ଓ ଗୋଟିଏ ବାଇକ୍ ଜବତ କରାଯାଇଥିବା ଖୋର୍ଦ୍ଧା ଏସ୍‌ପି ସିଦ୍ଧାର୍ଥ କଟାରିଆ ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ପୋଲିସ ସୂଚନା ମୁତାବକ, ବେଗୁନିଆ ସଦର ମହକୁମାର ନିଶାମଣି ଘରେ ଏକାଥିବାର ସୁଯୋଗ ଦେଖି ଜୁଲାଇ ୧୨ ଅପରାହ୍ନ ୧ଟା ବେଳେ ୩ଜଣ ଦୁର୍ବୃତ୍ତ ପଶିଥିଲେ। ସେମାନେ ପ୍ରଥମେ ନିଶାମଣିଙ୍କୁ ଏକ ରଶିରେ ବାନ୍ଧି ପରେ ଆଲମୀରାରେ ଥିବା କାନଫୁଲ ୮ଟା, ମୁଦି ୭ଟା, ସୁନାଚେନ୍ ୨ଟା, ଖଡୁ ୩ଟା, ରୁପା ପାଉଁଜି ୨ହଳ ସହିତ ଏକ ଲାପ୍‌ଟପ ଲୁଟି ନେଇଥିଲେ। ପରେ ନିଶାମଣିଙ୍କ ଝିଅ ଆସିବାରୁ ଘଟଣା ବିଷୟରେ ଜାଣି ମାଆଙ୍କ ସହ ଥାନାକୁ ଯାଇ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା( ନଂ.୧୭୧।୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ନିଶାମଣିଙ୍କ ଘରେ ସବିତା ଚାକରାଣୀ ଭାବେ କାର୍ଯ୍ୟ କରୁଥିବା ଓ ପାଟିତୁଣ୍ଡ ହୋଇଥିବା ପୋଲିସ ଜାଣିବାକୁ ପାଇଥିଲା। କିନ୍ତୁ କୌଣସି କାରଣରୁ ନିଶାମଣି ୬ ମାସ ପୂର୍ବରୁ ସବିତାଙ୍କୁ କାର୍ଯ୍ୟରୁ ବାହାର କରିଦେଇଥିଲେ। ଫଳରେ ପୋଲିସ ଅନ୍ଧାରୁଆ ଗ୍ରାମକୁ ଯାଇ ସବିତାଙ୍କୁ ଉଠାଇ ଆଣି ପଚରାଉଚରା କରିବା ପରେ ଅଳଙ୍କାର ଲୋଭରେ ଲୁଟ୍ କରିଥିବା ସ୍ୱୀକାର କରିଥିଲେ। ଯୋଜନା ମୁତାବକ ତପନ, ମନୋଜ ଏବଂ ବସନ୍ତ ଘରେ ପଶି ଲୁଟିଥିଲେ। ଜଗା ସେମାନଙ୍କୁ ସାହାଯ୍ୟ କରିଥିଲେ। ପରେ ଲୁଟ୍ ଅଳଙ୍କାରକୁ ଆଶୋକ ନଗରସ୍ଥିତ ଜୁଏଲାରି ମାଲିକ କେ.ସୂର୍ଯ୍ୟନାରାୟଣଙ୍କୁ ବିକ୍ରି କରିଥିଲେ। ସେହିପରି ଜଗାଙ୍କ ଭଉଣୀ ଲିପ୍ସା କିଛି ଅଳଙ୍କାରକୁ ଏକ ଘରୋଇ ଫାଇନାନ୍ସ କମ୍ପାନୀରେ ବନ୍ଧକ ରଖିଥିଲେ। ଖୋର୍ଦ୍ଧା ଏସ୍‌ପିଙ୍କ ନିର୍ଦ୍ଦେଶ ମୁତାବକ ଏସ୍‌ଡିପିଓ ସୁଶୀଲ ମିଶ୍ର, ବେଗୁନିଆ ଥାନାଧିକାରୀ ଲକ୍ଷ୍ମୀପ୍ରସାଦ ଶତପଥୀ, ଅତିରିକ୍ତ ଥାନାଧିକାରୀ ଶମ୍ଭୁନାଥ ନାୟକ, ଏସ୍‌ଆଇ ଗାୟତ୍ରୀ ଗୋଚ୍ଛାୟତ, ଏସ୍‌ଆଇ ଗଜେନ୍ଦ୍ର ଜେନା, ଭୁବନ ବେହେରା, କନ୍‌ଷ୍ଟେବଳ ପ୍ରଦୀପ ବେହେରା ଓ ଶ୍ରୀନିବାସ ନାୟକ ଏକ ଟିମ୍ ଗଠନ କରି ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲେ।

## ଶ୍ରୀଚନ୍ଦନପୁର ସମବାୟ ସମିତି ସଭାପତି ହେଲେ ପ୍ରକାଶ
## ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

**ବୋଲଗଡ଼,୩।୮(ଡି.ଏନ୍.ଏ.)**

ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନ ବୋଲଗଡ଼ ବ୍ଲକ ଶ୍ରୀଚନ୍ଦନପୁର ପାଟଣା ସେବା ସମବାୟ ସମିତିର ପରିଚାଳନା ପରିଷଦର ସଭାପତି ପଦବୀ ପାଇଁ ବୁଧବାର ମନୋନୟନ ପତ୍ର ଦାଖଲ ତାରିଖ ଥିଲା। ତେବେ ନିର୍ଦ୍ଧାରିତ ସମୟ ମଧ୍ୟରେ ଏକମାତ୍ର ପ୍ରାର୍ଥୀ ଭାବେ ପ୍ରକାଶଚନ୍ଦ୍ର ରାଉତରାୟ ନାମାଙ୍କନ କରିଥିଲେ। ଫଳରେ ନିର୍ବାଚନ ଦାୟିତ୍ୱରେ ଥିବା ଅଧିକାରୀ ସୌମ୍ୟରଞ୍ଜନ ତାଙ୍କୁ ନିର୍ଦ୍ୱନ୍ଦ୍ୱରେ ସଭାପତି ନିର୍ବାଚିତ ହୋଇଥିବା ଘୋଷଣା କରିଛନ୍ତି। ଫଳାଫଳ ଘୋଷଣା ପରେ ଉପସ୍ଥିତ ପରିଚାଳନା ପରିଷଦର ସଦସ୍ୟା/ସଦସ୍ୟମାନେ ଖୁସି ଜାହିର କରିଛନ୍ତି। ସମିତି କାର୍ଯ୍ୟାଳୟର ସୂଚନା ଅନୁସାରେ ଏହି ସମିତି ପାଇଁ ଥିବା ୧୫ଟି ସଭ୍ୟାସଭ୍ୟ ପଦବୀ ମଧ୍ୟରୁ ୭ ଜଣ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ବେଳେ ୭ଟି ପଦବୀ ପାଇଁ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ତେବେ ଗୋଟିଏ ସଭ୍ୟ ପଦବୀ ପାଇଁ କେହି ପ୍ରାର୍ଥୀ ନ ଥିବାରୁ ନିର୍ବାଚନ ହୋଇ ନ ପାରି ତାହା ଖାଲି ରହିଛି। ଉଲ୍ଲେଖଥାଉ କି, ବୋଲଗଡ଼ ବ୍ଲକ ଅଞ୍ଚଳରେ ଥିବା ମୋଟ ୨୨ଟି ସେବା ସମବାୟ ସମିତି ମଧ୍ୟରୁ ୨୧ ସମିତିର ପରିଚାଳନା ପରିଷଦ ପାଇଁ ସମବାୟ ନିର୍ବାଚନ ନିର୍ଦ୍ଧାରିତ ସୂଚୀ ଅନୁସାରେ ନିର୍ବାଚନ ହୋଇଥିବା ବେଳେ ଭୋଟର ତାଲିକାରେ ତ୍ରୁଟି ଅଭିଯୋଗରେ ଶ୍ରୀଚନ୍ଦନପୁର ପାଟଣା ସେବା ସମବାୟ ସମିତିର ନିର୍ବାଚନ ସ୍ଥଗିତ ରହିଥିଲା। ପରେ ସମବାୟ ବିଭାଗ ପକ୍ଷରୁ ପୁନଃ ସୂଚୀ ଅନୁସାରେ ଏହି ନିର୍ବାଚନ ବିଳମ୍ବିତ ହୋଇଥିଲା। ତେବେ ବୁଧବାର ସଭାପତି ଘୋଷଣା ପରେ ବ୍ଲକ ଅଞ୍ଚଳର ସମୁଦାୟ ୨୨ଟି ସମବାୟ ସମିତି ସଭାପତିଙ୍କ ମଧ୍ୟରୁ ୧୫ଜଣ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ବେଳେ ୭ଟି ସମିତି ସଭାପତି ପଦବୀ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା।

## ଜୀବନରେ ଗଛଟିଏ ଲଗାଇ ଯତ୍ନନେବା ଜରୁରୀ

**ଜଟଣୀ,୩।୮(ଡି.ଏନ୍.ଏ.)**

ଜଟଣୀ ପୌରାଞ୍ଚଳ ବାଛରାସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟଳୟ ଏବଂ ଜଗନ୍ନାଥପୁରସ୍ଥିତ ପ୍ରାଥୀମିକ ବିଦ୍ୟଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯଇଥିଲା। ସାମାଜିକ ଅନୁଷ୍ଠାନ ସମ୍ପର୍କ ପକ୍ଷରୁ ଉକ୍ତ କାର୍ଯ୍ୟକ୍ରମରେ ଜଟଣୀ ପୌରାଧ୍ୟକ୍ଷ ଅନନ୍ତ ବେହେରା ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜଟଣୀ ବ୍ଲକ ଶିକ୍ଷାଧିକାରୀ ରଶ୍ମିବାଳା ପରିଡା ଉପସ୍ଥିତ ରହି ବିଭିନ୍ନ କିସମର ଚାରା ରୋପଣ କରିଥିଲେ। ଅତିଥିଗଣଙ୍କୁ ସଂଗଠନର ସମ୍ପାଦକ ଲଳିତ ସ୍ୱାଇଁ ଏବଂ ଛାତ୍ରୀଛାତ୍ର ସ୍ୱାଗତ କରିଥିଲେ। ଜୀବନକୁ ଭଲ ପାଇଲା ଭଳି ବୃକ୍ଷକୁ ସମସ୍ତେ ଭଲ ପାଇ ତା'ର ସେବା ଯତ୍ନ କଲେ ଉତ୍ତରପୁରୁଷଙ୍କ ଜୀବନ ସୁସ୍ଥ ଓ ନୀରୋଗ ରହିବ ବୋଲି ଅତିଥିମାନେ କହିଥିଲେ। ସମସ୍ତେ ଜୀବନ କାଳ ମଧ୍ୟରେ ଅନ୍ତତଃ ଗୋଟିଏ ଗଛ ଲଗାଇ ତାକୁ ବଞ୍ଚିବାକୁ ଚେଷ୍ଟା କରିବା ଆବଶ୍ୟକ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଏବଂ ଛାତ୍ରୀଛାତ୍ର ସହଯୋଗ କରିଥିଲେ।

## ଜଳର ଗୁଣାତ୍ମକ ପରୀକ୍ଷଣ, ପରିମଳ ସର୍ଭେ



**ଖୋର୍ଦ୍ଧା ଅଫିସ,୩।୮**

ଖୋର୍ଦ୍ଧା ବ୍ଲକ ଟାଙ୍ଗିଆପଡ଼ା ପଞ୍ଚାୟତରେ ମହିଳା ମହାସଂଘ ସହଯୋଗରେ ପ୍ରଥମଥର ଗୋଷ୍ଠୀ ସ୍ତରୀୟ ଜଳର ଗୁଣାତ୍ମକ ପରୀକ୍ଷଣ ଓ ପରିମଳ ସର୍ଭେ ଆରମ୍ଭ ହୋଇଛି। ବ୍ଲକ ସ୍ତରରେ ଏକ ପ୍ରଶିକ୍ଷଣ ପରେ ଏମ୍‌ବିକେ ସଚଳା ପ୍ରଧାନଙ୍କ ନେତୃତ୍ୱରେ ଉଇଲକିଶନ ନଗର ସିଆର୍‌ପି ସନ୍ତୋଷିନୀ ସାହୁ, ସଂଘ ସଭାପତି ମମତା ବଡ଼ଜେନା, ସମ୍ପାଦକ ଅନସୂୟା ବେହେରା ପ୍ରମୁଖ ଉଇଲକିଶନ ନଗର ଅଙ୍ଗନୱାଡ଼ି କେନ୍ଦ୍ର-୨ ରେ ଥିବା ନଳକୂପର ଜଳକୁ ଟେଷ୍ଟ କିଟ୍ ଦ୍ୱାରା ପରୀକ୍ଷଣ କରିଥିଲେ। ଆମେ ପ୍ରତିଦିନ ପିଉଥିବା ନଳକୂପ ଓ କୂପଜଳ ଆଖିକୁ ପରିଷ୍କାର ଦେଖାଯାଉଥିଲେ ମଧ୍ୟ ସେଥିରେ ବିଭିନ୍ନ ଅଣୁଜୀବ ବ୍ୟାକ୍ଟେରିଆ, ଭାଇରସ, କୃମି ଦ୍ୱାରା ପ୍ରଦୂଷିତ ହୋଇଥାଏ। ତେଣୁ ଏହି ଜଳ ପ୍ରଦୂଷିତ ହୋଇଛି କି ନାହିଁ ଜାଣିବା ପାଇଁ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା ଦିଆଯାଇଥିବା ଫିଲ୍ଡ ଟେଷ୍ଟ କିଟ୍ ଦ୍ୱାରା ୧୨ଟି ପରୀକ୍ଷା କରାଯାଉଛି। ଫଳରେ କିଟ୍‌ରେ ଥିବା ରାସାୟନିକକୁ ବ୍ୟବହାର କରି ଆମେ ପିଉଥିବା ଜଳ କେତେ ପରିମାଣ ଦୂଷିତ ହୋଇଛି ତାହା ଜଣାପଡିଛି। ଏହାପରେ ପର୍ଯ୍ୟାୟକ୍ରମେ ପଞ୍ଚାୟତର ୧୧୦ଟି ନଳକୂପର ପାଣି ଟେଷ୍ଟ କରାଯିବ ବୋଲି ସ୍ଥିର ହୋଇଥିବା ବେଳେ ଉକ୍ତ ବ୍ଲକର ୨୨ଟି ପଞ୍ଚାୟତରେ ମଧ୍ୟ ଏହି ଗୁଣାତ୍ମକ ଜଳ ପରୀକ୍ଷଣ ଚାଲୁରହୁଛି ବୋଲି ଖୋର୍ଦ୍ଧା ବ୍ଲକ ବିପିଏମ୍ ପ୍ରିୟଦର୍ଶୀ ଦାସ ପ୍ରକାଶ କରିଛନ୍ତି।

## ସରକାରୀ ଜମିରେ ଥିବା ୭ ଘର ଭାଙ୍ଗିଲେ

**ବ୍ରହ୍ମଗିରି,୩।୮(ଡି.ଏନ୍.ଏ)**

କୃଷ୍ଣପ୍ରସାଦ ବ୍ଲକ ଅରଖକୁଦା ମେରାଇନ ଥାନା ଅନ୍ତର୍ଗତ ଅରଖକୁଦା ଲକ୍ଷ୍ମୀନାରାୟଣ ସାହିରେ ସରକାରୀ ଜମିକୁ ନେଇ ଉତ୍ତେଜନା ଲାଗିରହିଛି। ଫଳରେ ଏହି ସାହିର ଶତାଧିକ ଲୋକ ବୁଧବାର ସରକାରୀ ଜମିରେ ରହୁଥିବା ୭ ପରିବାରର ଘର ଭାଙ୍ଗି ଦେଇଛନ୍ତି। ସୂଚନା ଅନୁଯାୟୀ, ଲକ୍ଷ୍ମୀନାରାୟଣ ସାହିର ବାତ୍ୟା ଆଶ୍ରୟସ୍ଥଳୀ ନିକଟରେ ଥିବା ଏକ ସରକାରୀ ଜାଗାରେ ୭ଟି ପରିବାର ଦୀର୍ଘ ଦିନ ରହି ଆସୁଛନ୍ତି। ଏହି ସରକାରୀ ଜାଗାରେ ଗାଁ ଶ୍ମଶାନ ରହିଛି। ଦୀର୍ଘ ଦିନ ହେଲା ରହିଆସୁଥିବା ପରିବାର ଓ ସାହି ଲୋକଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା। ବିବାଦ ସମାଧାନ ପାଇଁ ପୋଲିସ, ସାହିର ମୁରବି ଏବଂ ସରକାରୀ ଜାଗାରେ ରହୁଥିବା ପରିବାର ମଧ୍ୟରେ ଆଲୋଚନା ହୋଇଥିଲା। ସେଥିରେ ଜାଗା ଚିହ୍ନଟ କରି ଉକ୍ତ ପରିବାରଙ୍କୁ କିଛି ଜାଗା ଦେବା ପାଇଁ ଆଲୋଚନାରେ ସ୍ଥିର ହୋଇଥିଲା। ଏଥିସହ ଏହି ଜାଗାରେ ଶ୍ମଶାନ, କଲ୍ୟାଣ ମଣ୍ଡପ ଓ ସରକାରୀ କାର୍ଯ୍ୟାଳୟ ନିର୍ମାଣ ପାଇଁ ପ୍ରସ୍ତାବ ଦେଇଥିଲେ। କିନ୍ତୁ ଏହି ଘଟଣାର କୌଣସି ସମାଧାନ ନ ହେବାରୁ ସରକାରୀ ଜାଗାରେ ରହୁଥିବା ପରିବାର ମଧ୍ୟରୁ ଲୋକନାଥ ବେହେରା ଏନେଇ ଉପଜିଲାପାଳଙ୍କ ପାଖରେ ଅଭିଯୋଗ କରିଥିଲେ। ତୁରନ୍ତ ସରକାରୀ ଜାଗାକୁ ମାପଚୁପ ପାଇଁ ଉପଜିଲାପାଳଙ୍କ କାର୍ଯ୍ୟାଳୟରୁ ବ୍ରହ୍ମଗିରି ତହସିଲକୁ ଏକ ନିର୍ଦ୍ଦେଶ ଆସିଥିଲା। କିନ୍ତୁ ଏହାର ମାପଚୁପ ହୋଇ ପାରି ନ ଥିଲା। ବୁଧବାର ଶତାଧିକ ଲୋକେ ହଠାତ ମିଳିତ ହୋଇ ୭ ପରିବାରର ଘର ଭାଙ୍ଗି ଦେଇଥିଲେ। ଖବରପାଇ ଅରଖକୁଦା ମେରାଇନ ଥାନା ଅଧିକାରୀ ଦିଲୀପ ଧଳ ପହଞ୍ଚିଥିଲେ। ପରେ ବ୍ରହ୍ମଗିରି ଆଇଆଇସି ମନୋଜ ଶତପଥୀ ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚିବା ପରେ ଘର ଭାଙ୍ଗୁଥିବା ଲୋକେ ଜାଗା ଛାଡି ପଳାଇଥିଲେ। ଉତ୍ତେଜନା ଲାଗି ରହିଥିବାରୁ ସେଠାରେ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଏନେଇ ଅରଖକୁଦା ମେରାଇନ ଥାନା ଅଧିକାରୀ ଧଳ କହିଛନ୍ତି, ଲକ୍ଷ୍ମୀନାରାୟଣ ସାହିରେ ଏକ ସରକାରୀ ଜାଗାକୁ ନେଇ ବିବାଦ ରହିଛି। ସେଠାରେ ୭ ପରିବାର ଘରଦ୍ୱାର କରି ରହୁଛନ୍ତି। କିଛି ଲୋକେ ମିଶି ଘରଦ୍ୱାର ସବୁ ଭାଙ୍ଗି ଦେଇଛନ୍ତି। ଘଟଣା ସମ୍ପର୍କରେ ଏବେ ସୁଦ୍ଧା ଲିଖିତ ଅଭିଯୋଗ ଆସିନାହିଁ। ଅଭିଯୋଗ ଆସିଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଧଳ କହିଥିଲେ।

# ଲାଇଟ୍, ଟେଡି, ଚାଉଳ ରାଖୀର ବଢୁଛି ଚାହିଦା



ଜଟଣୀ ସହରର ଏକ ଦୋକାନରେ ବିଭିନ୍ନ ରକମର ରାଖୀ ବିକ୍ରି ପାଇଁ ରଖାଯାଇଛି।

**ଜଟଣୀ,୩।୮(ଡି.ଏନ୍.ଏ.)**

**ଚଳଚଞ୍ଚଳ ଜଟଣୀ ରାଖୀ ବଜାର**

ଖୋର୍ଦ୍ଧା ଜିଲା ଜଟଣୀ ସହର ହୋଲସେଲ ସିଜନ ବେପାର ପାଇଁ ସାରା ରାଜ୍ୟରେ ପ୍ରସିଦ୍ଧି ଲାଭ କରିଛି। ଚଳିତ ମାସରେ ଭଉଣୀଭାଇ ସମ୍ପର୍କର ପବିତ୍ର ପର୍ବ ରକ୍ଷା ବନ୍ଧନ ପୂର୍ଣ୍ଣିମା ପଡୁଥିବାରୁ ବେଶ ଚଳଚଞ୍ଚଳ ହୋଇଉଠିଛି ଜଟଣୀ ରାଖୀ ବଜାର। ଉକ୍ତ ପର୍ବକୁ ନେଇ ଜଟଣୀ ହୋଲସେଲ ରାଖୀ ବ୍ୟବସାୟ ପ୍ରତିଷ୍ଠାନରେ ଖୁଚୁରା ବ୍ୟବସାୟୀଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକଙ୍କ ଗହଳି ଦେଖିବାକୁ ମିଳୁଛି। ଗତ ୨ବର୍ଷ କରୋନା ଯୋଗୁ ବଜାର ବନ୍ଦ ଥିବାବେଳେ ଚଳିତବର୍ଷ ଖୁଚୁରା ବ୍ୟବସାୟୀ ଓ ଗ୍ରାହକଙ୍କ ମଧ୍ୟରେ ରାଖୀକୁ ନେଇ ଉତ୍ସାହ ଥିବା ଦେଖିବାକୁ ମିଳୁଛି। ତେଣୁ ବଜାରକୁ ନୂଆ ନୂଆ ରୂପର ରାଖୀ ଆସିଥିବାବେଳେ ବିଶେଷ କରି ଲାଇଟ୍ ରାଖୀ, ମୋଟୁ ପତ୍ଲୁ, ଟେଡି, ଧାନ, ଚାଉଳ, ଲବଙ୍ଗ, ଜଗନ୍ନାଥ, ଷ୍ଟୋନ ଏବଂ ମୋ ଭାଇ ବ୍ରେସଲେଟ ରାଖୀର ଅଧିକ ଚାହିଦା ରହୁଛି। ଜଟଣୀ ସହରରେ ପାଖାପାଖି ୧୦ରୁ ୧୫ ହୋଲସେଲ ବ୍ୟବସାୟୀ ବ୍ୟବସାୟ କରୁଥିବା ସମୟରେ କୋଲକାତା, ଦିଲ୍ଲୀ, ଅହମ୍ମଦାବାଦ, ମୁମ୍ବାଇ ଏବଂ ରାଜକୋଟ ଭଳି ସହରରୁ ବିଭିନ୍ନ ବ୍ରାଣ୍ଡର ଭଳିକି ଭଳି ରାଖୀ ଆଣି ସୁଲଭ ଦରରେ ବିକ୍ରି ହେଉଛି। ଫଳରେ ଜଟଣୀ ବଜାରରୁ ଖୋର୍ଦ୍ଧା, ନୟାଗଡ଼, ପୁରୀ, କୋଣାର୍କ, ନିମାପଡା, ଭୁବନେଶ୍ୱର, କଟକ ଆଦି ଅଞ୍ଚଳରୁ ବହୁ ଖୁଚୁରା ବେପାରୀ ଏଠାକୁ ଆସି ସୁଲଭ ଦରରେ ରାଖୀ ନିଅନ୍ତି।

**ଏମାନେ ଯାହା କୁହନ୍ତି.....**

"ବିଗତ ଦୁଇ ବର୍ଷ କରୋନା ପାଇଁ ବେପାର ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ବହୁ କ୍ଷତି ସହିବାକୁ ପଡିଛି। ଚଳିତବର୍ଷ କଟକଣା ସାମାନ୍ୟ କୋହଳ ହେବା ପରେ ବେପାର କରିବା ପାଇଁ ଟିକେ ଖୁସି ଲାଗୁଛି। ଗ୍ରାହକଙ୍କ ଭିଡ ସାଙ୍ଗକୁ ସେମାଙ୍କ ଚାହିଦା ପୂରଣ ପାଇଁ ରାଖୀ ରହିଛି। ୧୦ ଟଙ୍କାରୁ ଆରମ୍ଭ କରି ୨୦୦ଶହ ୩୦୦ରୁ ଉର୍ଦ୍ଧ୍ୱ ଟଙ୍କାର ରାଖୀ ରହିଛି।

- ପ୍ରମୋଦ କୁମାର ଦାଶ, ହୋଲ୍‌ସେଲ ବିକ୍ରେତା

"ମହାପ୍ରଭୁ ଜଗନ୍ନାଥ ଆମ ଡାକ ଶୁଣିଛନ୍ତି। ଦୁଇ ବର୍ଷ ହେବ ବହୁତ କ୍ଷତି ସହିବାକୁ ପଡିଛି। ସିଜିନ ବେପାର ଉପରେ ନିର୍ଭର କରି ରହୁଥିବା ଶହ ଶହ ପରିବାରଙ୍କ ଦୁଃଖ କଷ୍ଟ ନ କହିଲେ ଭଲ। ଦୁଇ ବର୍ଷ ବ୍ୟବଧାନ ପରେ ପୁଣି ବେପାର ଆରମ୍ଭ କରିଛି ଲୋକଙ୍କ ଚାହିଦା ମୁତାବକ ବିଭିନ୍ନ କମ୍ପାନୀର ରାଖୀ ରହିଛି। ଧାନ, ମୁଗ, ଗୁଜୁରାତି, ଲବଙ୍ଗ, ଚାଉଳ, ଜଗନ୍ନାଥ, ଟେଡି, ଷ୍ଟୋନ ରାଖୀର ଚାହିଦା ରହିଛି. ଚଳିତ ବର୍ଷ ମୋ ଭାଇ ଲେଖା ଥିବା ବ୍ରେସଲେଟର ଚାହିଦା ଅଧିକ ରହିଛି।

- ମନୋଜ ସାହୁ, ସିଜନ ବ୍ୟବସାୟୀ

"ଦୁଇ ବର୍ଷ ହେବ ରାଖୀ ବଜାର ବନ୍ଦ ଥିବାରୁ ପୁରୁଣା ରାକ୍ଷୀରେ କାମ ଚଳାଇ ନେଇଥିଲୁ। ବର୍ତ୍ତମାନ ଖୁସି ଲାଗୁଛି। ନୂଆ ନୂଆ ଓ ଭଳିକି ଭଳି ଡିଜାଇନର ରାଖୀ ଆସିଛି ପୁଣି ଦର ପକେଟକୁ ପୁରା ସୁହାଉଛି।

- ଜାଗୃତି ସ୍ୱାଇଁ, ଜଟଣୀ

"ବଜାରକୁ ଚଳିତବର୍ଷ ମୋଟୁ ପତଲୁ ରାଖୀ ଓ ମୋ ଭାଇ ବ୍ରେସଲେଟ ଏବଂ ଲାଇଟ୍ ରାଖୀ ଆସିଛି। ଏହିଗୁଡ଼ିକ ଦେଖିବାକୁ ବହୁତ ସୁନ୍ଦର ହୋଇଥିବାରୁ ମୋର ବେଶି ପସନ୍ଦ ହୋଇଛି। ମୁଁ ମୋ ଭାଇକୁ ଏହି ରାଖୀ ବାନ୍ଧିବି।

- ସାନ୍‌ଭି ସାମନ୍ତରା, ଛାତ୍ରୀ, ଜଟଣୀ

**ବାରାହାପାଟରୁ ଜଳ ନିଷ୍କାସନ ପାଇଁ ସ୍ମାରକପତ୍ର**

କଟକ ସଦର,(ଡି.ଏନ.ଏ.): କିଶନ ନଗର ତହସିଲ ଅନ୍ତର୍ଗତ ବାରାହାପାଟରେ ବର୍ଷାଜଳ ଜମିରହିଛି। ଫଳରେ ଧାନ ରୋଇବା ସମ୍ଭବପର ହେଉ ନାହିଁ ଏହାର ସମାଧାନ ପାଇଁ ଉତ୍କଳ ବିକାଶ ପରିଷଦର ସଭାପତି ପ୍ରକାଶ ଚନ୍ଦ୍ର ସେଠୀ ଏକ ସ୍ମାରକ ପତ୍ର ବୁଧବାର କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କୁ ପ୍ରଦାନ କରିଥିଲେ। ଏଥିରେ ବାରାହାପାଟରେ ଡ୍ରେନ ନିର୍ମାଣ କରି ବୋଧପୁର୍ ନିକଟରେ ଶୁକ ପାଇକା ନଦୀକୁ ଛାଡ଼ିବାର ବ୍ୟବସ୍ଥା କରିବା ପାଇଁ ନିବେଦନ କରାଯାଇଛି। ଏହାବ୍ୟତୀତ ମହାନଦୀ ବନ୍ଧ ରାସ୍ତା ବାରଦାଠାରୁ ଶିର୍ଲୋ ପର୍ଯ୍ୟନ୍ତ ମରାମତି, କିଶନ ନଗର ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଘୋଷଣା କରିବା ପାଇଁ ଜିଲାପାଳଙ୍କୁ ମଧ୍ୟ ଅନୁରୋଧ କରାଯାଇଛି।

## ସଂକ୍ଷେପରେ

### ଡେଲ୍‌ଟା ଖାଲରୁ ଯୁବକଙ୍କ ମୃତଦେହ ଜବତ

**ସାଲେପୁର,୩।୮(ଡି.ଏନ୍.ଏ.):** ସାଲେପୁର ଥାନା ଅଞ୍ଚଳରେ ଦୁଇଦିନ ଧରି ନିଖୋଜ ଥିବା ଜଣେ ଯୁବକଙ୍କ ମୃତଦେହ ଡେଲ୍‌ଟା ଖାଲରୁ ଜବତ କରାଯାଇଛି। ପୋଲିସ ମୃତଦେହ ଜବତ କରି ଏକ ମାମଲା ରୁଜୁ କରିଛି। ଥାନା ଅନ୍ତର୍ଗତ ଛାଣିପୁର ଗାଁର ଉଚ୍ଛବ ବାରିକଙ୍କ ପୁଅ ରଞ୍ଜନ (୨୫)ଙ୍କ ମୃତଦେହ ଶଙ୍କରପୁର ଗ୍ରାମର ଡେଲ୍‌ଟା ଖାଲରେ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ନଂ.୧୩/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ବ୍ୟବଚ୍ଛେଦ ପାଇଁ କଟକ ବଡମେଡିକାଲକୁ ପଠାଇଛି। ରଞ୍ଜନ କାମଧନ୍ଦା କରି ଚଳି ଆସୁଥିଲେ। ଗତ ୧ରୁ ସେ ଘରୁ କୁଆଡେ ପଳାଇ ଯାଇଥିବା ବେଳେ ବୁଧବାର ସକାଳ ୮ଟାରେ ସ୍ଥାନୀୟ ଲୋକ ତାଙ୍କ ଘରେ ଖବର ଦେଲେ ଯେ ରଞ୍ଜନଙ୍କ ମୃତଦେହ ଡେଲଟା ଖାଲରେ ଭାସୁଛି। ଏ ନେଇ ମୃତ ରଞ୍ଜନଙ୍କ ବାପା ଉଚ୍ଛବ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

### କିଡ୍‌ନୀ ରୋଗୀଙ୍କୁ ସହାୟତା

**ମାହାଙ୍ଗା,୩।୮(ସ୍ୱ.ପ୍ର.):** ମାହାଙ୍ଗା ବ୍ଲକ ମୂଳବସନ୍ତ ପଞ୍ଚାୟତ ସିପୁରା ଗାଁର ମହେଶ୍ୱର ଜେନାଙ୍କ ୫ ବର୍ଷର ପୁଅ ସୋମନାଥ ଦୀର୍ଘ ଅଢେଇ ବର୍ଷ ହେବ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ତାଙ୍କ ଚିକିତ୍ସାରେ ଅର୍ଥ ବାଧକ ସାଜିଥିଲା। ଏ ସମ୍ପର୍କରେ ମାହାଙ୍ଗାର ସ୍ୱେଚ୍ଛାସେବୀ ସଙ୍ଗଠନ ସମ୍ଭବ ଚାରିଟେବୁଲ ଟ୍ରଷ୍ଟର ସମ୍ପାଦିକା ସୁଶ୍ରୀ ପ୍ରମିଳା ସିଂହ ଜାଣିବାକୁ ପାଇଥିଲେ। ତାଙ୍କ ନିର୍ଦ୍ଦେଶକ୍ରମେ ବୁଧବାର ଟ୍ରଷ୍ଟର ସଦସ୍ୟମାନେ ସିପୁରା ଗାଁର ମହେଶ୍ୱରଙ୍କ ଘରେ ପହଞ୍ଚି ସେମାନଙ୍କ ସମସ୍ୟା ସମ୍ପର୍କରେ ବୁଝିବା ପରେ ତାଙ୍କୁ ସହାୟତା ରାଶି ପ୍ରଦାନ କରିଥିଲେ। ଏହି ସମୟରେ ଟ୍ରଷ୍ଟର ସଦସ୍ୟା ଶୁଭଶ୍ରୀ ମହାପାତ୍ର, ପ୍ରିୟଙ୍କା ବିଶ୍ୱାଳ, ଶିକ୍ଷାବିତ୍ ରମେଶ ଚନ୍ଦ୍ର ସାହୁ, ବିକ୍ରମ କେଶରୀ ନାଥ, ଦେବୀପ୍ରସାଦ ମହାପାତ୍ର, ଜ୍ଞାନରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

### ଓଡ଼ିଶା ପଲିଟେକ୍‌ନିକ୍ ର୍‍ୟାଙ୍କିଙ୍ଗ୍: ଡ୍ରିମ୍‌ସର ଶ୍ରେଷ୍ଠ ପ୍ରଦର୍ଶନ

**କଟକ ଅଫିସ,୩।୮:** ରାଜ୍ୟର ସରକାରୀ ଓ ବେସରକାରୀ ପଲିଟେକ୍‌ନିକ୍ ଶିକ୍ଷାନୁଷ୍ଠାନକୁ ନେଇ ହୋଇଥିବା ର୍‍ୟାଙ୍କିଙ୍ଗ୍‌ରେ ଶ୍ରେଷ୍ଠ ୧୦ ମଧ୍ୟରେ ଡ୍ରିମ୍‌ସ ପଲିଟେକ୍‌ନିକ୍ ସ୍ଥାନ ପାଇଛି। ରାଜ୍ୟର ସମସ୍ତ ପଲିଟେକ୍‌ନିକ ଭିତରେ ଡ୍ରିମ୍‌ସ ୬ଷ୍ଠ ଏବଂ ବେସରକାରୀ ଶିକ୍ଷାନୁଷ୍ଠାନ୍ ମଧ୍ୟରେ ୩ୟ ସ୍ଥାନରେ ରହି ଶ୍ରେଷ୍ଠତା ପ୍ରଦର୍ଶନ କରିଛି। ଏହି ଉପଲକ୍ଷେ ଡ୍ରିମ୍‌ସ ପରିସରରେ ବୁଧବାର ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ପ୍ରଶାନ୍ତ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ର୍‍ୟାକିଙ୍ଗ ତାଲିକା ଉନ୍ମୋଚନ କରିଥିଲେ । ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଯୋଗଦେଇ ସମ୍ମିଳିତ ପ୍ରଚେଷ୍ଟା ଦ୍ୱାରା ଏହି ସଫଳତା ସମ୍ଭବ ହୋଇଛି ବୋଲି କହିଥିଲେ। ଜିଲା ପରିଷଦ ସଦସ୍ୟ ଚିତ୍ତରଞ୍ଜନ ସାମଲ, ଡ୍ରିମ୍‌ସ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ନିର୍ଦ୍ଦେଶକ ପ୍ରଦୀପ୍ତ ରଞ୍ଜନ ମହାନ୍ତି, ଅଧକ୍ଷା ଇଞ୍ଜିନିୟର ତପସ୍ୱିନୀ ସାହୁ, କାହ୍ନୁ ଚରଣ ପତି, ଜନ୍ମେଜୟ ଖିଲାର, ବସନ୍ତ କୁମାର ସାହୁ, ଲୋକ ସମ୍ପର୍କ ଅଧିକାରୀ ନିରାକାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କଲେ ବିଧାୟକ

**ସାଲେପୁର,୩।୮(ଡି.ଏନ.ଏ.):** କଟକ ଜିଲା ସାଲେପୁରର ୪୩ନଂ. ଜୋନ୍‌ର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା ଓ ଲୋକମାନଙ୍କର ସମସ୍ୟା ସମ୍ପର୍କରେ ବୁଧବାର ସ୍ଥାନୀୟ ବିଧାୟକ ପ୍ରଶାନ୍ତ ବେହେରା ପଚାରି ବୁଝିଛନ୍ତି। ସାଲେପୁର ବ୍ଲକ ପରିସରରେ ବିଧାୟକ ବେହେରା ଉପସ୍ଥିତ ରହି ୪୩ ନଂ. ଜୋନରେ ଥିବା ସମସ୍ତ ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟ, ବାକି ରହିଥିବା ରାସ୍ତାଘାଟ ନିର୍ମାଣ, ବାର୍ଦ୍ଧକ୍ୟ, ବିଧବା, ଭିନ୍ନକ୍ଷମ ଭତ୍ତା ଓ ସରକାରଙ୍କ ଯୋଜନା ଯେଭଳି ଲୋକମାନଙ୍କର ନିକଟରେ ଠିକ୍ ରୂପେ ପହଞ୍ଚିପାରିବ ସେ ଦିଗରେ ସମସ୍ତ ପଞ୍ଚାୟତ ପ୍ରତିନିଧିମାନଙ୍କୁ ପରାମର୍ଶ ଦେବା ସହ ବାକି ରହିଥିବା କାର୍ଯ୍ୟଗୁଡିକ ତୁରନ୍ତ ସମ୍ପାଦନ କରାଯିବ ବୋଲି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସାଲେପୁର ବ୍ଲକ ଅଧକ୍ଷ ରାମଚନ୍ଦ୍ର ଭୋଇ, ବିଡିଓ ସୂର୍ଯ୍ୟକାନ୍ତ ରାଉତ, ସହକାରୀ ଯନ୍ତ୍ରୀ ବିଭୂତି ଭୂଷଣ ନାୟକ, ଚିତ୍ତରଞ୍ଜନ ପୁହାଣ ଓ ୪୩ ନଂ. ଜୋନ୍‌ର ବହୁ ସରପଞ୍ଚ, ସମିତିସଭ୍ୟମାନେ ଉପସ୍ଥିତ ଥିଲେ।

# ସହରକୁ ଜଗିବ ସିସି କ୍ୟାମେରା

**କଟକ ଅଫିସ,୩।୮**

ଅତ୍ୟାଧୁନିକ କ୍ଲୋଜ ସର୍କିଟ୍ (ସିସି) କ୍ୟାମେରା ବଳୟରେ ରହିବ ସହର। କଟକ ସହରକୁ ଅପରାଧମୁକ୍ତ ରଖିବାର ପ୍ରୟାସ ନେଇ ପୋଲିସ ପକ୍ଷରୁ ଆରମ୍ଭ ହୋଇଛି ସ୍ୱେଚ୍ଛାକୃତ ସହଭାଗିତାରେ ସିସି କ୍ୟାମେରା ଲଗାଇବାର ପ୍ରକ୍ରିୟା। ଦ୍ରୁତ ଜନସଂଖ୍ୟା ବୃଦ୍ଧି ସତ୍ତ୍ୱେ ସହରରେ ଶାନ୍ତି, ଶୃଙ୍ଖଳା ରକ୍ଷା ଏବଂ ଅପରାଧ ନିୟନ୍ତ୍ରଣ କରିବାକୁ ପୋଲିସର ପ୍ରୟାସରେ ସିସି କ୍ୟାମେରା ବେଶ୍ ସହାୟକ ହେବ ବୋଲି କୁହାଯାଉଛି।

ପ୍ରକାଶ ଯେ, କଟକ ସହରର ୧୯ଟି ଥାନା ଅଞ୍ଚଳରେ ୧୦୦୦ ଅତ୍ୟାଧୁନିକ ସିସି କ୍ୟାମେରା ଲଗାଯିବା ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ବିଭିନ୍ନ ସମୟରେ ବାହାରର ଅପରାଧୀମାନେ ସହରକୁ ପ୍ରବେଶ କରି ଅପରାଧ ଘଟାଉଛନ୍ତି। ଗାଡ଼ି ଚୋରି, ଛିନ୍ତାଇ, ଲୁଟ୍ ଭଳି ଘଟଣା ପ୍ରତ୍ୟହ ଘଟୁଛି। ଦ୍ରୁତଗତିରେ ଗାଡ଼ି ଚଳାଉଥିବା ଚାଳକଙ୍କ ଉପରେ କାହାରି କର୍ତ୍ତୃତ୍ୱ ରହୁନାହିଁ। ଫଳରେ ଅପରାଧ ବଢ଼ିବା ସହ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି। ଜଗତପୁର ଥାନାର ମହାନଦୀ ବ୍ରିଜ୍ ଛକ, ଜଗତ୍‌ପୁର ଗୋଲେଇ ଛକ, ଇପିକଲ ଛକ, ପିରବଜାର, ପାଗା ଛକ, ପୁରୀଘାଟ ଥାନାର ଦୋଳମୁଣ୍ଡାଇ, ଥାନା ଛକ ଓ ଚୌଧୁରୀବଜାର ଛକ, ମାଲଗୋଦାମ ଥାନାର ଯୋବ୍ରା ଆନିକଟ



ସିସି କ୍ୟାମେରା ଲାଗିବା ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଡିସିପି ପିନାକ ମିଶ୍ର ଉଦ୍‌ବୋଧନ ଦେଉଛନ୍ତି।

- **ଲାଗିଛି ୨୦୦, ଲକ୍ଷ୍ୟ ରହିଛି ୧୦୦୦**
- **ଡିସିପି କାର୍ଯ୍ୟାଳୟ ନିୟନ୍ତ୍ରଣରେ ୧୬୦**
- **ଲାଲ୍‌ବାଗ ଥାନା ଅଞ୍ଚଳରେ ଲାଗିଲା ୧୮**

ଛକ, ମଧୁପାଟଣା ଥାନାର ମଣିମନ୍ଦିର, ଲିଙ୍କ୍ ରୋଡ, ପ୍ରେସ୍ ଛକ, ଦରଘାବଜାର ଥାନାର ଜେଲ ରୋଡ, ମର୍କତନଗର ଥାନାର ବେଲ୍‌ଭ୍ୟୁ, ଚାଉଳିଆଗଞ୍ଜର ଓଏମ୍‌ପି, କାଳିଆବୋଦା, ଶିଖରପୁର, ନୟାବଜାର, ବିଡ଼ାନାସୀର ବିଜୁପଟ୍ଟନାୟକ ଛକ, ଫେଜ୍-୨ ଥାନାର ମଧୁସୂଦନ ସେତୁ ଗୋଲେଇ, ସେକ୍ଟର-୧୦, ବାଲିଘାଟ ରିଂ ରୋଡ, ମଙ୍ଗଳାବାଗ ଥାନାର ମଣି ସାହୁ ଛକ, ମଙ୍ଗଳାବାଗ, ରାଣୀହାଟ ଛକ, କ୍ୟାଣ୍ଟନମେଣ୍ଟ ଥାନା ଅନ୍ତର୍ଗତ ବକ୍ସିବଜାର, ପଟ୍ଟାପୋଲ ଛକ ଓ ବାଦାମବାଡ଼ି ଥାନାର ଟ୍ରାଫିକ୍ ଓ ଖାନ୍‌ନଗର ଛକ ଆଦିରେ ଅତ୍ୟାଧୁନିକ ସିସି କ୍ୟାମେରା ଲଗାଯାଇଛି। ଏଭଳି ପ୍ରାୟ ୧୬୦ଟି ଅତ୍ୟାଧୁନିକ କ୍ୟାମେରାକୁ ଡିସିପିଙ୍କ କାର୍ଯ୍ୟାଳୟରେ ଥିବା ସ୍ମାର୍ଟ କଣ୍ଟ୍ରୋଲ ରୁମ୍ ମାଧ୍ୟମରେ ନିୟନ୍ତ୍ରଣ କରାଯାଉଛି। ଏହି କ୍ରମରେ ବୁଧବାର ଲାଲବାଗ ଥାନା ଅଞ୍ଚଳରେ ୧୮ଟି ସିସି କ୍ୟାମେରା କାର୍ଯ୍ୟକ୍ଷମ ହୋଇଛି। ଉଗରପଡ଼ାର ଅମିତ ଦାସ ଓ ସାହେବଜାଦା ବଜାରର ଶଙ୍କର ଗୁପ୍ତା ସ୍ୱେଚ୍ଛାକୃତ ସହଭାଗିତାରେ ସାମିଲ ହୋଇ କ୍ୟାମେରା ଦାନ କରିଛନ୍ତି। ତନ୍ମଧ୍ୟରୁ ଚାନ୍ଦିନୀଚୌକରେ ୪ଟି, ସତୀଚୌରାରେ ୫ଟି, ଉଗରପଡ଼ାରେ ୩ଟି, ବେଲ୍‌ଭ୍ୟୁରେ ୬ଟି ଲାଗିଥିବା ଅତିରିକ୍ତ ଡିସିପି ଅନିଲ ମିଶ୍ର ସୂଚନା ଦେଇଛନ୍ତି। କଟକ ଡିସିପି ପିନାକ ମିଶ୍ର ଚାନ୍ଦିନୀଚୌକ ଓ ସତୀଚୌରାଠାରେ ଆୟୋଜିତ କାର୍ଯ୍ୟକ୍ରମରେ ୧୮ଟି କ୍ୟାମେରାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି।

# ୮୦ ପଇସାରେ ମିଳୁଛି ତ୍ରିରଙ୍ଗା

**କଟକ ଅଫିସ, ୩।୮**

ସ୍ୱାଧୀନତା ଦିବସ ପାଳନ ପାଇଁ ସହରରେ ବିଭିନ୍ନ ଦୋକାନରେ ବିକ୍ରି ହେଉଛି ନାନାରକମର ସାମଗ୍ରୀ। ମୁଣ୍ଡରେ ମାରିବା ବ୍ୟାଣ୍ଡ ଠାରୁ ଆରମ୍ଭ କରି ତ୍ରିରଙ୍ଗା ଟି-ଶାର୍ଟ, ବ୍ୟାଜ୍, ଘର ସଜା ସାମଗ୍ରୀ, ତ୍ରିରଙ୍ଗା ମାଳ, ତ୍ରିରଙ୍ଗା ପଗଡି, ବିଭିନ୍ନ ଗିଫ୍ଟ ଆଇଟମ ଦେଖିବାକୁ ମିଳିଛି । ତେବେ କଟକ ଚୌଧୁରୀ ବଜାର ଅଞ୍ଚଳରେ ଦୀର୍ଘ ୬୫ ବର୍ଷ ଧରି ଚାଲିଆସିଥିବା ଖଦି ଭବନରେ କିନ୍ତୁ ଦେଖିବାକୁ ମିଳିଛି କିଛି ସ୍ୱତନ୍ତ୍ରତା। ବର୍ତ୍ତମାନ ସମୟରେ ବିଭିନ୍ନ ସାମଗ୍ରୀ ଦର ଆକାଶ ଛୁଆଁ ହୋଇଥିବାବେଳେ ଏଠାରେ ଜାତୀୟ ପତାକା ମାତ୍ର ୮୦ ପଇସା ମୂଲ୍ୟରେ ମିଳୁଛି। ଚଳିତ ବର୍ଷ ଦେଶବ୍ୟାପୀ ସ୍ୱାଧୀନତାର ୭୫ ବର୍ଷ ପାଳନ କରାଯାଉଥିବାରୁ ଏଠାରେ ଜାତୀୟ ପତାକା ପାଇଁ ସ୍ୱତନ୍ତ୍ର ମୂଲ୍ୟ ରଖାଯାଇଛି। ୧୯୫୭ରେ ଆରମ୍ଭ ହୋଇଥିବା ଏହି ଦୋକାନ ବର୍ତ୍ତମାନ ତୃତୀୟ ପିଢି ସମ୍ଭାଳୁଛନ୍ତି। ପ୍ରଥମେ ସ୍ୱର୍ଗତ ରବୀନ୍ଦ୍ରନାଥ ମହାନ୍ତି ପରେ ଦିଲୀପ ମହାନ୍ତି ଓ ବର୍ତ୍ତମାନ ଅମିତ ମହାନ୍ତି ଏହାକୁ ଚଳାଇ ଆସିଛନ୍ତି । ପ୍ରତିବର୍ଷ ସ୍ୱାଧୀନତା ଦିବସ ଏବଂ ସାଧାରଣତନ୍ତ୍ର ଦିବସରେ ଏଠାରେ ଲୋକଙ୍କ ବେଶ୍ ଗହଳି ଦେଖିବାକୁ ମିଳେ। ବର୍ତ୍ତମାନର ଟ୍ରେଣ୍ଡିଂ ଅନୁଯାୟୀ ବିଭିନ୍ନ ପ୍ରକାର ସାମଗ୍ରୀ ଏଠାରେ ମିଳୁଛି। ଜାତୀୟ ପତାକାର କୌଣସି ଜାତି ଧର୍ମ ବର୍ଣ୍ଣ ନାହିଁ। ପିଲାଙ୍କ ଠାରୁ ଆରମ୍ଭ କରି ବୃଦ୍ଧ ପର୍ଯ୍ୟନ୍ତ ଯେପରି ଧନୀଗରିବ ସମସ୍ତେ ଏହାକୁ ଉଡ଼ାଇ ପାରିବେ ସେପରି ସାମଗ୍ରୀ ରଖି ବିକ୍ରି କରୁଛୁ। ୮୦ ପଇସାରୁ ଆରମ୍ଭ କରି ୨୮ଶହ ଟଙ୍କା ପର୍ଯ୍ୟନ୍ତ ତ୍ରିରଙ୍ଗା ରହିଛି। ଏଥିସହ ଲୋକଙ୍କ ଚାହିଦା ଅନୁଯାୟୀ ମଧ୍ୟ ବିଭିନ୍ନ ସାମଗ୍ରୀ ରହିଛି ବୋଲି ଏହାର ମାଲିକ ଦିଲୀପ କହିଛନ୍ତି।

# ଅନ୍‌ଲାଇନରେ ମଗାଇଲେ ରେନିକୋଟ୍, ଆସିଲା ପଲିଥିନ

**ନରସିଂହପୁର, ୩।୮(ସ୍ୱ.ପ୍ର.)**

ଅନ୍‌ଲାଇନରେ ବିଭିନ୍ନ ଘରକରଣାଠାରୁ ଆରମ୍ଭ କରି ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଲୋକମାନେ ଘରେ ବସି ମଗାଉଛନ୍ତି। ହେଲେ କିଛି ଲୋକ ଠକାମିର ଶିକାର ହେଉଥିବା ଦେଖିବାକୁ ମିଳୁଛି। ଜଣେ ବ୍ୟକ୍ତି ଅନ୍‌ଲାଇନରେ ରେନିକୋଟ୍ ମଗାଇଥିବା ବେଳେ ପାର୍ସଲରୁ କିଛି ଜରି ଓ ଗାମୁଛାଟିଏ ବାହାରିଛି। କଟକ ଜିଲା ନରସିଂହପୁର ବ୍ଲକ ଅଧୀନ ନୀଳକଣ୍ଠପୁର ଗ୍ରାମର ସନ୍ତୋଷ କୁମାର ନାୟକ କ୍ଷେତ୍ରରେ ଏହା ଦେଖିବାକୁ ମିଳିଛି। ସନ୍ତୋଷ ଅନ୍‌ଲାଇନ ମାଧ୍ୟମରେ ଗତ ଜୁଲାଇ ୨୨ରେ ୩୧୯ ଟଙ୍କା ମୂଲ୍ୟର ଏକ ରେନିକୋଟ୍ ବୁକିଂ କରିଥିଲେ। ଗତ ୨ ତାରିଖରେ ଡେଲିଭରି ବଏ ଠାରୁ ପ୍ୟାକେଟକୁ ସନ୍ତୋଷ ରିସିଭ କରି ୩୧୯ ଟଙ୍କା ପେଠ କରିଥିଲେ। କିଛି ସମୟ ପରେ ପ୍ୟାକେଟଟିକୁ ଖୋଲିବା ପରେ ପ୍ୟାକେଟ ଭିତରେ ଗୋଟିଏ ପଲିଥିନ ସହ ଗୋଟିଏ ଅଳ୍ପଦାମର ଗାମୁଛା ବାହାରିଥିଲା। ସଙ୍ଗେ ସଙ୍ଗେ ସେ ପାର୍ସଲ ଆଣି ଦେଇଥିବା ବ୍ୟକ୍ତିଙ୍କୁ ଯୋଗାଯୋଗ କରିବା ପରେ ଯେଉଁ ନମ୍ବରରେ ବୁକିଂ କରିଥିଲେ ସେହି ସାଇଡକୁ ଯାଇ ରିଟର୍ନ ବୁକିଂ କରିବାକୁ କହିଥିଲେ। କିଛିଦିନ ପରେ ଏହା ରିଟର୍ନ ପାଇଁ ମେସେଜ ଆସିବ କହି ନିଜ ଉପରୁ ଦୋଷ ଖସାଇ ଦେଇଥିଲେ। ଅନ୍‌ଲାଇନ ଅର୍ଡର କରି ସାମଗ୍ରୀ ମଗାଇବା ଧାରା ଏବେ ବୃଦ୍ଧି ପାଉଥିବା ବେଳେ ଏହାକୁ ସତର୍କତାର ସହ କରିବାକୁ ଆଇନଜୀବୀ ଜ୍ଞାନ ରଞ୍ଜନ ନାୟକ କହିଛନ୍ତି।



ନୟାସଡ଼କସ୍ଥିତ ଓଷ୍ଟା କାର୍ଯ୍ୟାଳୟ ପରିସରରେ ଦଶମ ଶ୍ରେଣୀ ପାଇଁ ଟର୍ମ-୧ ଟେଷ୍ଟ ପେପରକୁ ଉନ୍ମୋଚନ କରାଯାଉଛି।

# ଆଇସିଡିଏସ୍ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ଆକ୍ରମଣ

**ଅଙ୍ଗନୱାଡି କର୍ମୀଙ୍କ ସ୍ୱାମୀ ଜେଲ ଗଲେ**

**ନିଶ୍ଚିନ୍ତକୋଇଲି, ୩।୮(ସ୍ୱ.ପ୍ର.)**

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଆଇସିଡିଏସ୍ (ସମନ୍ୱିତ ଶିଶୁ ବିକାଶ ଯୋଜନା) କାର୍ଯ୍ୟାଳୟର କାର୍ଯ୍ୟରତ କର୍ମଚାରୀଙ୍କୁ ଜଣେ ଅଙ୍ଗନୱାଡି କର୍ମୀଙ୍କ ସ୍ୱାମୀ ଆକ୍ରମଣ କରି ସରକାରୀ ଦସ୍ତାବିଜ ଓ ଟଙ୍କା ଛଡ଼ାଇ ନେବା ସହ ତାଙ୍କୁ ଆକ୍ରମଣ କରିଥିଲେ। ଏ ସମ୍ପର୍କରେ ନିଶ୍ଚିନ୍ତକୋଇଲି ଥାନାରେ ଅଭିଯୋଗ ହେବା ପରେ ପୋଲିସ ଅଙ୍ଗନୱାଡି କର୍ମୀଙ୍କ ସ୍ୱାମୀ ନିରଞ୍ଜନ ମିଶ୍ରଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ତାଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଶିଶୁଆ ଜେଲକୁ ପଠାଇ ଦିଆଯାଇଛି। କଟିକଟା ପଞ୍ଚାୟତ ରାମରାଙ୍ଗ ଅଙ୍ଗନୱାଡି କେନ୍ଦ୍ରରେ ଦୀର୍ଘଦିନ ହେବ ସ୍ଥାନୀୟ ଲୋକ ପ୍ରତିନିଧି ଓ ଅଙ୍ଗନୱାଡି କର୍ମୀଙ୍କ ମଧ୍ୟରେ ବିବାଦ ଲାଗି ଆସିଥିଲା। ଏ ନେଇ ଥାନାରେ ୨ଟି ମାମଲା ମଧ୍ୟ ହୋଇଥିଲା। ଏପରି କି ସିଡିପିଓଙ୍କ ନାମରେ ଅଙ୍ଗନୱାଡି କର୍ମୀଙ୍କ ସ୍ୱାମୀ ଅଭିଯୋଗ କରିଥିଲେ। ବୁଧବାର ସମ୍ପୃକ୍ତ ଅଙ୍ଗନୱାଡି କର୍ମୀଙ୍କୁ ବିଭାଗୀୟ ନୋଟିସ ଦେବା ପାଇଁ କର୍ମଚାରୀ କ୍ଷେତ୍ରବାସୀ ସ୍ୱାଇଁ ଯାଇଥିଲେ। ନୋଟିସ ଦେଇ ଘରକୁ ଫେରିବା ବେଳେ ବାଟରେ ନିରଞ୍ଜନ ମିଶ୍ର ତାଙ୍କୁ ଆକ୍ରମଣ କରି ପିଅନ ପୁସ୍ତିକା ସହ ୨୧୦୦ଟଙ୍କା ଛଡାଇ ନେଇଥିଲେ। ଏ ସମ୍ପର୍କରେ କ୍ଷେତ୍ରବାସୀଙ୍କ ଅଭିଯୋଗକୁ ଆଧାର କରି ପୋଲିସ ନିରଞ୍ଜନଙ୍କୁ ଗିରଫ କରିଥିଲା।

# ବକେୟା ଚାଉଳ ପାଇଲେ ଅସହାୟ ଦମ୍ପତି



**ନିଆଳି,୩।୮(ଡି.ଏନ୍.ଏ.)**

ନିଆଳି ପଞ୍ଚାୟତର ବାରଗୋଡିଆ ଗ୍ରାମର ଅସହାୟ ଦମ୍ପତିଙ୍କୁ ବିଧାୟକଙ୍କ ନିର୍ଦ୍ଦେଶରେ ୩ ମାସର ବକେୟା ଚାଉଳ ବୁଧବାର ପ୍ରଦାନ କରାଯାଇଛି।

ସୂଚନା ମୁତାବକ, ବାରଗୋଡିଆ ଗ୍ରାମର ବୈରାଗୀ ଦାସ ପ୍ରାୟ ୯ ବର୍ଷ ହେବ ଅଧା ପାଗଳ ହୋଇଯାଇଥିବାବେଳେ, ତାଙ୍କ ସ୍ତ୍ରୀ ଶ୍ୱେତା ଦାସ ମଧ୍ୟ ମାନସିକ ଭାରସାମ୍ୟ ହରାଇଛନ୍ତି। ୯ ବର୍ଷ ତଳେ ହଠାତ ରୋଗରେ ପଡି ତାଙ୍କ ପୁଅଙ୍କ ମୃତ୍ୟୁ ହୋଇଥିଲା। ପୁଅ ବିୟୋଗରେ ସ୍ୱାମୀ ସ୍ତ୍ରୀ ଦୁହେଁ ମାନସିକ ଭାରସାମ୍ୟ ହରାଇ ସାରିଛନ୍ତି। ରାଶନ କାର୍ଡରେ ଚାଉଳ, ଗହମ ନ ପାଇବାରୁ ସାହି ପଡିଶାଙ୍କଠାରୁ ମାଗି ଚଳିଥାନ୍ତି। ଏ ସମ୍ପର୍କରେ ଧରିତ୍ରୀ ପ୍ରତିନିଧିଙ୍କ ପକ୍ଷରୁ ବିଧାୟକ ପ୍ରମୋଦ କୁମାର ମଲ୍ଲିକଙ୍କ ଦୃଷ୍ଟି ଗୋଚର କରାଯାଇଥିଲା। ସେମାନଙ୍କୁ ବକେୟା ଚାଉଳ ଦେବାକୁ ବିଧାୟକଙ୍କ ବ୍ଲକ ଏମ୍‌ଆଇ, ସ୍ଥାନୀୟ ସରପଞ୍ଚଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତାଙ୍କ ନିର୍ଦ୍ଦେଶକ୍ରମେ ମାର୍କେଟିଂ ଇନିସ୍‌ପେକ୍ଟର (ଏମ୍‌ଆଇ) ମଧୁସ୍ମିତା ଭଞ୍ଜ, ସରପଞ୍ଚଙ୍କ ନୋମିନି ପ୍ରମୋଦ କୁମାର ବେହେରା ପୀଡିତାଙ୍କ ଘରେ ପହଞ୍ଚି ବକେୟା ଚାଉଳ ପ୍ରଦାନ କରିଛନ୍ତି। ଏଥିସହ ସେମାନଙ୍କୁ ଭତ୍ତା ଖୁବ୍‌ଶୀଘ୍ର ପ୍ରଦାନ କରିବାକୁ ବ୍ୟବସ୍ଥା କରାଯିବ ବୋଲି ବେହେରା କହିଛନ୍ତି।

# ୧୦ରେ ମଙ୍କିପକ୍ସ ଚିକିତ୍ସା ପାଇଁ ପ୍ରଶିକ୍ଷଣ

**କଟକ ଅଫିସ,୩।୮**

**ଏସ୍‌ସିବିରେ ଯୋଗଦେବେ ୨ଶହ ଡାକ୍ତର, ଜାରି ହେବ ଏସ୍‌ଓପି**

ଦେଶରେ ମଙ୍କିପକ୍ସ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଯଦିଓ ଏପର୍ଯ୍ୟନ୍ତ କୌଣସି ମଙ୍କିପକ୍ସ ଆକ୍ରାନ୍ତ ଓଡ଼ିଶାରେ ଚିହ୍ନଟ ହୋଇ ନାହାନ୍ତି। ତଥାପି ସଚେତନ ରହିବାକୁ ପରାମର୍ଶ ଦେଲେ ଏସ୍‌ସିବି ମେଡିକାଲ ମଙ୍କିପକ୍ସ କମିଟି ଅଧକ୍ଷ ଡା. ଜୟନ୍ତ ପଣ୍ଡା। ସେପଟେ କିପରି ମଙ୍କିପକ୍ସର ଚିହ୍ନଟ କରିବେ ଏବଂ କିଭଳି ଏହାର ଚିକିତ୍ସା କରାଯିବ ସେନେଇ ଆସନ୍ତା ୧୦ ତାରିଖରେ ଏସସିବି ମେଡିକାଲରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହେବ। ଏଥିପାଇଁ ବୁଧବାର ଏସ୍‌ସିବିରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ୧୦ ତାରିଖରେ ଏସ୍‌ସିବିର ହେରିଟେଜ ଅଡିଟୋରିୟମରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ହେବ। ଏହି ଅବସରରେ ପ୍ରତ୍ୟେକ ଜିଲାରୁ ୪ ଜଣ ଲେଖାଏଁ ଏପରି ମୋଟ ୧୨୦ ଜଣ ଡାକ୍ତର ଏହି ଟ୍ରେନିଂ କାର୍ଯ୍ୟକ୍ରମରେ ଯୋଗଦେବେ । ସେହିପରି ଏମାନଙ୍କ ସହ ବିଭିନ୍ନ ସ୍ୱାସ୍ଥ୍ୟକର୍ମୀ, ସିନିୟର ରେସିଡେଣ୍ଟ, ଭେଷଜ, ଚର୍ମ ଏବଂ ଶିଶୁରୋଗ ବିଭାଗର ଡାକ୍ତର ଯୋଗଦେବେ। ଏସମସ୍ତଙ୍କୁ ମିଶାଇଲେ ମୋଟ ୨୦୦ ଜଣଙ୍କୁ ତାଲିମ ଦିଆଯିବ ବୋଲି ମଙ୍କିପକ୍ସ କମିଟିର ଅଧକ୍ଷ କହିଛନ୍ତି। ସେହିପରି ରାଜ୍ୟରେ ମଙ୍କିପକ୍ସ ନେଇ ସତର୍କତା ଅବଲମ୍ବନ କରାଯିବା ସହ ଆଗୁଆ ପଦକ୍ଷେପ ଗ୍ରହଣ କରାଯାଉଛି। ଏସମସ୍ତ କାର୍ଯ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ତଦାରଖ କରୁଛନ୍ତି। ମଙ୍କିପକ୍ସର ବିଭିନ୍ନ ଲକ୍ଷଣ, ପରୀକ୍ଷା ଏବଂ ଚିକିତ୍ସା ସମ୍ପର୍କରେ ତାଲିମ ଦିଆଯିବ। ଟେଷ୍ଟିଂ ଓ ରେଫେରାଲ ପାଇଁ ପ୍ରସ୍ତୁତ ହୋଇଛି। ଏନେଇ ଉକ୍ତ ଦିନ ଏସ୍‌ଓପି ଜାରି କରାଯିବ। ଏହାକୁ ସର୍ଭିଲାନ୍ସ ଜାରି ଅଛି କଂଟ୍ରୋଲ ରୁମ ଏବଂ ନୋଡାଲ ଅଫିସରଙ୍କ ନମ୍ବର ଜାରି ହୋଇଛି। ସନ୍ଦିଗ୍ଧ ରୋଗୀ ଆସିଲେ ସେମାନଙ୍କୁ ପରୀକ୍ଷଣ କରାଯିବା ସହିତ ଆଇସୋଲେଶନରେ ରଖାଯିବ। ମଙ୍କିପକ୍ସ ରୋଗୀଙ୍କୁ ଚିକିତ୍ସା କରିବା ପାଇଁ ଓଡ଼ିଶା ଏବେ ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ମଙ୍କିପକ୍ସ କମିଟି ଅଧକ୍ଷ ଡା.ଜୟନ୍ତ ପଣ୍ଡା କହିଛନ୍ତି। ଅଧୀକ୍ଷକ ପ୍ରଫେସର ଡ. ଲୁସି ଦାସ, ଅଧକ୍ଷ ପ୍ରଫେସର ଡ. ପ୍ରସେନଜିତ ମହାନ୍ତି, କୁଳସଚିବ ଡ. ଅବିନାଶ ରାଉତ, ନୋଡାଲ ଅଫିସର ଡ. ନିରଞ୍ଜନ ମହାପାତ୍ର ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

# ପ୍ରଦର୍ଶନୀ ଫୁଟ୍‌ବଲ ମ୍ୟାଚ ଡ୍ର

**ଟିଗିରିଆ,୩।୮(ଡି.ଏନ.ଏ.)**

ଟିଗିରିଆ ବ୍ଲକ ଅନ୍ତର୍ଗତ ପଙ୍କାଳସ୍ଥିତ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମଠାରେ ବୁଧବାର ଅନୁଷ୍ଠିତ ଏକ ପ୍ରଦର୍ଶନୀ ଫୁଟବଲ ମ୍ୟାଚ ଯୁବଜ୍ୟୋତି କ୍ଲବ ପଙ୍କାଳ ଓ ଯୁବ ଅହମ୍ମଦିୟା କ୍ଲବ ଗୁଣ୍ଡିଚାପଡା (ଢେଙ୍କାନାଳ)ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚଟି ଡ୍ର ରହିଛି। ମ୍ୟାଚର ପ୍ରଥମାର୍ଦ୍ଧର ୨୦ ମିନିଟ୍‌ରେ ଯୁବଜ୍ୟୋତି କ୍ଲବର ନମ୍ବର ୧୦ ଖେଳାଳି ସଲାମତ ଖାଁ ପ୍ରଥମ ଗୋଲ ସ୍କୋର କରି ଦଳକୁ ଅଗ୍ରଣୀ କରିଥିଲେ। ହେଲେ ୨ୟାର୍ଦ୍ଧର ୨୭ତମ ମିନିଟରେ ଯୁବ ଅହମ୍ମଦିୟା ଦଳର ୧୧ ନଂ. ଖେଳାଳି ଏସ. କେ. ହମିଦ ଗୋଟିଏ ଗୋଲ ସ୍କୋର କରି ଖେଳକୁ ସମାନ ସ୍ଥିତକୁ ଆଣିଥିଲେ। ଖେଳ ଶେଷ ସୁଦ୍ଧା କୌଣସି ଗୋଲ ସ୍କୋର କରିବାକୁ ସକ୍ଷମ ନ ହେବାରୁ ମ୍ୟାଚ ଅମୀମାଂସିତ ରହିଥିଲା। ଏହି ମ୍ୟାଚରେ ମୁଖ୍ୟ ଅତିଥି ଭାବେ ପଙ୍କାଳ ଗ୍ରାମ୍ୟ କମିଟିର ପୂର୍ବତନ ସଭାପତି ରୋଶନ ଖାଁ, ସମ୍ମାନିତ ଅତିଥି ଭାବେ ଯୁବ ଅହମ୍ମଦିୟା ପଙ୍କାଳ ସଭାପତି ଅଞ୍ଜୁମ ଖାଁ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ରେଫରି ମହମ୍ମଦ ଆଶଦୁଲ୍ଲା ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ଅମନ ଖାଁ ଓ ସଲାବତ ଖାଁ ସହଯୋଗ କରିଥିଲେ।


ଅତିଥିଙ୍କ ସହ ଖେଳାଳି।

# ୭୫ଜଣଙ୍କୁ ନେଇ ପାଳନ ହେବ ସ୍ୱାଧୀନତା ଦିବସ

**କଟକ ଅଫିସ, ୩।୮**

ଜିଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହ ବାରବାଟୀ ଷ୍ଟାଡିୟମରେ ପାଳନ କରାଯିବ। ଚଳିତବର୍ଷ ୭୫ଜଣଙ୍କୁ ନେଇ ସ୍ୱାଧୀନତା ଦିବସ ପାଳନ କରାଯିବ। ମୁଖ୍ୟ ଅତିଥି ଜାତୀୟ ପତାକା ଉତ୍ତୋଳନ କରିବେ। ଓଏସ୍‌ଏପି, ସଶସ୍ତ୍ର ବାହିନୀ, ପୋଲିସ ବ୍ୟାଣ୍ଡପାର୍ଟି, ହୋମଗାର୍ଡ ପକ୍ଷରୁ ମୁଖ୍ୟଅତିଥିଙ୍କୁ ଅଭିବାଦନ ପ୍ରଦାନ କରାଯିବ। କୋଭିଡ କଟଣାକୁ ଦୃଷ୍ଟିରେ ରଖି ସମ୍ମିଳିତ ପରେଡ ଅନୁଷ୍ଠିତ ହେବନାହିଁ। ଏଥିସହ ଶିକ୍ଷାନୁଷ୍ଠାନର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ, ସ୍କାଉଟ, ଗାଇଡ ଦଳ ମଧ୍ୟ ଏଥର ପରେଡ୍‌ରେ ଭାଗନେବେ ନାହିଁ ବୋଲି ସୂଚନା ମିଳିଛି। ଜିଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହ ପାଳନ ନିମନ୍ତେ ଜିଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଯୋଗଦେଇ କହିଥିଲେ, ଚଳିତବର୍ଷ ସ୍ୱାଧୀନତା ଦିବସ କୋଭିଡ୍ କଟକଣା ମଧ୍ୟରେ ପାଳନ ହେବ। ଉତ୍ସବକୁ ସ୍ମରଣୀୟ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ସୂଚନାଯୋଗ୍ୟ, ସ୍ୱାଧୀନତା ଦିବସରେ ନିମନ୍ତ୍ରିତ ଅତିଥି, କୋଭିଡ ଯୋଦ୍ଧା, ସମ୍ବର୍ଦ୍ଧିତ ବ୍ୟକ୍ତିଙ୍କ ସମେତ ସର୍ବାଧିକ ୭୫ ଜଣ ସାମିଲ ହେବେ। ଚଳିତବର୍ଷ ଡାକ୍ତର, ନର୍ସ, ସ୍ୱାସ୍ଥ୍ୟକର୍ମୀ, ପୋଲିସ, ଅଗ୍ନିଶମ ସେବା ସଂସ୍ଥା, ସିଏମ୍‌ସିର ସଫେଇ ଓ ପରିମଳ କର୍ମଚାରୀଙ୍କୁ କୋଭିଡ ସମୟରେ ଉଲ୍ଲେଖନୀୟ ସେବା ପାଇଁ ସମ୍ବର୍ଦ୍ଧିତ କରାଯିବ। ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଡାକବାଜି ଯନ୍ତ୍ର ଯୋଗେ ସହରରେ ରାମଧୂନ ପରିବେଷଣ କରାଯିବ। ସେହିପରି ବାରବାଟୀ ଦୁର୍ଗର ମୁଖ୍ୟ ପ୍ରବେଶ ଦ୍ୱାର, ସ୍ୱରାଜ ଆଶ୍ରମ, ଟାଉନହଲ, ଶହୀଦ ଭବନ, କଲେକ୍ଟୋରେଟ, ସିଏମ୍‌ସି କାର୍ଯ୍ୟାଳୟ, ସିଡିଏ କାର୍ଯ୍ୟାଳୟ, ପଢିଆରୀ ପାଠାଗାର ଓ ସୂଚନା କେନ୍ଦ୍ରରେ ଆଲୋକୀକରଣ କରାଯିବ। ବୈଠକରେ ଅତିରିକ୍ତ ଜିଲାପାଳ ବିଜୟ ଖଣ୍ଡାୟତରାୟ, ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସତ୍ୟବ୍ରତ ଛୋଟରାୟ, ସିଏମ୍‌ସି ଉପଆୟୁକ୍ତ ଅଜୟ ମହାନ୍ତି, ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ଡା. ସତ୍ୟବ୍ରତ ମହାପାତ୍ର, ଉପଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଏପିଡି ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର, ଲକ୍ଷ୍ମଣ ବେହେରା, ଅଭିରାମ ଦାସ ପ୍ରମୁଖ ଉପସ୍ଥିତ ଥିଲେ।


ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଜିଲାପାଳଙ୍କ କାର୍ଯ୍ୟାଳୟରେ ବୁଧବାର ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀ।

- **ଜିଲାସ୍ତରୀୟ ସ୍ୱାଧୀନତା ଦିବସ ନିମନ୍ତେ ପ୍ରସ୍ତୁତି ବୈଠକ**
- **କୋଭିଡ୍ କଟକଣା ପାଇଁ ହେବନି ସମ୍ମିଳିତ ପରେଡ**

**ବୋଲେରୋରୁ ଗୋଡ଼ବନ୍ଧା ଅବସ୍ଥାରେ ଗାଈ ଉଦ୍ଧାର**

ପୁରୀ ଅଫିସ:ଏକ କଳାରଙ୍ଗର ବୋଲେରୋ ଗାଡ଼ି ଭିତରେ ଏକ ଗାଈ ଗୋଡ଼ବନ୍ଧା ଅବସ୍ଥାରେ ଥିବା ବୁଧବାର ସକାଳେ ବାଲିଘାଟ ଅଞ୍ଚଳର ଲୋକେ ଦେଖିବାକୁ ପାଇଥିଲେ। ୪ଜଣ ଯୁବକ ଉକ୍ତ ଗାଡ଼ିରୁ ବାହାରି ରାସ୍ତା ପାର୍ଶ୍ୱସ୍ଥ ଏକ ଟ୍ୟୁବୱେଲରୁ ପାଣି ପିଉଥିଲେ। କିଛି ସମୟ ସେମାନେ ଚାଲିଯାଇଥିଲେ। ତେବେ ଗାଡ଼ିର ଆଗ କାଚ ଭାଙ୍ଗିଯାଇଥିବା ବେଳେ ଗାଡ଼ିରେ ଗୋଟିଏ ଗାଈ ଅସହାୟ ଅବସ୍ଥାରେ ବନ୍ଧା ହୋଇ ରହିଥିବା ଦେଖିବାକୁ ପାଇଥିଲେ। ସ୍ଥାନୀୟ ବାସିନ୍ଦା ଏ ନେଇ ଆପାତକାଳୀନ ନମ୍ବର ୧୧୨କୁ ଖବର ଦେଇଥିଲେ। ବିଳମ୍ବରେ ପୋଲିସ ପହଞ୍ଚି ଗାଈ ଏବଂ ଗାଡ଼ିକୁ ଜବତ କରିଥିଲା। ଗାଡ଼ିର ଇଞ୍ଜିନ ଖରାପ ହେବାରୁ ସମ୍ପୃକ୍ତ ୪ଜଣ ବ୍ୟକ୍ତି ଧରାପଡ଼ିଯିବା ଭୟରେ ପଳାଇଯାଇଥିବା ଚର୍ଚ୍ଚା ହେଉଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୩।୮।୨୦୨୨

| | |
|---|---|
| ୩,୮୩,୦୫୦ ଟଙ୍କା | |
| ସୁନା | ୧.୦୨୦ ଗ୍ରାମ |
| ରୁପା | ୧୧.୫୦୦ ଗ୍ରାମ |

# ସିଂହଦ୍ୱାର ଗୁମୁଟରେ ବର୍ଷାଜଳ, ଭକ୍ତ ହଇରାଣ

ପୁରୀ ଅଫିସ, ୩।୮

ପୁରୀରେ ବୁଧବାର ମୂଷଳ ଧାରାରେ ବର୍ଷା ହୋଇଛି। ଏଥିଯୋଗୁ ବଡ଼ଦାଣ୍ଡ ସମେତ ବିଭିନ୍ନ ସ୍ଥାନରେ ପାଣି ଜମିବା ସହ ଶ୍ରୀମନ୍ଦିର ବାଇଶିପାହାଚ ନିକଟ ଗୁମୁଟରେ ବର୍ଷାଜଳ ପ୍ରବେଶ କରିଥିଲା। ପୂର୍ବାହ୍ନ ପ୍ରାୟ ୧୦ଟାରେ ପୁରୀ ଆକାଶରେ କଳାହାଣ୍ଡିଆ ମେଘ ଘୋଟିଆସିଥିଲା। କିଛି ସମୟ ପରେ ପ୍ରବଳ ବର୍ଷା ହୋଇଥିଲା। ହଠାତ୍ ବର୍ଷା ହେବା କାରଣରୁ ଶ୍ରୀମନ୍ଦିରକୁ ଯାଉଥିବା ଭକ୍ତମାନେ ହଇରାଣ ହୋଇଥିଲେ। ବର୍ଷାରେ ଭିଜି ମନ୍ଦିରକୁ ପ୍ରବେଶ କରିଥିଲେ। ବାଇଶି ପାହାଚ ଆଡୁ ପ୍ରବଳ ପାଣି ବୋହି ଆସିବାରୁ ଏକ କୃତ୍ରିମ ଝରଣାର ଭ୍ରମ ସୃଷ୍ଟି ହୋଇଥିଲ। ସିଂହଦ୍ୱାର ଗୁମୁଟରେ ପାଣି କିଛି ସମୟ ପାଇଁ ଜମି ରହିଥିଲା। ଅନେକ ଭକ୍ତ ଦର୍ଶନ କରିବାକୁ ନ ଯାଇପାରି ଆଣ୍ଠୁଏ ପାଣିରେ ଅପେକ୍ଷା କରିବାକୁ ବାଧ ହୋଇଥିଲେ। କେତେଜଣ ଭକ୍ତ ବର୍ଷାରେ ଓଦା ହୋଇ ଶ୍ରୀମନ୍ଦିର ମଧ୍ୟକୁ ପ୍ରବେଶ କରିବା ଦେଖିବାକୁ ମିଳିଥିଲା। କିଛି ସମୟ ପରେ ବର୍ଷା କମିବାରୁ ଜମି ରହିଥିବା ପାଣି ନିଷ୍କାସିତ ହୋଇଯାଇଥିଲା। ତତ୍‌ପରେ ଭକ୍ତମାନେ ସୁରୁଖୁରୁରେ ଶ୍ରୀମନ୍ଦିରକୁ ଯାଇ ଶ୍ରୀଜୀଉଙ୍କୁ ଦର୍ଶନ କରିଥିଲେ। ଅପରପକ୍ଷରେ ଏହି ବର୍ଷା ସମୟରେ ପୁରୀ ସମୁଦ୍ରରେ ଏକ ବିରଳ ଦୃଶ୍ୟ ଦେଖିବାକୁ ମିଳିଥିଲା। ଆକାଶ ହଠାତ୍ କଳା ବାଦଲରେ



ଶ୍ରୀମନ୍ଦିର ସିଂହଦ୍ୱାର ଗୁମୁଟରେ ଜମିଥିବା ବର୍ଷାଜଳରେ ପଶି ଭକ୍ତମାନେ ଯାତାୟାତ କରୁଛନ୍ତି।

### ସମୁଦ୍ରରେ ଘୂର୍ଣ୍ଣିବଳୟ

ଆଚ୍ଛାଦିତ ହୋଇଯାଇଥିଲା। ପରେ ଆଶ୍ଚର୍ଯ୍ୟଜନକ ଭାବରେ ଏକ ଘୂର୍ଣ୍ଣିବଳୟ ସମୁଦ୍ର ଜଳରାଶିରୁ ଆକାଶ ଆଡ଼କୁ ଗତି କରିଥିଲା। ଏହି ଦୃଶ୍ୟକୁ ଦେଖି ପର୍ଯ୍ୟଟକମାନେ ଆଚମ୍ବିତ ହୋଇଯାଇଥିଲେ। ଏପରିକି ଅନେକ ପର୍ଯ୍ୟଟକ ଏହି ଦୃଶ୍ୟକୁ ସେମାନଙ୍କ ମୋବାଇଲ ଏବଂ କ୍ୟାମେରାରେ କଏଦ କରିଥିଲେ। ଭିଆଇପି ରୋଡ଼ ସ୍ଥିତ ପାନ୍ଥନିବାସ ସମ୍ମୁଖ ବେଳାଭୂମିରେ ଏପରି ଦୃଶ୍ୟ ଦେଖିବାକୁ ମିଳିଥିଲା। ଏହାର କିଛି ସମୟ ପରେ ହଠାତ୍ ମୂଷଳ ଧାରାରେ ବର୍ଷା ହୋଇଥିଲା। ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖ ଡ୍ରେନେଜ ଠିକ୍ ଭାବେ ସଫା ହୋଇ ନ ଥିବାରୁ ବର୍ଷାଜଳ କିଛି ସମୟ ପାଇଁ ଗୁମୁଟ ପରିସରରୁ ନିଷ୍କାସିତ ହୋଇପାରି ନ ଥିବା କୁହାଯାଉଛି।

# କଲେଜ ସ୍ଥିତି ପରଖିଲେ ଗଣଶିକ୍ଷା ମନ୍ତ୍ରୀ




ଅଧ୍ୟାପିକାଙ୍କ ସହ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଆଲୋଚନା କରୁଛନ୍ତି।

ନିମାପଡ଼ା,୩।୮(ଡି.ଏନ୍.ଏ.)

ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ବୁଧବାର ଅଚାନକ ଚାରିଛକ ନିଗମାନନ୍ଦ ମହିଳା କଲେଜ ପରିଦର୍ଶନ କରିଛନ୍ତି। ପରିଦର୍ଶନବେଳେ ମହାବିଦ୍ୟାଳୟରେ ପାଠପଢ଼ା କିଭଳି ଚାଲିଛି, ନିୟମିତ କ୍ଲାସ ହେଉଛି କି ନାହିଁ ସେ ସମ୍ପର୍କରେ ମନ୍ତ୍ରୀ ଦାଶ ଛାତ୍ରୀଛାତ୍ରଙ୍କୁ ପଚାରି ବୁଝିଥିଲେ। କଲେଜରେ ନିୟମିତ କ୍ଲାସ କରାଯିବା, ଠିକ୍ ଭାବେ ପାଠପଢ଼ା କାର୍ଯ୍ୟ ତ୍ୱରାନ୍ୱିତ କରାଯିବା ଦିଗରେ ଯତ୍ନବାନ ହେବାକୁ ମନ୍ତ୍ରୀ ଦାଶ ମହିଳା କଲେଜ ଅଧକ୍ଷା ସ୍ୱର୍ଣ୍ଣରଶ୍ମି ସାହୁ ଏବଂ ଅଧ୍ୟାପିକା ଅଧ୍ୟାପକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ପାଠପଢ଼ା ସମ୍ପର୍କରେ ଅଧ୍ୟାପିକା ଅଧ୍ୟାପକଙ୍କ ସହ ମନ୍ତ୍ରୀ ଦାଶ ଆଲୋଚନା କରିଥିଲେ।

## ସଂକ୍ଷେପରେ

### ନାବାଳିକାଙ୍କୁ ଗଣବଳାତ୍କାର: ୨ କୋର୍ଟ ଚାଲାଣ

**ସାକ୍ଷୀଗୋପାଳ, ୩।୮(ଡି.ଏନ.ଏ.):** ଜଣେ ୧୪ ବର୍ଷୀୟା ନାବାଳିକାଙ୍କୁ ଗଣବଳାତ୍କାର ଅଭିଯୋଗରେ ସତ୍ୟବାଦୀ ଥାନା ପୋଲିସ ୨ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଅନ୍ୟ ଅଭିଯୁକ୍ତମାନେ ଫେରାର ଅଛନ୍ତି। ଏହି ଅଭିଯୁକ୍ତମାନେ ଦୀର୍ଘ ୮ ଦିନ ଧରି କ୍ରମାଗତ ଭାବେ ପୀଡ଼ିତାଙ୍କୁ ବଳାତ୍କାର କରିଥିଲେ। ପରିବାର ଲୋକେ ଘଟଣା ସମ୍ପର୍କରେ ଜାଣିବା ପରେ ସତ୍ୟବାଦୀ ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ପୋକ୍ସୋ ଆଇନ ୨୦୧୨ ଅନୁଯାୟୀ ଦଫା ୩୭୬ (ଡି) (ଏ), ଆଇପିସି-୬ରେ ଏକ ମାମଲା (ନଂ. ୨୨୫/୨୨) ରୁଜୁ କରି ତଦନ୍ତ ଚଳାଇଥିଲା। ସତ୍ୟବାଦୀ ଥାନା ଅନ୍ତର୍ଗତ ଡାହାଣ କୁମ୍ଭାରପଡ଼ାର ପ୍ରଥମ ଅଭିଯୁକ୍ତ ଦୀପ୍ତିରଞ୍ଜନ ସ୍ୱାଇଁ ଓରଫ ଗୁନା ଏବଂ ୨ୟ ଅଭିଯୁକ୍ତ ଅଲଗୁମ ମାଳିସାହିର ସୁଶାନ୍ତ କୁମାର ନାୟକ ଓରଫ ମୁନାଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଥାନା ଭାରପ୍ରାପ୍ତ ନିରୀକ୍ଷକ ବିଜୟକେତନ ବେହେରା କହିଛନ୍ତି।

### ଖବରଦାତାଙ୍କୁ ହତ୍ୟା ଧମକ, ମାମଲା ରୁଜୁ

**ନିମାପଡ଼ା,୩।୮(ଡି.ଏନ୍.ଏ.):** ନିମାପଡ଼ା ଅଞ୍ଚଳର ଜଣେ ଖବରଦାତାଙ୍କୁ କରତକଳ କର୍ମଚାରୀ ଦୁର୍ବ୍ୟବହାର କରିବା ସହ ହତ୍ୟା ଧମକ ଦିଆଯାଇଛି। ଏନେଇ ସମ୍ପୃକ୍ତ ଖବରଦାତା ରଞ୍ଜନ କୁମାର ଦାସ ବୁଧବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏନେଇ ଅଭିଯୁକ୍ତ ଗୋପ ଥାନା ଅନ୍ତର୍ଗତ ଅତଙ୍ଗା ସାହି ଗ୍ରାମର ଲାଲାଙ୍କ ନାମରେ ଏକ ମାମଲା (ନଂ. ୨୬୫/୨୨) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଖବରଦାତା ଖବର ସଂଗ୍ରହ ପାଇଁ ସ୍ଥାନୀୟ ବ୍ଲକ ଅନ୍ତର୍ଗତ ଖଣ୍ଡା ସାହି ମାଇନ ନିକଟ କରତକଳକୁ ଯାଇଥିଲେ। କାହିଁକି ବେଆଇନ ଭାବେ କରତକଳ ଚାଲିଛି ବୋଲି ପଚାରିବାରୁ ଲାଲା କ୍ରୋଧାନ୍ୱିତ ହୋଇ ତାଙ୍କୁ ଗାଳିଗୁଲଜ କରିଥିଲେ। ଏଥିସହ ଦୁର୍ବ୍ୟବହାର ଦେଖାଇ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ। ଏହି ଘଟଣାକୁ ଖବରଦାତାଙ୍କ ପକ୍ଷରୁ ନିନ୍ଦା କରାଯିବା ସହ କାର୍ଯ୍ୟାନୁଷ୍ଠାନ ନେବାକୁ ଦୃଢ ଦାବି କରାଯାଇଛି।




ପୁରୀ ସଂସ୍କୃତି ଭବନରେ ବୁଧବାର 'ପରିଦର୍ଶକ' ଖବରକାଗଜର ୧୫ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭାମାନେ।

# ଅନନ୍ତ କୋଟି ବ୍ରହ୍ମର ତତ୍ତ୍ୱ 'ଶ୍ରୀଜଗନ୍ନାଥ'

ପୁରୀ ଅଫିସ ୩।୮

### ପରିଦର୍ଶକ ଖବରକାଗଜର ୧୫ତମ ପ୍ରତିଷ୍ଠା ଦିବସ

ପୁରୀ ସଂସ୍କୃତି ଭବନରେ ବୁଧବାର 'ପରିଦର୍ଶକ' ଖବରକାଗଜର ୧୫ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ 'ଅନାଦି ବ୍ରହ୍ମର ସ୍ୱରୂପ' ଶୀର୍ଷକ ଆଧ୍ୟାତ୍ମିକ ସମାବେଶ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବାବା ଅନାଦି ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବାବା ସତ୍ୟାନନ୍ଦ ମହାରାଜ, ସ୍ୱାମୀ ଗିରିଜାନନ୍ଦ ପର୍ବତ, ସ୍ୱାମୀ ଶ୍ରୀହରି ବାବା, ମହନ୍ତ ରାମକୃଷ୍ଣ ଦାସ, ସ୍ୱାମୀ ବୋଧାୟନ ମହାରାଜ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସେବକ ଗୋପାଳ ଚନ୍ଦ୍ର ଖୁଣ୍ଟିଆ ଏବଂ ହେମନ୍ତ କୁମାର ରଥ ପ୍ରମୁଖ ଯୋଗଦେଇଥିଲେ। ଶ୍ରୀଜଗନ୍ନାଥ ହେଉଛନ୍ତି ଅନନ୍ତ କୋଟି ବ୍ରହ୍ମର ତତ୍ତ୍ୱ। ତାଙ୍କର ଆଦି କି ଅନ୍ତ ନାହିଁ। ସେ ସାକ୍ଷାତ୍ ଅନାଦି ବୋଲି ଅତିଥିମାନେ କହିଥିଲେ। ପରିଦର୍ଶକର ସମ୍ପାଦକ ବାବା ଲଲାଟେନ୍ଦୁ କେଶରୀ ଓ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା ଏବଂ ଶିବସୁନ୍ଦର ମିଶ୍ର ସଂଯୋଜନା କରିଥିଲେ। ସମର୍ପଣ ସଙ୍ଗଠନର ସମ୍ପାଦିକା ଜୟନ୍ତୀ ମହାପାତ୍ର, ଖବରଦାତା ଶୁଭଙ୍କର ଜେନା ଏବଂ ଡ. ସୁଦୀପ୍ତା ମିଶ୍ରଙ୍କ ସମେତ ବହୁ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ସମତା ସାହିତ୍ୟ ସମିତି ଏବଂ ଭାଷା ଭାବନା ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ କ ବି ଓ ଲେଖକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ଭାବେ ସ୍ୱାମୀ ଗିରିଜାନନ୍ଦ ପର୍ବତ, ଖବରଦାତା ଭାଗବତ ତ୍ରିପାଠୀ, ପୀତବାସ ମିଶ୍ର, ଜ୍ୟୋତିର୍ବିଦ୍ ଅନାମ ଚନ୍ଦ୍ର ସାହୁ, ସୁକାନ୍ତ ପ୍ରଧାନ, ଶିକ୍ଷାବିତ୍ ମଞ୍ଜୁଶ୍ରୀ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ପ୍ରତିଭା ତ୍ରିପାଠୀ ସଂଯୋଜନା କରିଥିଲେ। ଏହି ଅବସରରେ ଅନେକ କବି ଆଧ୍ୟାତ୍ମିକ କବିତା ପାଠ କରିଥିଲେ। ଶେଷରେ କ୍ରିଷ୍ଣା ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ୭ ପରିବାରଙ୍କ ଘର ଭାଙ୍ଗିବାକୁ ନେଇ ଉତ୍ତେଜନା

ବ୍ରହ୍ମଗିରି,୩।୮(ଡି.ଏନ୍.ଏ)

କୃଷ୍ଣପ୍ରସାଦ ବ୍ଲକ ଅରଖକୁଦା ମେରାଇନ ଥାନା ଅନ୍ତର୍ଗତ ଅରଖକୁଦା ଲକ୍ଷ୍ମୀନାରାୟଣ ସାହିରେ ସରକାରୀ ଜମିକୁ ନେଇ ଉତ୍ତେଜନା ଲାଗିରହିଛି। ଫଳରେ ଏହି ସାହିର ଶତାଧିକ ଲୋକ ବୁଧବାର ଏକଜୁଟ ହୋଇ ୭ ପରିବାରର ଘରଦ୍ୱାର ଭାଙ୍ଗି ଦେଇଛନ୍ତି। ସୂଚନା ଅନୁଯାୟୀ, ଲକ୍ଷ୍ମୀନାରାୟଣ ସାହିର ବାତ୍ୟା ଆଶ୍ରୟସ୍ଥଳୀ ନିକଟରେ ଥିବା ଏକ ସରକାରୀ ଜାଗାରେ ୭ଟି ପରିବାର ଦୀର୍ଘ ଦିନ ରହି ଆସୁଛନ୍ତି। ଏହି ସରକାରୀ ଜାଗାରେ ଗାଁ ଶ୍ମଶାନ ରହିଛି। ଦୀର୍ଘ ଦିନ ହେଲା ରହିଆସୁଥିବା ପରିବାର ଓ ସାହି ଲୋକଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା। ବିବାଦ ସମାଧାନ ପାଇଁ ପୋଲିସ, ସାହିର ମୁରବି ଏବଂ ସରକାରୀ ଜାଗାରେ ରହୁଥିବା ପରିବାର ମଧ୍ୟରେ ଆଲୋଚନା ହୋଇଥିଲା। ସେଥିରେ ଜାଗା ଚିହ୍ନଟ କରି ଉକ୍ତ ପରିବାରଙ୍କୁ କିଛି ଜାଗା ଦେବା ପାଇଁ ଆଲୋଚନାରେ ସ୍ଥିର ହୋଇଥିଲା। ଏଥିସହ ଏହି ଜାଗାରେ ଶ୍ମଶାନ, କଲ୍ୟାଣ ମଣ୍ଡପ ଓ ସରକାରୀ କାର୍ଯ୍ୟାଳୟ ନିର୍ମାଣ ପାଇଁ ପ୍ରସ୍ତାବ ଦେଇଥିଲେ। କିନ୍ତୁ ଏହି ଘଟଣାର କୌଣସି ସମାଧାନ ନ ହେବାରୁ ସରକାରୀ ଜାଗାରେ ରହୁଥିବା ପରିବାର ମଧ୍ୟରୁ ଲୋକନାଥ ବେହେରା ଏନେଇ ଉପଜିଲାପାଳଙ୍କ ପାଖରେ ଅଭିଯୋଗ କରିଥିଲେ। ତୁରନ୍ତ ସରକାରୀ ଜାଗାକୁ ମାପଚୁପ ପାଇଁ ଉପଜିଲାପାଳଙ୍କ କାର୍ଯ୍ୟାଳୟରୁ ବ୍ରହ୍ମଗିରି ତହସିଲକୁ ଏକ ନିର୍ଦ୍ଦେଶ ଆସିଥିଲା। କିନ୍ତୁ ଏହାର ମାପଚୁପ ହୋଇ ପାରି ନ ଥିଲା। ବୁଧବାର ଶତାଧିକ ଲୋକେ ହଠାତ ମିଳିତ ହୋଇ ୭ ପରିବାରର ଘରଦ୍ୱାର ଭାଙ୍ଗିବା ଆରମ୍ଭ କରି ଦେଇଥିଲେ। ଖବରପାଇ ଅରଖକୁଦା ମେରାଇନ ଥାନା ଅଧିକାରୀ ଦିଲ୍ଲୀପ କୁମାର ଧଳ ପୋଲିସ ଫୋର୍ସ ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ ବ୍ରହ୍ମଗିରି ଆଇଆଇସି ମନୋଜ ଶତପଥୀ ପୋଲିସ ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚିବା ପରେ ଘରଦ୍ୱାର ଭାଙ୍ଗୁଥିବା ଲୋକେ ଜାଗା ଛାଡି ପଳାଇଥିଲେ। ପ୍ରବଳ ଉତ୍ତେଜନା ଲାଗି ରହିଥିବାରୁ ସେଠାରେ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଏନେଇ ଅରଖକୁଦା ମେରାଇନ ଥାନା ଅଧିକାରୀ ଧଳ କହିଛନ୍ତି, ଲକ୍ଷ୍ମୀନାରାୟଣ ସାହିରେ ଏକ ସରକାରୀ ଜାଗାକୁ ନେଇ ବିବାଦ ରହିଛି। ସେଠାରେ ୭ ପରିବାର ଘରଦ୍ୱାର କରି ରହୁଛନ୍ତି। କିଛି ଲୋକେ ମିଶି ଘରଦ୍ୱାର ସବୁ ଭାଙ୍ଗି ଦେଇଛନ୍ତି। ଘଟଣା ସମ୍ପର୍କରେ ଏବେ ସୁଦ୍ଧା ଲିଖିତ ଅଭିଯୋଗ ଆସିନାହିଁ। ଅଭିଯୋଗ ଆସିଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଧଳ କହିଥିଲେ।



ଭାଙ୍ଗି ଦିଆଯାଇଥିବା ଘର।

## ବାଇକ୍‌କୁ ଧକ୍କାଦେଲା କାର୍, ୨ ଗୁରୁତର

ପିପିଲି, ୩।୮(ସ୍ୱ.ପ୍ର.)

ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥର ନିର୍ମଳା ବଜାର ନିକଟବର୍ତ୍ତୀ ପୋଟଳ ଛକ ଡାଇଭର୍ସନଠାରେ ବୁଧବାର ଏକ କାର୍ ଓ ବାଇକ୍ ଦୁର୍ଘଟଣା ଘଟିଛି। କାର୍‌ଟି ବାଇକ୍ ପଛରେ ଧକ୍କା ଦେବାରୁ ବାଇକ୍‌ରେ ଥିବା ୨ଜଣ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକଙ୍କ ସହାୟତାରେ ଜାତୀୟ ରାଜପଥର ପାଟ୍ରୋଲିଂ ପୋଲିସ ଏସ୍‌ଓପି ରାମକୃଷ୍ଣ କର ଓ ହୋମଗାର୍ଡ ପ୍ରଭାକର ମୁଦୁଲି ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ତାଙ୍କ ଗାଡି ଯୋଗେ ନିକଟସ୍ଥ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ୧୦୮ ଆମ୍ବୁଲାନ୍ସ ଯୋଗେ ଦୁଇ ଜଣଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରିଛନ୍ତି। ଆହତଙ୍କ ମଧ୍ୟରେ ଜଣେ ଡେଲାଙ୍ଗ ଥାନା ପିଢ଼ପାଟଣା ଗ୍ରାମର ପ୍ରଶାନ୍ତ ଜେନା (୪୫) ଅନ୍ୟ ଜଣେ ଚନ୍ଦନପୁର ଥାନା ଅଞ୍ଚଳର ବାସୁଦେବ ପରିଡା(୪୮)। ସାତଶଙ୍ଖ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି କାର୍ ଓ ବାଇକ୍‌କୁ ଜବତ କରି କାର୍ ଚାଳକଙ୍କୁ ଫାଣ୍ଡିରେ ଅଟକ ରଖି ତଦନ୍ତ ଚଳାଇଛି।

## ଜେସିବି ପୋଡ଼ିଦେଲେ ଦୁର୍ବୃତ୍ତ

ବ୍ରହ୍ମଗିରି,୩।୮(ଡି.ଏନ୍.ଏ)



ବ୍ରହ୍ମଗିରି ଥାନା ଅନ୍ତର୍ଗତ ସିପସରୁବାଲି ନିକଟରେ ଥିବା ଜଣେ ବ୍ୟକ୍ତିଙ୍କ ଜେସିବିକୁ ମଙ୍ଗଳବାର କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଛନ୍ତି। ଫଳରେ ଜେସିବିଟି ସମ୍ପୂର୍ଣ୍ଣ ଜଳିଯାଇଛି। ଏ ସମ୍ପର୍କରେ ବ୍ରହ୍ମଗିରି ଥାନାରେ ଏକ ମାମଲା ରୁଜୁ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ପ୍ରାରମ୍ଭିକ ତଦନ୍ତରୁ ଏହା ପୂର୍ବ ଶତ୍ରୁତାରୁ ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ, ଉକ୍ତ ଥାନା ଅନ୍ତର୍ଗତ ପଲଙ୍କ ଗ୍ରାମର ଶେଖ ଅକ୍ତର ହୋସେନ ନାମକ ବ୍ୟକ୍ତି ୨ଟି ଜେସିବି ଭଡାରେ ଆଣି ତାଙ୍କର ସିପସରୁବାଲି ନିକଟରେ ଥିବା ଏକ ବଗିଚାରେ ପୋଖରୀ ଖୋଳିବା କାର୍ଯ୍ୟରେ ନିୟୋଜିତ କରିଥିଲେ। ମଙ୍ଗଳବାର ସନ୍ଧ୍ୟାରେ ଡ୍ରାଇଭରମାନେ ଘରକୁ ଖାଇବାକୁ ଯିବା ସମୟରେ କେହି ଦୁର୍ବୃତ୍ତ ଗୋଟିଏ ଜେସିବିରେ ନିଆଁ ଲଗାଇ ଦେଇଥିଲେ। ଖବରପାଇ ଡ୍ରାଇଭରଙ୍କ ସମେତ ଅକ୍ତର ହୋସେନ ଓ ଗ୍ରାମର କିଛି ଲୋକ ଘଟଣା ସ୍ଥଳରେ ପହଞ୍ଚି ଜେସିବିଟି ସମ୍ପୂର୍ଣ୍ଣ ଜଳିଯାଇଥିବା ଦେଖିବାକୁ ପାଇଥିଲେ।

# ଦାନବୀର ବଡ଼େ ହରିହର ଗୁରୁଙ୍କ ସ୍ମୃତି ସମାରୋହ

ପୁରୀ ଅଫିସ, ୩।୮

ଭକ୍ତି ଓ ସେବାର ଅନନ୍ୟ ପ୍ରତୀକ ଦାନବୀର ବଡ଼େ ହରିହର ଗୁରୁଙ୍କ ୯୮ତମ ପୁଣ୍ୟତିଥି ସ୍ମୃତି ସମାରୋହ ବଡ଼ଦାଣ୍ଡସ୍ଥିତ ଗୁରୁ ଇଷ୍ଟେଟ୍ ପରିସରରେ ପାଳିତ ହୋଇଯାଇଛି। ଦାନବୀର ବଡ଼େ ହରିହର ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ରବି ନାରାୟଣ ଗୁରୁ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଉପଜିଲାପାଳ ଭବତାରଣ ସାହୁ, ଶ୍ରୀମନ୍ଦିରର ପୂର୍ବତନ ଉପପ୍ରଶାସକ ଡ. ଭାସ୍କର ମିଶ୍ର ଏବଂ ବରିଷ୍ଠ ସେବାୟତ ପୂର୍ଣ୍ଣଚନ୍ଦ୍ର ଗୋଛିକାର ଯୋଗଦେଇଥିଲେ। ବଡେ ହରିହରଙ୍କ ଆଦର୍ଶରେ ସମସ୍ତେ ଅନୁପ୍ରାଣିତ ହେବା ପାଇଁ ଅତିଥିମାନେ କହିଥିଲେ। ବଡେ ହରିହରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯିବା ସହ ହଜୁରୀ ଭୀମସେନ ଖୁଣ୍ଟିଆଙ୍କ ବିୟୋଗରେ ୨ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ସେବାୟତ ହରିହର ପୂଜାପଣ୍ଡା, କାଶୀନାଥ ଖୁଣ୍ଟିଆ, ଦଇତାପତି ସେବକ ରାମଚନ୍ଦ୍ର ଦାସ ମହାପାତ୍ର, ସଂସ୍କୃତ ବିଦ୍ୟାର୍ଥୀ ଲକ୍ଷ୍ମୀଧର ପଣ୍ଡା, ସିବିଏସ୍‌ଇ ଟପ୍ପର ଅଂଶୁମାନ ସିଂହାରୀ, ଆଇସିଏସଇ ଟପ୍ପର ଭିତରଛ ଜୟକୃଷ୍ଣ ମହାପାତ୍ର, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ହରଚଣ୍ଡୀ ସାହିର ଶ୍ରେଷ୍ଠ ଛାତ୍ର ଶାଳଗ୍ରାମ ରୁଦ୍ରନାରାୟଣ ପ୍ରତିହାରୀଙ୍କୁ ସମ୍ମାନିତ କରାଯାଇଥିଲା। ଭକ୍ତି ସଙ୍ଗୀତ ପ୍ରତିଯୋଗିତାର କୃତୀ ପ୍ରତିଭା, ମିନି ମାରାଥନ୍ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହ ତୃତୀୟ ଶ୍ରେଣୀରେ ମେଧାବୃତ୍ତି ଲାଭ କରିଥିବା ୧୦ ଛାତ୍ରୀଛାତ୍ରଙ୍କୁ ପ୍ରଶଂସାପତ୍ର, ଟ୍ରଫି ଓ ଅର୍ଥରାଶି ଦିଆଯାଇଥିଲା। ବାଣିଶ୍ରୀ ସଙ୍ଗୀତ ଏକାଡେମୀର କଳାକାରମାନେ ପୁଷ୍ପାଞ୍ଜଳି ନନ୍ଦଙ୍କ ନିର୍ଦ୍ଦେଶନାରେ ଜୟ ଜଗଦୀଶ ହରେ, ଗୁରୁ ସତ୍ୟପ୍ରିୟ ମହାପାତ୍ରଙ୍କ ନିର୍ଦ୍ଦେଶନାରେ ସିଦ୍ଧ ମହାବୀର ସଙ୍ଗୀତ ପରିଷଦର ଶିଳ୍ପୀମାନେ ମଧୁରାଷ୍ଟକମ୍, ଶ୍ରୀକ୍ଷେତ୍ରର ଶିଳ୍ପୀମାନଙ୍କ ଦ୍ୱାରା ଶ୍ରୀଜଗନ୍ନାଥ ମାଳଶ୍ରୀ ଏବଂ ସତ୍ୟନାରାୟଣ ଗୁରୁଙ୍କ ନେତୃତ୍ୱରେ ସିତାର ବାଦନ ପରିବେଷଣ କରାଯାଇଥିଲା। କାର୍ଯ୍ୟକାରୀ ସଭାପତି ଡ. କୈଳାସ ଚନ୍ଦ୍ର ଟିକାୟତରାୟ ସଭା ସଞ୍ଚାଳନ କରିଥିଲେ। କାର୍ଯ୍ୟକ୍ରମକୁ ଶ୍ୟାମପ୍ରକାଶ ସେନାପତି ଓ ଗଣେଶ ମହାପାତ୍ର ସଞ୍ଚାଳନ କରିଥିଲେ। ସମ୍ପାଦକ ଚକ୍ରଧର ମହାପାତ୍ର ଧନ୍ୟବାଦ ଦେଇଥିଲେ।



ଦାନବୀର ବଡ଼େ ହରିହର ଗୁରୁଙ୍କ ୯୮ ତମ ପୁଣ୍ୟତିଥି ସ୍ମୃତି ସମାରୋହରେ ବାଦ୍ୟଶିଳ୍ପୀମାନେ ବୀଣାବାଦନ କରୁଛନ୍ତି।

# ୧୫ ମାସ ହେଲା ଶିକ୍ଷକ ନାହାନ୍ତି

- ସହଜପୁର ଉ.ପ୍ରା. ବିଦ୍ୟାଳୟରେ ଶିକ୍ଷାଦାନ ବାଧାପ୍ରାପ୍ତ
- ଶିକ୍ଷକ ନିଯୁକ୍ତି ଦାବିରେ ଗ୍ରାମବାସୀଙ୍କ ଧାରଣା

ପିପିଲି, ୩।୮(ସ୍ୱ.ପ୍ର/ଡି.ଏନ୍.ଏ)

ପିପିଲି ବ୍ଲକ ଅନ୍ତର୍ଗତ ସହଜପୁର ଗ୍ରାମସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ପଢାଇବା ପାଇଁ କୌଣସି ଶିକ୍ଷକ ନାହାନ୍ତି। ଫଳରେ ଗତ ୧୫ ମାସ ହେଲା ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଛି। ଶିକ୍ଷକ ନିଯୁକ୍ତି ପାଇଁ ବ୍ଲକ ପ୍ରଶାସନଠାରୁ ଆରମ୍ଭ କରି ଜିଲା ପ୍ରଶାସନ ନିକଟରେ ବାରମ୍ବାର ଦାବି କରାଯାଇଥିଲେ ମଧ୍ୟ ସୁଫଳ ମିଳିନାହିଁ। ଏଥିଯୋଗୁ ଜନ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଶିକ୍ଷକ ନିଯୁକ୍ତି ଦାବିରେ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ, ଅଭିଭାବକ ଏବଂ ଗ୍ରାମବାସୀ ବୁଧବାର ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେଇଛନ୍ତି।

ସହଜପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୫୦ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବାବେଳେ କୌଣସି ଶିକ୍ଷକ ନାହାନ୍ତି। ପୂର୍ବରୁ ୨ଜଣ ଶିକ୍ଷକ ନିଯୁକ୍ତି ପାଇଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଚାକିରିରୁ ଅବସର ନେଇଥିବାବେଳେ ଅନ୍ୟ ଜଣେ ଅନ୍ୟତ୍ର ବଦଳି ହୋଇଯାଇଥିଲେ। ଫଳରେ ଗତ ୨୦୨୧ ଏପ୍ରିଲ ୩୦ ତାରିଖଠାରୁ ଉକ୍ତ ବିଦ୍ୟାଳୟରେ ଶିକ୍ଷକ ପଦବୀ ଖାଲି ପଡ଼ିଛି। ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟଙ୍କ ସମେତ ଗ୍ରାମବାସୀ ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ, ଜିଲା ଶିକ୍ଷାଧିକାରୀ, ଡିସିପି ଏବଂ ଜିଲାପାଳଙ୍କ ନିକଟରେ ପୂର୍ବରୁ ଅଭିଯୋଗ ଜଣାଇ ନିରାଶ ହୋଇଥିବା ଅଭିଯୋଗ ହୋଇଛି। ଗତ ଜୁଲାଇ ୧୯ ତାରିଖରେ ପିପିଲି ବିଇଓ ପତ୍ର ସଂଖ୍ୟା-୧୪୧୭ରେ ଜଣେ ଶିକ୍ଷୟିତ୍ରୀଙ୍କୁ ଉକ୍ତ ବିଦ୍ୟାଳୟରେ ଯୋଗଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ତେବେ ସମ୍ପୃକ୍ତ ଶିକ୍ଷୟିତ୍ରୀ ଯୋଗଦେଇ ନ ଥିଲେ। ପରବର୍ତ୍ତୀ ସମୟରେ ଏହି ବଦଳି ନିର୍ଦ୍ଦେଶନାମାକୁ ବାତିଲ କରାଯାଇଥିଲା। ବିଦ୍ୟାଳୟରେ ତୁରନ୍ତ ଶିକ୍ଷକ ନିଯୁକ୍ତି ଦାବିରେ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଗିରିଶ ଚନ୍ଦ୍ର ମହାନ୍ତି, ସଦସ୍ୟ ଦେବରାଜ ମୁଦୁଲି, ଆଲୁମନି କମିଟି ସଦସ୍ୟ ଶାନ୍ତନୁ କୁମାର ବିଶ୍ୱାଳ, ଗ୍ରାମ ମୁରବି ମିହିର ରଞ୍ଜନ ମୁଦୁଲି, ସାମାଜିକ କର୍ମୀ ଅନୁପ ପରିଡ଼ା, ଅଭିଭାବିକା ନିରୂପମା ସାହୁ, ପଦ୍ମିନୀ ପ୍ରଧାନ ପ୍ରମୁଖଙ୍କ ନେତୃତ୍ୱରେ ବୁଧବାର ପୂର୍ବାହ୍ନ ୧୦ଟାରୁ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଛି। ସମାଜବାଦୀ ପାର୍ଟିର ରାଜ୍ୟ ସାଧାରଣ ସମ୍ପାଦକ ସୁଦର୍ଶନ ପ୍ରଧାନ, କଂଗ୍ରେସ ଦଳର ନେତ୍ରୀ ନିରୂପମା ପାତ୍ର ପ୍ରମୁଖ ଆନ୍ଦୋଳନକାରୀଙ୍କୁ ସମର୍ଥନ ଜଣାଇଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଆନ୍ଦୋଳନକାରୀମାନେ କହିଛନ୍ତି। ବ୍ଲକ ଶିକ୍ଷାଧିକାରୀ ରବୀନ୍ଦ୍ରନାଥ ନନ୍ଦ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ସୁଫଳ ମିଳିନାହିଁ।



ପିପିଲି ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଓ ଗ୍ରାମବାସୀ ଧାରଣା ଦେଇଛନ୍ତି।